



# ଅମୃତ ଦୁନିଆ

The Amruta Dunia
RNI No. ODIODI / 2014 / 56157 ▸ www.amrutadunia.org

■ Vol. 10, Issue. 285, Wednesday, 7 February 2024, Puri, Pages- 22, Rs. 7/-

■ ଦଶମ ବର୍ଷ, ସଂଖ୍ୟା-୨୮୫, ବୁଧବାର, ୭ ଫେବୃଆରୀ ୨୦୨୪, ପୁରୀ, ୨୨ ପୃଷ୍ଠା, ମୂଲ୍ୟ - ୭ ଟଙ୍କା





ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 ▸ www.amrutadunia.org

■ Vol. 10, Issue. 285, Wednesday, 7 February 2024, Puri, Pages- 22, Rs. 7/-

■ ଦଶମ ବର୍ଷ, ସଂଖ୍ୟା-୨୮୫, ବୁଧବାର, ୭ ଫେବୃଆରୀ ୨୦୨୪, ପୁରୀ, ୨୨ ପୃଷ୍ଠା, ମୂଲ୍ୟ - ୭ ଟଙ୍କା







ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା


# ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org



Selfie ଦୁନିଆ

selfiedunia96@gmail.com



■ Vol. 10, Issue. 285, Wednesday, 7 February 2024, Puri, Pages- 22, Rs. 7/- ■ ଦଶମ ବର୍ଷ, ସଂଖ୍ୟା-୨୮୫, ବୁଧବାର, ୭ ଫେବୃଆରୀ ୨୦୨୪, ପୁରୀ, ୨୨ ପୃଷ୍ଠା, ମୂଲ୍ୟ - ୭ ଟଙ୍କା


**ମାଘରେ ବଢ଼ିଲା ତାତି**

## ୨ରୁ ୩ଡିଗ୍ରୀ ଯାଏଁ ବଢ଼ିଲା ରାତି ତାପମାତ୍ରା

ଭୁବନେଶ୍ୱର(ବ୍ୟୁରୋ)



ମଙ୍ଗଳବାର ରାଜ୍ୟର ଅନେକ ସ୍ଥାନରେ ଦିନ ବେଳେ ପାଗର ମିଜାଜ ପୂରା ଅଲଗା ଥିଲା। ଖରା ଯେମିତି ହେଉଥିଲା, ଲାଗୁଥିଲା ଏହା ମାଘ ମାସ ନୁହେଁ, ବୈଶାଖ ଆରମ୍ଭ ହୋଇଗଲାଣି। ପାଣିପାଗ ବିଭାଗ ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁଯାୟୀ ଆଜି ରାଜ୍ୟର ୧୩ଟି ସହରର ସର୍ବୋଚ୍ଚ ଦିନ ତାପମାତ୍ରା ୩୩ ଡିଗ୍ରୀ କିମ୍ବା ତା'ଠାରୁ ଅଧିକ ରହିଥିଲା। ପାରଳାଖେମୁଣ୍ଡି ଓ ଭବାନୀପାଟଣାରେ ଦିନ ତାପମାତ୍ରା ସର୍ବାଧିକ ୩୫ ଡିଗ୍ରୀ ରେକର୍ଡ କରାଯାଇଥିଲା। ଟିଟିଲାଗଡ଼ ଓ ମାଲକାନଗିରିରେ ସର୍ବୋଚ୍ଚ ଦିନ ତାପମାତ୍ରା ୩୪.୫ ଡିଗ୍ରୀ ସେଲ୍?ସିୟସ ରହିଥିବା ବେଳେ ରାଜଧାନୀ ଭୁବନେଶ୍ୱରରେ ୩୪.୪ ଓ କଟକରେ ୩୩ ଡିଗ୍ରୀ ରହିଥିଲା।ଚାନ୍ଦବାଲିରେ ଆଜି ସର୍ବୋଚ୍ଚ ଦିନ ତାପମାତ୍ରା ୩୩.୨ ଡିଗ୍ରୀ ସେଲ୍ସିୟସ ରେକର୍ଡ କରାଯାଇଥିବା ବେଳେ କଟକରେ ୩୩, ଅନୁଗୋଳରେ ୩୩.୭, ବଲାଙ୍ଗିରରେ ୩୩.୮, ସୋନପୁରରେ ୩୩.୫, ଭଦ୍ରକରେ ୩୩.୧ ଓ ଢେଙ୍କାନାଳରେ ୩୩.୬ ଡିଗ୍ରୀ ରେକର୍ଡ କରାଯାଇଥିଲା। ସେହିପରି ବାଲେଶ୍ୱରରେ ସର୍ବୋଚ୍ଚ ଦିନ ତାପମାତ୍ରା ୩୨.୩ ରହିଥିବା ବେଳେ ବାରିପଦାରେ ୩୧, ସମ୍ବଲପୁରରେ ୩୨.୧, ହୀରାକୁଦରେ ୩୨.୪, ତାଳଚେରରେ ୩୨.୮, ଫୁଲବାଣୀରେ ୩୨.୪, ବୌଦ୍ଧରେ ୩୨, ରାୟଗଡ଼ାରେ ୩୨.୮, ନୂଆପଡ଼ାରେ ୩୨ ଓ ନବରଙ୍ଗପୁରରେ ୩୨.୫ ଡିଗ୍ରୀ ରେକର୍ଡ କରାଯାଇଥିଲା। ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ, ଗତ ରାତିରେ ଉପକୂଳ ଓଡ଼ିଶାରେ ସ୍ୱାଭାବିକ ଠାରୁ ୨ରୁ ୫ ଡିଗ୍ରୀ ଯାଏଁ ରାତି ତାପମାତ୍ରା ଅଧିକ ରହିଥିଲା। ଆଭ୍ୟନ୍ତରୀଣ ▶(ପୃଷ୍ଠା-୧୫)

# ବଜେଟ୍ ଅଧିବେଶନରେ ବେଦାନ୍ତ ତାତି

- ■ ଧାରଣା ଦେଲେ କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର
- ■ ୨୦୨୪ ସୁଦ୍ଧା ସବୁ ଗାଁକୁ ପାଇପ ଯୋଗେ ପାନୀୟଜଳ ଯୋଗାଇବା ଲକ୍ଷ୍ୟ
- ■ ରାଜ୍ୟ ସରକାରଙ୍କ ୪୧ ବିଭାଗରେ ଖାଲି ପଡ଼ିଛି ୯୮ ହଜାର ୩୪୮ ପଦବି

ଭୁବନେଶ୍ୱର (ବ୍ୟୁରୋ)



ବିଧାନସଭା ବଜେଟ୍ ଅଧିବେଶନରେ ବେଦାନ୍ତ ତାତି। ମଙ୍ଗଳବାର ବିଧାନସଭା ଶୂନ୍ୟକାଳରେ ବେଦାନ୍ତ ଜମି ହଡ଼ପ ପ୍ରସଙ୍ଗ ଉଠାଇ ଗୃହରେ ଧାରଣା ଦେଇଥିଲେ କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର। ଯାହାପରେ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ଯାଏଁ ମୁଲତବୀ ଘୋଷଣା କରିଥିଲେ। ତେବେ ମଙ୍ଗଳବାର ଆରମ୍ଭରୁ ଗୃହରେ ପ୍ରଶ୍ନକାଳ ସ୍ୱାଭାବିକ ଥିଲା, ହେଲେ ଶୂନ୍ୟକାଳରେ ବେଦାନ୍ତ ଜମି ହଡ଼ପ ପ୍ରସଙ୍ଗ ଉଠାଇଥିଲେ ନରସିଂହ ମିଶ୍ର । ବାଚସ୍ପତିଙ୍କ ରୁଲିଂ ଦାବି ସହ ସରକାରଙ୍କୁ ଭିଜିଲାନ୍ସ ତଦନ୍ତ ପାଇଁ ନିର୍ଦ୍ଦେଶ ଦେବା ପାଇଁ ଦାବି କରିଥିଲେ ନରସିଂହ। ହେଲେ ଅନୁଧ୍ୟାନ କରିବା ପରେ ବାଚସ୍ପତି କହିବାରୁ ଅସନ୍ତୋଷ ପ୍ରକାଶ କରି ଧାରଣା ଦେଇଥିଲେ ନରସିଂହ ମିଶ୍ର, ଯାହା ପରେ ବାଚସ୍ପତି ଗୃହକୁ ମୁଲତବୀ ଘୋଷଣା କରିଥିଲେ ।ନରସିଂହ ମିଶ୍ର ଅଭିଯୋଗ କରିଛନ୍ତି, ନିର୍ଦ୍ଦିଷ୍ଟ କମ୍ପାନୀ ଉପରେ ଅହେତୁକ ଅନୁକମ୍ପା ଦେଖାଉଛନ୍ତି ସରକାର। ଲୋକପାଳ, ହାଇକୋର୍ଟ ଏବଂ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ବି ରାଜ୍ୟ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ରାଜ୍ୟ ସରକାର ନିଜେ ବେଦାନ୍ତ ପାଇଁ ୪ ଲେନ୍ ରୋଡ୍ କରିବେ ବୋଲି ଚୁକ୍ତି କରିଥିଲେ, ସବୁ ଟିକସ ମଧ ଛାଡ କରିଛନ୍ତି। ତେବେ ସରକାର ଏହି ସଂସ୍ଥାକୁ କାହିଁକି ଏତେ ଅନୁକମ୍ପା ଦେଖାଇଲେ ବୋଲି ସେ ପ୍ରଶ୍ନ କରିଛନ୍ତି ଅନ୍ୟପଟେ ରାଜ୍ୟର ସମସ୍ତ ଗାଁକୁ ୨୦୨୪ ଶେଷ ସୁଦ୍ଧା ପାଇପ ଯୋଗେ ପିଇବା ପାଣି ଯୋଗାଇବାକୁ ଲକ୍ଷ୍ୟ ରହିଛି । ତେବେ ଯେଉଁଠି ଉତ୍ସ କି ଜମି ସମସ୍ୟା ରହିଛି । ସେଠି ପାଇପ ଯୋଗେ ପାନୀୟ ଜଳ ଯୋଗାଣ କାର୍ଯ୍ୟ ସରିବ । ମାର୍ଚ୍ଚ ୨୦୨୩ ସୁଦ୍ଧା, ୫୮% ଗାଁରେ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ଦିଆଯାଇଛି । ଗୃହର ଦ୍ୱିତୀୟ ଦିନରେ ଗୃହର ସଦସ୍ୟଙ୍କ ପ୍ରଶ୍ନର ଉତ୍ତରରେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରଦୀପ ଅମାତ କହିଛନ୍ତି । ଯେଉଁଠି ପାଇପ ନାହିଁ କି କାମ ଜାରି ରହିଛି, ସେଠାରେ ଜିଲ୍ଲାପାଳ, PD DRDA ଓ ନିର୍ବାହୀ ଯନ୍ତ୍ରୀଙ୍କୁ ନୂଆ ଟ୍ୟୁବୱେଲ୍ ଯୋଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ନୂଆ ଜନବସତିରେ ଅତିରିକ୍ତ ଟ୍ୟୁବୱେଲ୍ ଲଗାଯିବ । ଯେଉଁଠି ୭୦ ଲୋକଙ୍କ ଜନସଂଖ୍ୟା ଅଛି । ସେଠାରେ ବି ନୂଆ ଟ୍ୟୁବୱେଲ୍ ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି ।ଜିଲ୍ଲାପାଳ କି ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ଯାଞ୍ଚ ରିପୋର୍ଟ ଆଧାରରେ ନୂଆ ଟ୍ୟୁବୱେଲ୍ ଲଗାଯିବ. ହେଲେ ଯେଉଁଠି ଘରୋଇ ଟ୍ୟୁବୱେଲ୍ କି ପାଇପ ଅଛି, ସେଠାରେ ଟ୍ୟୁବୱେଲ୍ ଲଗାଯିବାର କୌଣସି ଯୋଜନା ନାହିଁ । ପାନୀୟ ଜଳ ସମସ୍ୟା ଥିଲେ, ୧୯୧୬ ହେଲ୍ପଲାଇନ ନମ୍ବର ଯୋଗେ ପ୍ରଶାସନକୁ ଜଣାଇବାର ବ୍ୟବସ୍ଥା ରହିଛି । ମନ୍ତ୍ରୀ କହିଛନ୍ତି ରାଜ୍ୟରେ ୩୩୦୦୦ କୋଟି ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ରାଜ୍ୟ ସରକାର ହାତକୁ ନେଇଛନ୍ତି । ଏଥିରୁ ୧୬ଟି କାମ ସରିଛି । ୧୯୮ ପ୍ରକଳ୍ପର କାର୍ଯ୍ୟ ଚାଲିଛି । ୨୫ଟି ପ୍ରକଳ୍ପ କାର୍ଯ୍ୟ ମାର୍ଚ୍ଚ ୨୦୨୪ସୁଦ୍ଧା ସରିବ । ଅବଶିଷ୍ଟ ପ୍ରକଳ୍ପ କାର୍ଯ୍ୟ ଡିସେମ୍ବର ୨୦୨୫ ସୁଦ୍ଧା ସାରିବାକୁ ଲକ୍ଷ୍ୟ ରଖାଯାଇଛି । ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ଅଧିକାରୀଙ୍କ ମରୁଡ଼ି ପଡ଼ିଛି। ପଦବି ଖାଲି ଥାଇ ବି ସରକାର ଏହାକୁ ପୂରଣ କରୁନାହାନ୍ତି। ସରକାରୀ କାର୍ଯ୍ୟାଳୟରେ କେତେ ପଦବି ଖାଲି ପଡ଼ିଛି ସେନେଇ ବିଧାନସଭାର ବଜେଟ୍ ଅଧିବେଶନରେ ବିଜେପି ବିଧାୟକ ମୁକେଶ ମହାଲିଙ୍ଗଙ୍କ ଲିଖିତ ପ୍ରଶ୍ନ କରିଛନ୍ତି। ବିଧାୟକଙ୍କ ପ୍ରଶ୍ନରେ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ▶(ପୃଷ୍ଠା-୧୫)

## ମୁଖ୍ୟମନ୍ତ୍ରୀ କଳାକାର ଯୋଜନା ସାମିଲ ହେବେ ଆଉ ତିରିଶ ହଜାର କଳାକାର

ଭୁବନେଶ୍ୱର(ବ୍ୟୁରୋ)

ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ 'ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା' ରେ ଆଉ ତିରିଶ ହଜାର କଳାକାର ଙ୍କୁ ସାମିଲ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଏକ ପ୍ରମୁଖ ଯୋଜନା। ୫-ଟି ଅଧକ୍ଷଙ୍କ ଜିଲ୍ଲା ଗସ୍ତ ସମୟରେ ଏହି ଯୋଜନାରେ ଅଧିକ କଳାକାର ଙ୍କୁ ସାମିଲ କରିବା ପାଇଁ କଳାକାର ଓ ସେମାନଙ୍କର ସଂଗଠନ ଅନୁରୋଧ କରି ପ୍ରସ୍ତାବ ଦେଇଥିଲେ । ମୁଖ୍ୟମନ୍ତ୍ରୀ ଏହାପରେ ଏହି ଯୋଜନାରେ ହିତାଧିକାରୀଙ୍କ ସଂଖ୍ୟା ବୃଦ୍ଧି କରିବା ପାଇଁ ନିଷ୍ପତି ନେଇ ଛନ୍ତି ।ଏହି ଯୋଜନାରେ ୫୦,୦୦୦ କଳାକାର ମାନଙ୍କୁ ମାସିକ ୧୨୦୦ ଟଙ୍କା(ବାର ଶହ ଟଙ୍କା) ସହାୟତା ରାଶି ପ୍ରଦାନ କରାଯାଉଛି। ବର୍ତ୍ତମାନ ଏହି ଯୋଜନା ର ହିତାଧିକାରୀ ଙ୍କ ସଂଖ୍ୟା ୫୦ ▶(ପୃଷ୍ଠା-୧୫)

# ଓଡ଼ିଶାରେ ପହଞ୍ଚିଲା ଭାରତ ଯୋଡ଼ୋ ଯାତ୍ରା

- ■ ଭାରତକୁ ଯୋଡ଼ିବା ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାର ମୂଳଲକ୍ଷ୍ୟ: ରାହୁଲ
- ■ ଓଡ଼ିଶା ଆସି ବହୁତ ଭଲ ଲାଗୁଛି : ରାହୁଲ ଗାନ୍ଧୀ

ସୁନ୍ଦରଗଡ (ଅମୃତ ମିଡିଆ)



ମୋଦି ସରକାରଙ୍କ ବିରୋଧରେ ଲଢ଼େଇ କରି ଗରିବ ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ ପାଇଁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ଆରମ୍ଭ କରିଛନ୍ତି। ଏହି ଯାତ୍ରା ଝାଡ଼ଖଣ୍ଡ ଅତିକ୍ରମ କରି ମଙ୍ଗଳବାର ଓଡ଼ିଶାର ବୀରମିତ୍ରପୁରରେ ପହଞ୍ଚିଛି। ଏହି ଅବସରରେ ରାହୁଲ ଗାନ୍ଧୀ ଉଦ୍‌ବୋଧନ ଦେଇ, ଓଡ଼ିଶା ଆସି ବହୁତ ଭଲ ଲାଗୁଥିବା କହିଛନ୍ତି। ଏପରିକି ଭାରତକୁ ଯୋଡିବା ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ରାହୁଲ କହିଛନ୍ତି। ୩ ଦିନଯାଏଁ ଓଡ଼ିଶାରେ ରହିବି। ଆଦିବାସୀ, ଗରିବଙ୍କ ସମସ୍ୟା ବୁଝିବି ବୋଲି ରାହୁଲ କହିଛନ୍ତି। ଏହି ଅବସରରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ବିଧାୟକ ତାରା ପ୍ରସାଦ ବାହିନୀପତି, କଟକ-ବାରବାଟୀ ବିଧାୟକ ମହମ୍ମଦ ମୋକିମଙ୍କ ସମେତ ବହୁ ନେତୃବୃନ୍ଦ ଓ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ବୁଧବାର ରାମପାଲରୁ ଯାତ୍ରା ବାହାରି ରାଉରକେଲା ଉଦିତନଗରରେ ପହଞ୍ଚିବ। ପୂର୍ବାହ୍ନରେ ଆମ୍ବେଡ଼କର ଛକରୁ ପଦଯାତ୍ରା ବାହାରି ପ୍ରାୟ ୩.୪ କିଲୋମିଟର ଦୂର ପାନପୋଷ ଛକରେ ପହଞ୍ଚିବ। ସେଠାରେ ଜନସମାବେଶରେ ରାହୁଲ ଯୋଗଦେବେ। ପରେ ପୁଣି ଯାତ୍ରା ଆରମ୍ଭ ହୋଇ ରାଣୀବନ୍ଧ(ରାଜଗାଙ୍ଗପୁର)ରେ ପହଞ୍ଚିବା ପରେ ରାହୁଲ ମଧ୍ୟାହ୍ନଭୋଜନ କରିବାର କାର୍ଯ୍ୟକ୍ରମ ରହିଛି। ଏପରିକି ରାହୁଲ ସେଠାରେ ଜନ ସମାବେଶକୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି ।ପରେ ପଦଯାତ୍ରା ଅପରାହ୍ନ ସାଢେ ୪ଟାରେ ସୁନ୍ଦରଗଡ଼ ସହରରେ ପହଞ୍ଚିବା ପରେ ସୁନ୍ଦରଗଡ଼ ବସଷ୍ଟାଣ୍ଡ ଛକରୁ ବାହାରି ଷ୍ଟାଡିୟମ ଛକଦେଇ ଏସ୍‌ବିଆଇ ଛକରେ ପହଞ୍ଚିବ। ସେଠାରେ ରାହୁଲ ଜନସମାବେଶରେ ଯୋଗଦେବେ। ଏହାପରେ ସେଠାରୁ ଝାରସୁଗୁଡ଼ା ଯାଇ ଅମଲିପାଲିରେ ରାତ୍ରିଯାପନ କରିବେ। ୮ ତାରିଖ ସକାଳ ୮ଟାରୁ ଯାତ୍ରା ଝାରସୁଗୁଡ଼ା ପୁରୁଣା ବସ୍‌ଷ୍ଟାଣ୍ଡ ମହାତ୍ମା ଗାନ୍ଧୀ ଛକରୁ ବାହାରି ବେହେରାମାଲ କିଷାନ ଛକରେ ପହଞ୍ଚିବ ।ପରେ ଗୋବିନ୍ଦପୁର ମଧୁବନ ଢାବାରେ ପ୍ରାତଃ ବିରତି, କୁରେଇମାଲରେ ମଧ୍ୟାହ୍ନଭୋଜନ ପରେ ଅପରାହ୍ନ ୨ଟାରୁ କନକତୋରାରୁ ଯାତ୍ରା ଆରମ୍ଭ ହେବ। ପଦଯାତ୍ରା ସୀମାନ୍ତ ରେଙ୍ଗାଲିପାଲି ରାୟଗଡ଼ ଦେଇ ଛତିଶଗଡ଼ରେ ପ୍ରବେଶ କରିବାର କାର୍ଯ୍ୟକ୍ରମ ରହିଛି।

## ବହୁଚର୍ଚ୍ଚିତ ପରୀ ହତ୍ୟାକାରୀଙ୍କୁ ୨୦ ବର୍ଷ ଜେଲ୍

ନୟାଗଡ଼(ଅମୃତ ମିଡିଆ)



ଆସିଲା ନୟାଗଡ଼ର ବହୁଚର୍ଚ୍ଚିତ ପରୀ ଦୁଷ୍କର୍ମ ହତ୍ୟା ମାମଲା ରାୟ। ଦୋଷୀକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେଲେ କୋର୍ଟ। କାରାଦଣ୍ଡାଦେଶ ଶୁଣାଇଲେ ନୟାଗଡ଼ ଚିଲ୍‌ଡ୍ରେନ୍‌ସ କୋର୍ଟ। ପରୀ ମାମଲାକୁ ନେଇ ୨୦୨୦ ମସିହାରେ ରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିଲା ।ଘର ସାମ୍ନାରେ ଖେଳୁଥିଲା ୫ ବର୍ଷର କୁନି ଝିଅ ପରୀ। ହେଲେ ଘରକୁ ଫେରିନଥିଲା। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ସୁଦ୍ଧା ପରୀଙ୍କ ପତ୍ତା ପାଇଲେ ନାହିଁ। ଏନେଇ ପରିବାର ଲୋକେ ଥାନାରେ ଲେଖିତ ଅଭିଯୋଗ କରିଥିଲେ। ହେଲେ ପ୍ରଥମେ ପୁଲିସ୍ ମାମଲା ରୁଜୁ କରିନଥିଲା। ପରୀ ନିଖୋଜରେ ପୂର୍ବତନ ମନ୍ତ୍ରୀ ଅରୁଣ ସାହୁଙ୍କ ସହଯୋଗୀଙ୍କ ହାତ ଥିବାରୁ ପୁଲିସ୍ ମାମଲା ରୁଜୁ କରୁନଥିବା ଅଭିଯୋଗ ହୋଇଥିଲା। ସେତେବେଳେ ଏହି ଘଟଣା ସମଗ୍ର ରାଜ୍ୟରେ ଆଲୋଡ଼ନ ଖେଳାଇ ଦେଇଥିଲା। ମାମଲାରେ ପୁଲିସ୍‌ର ଭୂମିକାକୁ ନେଇ ସନ୍ଦେହ ପ୍ରକାଶ କରିଥିଲେ। ଏହାକୁ ନେଇ ରାଜ୍ୟ ରାଜନୀତିରେ ଝଡ଼ ସୃଷ୍ଟି ହୋଇଥିଲା ।ମାମଲା ସ୍ଥିତି ବାହାରକୁ ଯାଉଥିବା ଦେଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏସ୍ଆଇଟି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ବରିଷ୍ଠ ଆଇପିଏସ୍ ଅଫିସର ଏସଆଇଟି ମୁଖ୍ୟ ଅରୁଣ ବୋଥ୍ରା ନିଯୁକ୍ତି ଦେଇଥିଲେ ରାଜ୍ୟ ସରକାର। ଅରୁଣ ବୋଥ୍ରାଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ୍ ତଦନ୍ତ ଆରମ୍ଭ କରିଥିଲା। ମାମଲାରେ ପୁରୀର ବାପା, ମାଆ ଓ ପଡ଼ୋଶୀଙ୍କୁ ପଚରାଉଚରା କରିଥିଲା। ପରେ ପରୀର ଗଳିତ ଦେହାବଶେଷ ମିଳିଥିଲା। ଏକ ଅଖା ବସ୍ତାରୁ ଦେହାବଶେଷ ଓ ହାଡ଼ ଉଦ୍ଧାର କରାଯାଇଥିଲା। କ୍ରାଇମବ୍ରାଞ୍ଚ ଘଟଣାର ତଦନ୍ତ କରି ଅଭିଯୁକ୍ତକୁ ▶(ପୃଷ୍ଠା-୧୫)

**ସେ କହିଲେ...**



ବଜ୍ରପାତ ଆଇଏମଡିର ତଥ୍ୟ ଅନୁସାରେ ବଜ୍ରପାତ ଯୋଗୁଁ ଦେଶରେ ପ୍ରତିବର୍ଷ ପ୍ରାୟ ଅଢ଼େଇ ହଜାର ଲୋକଙ୍କର ମୃତ୍ୟୁ ହେଉଛି । ସେମାନଙ୍କ ମଧ୍ୟରୁ ପ୍ରାୟ ୯୬% ହେଉଛନ୍ତି ଗ୍ରାମାଞ୍ଚଳର । ଯେଉଁମାନେ କି କୃଷକ, ଗୋରୁ ଚରାଳି, ମତ୍ସ୍ୟଜୀବୀ ଓ ଶ୍ରମିକ ଶ୍ରେଣୀର । ଶେଷ ବର୍ଷର ତଥ୍ୟ ଅନୁସାରେ ଓଡିଶାରେ ସର୍ବାଧିକ ବଜ୍ରପାତ ହୋଇଛି । ପାଣିପାଗ ପରିବର୍ତନ ଓ ଅନ୍ୟ ସବୁ କାରଣରୁ ଓଡିଶାରେ ଅଧିକ ବଜ୍ରପାତ ହେଉଛି । ତେବେ ରାଜ୍ୟ ସରକାରଙ୍କ ପଦକ୍ଷେପ ଯୋଗୁଁ ୨୦୧୯-୨୦ ତୁଳନାରେ ୨୦୨୦-୨୧ରେ ଓଡିଶାରେ ବଜ୍ରପାତ ଜନିତ ମୃତ୍ୟୁ ସଂଖ୍ୟା କମ୍ ହୋଇଛି ।

ମାନସ ମଙ୍ଗରାଜ
ବିଜେଡି ସାଂସଦ

**ହାଇକୋର୍ଟରେ ବେଆଇନ୍ ବାଲି ଖାଦାନ ମାମଲା**

## ଉଠାଣ ଓ ପରିବହନ ଉପରେ ଅଙ୍କୁଶ ବଳବତ୍ତର

କଟକ(ବ୍ୟୁରୋ)



ହାଇକୋର୍ଟରେ ବେଆଇନ୍ ବାଲି ଖାଦାନ ମାମଲା । ବାଲି ଉଠାଣ ଓ ପରିବହନ ଉପରେ ହାଇକୋର୍ଟଙ୍କ ଅଙ୍କୁଶ ବଳବତ୍ତର । ସକାଳ ୭ରୁ ରାତି ୯ ଯାଏଁ ବାଲି ପରିବହନ ଉପରେ ସଂପୂର୍ଣ୍ଣ କଟକଣା ରହିଥିବା ବେଳେ ଅତ୍ୟାବଶ୍ୟକ ସ୍ଥଳେ ବାଲିଉଠାଣ ପାଇଁ ସର୍ତ୍ତମୂଳକ ଅନୁମତି ଦିଆଯାଇଛି । ମେସିନ୍ ଜରିଆରେ ବାଲି ଉଠାଣ ପାଇଁ ପରିବେଶ ମଞ୍ଜୁରୀ ଆବଶ୍ୟକ । ଭୌଗୋଳିକ ସ୍ଥିତି, ବାଲି ପରିମାଣ, ନଦୀ ଗତିପଥ ଦେଖି ଅନୁମତି । ଅଧିକାଂଶ ସମୟରେ ବିଭିନ୍ନ କାରଣ ପାଇଁ ନଦୀପଠାରୁ ବେଆଇନ ଭାବରେ ବାଲିଉଠାଣ ହେଉଥିବା ଦେଖାଯାଇଛି । ପୂର୍ବରୁ ଏଭଳି କାରନାମା ଉପରେ ଶକ୍ତ ନିର୍ଦ୍ଦେଶ ଜାରି କରିଥିଲେ ମାନ୍ୟବର ହାଇକୋର୍ଟ । ବାଲି ଉଠାଣ ଓ ପରିବହନ ଉପରେ ହାଇକୋର୍ଟଙ୍କ ଅଙ୍କୁଶ ବଳବତ୍ତର ରଖିଲେ ଉଚ୍ଚ ନ୍ୟାୟାଳୟ । ରାଜ୍ୟ ସରକାରଙ୍କ ବିଜ୍ଞପ୍ତି ଉପରେ ହାଇକୋର୍ଟ ସ୍ଥଗିତାଦେଶ ଜାରି କରିଛନ୍ତି । ଗତ ୨୧ ତାରିଖରେ ଏନେଇ ଖଣି ବିଭାଗ ତରଫରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଅତି ଆବଶ୍ୟକକୁ ଦୃଷ୍ଟିରେ ରଖି ବିଭାଗ ଏହି ଅନୁମତି ଦେଇଥିଲା । ତେବେ ହାଇକୋର୍ଟ ଏହା ଉପରେ ରହିତାଦେଶ ଜାରି କରିଥିଲେ ମଧ ବିଜ୍ଞପ୍ତି ଜାରି କରିଥିଲା ଖଣି ବିଭାଗ । ବର୍ତ୍ତମାନ ହାଇକୋର୍ଟ ଏହି ବାଲି ଉଠାଣ ଉପରେ ରୋକ୍ ଲଗାଇଛନ୍ତି ।

## ଅଜିତ ପାୱାରଙ୍କ ଗୋଷ୍ଠୀ ହେଉଛି ପ୍ରକୃତ ଏନସିପି


ନୂଆଦିଲ୍ଲୀ

ମହାରାଷ୍ଟ୍ରରେ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି (ଏନସିପି) ଦଳର ନିୟନ୍ତ୍ରଣକୁ ନେଇ ଦାଦା ପୁତୁରା-ଶରଦ ପାୱାର ଓ ଅଜିତ ପାୱାରଙ୍କ ମଧ୍ୟରେ ଚାଲିଥିବା ବିବାଦରେ ନିର୍ବାଚନ କମିସନ ମଙ୍ଗଳବାର ଏକ ବଡ ନିଷ୍ପତ୍ତି ନେଇଛନ୍ତି । ନିର୍ବାଚନ ଆୟୋଗ ସ୍ପଷ୍ଟ କରିଛନ୍ତି ଯେ ପୁତୁରା ଅଜିତ ପାୱାରଙ୍କ ଗୋଷ୍ଠୀ ହେଉଛି ପ୍ରକୃତ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି (ଏନସିପି) ଏବଂ ଏହାର ନିର୍ବାଚନ ଚିହ୍ନ ଏହା ଅଧିନରେ ରହିବ । ନିର୍ବାଚନ କମିଶନଙ୍କ ଠାରୁ ଶରଦ ପାୱାର ଗୋଷ୍ଠୀ ପାଇଁ ଏହା ଏକ ବଡ ଝଟକା ବୋଲି ବିବେଚନା କରାଯାଉଛି । ଗତ ୬ ମାସ ମଧ୍ୟରେ ନିର୍ବାଚନ କମିଶନଙ୍କ ନିକଟରେ ୧୦ରୁ ଅଧିକ ଶୁଣାଣି ପରେ ଅଜିତ ପାୱାରଙ୍କୁ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟିର ନାମ ଓ ଚିହ୍ନ ଦିଆଯାଇଛି। ଅଜିତ ପାୱାର ତାଙ୍କ ମାମୁଁ ଶରଦ ପାୱାରଙ୍କ ଦଳରୁ ଅଲଗା ହେବା ପରେ ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଭାବରେ ଏକନାଥ ସିନ୍ଦେ ସରକାରରେ ଯୋଗ ଦେଇସାରିଛନ୍ତି ।

**ବାଣ କାରଖାନାରେ ଭୟଙ୍କର ବିସ୍ଫୋରଣ**

# ୧୧ ମୃତ, ୬୦ରୁ ଅଧିକ ଆହତ

ହରଦା



ମଧ୍ୟପ୍ରଦେଶର ହରଦାସ୍ଥିତ ବୈରାଗଡ଼ରେ ଥିବା ବାଣ କାରଖାନାରେ ମଙ୍ଗଳବାର ସକାଳେ ଭୟଙ୍କର ବିସ୍ଫୋରଣ ପରେ ଅଗ୍ନିକାଣ୍ଡ କାରଣରୁ ୧୧ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୬୦ରୁ ଅଧିକ ଆହତ ହୋଇଛନ୍ତି। ମୃତକଙ୍କ ସଂଖ୍ୟା ବୃଦ୍ଧି ପାଇପାରେ। କିଛି ଜଣଙ୍କ ଅବସ୍ଥା ଗୁରୁତର ରହିଛି। ବିସ୍ଫୋରଣ ଖୁବ ଜୋରରେ ଥିବାରୁ ନିକଟରେ ଥିବା ଅଟ୍ଟାଳିକାରେ ମଧ କମ୍ପନ ସୃଷ୍ଟି ହୋଇଥିଲା। କିଛି ଅଟ୍ଟାଳିକା କ୍ଷତିଗ୍ରସ୍ତ ହୋଇଥିବା ମଧ ଜଣାପଡିଛି। ନିଆଁ ଲାଗିବା ପରେ ଅନେକ ଘରକୁ ନିଆଁ ବ୍ୟାପି ଯାଇଥିଲା। ଖବର ପାଇବା ମାତ୍ରେ ଅଗ୍ନିଶମ କର୍ମଚାରୀ, ପୁଲିସ ଓ ଉଦ୍ଧାରକାରୀ ଟିମ୍, ଆମ୍ବୁଲାନ୍ସ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚିଛନ୍ତି। ନିଆଁ ଲିଭା ସହ ଉଦ୍ଧାର କାର୍ଯ୍ୟ ଜାରି ରହିଛି ।ଏହି ଅଘଟଣ ପରେ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଏକ ଜରୁରୀ ବୈଠକ ଡାକିଛନ୍ତି। ଏହା ବ୍ୟତୀତ ମନ୍ତ୍ରୀ ଉଦୟ ପ୍ରତାପ ସିଂଙ୍କ ସହ ବରିଷ୍ଠ ଅଧିକାରୀମାନଙ୍କୁ ହରଦା ଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ଅଘଟଣରେ ମୁଖ୍ୟମନ୍ତ୍ରୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯିବ ବୋଲି ମଧ ଘୋଷଣା କରାଯାଇଛି। ଏଥିସହ ସରକାର ତାଙ୍କ ପରିବାରର ଦାୟିତ୍ୱ ବହନ କରିବେ ବୋଲି କହିଛନ୍ତି। ସେମାନଙ୍କ ପିଲାମାନଙ୍କର ଶିକ୍ଷା ଖର୍ଚ୍ଚ ମଧ ସରକାର ବହନ କରିବେ ।ଏଠାରେ ପ୍ରାୟ ୧୧ରୁ ୧୫ ବିସ୍ଫୋରଣ ଘଟିଛି। ବାଣ କାରଖାନାରେ ପ୍ରବଳ ବିସ୍ଫୋରଣ ପରେ ଅନେକ କିଲୋମିଟର ପର୍ଯ୍ୟନ୍ତ ଭୂକମ୍ପ ଭଳି କମ୍ପନ ଅନୁଭୂତ ହୋଇଥିଲା। ଅଗ୍ନିଶମ ବାହିନୀ, ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ ପୁଲିସ ଅଧିକାରୀ ସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରୁଛନ୍ତି। ସୂଚନା ଯୋଗ୍ୟ, ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇବା ମାତ୍ରେ ପ୍ରଶାସନିକ ଏବଂ ପୁଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ନିଆଁ ଲିଭାଇବା ପାଇଁ ଅଗ୍ନିଶମ ବାହିନୀ ମଧ ପହଞ୍ଚିଥିଲେ। ବିସ୍ଫୋରଣର କ୍ରମ ବନ୍ଦ ହେଉନଥିବା ଫଳରେ ଉଦ୍ଧାର କାର୍ଯ୍ୟରେ ସମସ୍ୟା ଦେଖାଦେଉଛି। ଆହତମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ନିଆଯାଉଛି।

ଅମୃତ ଦୁନିଆ



ଯଦି ନକରାତ୍ମକ ପରିସ୍ଥିତିରେ ସର୍ବଦା ସକରାତ୍ମକ ମନୋଭାବ ବଜାୟ ରଖନ୍ତି ତେବେ ଏହି ବିଜୟ ହେବ ଆପଣଙ୍କର

# ଶୁଭ ସକାଳ



# ଅର୍ଜୁନଙ୍କ ସାରଥୀ

**ମହାଭାରତ ଯୁଦ୍ଧ କ୍ଷେତ୍ରରେ ମୋହଗ୍ରସ୍ତ ହୋଇପଡ଼ିଥିବା ଅର୍ଜୁନଙ୍କୁ ଭଗବାନ ଶ୍ରୀକୃଷ୍ଣ କର୍ମଯୋଗର ପାଠ ପଢ଼ାଇ ତାଙ୍କୁ କର୍ମପ୍ରବୃତ୍ତ କରିଥିଲେ । ଶ୍ରୀକୃଷ୍ଣ, ଅର୍ଜୁନଙ୍କୁ ବୁଝାଇଥିଲେ ଯେ ମାନବ ଶରୀର ହେଉଛି ତାଙ୍କ ପାଇଁ ପ୍ରଥମ ଶତ୍ରୁ ।**

ଧର୍ମ-ଅଧର୍ମ, ସତ୍ୟ-ଅସତ୍ୟର ଯୁଦ୍ଧ ମହାଭାରତରେ କୌରବ ଏବଂ ପାଣ୍ଡବଙ୍କ ସେନା ପରସ୍ପରର ସାମ୍ନାସାମ୍ନି ଥିଲେ । ଅର୍ଜୁନଙ୍କ ସାରଥୀ ଭଗବାନ ଶ୍ରୀକୃଷ୍ଣ ରଥକୁ ଦୁଇ ସେନାଙ୍କ ମଧ୍ୟଭାଗକୁ ନେଇଗଲେ । ଅର୍ଜୁନ ଦେଖିଲେ ଯେ ତାଙ୍କ ସମ୍ମୁଖରେ ପିତାମହ ଭୀଷ୍ମ, ଗୁରୁ ଦ୍ରୋଣାଚାର୍ଯ୍ୟ, କୃପାଚାର୍ଯ୍ୟ ଏବଂ ତାଙ୍କ ଭ୍ରାତା, ସମ୍ପର୍କୀୟମାନେ ବିରୋଧୀ ପକ୍ଷରେ ଛିଡ଼ା ହୋଇଥିଲେ । ଅର୍ଜୁନ ସାହସ ହରାଇଲେ । ସେ ଶ୍ରୀକୃଷ୍ଣଙ୍କୁ କହିଲେ, ନିଜ ସ୍ୱଜନ ଏବଂ ନିର୍ଦ୍ଦୋଷ ସୈନିକଙ୍କ ହତ୍ୟା କରିବା ଫଳରେ ଯେଉଁ ମୁକୁଟ ହାସଲ ହେବ, ତାହା ମୋତେ କି ସୁଖ ପ୍ରଦାନ କରିବ ? ଅର୍ଜୁନ ସମ୍ପୂର୍ଣ୍ଣ ଭାବେ ଅବସାଦଗ୍ରସ୍ତ ହୋଇପଡ଼ିଥିଲେ । ସେ ନିଜ ଅସ୍ତ୍ରଶସ୍ତ୍ର କୃଷ୍ଣଙ୍କ ସମ୍ମୁଖରେ ଭୂମି ଉପରେ ରଖି ତାଙ୍କ ମାର୍ଗଦର୍ଶନ ମାଗିଲେ । ଏହି ସମୟରେ ଶ୍ରୀମଦ୍‌ଭଗବତ୍ ଗୀତାର ଜନ୍ମ ହୋଇଥିଲା । ଭଗବାନଙ୍କ ମୁଖ ନିସୃତବାଣୀକୁ ମହର୍ଷି ବେଦବ୍ୟାସ ଲିପିବଦ୍ଧ କରିଥିଲେ । ଏହା ହିଁ ଭଗବତ୍‌ଗୀତା ଗ୍ରନ୍ଥର ରୂପ ନେଇଥିଲା । ଗୀତାର ଆଧ୍ୟାତ୍ମିକ ସିଦ୍ଧାନ୍ତ ସ୍ୱୟଂସିଦ୍ଧ । ବିଶ୍ୱର ଅନେକ ବିଦ୍ୱାନ ଗୀତାକୁ ଧର୍ମ, ଜ୍ଞାନ, ଭକ୍ତି, ଉପାସନା ଏବଂ କର୍ମର ଗୂଢ଼ଗମ୍ଭୀର ମୀମାଂସା ବିଷୟ ଉଲ୍ଲେଖ ଥିବା ଶ୍ରେଷ୍ଠ ଗ୍ରନ୍ଥ ବୋଲି ମାନିଛନ୍ତି । ଭାରତୀୟ ବେଦାଚାର୍ଯ୍ୟମାନେ ଏହାକୁ ଉପନିଷଦ୍ ବୋଲି ମାନିଛନ୍ତି । ମହାଭାରତ ଯୁଦ୍ଧ କ୍ଷେତ୍ରରେ ମୋହଗ୍ରସ୍ତ ହୋଇପଡ଼ିଥିବା ଅର୍ଜୁନଙ୍କୁ ଭଗବାନ ଶ୍ରୀକୃଷ୍ଣ କର୍ମଯୋଗର ପାଠ ପଢ଼ାଇ ତାଙ୍କୁ କର୍ମପ୍ରବୃତ୍ତ କରିଥିଲେ । ଶ୍ରୀକୃଷ୍ଣ, ଅର୍ଜୁନଙ୍କୁ ବୁଝାଇଥିଲେ ଯେ ମାନବ ଶରୀର ହେଉଛି ତାଙ୍କ ପାଇଁ ପ୍ରଥମ ଶତ୍ରୁ । ଅର୍ଜୁନ କେବଳ ସେହି ପାପୀ ଶରୀରର ଅନ୍ତ କରିବେ, ଆତ୍ମାର ନୁହେଁ । ମୃତ୍ୟୁବରଣ କରିବା ପରେ ସମସ୍ତ ଆତ୍ମା ସେହି ଅନନ୍ତ ଆତ୍ମାରେ ବିଲୀନ ହୋଇଯାଇଥାନ୍ତି । ଶରୀର କ୍ଷୟଶୀଳ, କିନ୍ତୁ ଆତ୍ମା ଅମର । ଆତ୍ମାକୁ କୌଣସି ପ୍ରକାରେ ନଷ୍ଟ କରାଯାଇପାରିବ ନାହିଁ । ଏହି ଅବସରରେ ଶ୍ରୀକୃଷ୍ଣ ପରମତତ୍ତ୍ୱଙ୍କ ସେହି ପ୍ରକୃତିର ଦର୍ଶନ ଅର୍ଜୁନଙ୍କୁ କରାଇଥିଲେ । ଭଗବାନଙ୍କ ଅନନ୍ତସ୍ୱରୂପରେ ସମଗ୍ର ବ୍ରହ୍ମାଣ୍ଡ ନିହିତ ଥିବା ଜାଣି ଅର୍ଜୁନଙ୍କର ହୃଦ୍‌ବୋଧ ହୋଇଥାଏ ଯେ ସେ ଯାହା କରିବାକୁ ଯାଉଛନ୍ତି, ସବୁକିଛି ବିଧି ନିର୍ଦ୍ଧାରିତ । ଗୀତାର ୧୮ଟି ଅଧ୍ୟାୟ ମାଧ୍ୟମରେ ଜୀବନର ସିଦ୍ଧ ସୂତ୍ର ସମଗ୍ର ମାନବ ଜଗତ ପାଇଁ ଭଗବାନ ଶ୍ରୀକୃଷ୍ଣ ପ୍ରଦାନ କରି ଯାଇଛନ୍ତି । ଏଥିରେ ଜ୍ଞାନ, କର୍ମ, ଭକ୍ତି, ରାଜବିଦ୍ୟା, ବିଭୂତି ଠାରୁ ମୋକ୍ଷର ମାର୍ଗ ସମ୍ପର୍କରେ ଉଲ୍ଲେଖ ରହିଛି ।

# ଭଗବାନ କୃଷ୍ଣ
## ସାକ୍ଷାତ ସ୍ୱରୂପ


୧୬ କଳାରେ ସ୍ୱୟଂସମ୍ପୂର୍ଣ୍ଣ ଭଗବାନ କୃଷ୍ଣଙ୍କ ହଜାର ହଜାର ମନ୍ଦିର ଦେଶର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଥାଏ । ତେବେ ଏହି ସବୁ ମନ୍ଦିର ମଧ୍ୟରୁ ରାଜସ୍ଥାନ ଓ ଗୁଜରାଟ ସୀମାରେ ଥିବା ଶ୍ରୀନାଥଜୀ ମନ୍ଦିରରେ ଭଗବାନ କୃଷ୍ଣଙ୍କ ସାକ୍ଷାତ ସ୍ୱରୂପ ପୂଜା ପାଇଥାଏ । ଇନ୍ଦ୍ରଙ୍କ କୋପରୁ ଗୋପପୁରବାସୀଙ୍କୁ ବଞ୍ଚାଇବା ଲାଗି ଶ୍ରୀକୃଷ୍ଣ ଗିରି ଗୋବର୍ଦ୍ଧନ ପର୍ବତ ଉଠାଇଥିଲେ । ଏହି ସମୟରେ ଶ୍ରୀକୃଷ୍ଣଙ୍କ ତେଜରୁ ଗୋବର୍ଦ୍ଧନ ପର୍ବତରେ ତାଙ୍କର ସାକ୍ଷାତ ମୂର୍ତ୍ତି ସୃଷ୍ଟି ହୋଇଥିଲା । ଏହି ମୂର୍ତ୍ତି ଶ୍ରୀନାଥଜୀ ମନ୍ଦିରରେ ପୂଜା ପାଇଥାଏ । ଏହି ମୂର୍ତ୍ତିଟି ପୂର୍ବରୁ ଅସମ୍ପୂର୍ଣ୍ଣ ରହିଥିଲା । ମଧ୍ୟଯୁଗର ଭକ୍ତିକାଳରେ ସନ୍ଥ ବଲ୍ଲଭଚାର୍ଯ୍ୟଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ଭଗବାନ କୃଷ୍ଣ ନିଜ ମୂର୍ତ୍ତିକୁ ସମ୍ପୂର୍ଣ୍ଣ କରିଥିଲେ । ସେବେଠାରୁ ଏଠାରେ ଭଗବାନ କୃଷ୍ଣଙ୍କ ସାକ୍ଷାତ ତଥା ସମ୍ପୂର୍ଣ୍ଣ ମୂର୍ତ୍ତି ପୂଜା ପାଉଛି । ମୋଗଲ ସମ୍ରାଟ ଆଉରଙ୍ଗଜେବ୍‌ଙ୍କ ଆକ୍ରମଣ ସମୟରେ ଭଗବାନ କୃଷ୍ଣଙ୍କ ମୂର୍ତ୍ତିକୁ ମେୱାର୍‌ର ଶୀହାଦ୍ ଗ୍ରାମରେ ଏକ ଖାଲ ମଧ୍ୟରେ ଲୁଚାଇ ଦିଆଯାଇଥିଲା । ମହାରାଣା ସଂଗ୍ରାମ ସିଂ ନିଜର ୨ ହଜାର ସୈନ୍ୟଙ୍କୁ ପଠାଇ ମୂର୍ତ୍ତିକୁ ସୁରକ୍ଷା ଦେଇଥିଲେ । ଏହାପରେ ଆଉରଙ୍ଗଜେବ୍‌ଙ୍କ ସୈନ୍ୟ ଫେରିଯାଇଥିଲେ । ଏବେ ସେହିସ୍ଥାନରେ ହିଁ ଶ୍ରୀନାଥଜୀଙ୍କ ମନ୍ଦିର ପୂଜା ପାଉଛି ।

# ନାରୀର ସୌନ୍ଦର୍ଯ୍ୟକୁ କେଉଁ ଦୃଷ୍ଟିରେ ଦେଖିବା ଉଚିତ୍



ଆମ୍ରପାଲି ଅପୂର୍ବ ସୁନ୍ଦରୀ, କୁଶଳୀ ଗାୟିକା ତଥା ନର୍ତ୍ତକୀ ଥିଲେ । ରାଜକୁମାର ବିମ୍ବିସାରଙ୍କୁ ସେ ପ୍ରେମବିବାହ କରିଥିଲେ । କିନ୍ତୁ ରାଜମହଲରେ ତାଙ୍କୁ ଅପମାନ ସହିବାକୁ ପଡ଼ିଥିଲା । ସେ ବୈଶାଳୀ ନଗର ବାହାରେ ଥିବା ଏକ ଆମ୍ର ବନରେ ନିଜ ପୁତ୍ର ଜୀବକଙ୍କ ସହ ରହି ସାଧନାରେ ଲୀନ ଥିଲେ । ଦିନେ ଜୀବକଙ୍କ ସହ ସେ ଭଗବାନ ବୁଦ୍ଧଙ୍କ ଦର୍ଶନ ନିମନ୍ତେ ପହଞ୍ଚିଲେ । ସେ କହିଲେ ଯେ ଗୁରୁବର, ମୋ ପାଖରେ ଅପାର ଧନସମ୍ପତ୍ତି ରହିଛି ତଥାପି ମୋ ଜୀବନ ଅତୃପ୍ତ । ବୁଦ୍ଧ କହିଲେ, ଆମ୍ରପାଲି, ସୁନ୍ଦରତା ଅନ୍ୟ ସାଂସାରିକ ବସ୍ତୁ ଭଳି ଆସିଥାଏ ଏବଂ ଚାଲିଯାଇଥାଏ । ଧନ ସମ୍ପତ୍ତି ଏବଂ ଖ୍ୟାତି କ୍ଷଣଭଙ୍ଗୁର । ଧ୍ୟାନ-ସାଧନା ମଧ୍ୟରେ ଯେଉଁ ଆତ୍ମିକ ସନ୍ତୋଷ ମିଳିଥାଏ, ତାହା ଶାଶ୍ୱତ । ଏହି ଜୀବନରେ ଶେଷ ରହିଯାଇଥିବା ସମୟତକ ସାଧନା, ଧ୍ୟାନ, ପ୍ରାଣାୟାମ ଏବଂ ସଂଯମପୂର୍ଣ୍ଣ ଜୀବନ ଜିଇଁବାରେ ବିତାଇବା ଉଚିତ୍ । ଏହାଦ୍ୱାରା ଜୀବନ ସାର୍ଥକ ହୋଇଥାଏ । ବୁଦ୍ଧଙ୍କ ଏହି ବାଣୀ ଆମ୍ରପାଲିକୁ ଗଭୀର ଭାବେ ପ୍ରଭାବିତ କରିଥିଲା । ଆମ୍ରପାଲିଙ୍କୁ ବୁଦ୍ଧ ଏହି କଥା କହିବା ବେଳେ କାଳଦୁୟୀ ଓ ସାରିପୁତ୍ତ ମଧ୍ୟ ସେଠାରେ ଉପସ୍ଥିତ ଥିଲେ । ସାରିପୁତ୍ର ବୁଦ୍ଧଙ୍କୁ ପଚାରିଲେ, ନାରୀର ସୌନ୍ଦର୍ଯ୍ୟକୁ କେଉଁ ଦୃଷ୍ଟିରେ ଦେଖିବା ଉଚିତ୍ ? ବୁଦ୍ଧ କହିଲେ, ସୁନ୍ଦରତା ଏବଂ କୁରୂପତା, ଏହି ଦୁଇଟିର ସୃଜନ ପାଞ୍ଚଟି ତତ୍ତ୍ୱର ସମାହାର । ଶାରୀରିକ ସୁନ୍ଦରତା ଦ୍ୱାରା ସମ୍ମୋହିତ ହେଉନଥିବା ଏବଂ କୁରୂପତା ଦ୍ୱାରା ବିରକ୍ତ ହେଉନଥିବା ବ୍ୟକ୍ତି 'ମୁକ୍ତ ପୁରୁଷ' । ଗୋଟିଏ ମାତ୍ର ସୁନ୍ଦରତା ହେଉଛି ଶାଶ୍ୱତ ଏବଂ ତାହା ହେଉଛି କରୁଣାମୟ ହୃଦୟର ସୌନ୍ଦର୍ଯ୍ୟ । କରୁଣାର ଅର୍ଥ ହେଉଛି ଅହେତୁକ ପ୍ରେମ ଅର୍ଥାତ୍ କୌଣସି ଆଶା ନରଖି ଅନ୍ୟକୁ ଭଲ ପାଇବା । ବୁଦ୍ଧଙ୍କ ଏହି କଥା ଶୁଣିବା ପରେ ସାରିପୁତ୍ତଙ୍କ ଜିଜ୍ଞାସା ଶାନ୍ତ ହୋଇଥିଲା ।


# ଦେବଭୂମି ଉତ୍ତରାଖଣ୍ଡ



ଋକ୍ ବେଦରେ ଉତ୍ତରାଖଣ୍ଡକୁ ଦେବଭୂମି ରୂପେ ଉଲ୍ଲେଖ କରାଯାଇଛି । ଏହି ପବିତ୍ର ଭୂମିକୁ ମନୁଷ୍ୟଙ୍କ ପୂର୍ଣ୍ଣ କର୍ମ ଭୂମି କୁହାଯାଇଛି । କଣ ଆପଣ ଜାଣିଛନ୍ତି କି ମର୍ଯ୍ୟାଦାପୁରୁଷୋତ୍ତମ ଭଗବାନ ରାମଙ୍କ ସାନ ଭାଇ ଭଗବାନ ଲକ୍ଷ୍ମଣଙ୍କର ମଧ୍ୟ ଉତ୍ତରାଖଣ୍ଡ ସହ ସଂଯୋଗ ରହିଥିଲା । ଲକ୍ଷ୍ମଣ ନିଜର ଶେଷ ତପସ୍ୟା ଦେବଭୂମି ଉତ୍ତରାଖଣ୍ଡରେ କରିଥିଲେ । ଭଗବାନ ଲକ୍ଷ୍ମଣ ନିଜର ଶେଷ ତପସ୍ୟା ଉତ୍ତରାଖଣ୍ଡର ଗଢ଼ୱାଲରେ କରିଥିଲେ । ମାନ୍ୟତା ଅନୁଯାୟୀ ଲକ୍ଷ୍ମଣ ନିଜର ଶେଷ ତପସ୍ୟା ଟିହରୀ ଗଢ଼ୱାଲର ତପୋବନରେ କରିଥିଲେ । ଯଦି ଆପଣ କେବେ ଉତ୍ତରକାଶୀ ଯାଇଥିବେ ତେବେ ଏହି ତପୋବନ ବିଷୟରେ ନିଶ୍ଚିନ୍ତ ଶୁଣିଥିବେ । ଏଠାରେ ଲକ୍ଷ ଲକ୍ଷ ପର୍ଯ୍ୟଟକଙ୍କ ଭିଡ ଲାଗି ରହିଥାଏ । ଏହି ତପୋବନ ବରଫାବୃତ ଗଙ୍ଗୋତ୍ରୀ ନଦୀ ଠାରୁ ୬ କିଲୋମିଟର ଦୂରରେ ଅବସ୍ଥିତ । ଏଠାର ଅଦ୍ଭୁତ ଦୃଶ୍ୟ ପର୍ଯ୍ୟଟକଙ୍କ ମନ କିଣିନେଇଥାଏ । ଏହି ତପୋବନକୁ ନନ୍ଦନୱନ ମଧ୍ୟ କୁହାଯାଇଥାଏ । ଏଠାରେ ପର୍ବତାରୋହଣ ପାଇଁ କ୍ୟାପିଂଗ କରାଯାଇଥାଏ । ନନ୍ଦନୱନ ଠାରୁ ଶିବଲିଙ୍ଗ, ଭାଗୀରଥୀ, କେଦାର ଡ୍ୟାମ ଏବଂ ସୁଦର୍ଶନ ଭଳି ଶିଖରର ଚମତ୍କାର ଦୃଶ୍ୟ ଦେଖାଯାଇଥାଏ । ପର୍ଯ୍ୟଟକମାନେ ଏଠାରେ ସାତାପନ୍ତ, ଖାରକୁଣ୍ଡ, କାଳିନ୍ଦୀ କାଲ, ମେରୁ ଏବଂ କେଦାର ଡମ୍‌ରେ କ୍ୟାମ୍ପିଂ କରିଥାନ୍ତି । ଟ୍ରାକିଂ ବ୍ୟତୀତ ପର୍ଯ୍ୟଟକ ପର୍ବତ ଚଢ଼ିବାକୁ ପସନ୍ଦ କରିଥାନ୍ତି । ଏଠାର ସବୁଜିମାରେ ପରିପୂର୍ଣ୍ଣ ଦେବଦାରୁ ବୃକ୍ଷ ପର୍ଯ୍ୟଟକଙ୍କ ମନ ମୋହିଥାଏ ।


# ମୌଳିକ ଆବଶ୍ୟକତା ଠାରୁ ଅଧିକ ବିପତ୍ତି ଆଣେ !

ଆଜିକାଲି ଜୀବନରେ ଧନ ଉପାର୍ଜନ କରିବା ଲାଗି ଭିନ୍ନ ଭିନ୍ନ ଲୋକ ବିଭିନ୍ନ କାର୍ଯ୍ୟ କରୁଛନ୍ତି । ଭିନ୍ନ ଭିନ୍ନ ପେସା ଆପଣାଉଛନ୍ତି । ବେଳେ ବେଳେ ଅଧିକ ଧନ ଉପାର୍ଜନ ଲାଗି ମନୁଷ୍ୟ ଉଚିତ୍ କ'ଣ ଅନୁଚିତ୍ କ'ଣ ତାହା ଭୁଲିଯାଉଛି । ଜୀବନରେ ଧନର ଆବଶ୍ୟକତା ରହିଛି ଏବଂ ଉପଯୋଗିତା ମଧ୍ୟ ଅଛି । ଧନକୁ ସମ୍ପତ୍ତି କୁହାଯାଇଛି । ବିପତ୍ତିରୁ ଆମକୁ ଉଦ୍ଧାର କରୁଥିବା ଜିନିଷ ହେଉଛି ସମ୍ପତ୍ତି । ଏହାର ଅର୍ଥ, ଯାହା ଆମକୁ ବିପତ୍ତିରେ ପକାଏ ତାହା କେବେ ସମ୍ପତ୍ତି ହୋଇ ପାରେନା । ଟଙ୍କା-ପଇସା ଦ୍ୱାରା ଖାଦ୍ୟ, ବସ୍ତ୍ର, ବାସଗୃହ ଆଦି ମୌଳିକ ଆବଶ୍ୟକତା ପୂରଣ ହେଉଥିବାରୁ ଏହାକୁ ଧନ କୁହାଯାଏ । ଏହିସବୁ ଆବଶ୍ୟକତା ପୂରଣ ହେଲେ ମନୁଷ୍ୟ ବିପତ୍ତିରୁ ଉଦ୍ଧାର ପାଇଥାଏ । କିନ୍ତୁ କେବଳ ଟଙ୍କା-ପଇସାକୁ ଧନ ବୋଲି ମାନିନେବା ଭୁଲ୍ । କାରଣ ମୌଳିକ ଆବଶ୍ୟକତା ଠାରୁ ଅଧିକ ଧନ ଉପାର୍ଜନ କରିବା ବିପତ୍ତିର କାରଣ ପାଲଟିଥାଏ । ଏଥିରୁ ଚୋରି ହେବାର ଭୟ ଉତ୍ପନ୍ନ ହୋଇଥାଏ, ଅଧିକ ଉପାର୍ଜନ କରିବାର ଲୋଭ ସୃଷ୍ଟି ହୁଏ, ଭ୍ରଷ୍ଟାଚାରର ବିଚାର ଆସିଥାଏ । ଏଣୁ ଆବଶ୍ୟକତା ଠାରୁ ଅଧିକ ଧନ ସବୁବେଳେ ମନୁଷ୍ୟ ପାଇଁ ବିପତ୍ତି ଡାକିଆଣେ । ଧନ କହିଲେ କେବଳ ଟଙ୍କା-ପଇସାକୁ ବୁଝାଏ ନାହିଁ, ଜ୍ଞାନ ଏବଂ ବିବେକ ହେଉଛି ପ୍ରକୃତ ଧନ । ସବୁଠୁ ବଡ଼ ଧନ ହେଉଛି ସନ୍ତୋଷ । ତା'ଠାରୁ ବଡ଼ ଧନ ବା ସମ୍ପତ୍ତି ହେଉଛି ସ୍ୱାସ୍ଥ୍ୟ । ମନୁଷ୍ୟ ଶାରୀରିକ ଏବଂ ମାନସିକ ଭାବେ ସୁସ୍ଥ ରହିବା ଜରୁରୀ । ମନରେ କାମ, କ୍ରୋଧ, ଲୋଭ ଏବଂ ମୋହ ଆଦି ବିକାର ଭାବନାକୁ ସ୍ଥାନ ଦେବା ଉଚିତ୍ ନୁହେଁ । ମାନସିକ ଭାବେ ସନ୍ତୋଷ ଅନୁଭବ କରୁଥିବା ମନୁଷ୍ୟ ହିଁ ଅଳ୍ପରେ ସନ୍ତୋଷ ଲାଭ କରିଥାଏ ।



# କମ୍ପ୍ୟୁଟର ସାମ୍ନାରେ ବସି କାମ କରୁଥିବା ଲୋକଙ୍କୁ ଦରକାରୀ ଖାଦ୍ୟ

କମ୍ପ୍ୟୁଟର ଆଗରେ ବସି ଘଣ୍ଟା ଘଣ୍ଟା ଧରି କାମ କଲେ ଆଖିର ପାୱାର ଉପରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ । ଅଧିକ ସମୟ ପର୍ଯ୍ୟନ୍ତ ବସି ରହିଲେ ମଧ୍ୟ ଶରୀରରେ ଫ୍ୟାଟ୍ ଜମା ହୋଇଯାଇଥାଏ, ଯଦ୍ୱାରା ଓଜନ ବଢ଼ିବାର ସମ୍ଭାବନା ଦେଖାଦେଇଥାଏ । ଯେଉଁ ଲୋକ କମ୍ପ୍ୟୁଟରରେ ୩ ଘଣ୍ଟାରୁ ଅଧିକ ସମୟ ପର୍ଯ୍ୟନ୍ତ କାମ କରିଥାଆନ୍ତି, ସେମାନଙ୍କୁ ଏମିତି କିଛି ଖାଦ୍ୟ ଖାଇବା ଦରକାର, ଯଦ୍ୱାରା ଓଜନ ନିୟନ୍ତ୍ରିତ ରହିପାରିବ ଏବଂ ଆଖିର ପାୱାର ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ । ଆଜି ଆମେ ଆପଣଙ୍କୁ ୭ଟି ଫୁଡ୍ ବିଷୟରେ କହିବୁ ।



୧. ଦହି: ଏଥିରେ ପ୍ରୋବାୟୋଟିକ୍ ବ୍ୟାକ୍ଟେରିଆ ରହିଥାଆନ୍ତି । ଏହାଦ୍ୱାରା ହଜମ ଠିକ୍ ଭାବେ ହୋଇଥାଏ ଏବଂ ଅଧିକ ସମୟ ବସିରହିଲେ ଗ୍ୟାସ୍ ସମସ୍ୟା ଆସି ନ ଥାଏ ।

୨. କଦଳୀ: ଏଥିରେ ପୋଟାସିୟମ୍‌ରେ ମାତ୍ରା ଅଧିକ ଥାଏ, ଯଦ୍ୱାରା ତୁରନ୍ତ ଏନର୍ଜି ମିଳିଥାଏ ଏବଂ ଥକ୍କା ଅନୁଭବ ହୋଇ ନ ଥାଏ ।

୩. ସେଓ: ଏଥିରେ ଫାଇବର ଅଧିକ ମାତ୍ରାରେ ଥାଏ । ଏହା ହଜମକୁ ବଢ଼ାଇଥାଏ ଏବଂ ଆପଣ ଗ୍ୟାସ୍ ସମସ୍ୟାରୁ ମୁକ୍ତି ପାଇଥାଆନ୍ତି ।


୪. ଧନିଆ ପତ୍ର: ଏଥିରେ କ୍ୟାରୋଟେନ୍‌ଇଡ୍ ରହିଛି, ଯଦ୍ୱାରା ଆଖିର ପାୱାର ବଢ଼ିଥାଏ ।

୫. ଦୁଧ: ଏଥିରେ ଭିଟାମିନ୍ ଏ ଏବଂ ପ୍ରୋଟିନ୍ ଅଧିକ ମାତ୍ରାରେ ରହିଛି । ଏହାଦ୍ୱାରା ମଧ୍ୟ ଆଖିର ପାୱାର ବଢ଼ିଥାଏ ।

୬. ଡାର୍କ ଚକୋଲେଟ: ଏଥିରେ ଆଣ୍ଟି ଅକ୍ସିଡେଣ୍ଟସ୍ ରହିଛି, ଯାହାକି ଶରୀରର ଇମ୍ୟୁନିଟିକୁ ବଢ଼ାଇଥାଏ । ଅଣ୍ଟା ଯନ୍ତ୍ରଣାରୁ ଉପଶମ ମିଳିଥାଏ ।

୭. ଲେମ୍ବୁ ପାଣି: ଏଥିରେ ଭିଟାମିନ୍ ସି ଅଧିକ ମାତ୍ରାରେ ରହିଛି, ଯାହାଦ୍ୱାରା ଆପଣଙ୍କୁ ଥକ୍କା ଅନୁଭବ ହୋଇ ନ ଥାଏ ।

# ମୁହଁରେ ବ୍ରଣ ହୋଇଥିଲେ...



ଶୁଷ୍କ ତ୍ୱଚାରେ କେତେଜଣଙ୍କ ଠାରେ ବ୍ରଣ, ଦାଗ ସମସ୍ୟା ଦେଖାଯାଏ । ହେଲେ ଏଥିରେ ବ୍ୟତିବ୍ୟସ୍ତ ନ ହୋଇ ସରଳ ଘରୋଇ ଉପଚାର କଲେ ବ୍ରଣ କମ୍ ହୁଏ । ନିଜ ଖାଦ୍ୟ ପାନୀୟ ଉପରେ ଗୁରୁତ୍ୱ ଦିଅନ୍ତୁ, ଶୋଷ ନ ହେଉଥିଲେ ମଧ ଦିନକୁ ୯-୧୦ ଗିଲାସ ପାଣି ପିଇବାର ଅଭ୍ୟାସ କରନ୍ତୁ । ଉଷୁମ ପାଣି ପ୍ରତିଦିନ ପିଇଲେ ତ୍ୱଚା ଓ କେଶର ଅନେକ ସମସ୍ୟାର ସମାଧାନ ହୁଏ ।

– କ୍ଲିନଜିଂ ମିଲ୍କ ନଚେତ୍ କଞ୍ଚା ଖିରରେ ପ୍ରତିଦିନ ସକାଳ ଓ ସଂଧ୍ୟାରେ ତ୍ୱଚାକୁ ଭଲରେ ପୋଛି ମଏଶ୍ଚରାଇଜର୍ ଲଗାଇନେବେ । ତ୍ୱଚା ଶୁଷ୍କ ହେଲେ ବ୍ରଣ ବଢ଼ିବାର ସମସ୍ୟା ଉପୁଜେ ।

– ଘି-କୁଆଁରୀ ରସରେ ମହୁ ଅଳ୍ପ ମିଶାଇ ତ୍ୱଚାରେ ଲଗାଇ କିଛି ସମୟ ପରେ ଧୋଇନେବେ । ସକାଳ ବେଳା ଏହି ପ୍ୟାକ୍ ଲଗାଇବେ ନଚେତ ଥଣ୍ଡା, ସର୍ଦ୍ଦି ହେବାର ଭୟ ରହିଛି ।

– ଏସବୁ ସହ ବେସନରେ ମହୁ ଓ ଖିର ସର ମିଶାଇ ତ୍ୱଚାରେ ପ୍ୟାକ୍ ଭଳି ଲଗାନ୍ତୁ । ଶୁଖିବା ପରେ ଧୋଇନେବେ, ବ୍ରଣ ସମସ୍ୟାରୁ ରକ୍ଷା ପାଇବା ନିମନ୍ତେ ଏହା ଏକ ଭଲ ପ୍ୟାକ୍ ।

– ସପ୍ତାହକୁ ଥରେ ତ୍ୱଚା ସ୍କ୍ରବ୍ କରନ୍ତୁ, ଅଧିକ ଥର ସ୍କ୍ରବ୍ କଲେ ବ୍ରଣ ସମସ୍ୟା ବଢ଼ିପାରେ ବୋଲି ବିଉଟିସିଆନ୍‌ଙ୍କ ମତ । ବାହାରୁ ଆସିବା ପରେ ତ୍ୱଚାକୁ ଭଲରେ ଧୋଇ ମଏଶ୍ଚରାଇଜର୍, ଟୋନର୍ ଲଗାଇବାକୁ ଯେପରି ନ ଭୁଲିବେ । ଏହି ଋତୁରେ ତ୍ୱଚାକୁ ଏଭଳି ଉପାୟରେ ପୋଷଣ ଦେବା ଜରୁରୀ ।

# ପଶୁପକ୍ଷୀଙ୍କ ଧ୍ୱନି



ମନୁଷ୍ୟମାନଙ୍କ ଭଳି ପଶୁପକ୍ଷୀମାନେ ମଧ ନିଜନିଜ ମଧ୍ୟରେ କଥାବାର୍ତ୍ତା ହୋଇପାରନ୍ତି । ହେଲେ ତାହା ବୁଝିବା ମଣିଷ ପକ୍ଷେ ଏକ ଅସାଧାରଣ ବ୍ୟାପାର । ଗୋଟିଏ ପ୍ରଜାତିର ପଶୁ-ପକ୍ଷୀମାନଙ୍କ କଥାବର୍ତ୍ତା ବୁଝିବା ଅନ୍ୟ ଏକ ପ୍ରଜାତିର ପଶୁପକ୍ଷୀମାନଙ୍କ ପକ୍ଷରେ ବହୁ କଷ୍ଟକର । ୱାଶିଂଟନ୍‌ର ବୈଜ୍ଞାନିକମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟବେକ୍ଷଣରୁ ଜଣାପଡ଼ିଛି ଯେ, ଏକ ନିର୍ଦ୍ଦିଷ୍ଟ ପ୍ରଜାତିର ପଶୁ ବା ପକ୍ଷୀମାନେ ସେମାନଙ୍କ ମଧ୍ୟରେ ଯେଉଁ ଧ୍ୱନି ସୃଷ୍ଟି କରନ୍ତି, ସେମାନେ ତା'ର ଅର୍ଥ ବି ବୁଝିପାରନ୍ତି । ଅର୍ଥାତ ପଶୁପକ୍ଷୀମାନେ ମଧ ପରସ୍ପର ମଧ୍ୟରେ କଥାବାର୍ତ୍ତା କରିପାରନ୍ତି । ଅଷ୍ଟ୍ରେଲିଆର ଏକ ବିଚକ୍ଷଣ ପକ୍ଷୀ 'ଫେରି ରେନ୍' ଅନ୍ୟ ଏକ ସମପ୍ରଜାତି ପକ୍ଷୀର ଭାଷା ବୁଝିବାକୁ ସମର୍ଥ ହୋଇପାରେ । ଏ ବିଷୟରେ ସ୍ଥାନୀୟ ଅଫିସର୍ସ ଜର୍ନଲରେ ପ୍ରକାଶିତ ହୋଇଥିଲା । ୟୁନିଭରସିଟି ଅଫ୍ ବ୍ରିସଲର ଜୀବବିଜ୍ଞାନୀ ଏଣ୍ଡ୍ରିୟୁ ରେଡ୍‌ଫର୍ଡଙ୍କ ମତରେ କିଛି ପଶୁ-ପକ୍ଷୀ ଅନ୍ୟ ଜାତିର ପଶୁପକ୍ଷୀଙ୍କ ଭାଷା ବୁଝିପାରିଥାନ୍ତି । ଅଷ୍ଟ୍ରେଲିଆର ନ୍ୟାସନାଲ ୟୁନିଭରସିଟିରେ ରେଡ୍‌ଫର୍ଡଙ୍କ ସହଯୋଗୀ ଥରେ ନ୍ୟାସନାଲ ଗାର୍ଡେନରେ ବୁଲୁଥିଲେ । ସେ ପାଖରେ ପଶୁପକ୍ଷୀମାନଙ୍କ ସ୍ୱରକୁ ଶୁଣି ତାକୁ ଠିକ୍‌ଭାବେ ଅନୁଧ୍ୟାନ କରିବା ପାଇଁ ଏକ ସ୍ପିକର ସାଙ୍ଗରେ ନେଇଥିଲେ, ଯାହା ସାହାଯ୍ୟରେ ସମସ୍ତ ପଶୁପକ୍ଷୀମାନଙ୍କର କଥାବାର୍ତ୍ତାକୁ ଏହି ସ୍ପିକରରେ ରେକର୍ଡିଂ କରାଯାଇଥିଲା । ଏଥିରେ ଅଲଗା ଅଲଗା ପଶୁପକ୍ଷୀମାନଙ୍କର ସ୍ୱର ଶୁଣିବାକୁ ମିଳିଥିଲା । ବୈଜ୍ଞାନିକମାନେ ପ୍ରଥମେ ପକ୍ଷୀମାନଙ୍କ ରେକର୍ଡିଂ ଶୁଣିଥିଲେ । ଏହାପରେ ଶେଷରେ ବୈଜ୍ଞାନିକମାନେ ପାର୍କର ଚତୁଃପାର୍ଶ୍ୱରେ ବୁଲିଥିଲେ । ରେକର୍ଡିଂ କରିବାର ପ୍ରୟ[redacted] ବୈଜ୍ଞ[redacted] ଉପନ[redacted] ଜାତି[redacted]

# [redacted]ଦାନ୍ତ ଯନ୍ତ୍ରଣା



ଲେମ୍ବୁ: ଲେମ୍ବୁରେ ଭିଟାମିନ୍-ସି ଥାଏ, ଯାହା ଦାନ୍ତବିନ୍ଧାରୁ ମୁକ୍ତି ଦେଇଥାଏ । [redacted] ହେଉଥିବା ସ୍ଥାନରେ ଲେମ୍ବୁକୁ ଲଗାଇବା ଦ୍ୱାରା କିଛି ସମୟ ପାଇଁ ଦାନ୍ତ [redacted]ରୁ ମୁକ୍ତି ମିଳିଥାଏ ।

ଆଳୁ: ଯଦି ଦାନ୍ତବିନ୍ଧା ହେବାସହ ମାଢ଼ି ଫୁଲିଯାଏ ତେବେ ଛୋଟ ଗୋଟିଏ [redacted]ଳୁକୁ ନେଇ ସେହି ସ୍ଥାନରେ ୧୫ ମିନିଟ୍ ପାଇଁ ରଖନ୍ତୁ । କିଛି ସମୟ ପରେ [redacted]ରୁ ଉପଶମ ମିଳିବ ।

ରସୁଣ: ନିୟମିତ ଭାବେ ଦାନ୍ତ ଯନ୍ତ୍ରଣା ଅନୁଭବ କରୁଥିଲେ ଏଥିରୁ ମୁକୁଳିବା [redacted]ରସୁଣରେ ଲୁଣ ଲଗାଇ ଖାଇବେ । ନିୟମିତ ସକାଳେ ଏପରି ଖାଇଲେ [redacted] ଲାଭ ମିଳିଥାଏ ।

ପିଆଜ: ଦାନ୍ତ ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ପିଆଜର ବ୍ୟବହାର ଏକ ପ୍ରକାର ଭଲ ଉପାୟ । [redacted]ଙ୍କ କହିବାନୁଯାୟୀ ପ୍ରତି ୩ ମିନିଟ୍‌ରେ ଥରେ ଛୋଟ ପିଆଜଖଣ୍ଡେ ଖାଇବାଦ୍ୱାରା [redacted]ଥିବା ଜୀବାଣୁ ମରିଯିବା ସହ ଦାନ୍ତବିନ୍ଧାରୁ ଆରାମ ମିଳିଥାଏ ।

## ଦୁର୍ଗମ ଅଞ୍ଚଳରେ ବିକଳ୍ପ ବ୍ୟବସ୍ଥା

# ଜଙ୍ଗଲ ଭିତରେ ରହୁଛି ଆମ୍ବୁଲାନ୍ସ



**ରାୟଗଡ଼ା(ଅମୃତ ମିଡିଆ):** ସ୍ୱାସ୍ଥ୍ୟ କେନ୍ଦ୍ରରେ ଆମ୍ବୁଲାନ୍ସ ରହୁନାହିଁ। କିନ୍ତୁ ଜଙ୍ଗଲ ଭିତରେ ଆମ୍ବୁଲାନ୍ସ ରହୁଛି। ଏହା ଆଶ୍ଚର୍ଯ୍ୟ ଭଳି ଲାଗୁଥିଲେ ବି ସତ। ଏହାର କାରଣ ହେଉଛି ମୋବାଇଲ୍ ନେଟୱର୍କ। ରାୟଗଡ଼ା ଜିଲ୍ଲାର ଅର୍ଦ୍ଧାଧିକ ପଞ୍ଚାୟତରେ ମୋବାଇଲ ନେଟୱର୍କ ସୁବିଧା ନାହିଁ। କେବଳ ବ୍ଲକ ସଦର ମହକୁମା ସହ ଅନ୍ୟ କିଛି ହାତଗଣତି ଅଂଚଳକୁ ମୋବାଇଲ ନେଟୱର୍କ ସୁବିଧା ରହିଛି। ଫଳରେ ଲୋକେ ଅତ୍ୟାଧୁନିକ ଯୁଗରେ ହାତରେ ମୋବାଇଲ ଥାଇ ମଧ୍ୟ କଥା ହେବା ସହ ନିଜର ଆବଶ୍ୟକ ପୂରଣ କରିପାରୁନାହାନ୍ତି। ଏଭଳି ସମସ୍ୟାରେ ଜର୍ଜରିତ ହେଉଛନ୍ତି ଗୁଡ଼ାରୀ ବ୍ଲକର ୯ଟି ପଞ୍ଚାୟତର ଲୋକେ। ଏହି କିଛି ମାସ ତଳେ ଗୁଡ଼ାରି ବ୍ଲକର ଢେପାଗୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ୧୦୮ ଆମ୍ବୁଲାନ୍ସ ରାଜ୍ୟ ସରକାର ଯୋଗାଇ ଦେଇଛନ୍ତି। ଆମ୍ବୁଲାନ୍ସ ସ୍ୱାସ୍ଥ୍ୟ କେନ୍ଦ୍ରରେ ରହିବା କଥା କିନ୍ତୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ନ ରହି ଜଙ୍ଗଲ ଭିତରେ ରହିଥିବା ଦେଖିବାକୁ ମିଳିଛି। ଏହାର କାରଣ ପଚାରିବାରୁ ଉତ୍ତର ମିଳିଥିଲା ଯେ, ଏହି ଅଞ୍ଚଳରେ ମୋବାଇଲ ନେଟୱର୍କ ଥିବାରୁ ଆମ୍ବୁଲାନ୍ସ ମେଡିକାଲରେ ନ ରହି ମେଡିକାଲରୁ ତିନି କିଲୋମିଟର ଦୂର ଜଙ୍ଗଲରେ ରହୁଛି। ଦିନରାତି, ଖରା, ବର୍ଷା ଶୀତକୁ ଖାତିର ନ କରି ଜଙ୍ଗଲ ମଧ୍ୟରେ ଆମ୍ବୁଲାନ୍ସର ତିନିଜଣ କର୍ମଚାରୀ ନେଟୱର୍କ ପାଖରେ ରହିବାକୁ ବାଧ ହେଉଛନ୍ତି। କେତେବେଳେ ଯେ ୧୦୮ ଆମ୍ବୁଲାନ୍ସ କଲ ସେଣ୍ଟର ଫୋନ୍ ଆସିଯିବ ସେଥିପାଇଁ ଅପେକ୍ଷା କରିଥାନ୍ତି। କଲ୍ ସେଣ୍ଟରରୁ ଫୋନ୍ ଆସିବା ମାତ୍ରେ, ଏମାନେ ତୁରନ୍ତ ଘଟଣାସ୍ଥଳକୁ ଯାଉଥିବା ଏହି କର୍ମଚାରୀମାନେ କହିଛନ୍ତି। ଆମ୍ବୁଲାନ୍ସରେ ରହିଥିବା କର୍ମଚାରୀ ସରକାରଙ୍କୁ ନିବେଦନ କରିଛନ୍ତି ଶୀଘ୍ର ଏହି ଅଞ୍ଚଳରେ ମୋବାଇଲ ନେଟୱର୍କ ଚାଲୁ କଲେ ଆମ୍ଭେ ଉପାନ୍ତ ଅଞ୍ଚଳର ରୋଗୀ ସେବା ସୁରଖୁରରେ ତୁଲାଇ ପାରିବୁ। ନେଟୱର୍କ କାମ ସାରି ଏକ ବର୍ଷ ବିତିଯାଇଥିଲେ ସୁଦ୍ଧା ବର୍ତ୍ତମାନ ସୁଦ୍ଧା ଚାଲୁ କରାଯାଇନାହିଁ। ଜିଓ, ବିଏସ୍ଏନ୍ଏଲ୍ ଭଳି ମାଳମାଳ ହୋଇ ନେଟୱର୍କ ପୋଲ ତିଆରି ହୋଇ ପଡ଼ିରହିଛି। ଏହି ଉପାନ୍ତ ଅଞ୍ଚଳର ତିନିଗୋଟି ଗ୍ରାମପଞ୍ଚାୟତ ଯଥା କର୍ଲାଘାଟି, ମଧୁବନ ଓ ମେଣ୍ଡିଲିର ଲୋକେ ଢେପାଗୁଡ଼ାରେ ଥିବା ସ୍ୱାସ୍ଥ୍ୟସେବା, ବ୍ୟାଙ୍କସେବା, ପୋଷ୍ଟାଲ, ଶିକ୍ଷା, ରାଜସ୍ୱ ବିଭାଗ ସେବା ଉପରେ ନିର୍ଭର କରିଥାନ୍ତି। କିନ୍ତୁ ନେଟୱର୍କ ନ ଥିବାରୁ କୌଣସି ଜରୁରୀ ସେବା ଉପଲବ୍ଧ ହୋଇପାରୁନାହିଁ। ଏହା ପୂର୍ବରୁ ଏହି ଅଞ୍ଚଳବାସୀ ଏନେକ ଥର ଜିଲ୍ଲା ପ୍ରଶାସନ, ନେତା, ମନ୍ତ୍ରୀମାନଙ୍କୁ ଅବଗତ କରିଥିଲେ ମଧ୍ୟ କୌଣସି ଫଳପ୍ରଦ ହୋଇପାରିନାହିଁ। ମୋବାଇଲ ନେଟୱର୍କ ଶୀଘ୍ର ଛାଡ଼ିବା ନିମନ୍ତେ ଅଞ୍ଚଳବାସୀ ନିବେଦନ କରିଛନ୍ତି।

# ଏସ୍‌ସିବି ମେଡ଼ିକାଲ ନାଁରେ ସଂଗୀନ ଅଭିଯୋଗ

## ପୁଅ ମୃତ୍ୟୁ ନେଇ ମଙ୍ଗଳାବାଗ ଥାନାରେ ଏତଲା




**କଟକ(ବ୍ୟୁରୋ):** ମୋ ପୁଅକୁ ବଳି ପକାଇଦେଲା ଏସ୍‌ସିବି ମେଡିକାଲ। ମୋ ପୁଅକୁ ପରୀକ୍ଷା ମୂଳକ ଭାବରେ ଅପରେସନ କରି ନେଇଗଲେ ଜୀବନ। ଏସ୍‌ସିବି ନାଁରେ ଏଭଳି ସଙ୍ଗୀନ ଅଭିଯୋଗ ଆଣିଛନ୍ତି ଖୋର୍ଦ୍ଧା ଜିଲ୍ଲାର ସନାତନ ସାହୁ। ପୁଅ ଶୁଭ୍ରାଂଶୁ ସାହୁର ଚିକିତ୍ସାରେ ଗୁରୁତର ଅବହେଳା ଜନିତ ମୃତ୍ୟୁ ସହ ମିଥ୍ୟା ସୂଚନା ଦେବା ଘଟଣାର ଉପଯୁକ୍ତ ତଦନ୍ତ କରି ଦୋଷୀଙ୍କୁ ଦଣ୍ଡ ଦେବା ଉଦ୍ଦେଶ୍ୟରେ ସ୍ଥାନୀୟ କଟକ ମଙ୍ଗଳାବାଗ ଥାନାରେ ଏସିବି କର୍ତ୍ତୃପକ୍ଷଙ୍କ ନାଁରେ ଏତଲା ଦେଇଛନ୍ତି ସେ। ଅଭିଯୋଗ ଅନୁସାରେ ଶୁଭ୍ରାଂଶୁ ସାହୁ ଗତ ୧୮ ତାରିଖରେ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଥିବା ସମୟରେ ମୃତ୍ୟୁ ହୋଇଥିଲା। ଗତ ୯ ତାରିଖରେ ତାର ଏସ୍‌ସିବିରେ ପ୍ରଥମ ହାପଲୋ ବୋନ୍‌ମ୍ୟାରୋ ଟ୍ରାନ୍ସପ୍ଲାଣ୍ଟ କରାଯାଇଥିଲା। ଶୁଭ୍ରାଂଶୁର ସାନ ଭାଇଙ୍କ ଷ୍ଟେମ୍ ଆଣି ପ୍ରତିରୋପଣ କରାଯାଇଥିଲା। ଏହି ଅସ୍ତ୍ରୋପଚାର ପରେ ଶୁଭ୍ରାଂଶୁ ଏବଂ ତାଙ୍କ ସାନ ଭାଇଙ୍କର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିଲା। ଅସ୍ତ୍ରୋପଚାର ପର ଦିନ ସାନଭାଇଙ୍କୁ ଡାକ୍ତରଖାନାରୁ ଡିସଚାର୍ଜ କରାଯାଇଥିବା ବେଳେ ଶୁଭ୍ରାଂଶୁର ସ୍ୱାସ୍ଥ୍ୟାବସ୍ଥାରେ ମଧ୍ୟ ସୁଧାର ଆସୁଥିଲା। ମାତ୍ର ୧୮ ତାରିଖ ଭୋରରୁ ଶୁଭ୍ରାଂଶୁଙ୍କ ମୃତ୍ୟୁ ହୋଇଯାଇଥିବା ବୋଲି ଡାକ୍ତର କହିଥିଲେ। ଆମକୁ ମୃତ୍ୟୁ ସମ୍ବନ୍ଧୀୟ କୌଣସି ସୂଚନା ଦେଇନଥିଲେ ସୁଦ୍ଧା ଏକ ଖବର ସାମ୍ନାକୁ ଆସିଥିଲା ଯେ, ପୁଅ ଗାଧୁଆ ଘରେ ପଡିଯାଇ ତାର ହୃଦଘାତରେ ମୃତ୍ୟୁ ହୋଇଥିଲା। ତେବେ ଶୁଭ୍ରାଂଶୁ ବେଡ୍‌ରୁ ଉଠି କିପରି ବାହାରକୁ ଗଲା, ଏହି ମୃତ୍ୟୁକୁ ନେଇ ସନ୍ଦେହ ଘେରରେ ପରିବାର। ତେବେ ଏହି ଦିଗରେ ପୋଲିସ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି ପରିବାର। ଅନ୍ୟପଟେ ଏହି ଘଟଣାକୁ ନେଇ ଏସ୍‌ସିବି କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ପ୍ରତିକ୍ରୟା ମିଳିନାହିଁ।

# ସିଡିଏ ଉପାଧ୍ୟକ୍ଷ ଭାବେ ସିଦ୍ଧାର୍ଥ ଶଙ୍କରଙ୍କ ଦାୟିତ୍ୱ ଗ୍ରହଣ

**କଟକ(ବ୍ୟୁରୋ):** କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ)ର ଉପାଧ୍ୟକ୍ଷ ଭାବେ କଟକ ମହାନଗର ନିଗମର କମିଶନର ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଦାୟିତ୍ୱ ଗ୍ରହଣ କରିଛନ୍ତି। ସିଏମସି କମିଶନର ଭାବେ ରହିବା ସହ ସିଡିଏର ଏହି ଅତିରିକ୍ତ ଦାୟିତ୍ୱ ମିଳିବା ପରେ ସେ ଆଜି ସିଡିଏ କାର୍ଯ୍ୟାଳୟରେ ପହଂଚି ଦାୟିତ୍ୱ ଗ୍ରହଣ କରିଥିଲେ। ଏହି ଅବସରରେ ସିଡିଏର ସମସ୍ତ ଅଧିକାରୀ ଓ କର୍ମଚାରୀ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପରେ ଏକ



ବୈଠକରେ ଶ୍ରୀ ସ୍ୱାଇଁ କର୍ମଚାରୀଙ୍କ ସହିତ ଆଲୋଚନା କରି କିଭଳି ସିଡିଏର କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ ସେ ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଉପାଧ୍ୟକ୍ଷ ଶ୍ରୀ ସ୍ୱାଇଁ ସିଡିଏ ଅଧ୍ୟକ୍ଷ ଅନୀଲ କୁମାର ସାମଲଙ୍କ ସହିତ ସାକ୍ଷାତ ଆଲୋଚନା କରିଥିଲେ। ଶ୍ରୀ ସ୍ୱାଇଁ ଜାନୁଆରୀ ୩୧ ତାରିଖରେ ସିଏମସିର କମିଶନର ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ୨୦୧୪ ବ୍ୟାଚର ଆଇଏଏସ ଅଧିକାରୀ ଶ୍ରୀ ସ୍ୱାଇଁ ତତ୍କାଳୀନ କମିଶନର ନିଖିଲ ପଓ୍ୱନ କଲ୍ୟାଣଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ।

# ସ୍ୱାମୀ ଓ ପୁଅକୁ ହରାଇ ବେସାହାରା ସାଇବେଣୀ

**କଲ୍ୟାଣସିଂହପୁର(ଅମୃତ ମିଡିଆ):** ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ସିକରପାଇ ପଞ୍ଚାୟତ ଉପରସାଜା ଗାଁରେ ବାସ କରନ୍ତି ସାଇବେଣୀ ମିଣିଆକା। ସ୍ୱାମୀ ଓ ପୁଅକୁ ହରାଇ ଏବେ ସେ ସମ୍ପୂର୍ଣ୍ଣ ଅସହାୟ। କିଛି ମାସ ତଳେ ଗାଁ ପାଖ ନାଳରେ ନିର୍ମାଣାଧିନ କଲଭର୍ଟ ତଳେ ଗାଧୋଉଥିବା ବେଳେ ତାହା ଭୁଶୁଡ଼ି ପଡ଼ିବା ଫଳରେ ସ୍ୱାମୀ ଲକ୍ଷ୍ମୀଧର ମିଣିଆକାଙ୍କ ସହ ପୁଅକୁ ହରାଇ ହରାଇଛନ୍ତି। ସ୍ୱାମୀ ଓ ପୁଅକୁ ଝୁରି ଝୁରି ଆଖିରୁ ଲୁହ ସୁଖୁନି।

ନେତା, ମନ୍ତ୍ରୀ, ପ୍ରଶାସନିକ ଅଧିକାରୀମାନେ ଆସିଲେ, ଆଉ ପ୍ରତିଶ୍ରୁତି ଦେଇ ପରେ ଭୁଲିଗଲେ। ଆଜି ମୁଁ ଏକୁଟିଆ ହୋଇପଡିଛି, ସରକାରଙ୍କ ପକ୍ଷରୁ ଘର ଖଣ୍ଡେ ଦେବି କହି ଠକି ଦେଲେ ବୋଲି ସାଇବେଣୀ ମିଣିଆକା ଅଭିଯୋଗ କରିଛନ୍ତି। ଭଙ୍ଗା କୁଡ଼ିଆରେ ଦିନ କାଟୁଛି କେବେ କ'ଣ ମିଳିଲେ ଖାଉଛି ନଚେତ ପେଟ ଉପରେ ଓଦା ଲୁଗା ଦେଇ ଶୋଇ ପଡୁଛି। ସରକାର ୪ ଲକ୍ଷ ୫୦ ହଜାର ଟଙ୍କା ଦେଲେ, ହେଲେ ସେ ଟଙ୍କା ମୋର କ'ଣ ହେବ। ମୋ ସ୍ୱାମୀ, ପୁଅ ପାଖରେ ନାହାନ୍ତି ସେ ଟଙ୍କା ମୁଁ କଣ କରିବି ବୋଲି ସାଇବେଣୀ କହିଛନ୍ତି। ଯଦି ମାତେ ସରକାର ଘର ଖଣ୍ଡେ ଦେବେ, ତେବେ ମୁଁ ଶାନ୍ତିରେ ରହିପାରିବି ବୋଲି କୋହ ଭରା କଣ୍ଠରେ ସେ କହିଛନ୍ତି। ବର୍ତ୍ତମାନ ଏହି ବେସାହାରା ଆଦିବାସୀ ସାଇବେଣୀଙ୍କ ପ୍ରତି ସରକାର ଦୃଷ୍ଟି ଦେଇ ଘର ଖଣ୍ଡେ ଦେବା ପାଇଁ ଅଞ୍ଚଳବାସୀ ମଧ୍ୟ ଦାବି କରିଛନ୍ତି।



ସରକାରୀ ସହାୟତା ଯୋଗାଇବାକୁ ଦାବି

# ମଦ ଜବତ, ୨ ଗିରଫ

**ଆଠଗଡ(ଅମୃତ ମିଡିଆ):** ଆଠଗଡ ପୁଲିସ ପକ୍ଷରୁ ଗତ ୨ଦିନ ମଧ୍ୟରେ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୪୫ଲିଟର ମଦ ସହିତ ୨ଜଣଙ୍କୁ ଗିରଫ କରିଥିବା ଜଣାପଡିଛି। ଆଇଆଇସି ଅନିରୁଦ୍ଧ ମୁଦୁଲିଙ୍କ ନିର୍ଦ୍ଦେଶକ୍ରମେ ଉପନିରୀକ୍ଷକ ଶକୁନ୍ତଳା ଦାସ ରବିବାର ଏନଏସିର ୧୧ନଂ ୱାର୍ଡ ଅନ୍ତର୍ଗତ ବଢେଇତୋଟାରେ ଚଢାଉ କରି ବିନୋଦ ନାଏକଠାରୁ ୨୦ଲିଟର ଦେଶୀମଦ ଜବତ କରିବା ସହ ତାକୁ ଗିରଫ କରିଥିଲେ। ସେହିପରି ଧାଇପୁର ପଞ୍ଚାୟତ ଅନ୍ତର୍ଗତ ଗଦାଧରପୁର ଗ୍ରାମ ନିକଟରେ ବେଣ୍ଟପଦା ରାସ୍ତାରେ ଏକ ଆକ୍ଟିଭା ସ୍କୁଟିରେ ୨୫ଲିଟର ମଦ ଚାଲାଣ କରୁଥିବା ଚନ୍ଦନ ସ୍ୱାଇଁଙ୍କୁ ମଦ ସହିତ ଗରିଫ କରିବା ସଙ୍ଗେ ସଙ୍ଗେ ସ୍କୁଟିଟି କୁ ଜବତ କରିଥିଲେ। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡିଛି।

# ସିଏମସି ପକ୍ଷରୁ ଅଭିଯୋଗ ସମାଧାନ ସଭା

**କଟକ(ବ୍ୟୁରୋ):** କଟକ ମହାନଗର ନିଗମ(ସିଏମସି) ପକ୍ଷରୁ ବିକାଶ ଭବନ କାର୍ଯ୍ୟାଳୟରେ ଏକ ଅଭିଯୋଗ ସମାଧାନ ସଭା ନୂତନ ଭାବେ ଯୋଗ ଦେଇଥିବା କମିଶନର ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କମିଶନର ଶ୍ରୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଭିନ୍ନ ଅଭିଯୋଗର ପ୍ରତିକାର ନେଇ ଶୁଣାଣି କରାଯାଇଥିଲା। ଏଥିରେ ସମୁଦାୟ ୧୭ଟି ଅଭିଯୋଗର ଶୁଣାଣି ହୋଇଥିଲା। ସେଥିମଧ୍ୟରେ ସିଟି ଇଂଜିନିୟରିଂର ବିଭାଗ ସଂକ୍ରାନ୍ତୀୟ ଡ୍ରେନ, ରାସ୍ତା ମରାମତି ଓ ସ୍ଲାବ ସଂପର୍କରେ ୬ଟି ଅଭିଯୋଗର ଶୁଣାଣି କରାଯାଇଥିଲାବେଳେ ଏନଫୋର୍ସମେଣ୍ଟ ୨ଟି, ସ୍ୱାସ୍ଥ୍ୟ ସଂପର୍କିତ ଗୋଟିଏ, ପରିମଳ ଉପରେ ୩ଟି, ଏଷ୍ଟାବ୍ଲିଶମେଣ୍ଟ ୨ଟି ଓ ଲାଇସେନ୍ସ ଉପରେ ୨ଟି ଅଭିଯୋଗର ସମାଧାନ କରାଯାଇଥିଲା ବୋଲି ନିଗମ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅଭିଯୋଗଗୁଡିକ ଉପରେ କ୍ଷେତ୍ର ପରିଦର୍ଶନ କରି ତୁରନ୍ତ ଅଭିଯୋଗକାରୀଙ୍କୁ ନ୍ୟାୟ ପ୍ରଦାନ କରିବା ସକାଶେ କମିଶନର ଶ୍ରୀ ସ୍ୱାଇଁ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନୁଷ୍ଠିତ ସଭାରେ କମିଶନର ଶ୍ରୀ ସ୍ୱାଇଁଙ୍କ ସମେତ ଅତିରିକ୍ତ କମିଶନର ଅନାମ ପାତ୍ର, ସୋନା ଟୁଡୁ, ସିଟି ଇଂଜିନିୟର ଅତନୁ ସାମନ୍ତ, ଡେପୁଟି କମିଶନର ତଥା ବସ୍ତି ଉନ୍ନୟନ ଅଧିକାରୀ ଶ୍ୱେତପଦ୍ମା ଡି ଶତପଥୀ, ଡେପୁଟି କମିଶନର ଶ୍ୱେତସ୍ନିଗ୍ଧା, ଡେପୁଟି କମିଶନର ସୁକାନ୍ତ କୁମାର ବେଉରା ଓ ଡେପୁଟି କମିଶନର (ପରିମଳ) ସୁବ୍ରତ ବେହେରା, ସହକାରୀ କମିଶନର ତ୍ରିନାଥ ବେହେରାଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଫେଲ୍‌ମାରିଛି ଶୌଚ ଭାରତ ଅଭିଯାନ



**ମାଥିଲି(ଅମୃତ ମିଡିଆ):** ଫେଲ୍ ମାରିଛି ଶୌଚ ଭାରତ ଅଭିଯାନ। କାମରେ ଆସୁନି ପାଇଖାନା। ଶୌଚ ଭାରତ ନାଁରେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି, କିନ୍ତୁ ଏହା ଅନେକ ଜାଗାରେ ଫେଲ୍ ମାରିଥିବା ଦୃଷ୍ଟିକୁ ଆସିଛି। ବାହାରେ ଶୌଚ କରିବା ଫଳରେ ବହୁ ରୋଗ ସଂକ୍ରମଣ ହେଉଥିବା ସହ ପରିବେଶ ଦୂଷିତ ହେଉଛି। ଏଣୁ ଶୌଚ ଭାରତ ମିଶନ (ଗ୍ରାମୀଣ) ଯୋଜନା ମାଧ୍ୟମରେ ଘରେ ଘରେ ପାଇଖାନା ନିର୍ମାଣ କରାଯାଇଛି। ଏହାର ନିର୍ମାଣ ଓ ତଦାରଖ ପାଇଁ ଏକ ସ୍ୱତନ୍ତ୍ର ବିଭାଗ ମଧ୍ୟ ରହିଛି।

## କାମରେ ଆସୁନି ପାଇଖାନା

ହେଲେ ଏହି ପାଇଖାନା ସବୁ ନିର୍ମାଣ ହୋଇଛି ସତ, କିନ୍ତୁ ଏହା ହେବା ଦିନଠାରୁ ଦିନେ ବି ବ୍ୟବହାର ହୋଇନାହିଁ। କେଉଁଠି କାଠ ରଖାଯାଉଛି ତ ଆଉ କେଉଁଠି ଇଟା ଓ ଘରର ନଷ୍ଟ ହୋଇଥିବା ଆସବାସପତ୍ର ରଖାଯାଉଛି। ଏଭଳି ଏକ ଗାଁ ହେଉଛି ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଧୁଙ୍ଗିଆପୁଟ ପଞ୍ଚାୟତ। ଏହି ପଞ୍ଚାୟତରେ ୩ ହଜାରରୁ ଊର୍ଦ୍ଧ୍ୱ ଘର ରହିଛି। ପଞ୍ଚାୟତର ପ୍ରାୟ ସମସ୍ତଙ୍କ ବାରିରେ ରହିଛି ପାଇଖାନା ହେଲେ ଜଣେ ବି ଏହାକୁ ବ୍ୟବହାର କରୁନାହାନ୍ତି। କାରଣ ସବୁ ପାଇଖାନାଗୁଡିକ ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇରହିଛି। ତାହା ସମ୍ପୂର୍ଣ୍ଣ ହୋଇପାରି ନାହିଁ। କୌଣସି ପାଇଖାନା ଉପରେ ଟିଣ ନାହିଁ ହେଲେ ସବୁ ବିଲ୍ ହୋଇଯାଇଛି। ଏହି ପାଇଖାନା ବ୍ୟବହାର ନ କରି ଲୋକେ ବାହାରକୁ ଶୌଚ ପାଇଁ ଯାଉଥିବା କାରଣ ପଚାରିବାରୁ ଯେଉଁଠି ଲୋକେ ପିଇବା ପାଇଁ ଭଲରେ ପାଣି ପାଇପାରୁ ନାହାନ୍ତି, ସେଠି ପାଇଖାନା ବ୍ୟବହାର ପାଇଁ ପାଣି ଆସିବ କୋଉଁଠୁ ବୋଲି ଉତ୍ତର ମିଳୁଛି। ତେଣୁ ବାଧ ହୋଇ ଲୋକେ ଗାଁ ନିକଟରେ ଥିବା ପଡ଼ିଆ ନଦୀ ଓ ନାଳକୁ ଯାଇ ଶୌଚ ହେଉଛନ୍ତି। ଲୋକ କିପରି ଏହାକୁ ବ୍ୟବହାର କରିବେ ସଚେତନ କରାଯିବାକୁ ଦାବି ହେଉଛି।

# ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମହିଳା ମୃତ

**କନ୍ଧମାଳ (ଅମୃତ ମିଡିଆ):** କନ୍ଧମାଳ ଜିଲ୍ଲା ଘୁମୁସର ଉଦୟଗିରି ଅଞ୍ଚଳରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ସ୍ଥାନୀୟ ବ୍ଲକ ରଟିଙ୍ଗିଆ ପଞ୍ଚାୟତ ଡକେଡ଼ି ଗ୍ରାମର ଷ୍ଟିଫେନ ନାୟକଙ୍କ ସ୍ତ୍ରୀ ନିର୍ମଳା ନାୟକ ବୟସ(୬୨) ଅସାବଧନତା କାରଣରୁ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଛନ୍ତି। ସୂଚନା ଅନୁସାରେ ଷ୍ଟିଫେନ୍ ନାୟକ ନିଜ ପାଳିତ ଛେଳିଙ୍କ ଖାଦ୍ୟ ପାଇଁ ଡିମିରି ଗଛରେ ଚଢ଼ି ଡାଳ କାଟୁଥିଲେ। ଗଛ ନିକଟ ଦେଇ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ଯାଇଥିଲେ ମଧ୍ୟ ସେ ଅବହେଳା କରିଥିଲେ। ଫଳରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ବିଦ୍ୟୁତ୍ ଆଘାତରେ ମହିଳା ଗଛ ଡାଳରେ ହିଁ ଝୁଲିପଡ଼ିଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ସ୍ଥାନୀୟ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତ ମହିଳାଙ୍କ ଶବ ଉଦ୍ଧାର କରିଛି। ସ୍ଥାନୀୟ ସରକାରୀ ଚିକିତ୍ସାଳୟକୁ ମୃତଦେହ ଅଣାଯାଇଥିଲା। ତଦନ୍ତ ଅଧିକାରୀ ପୁଲିସ ସବ୍ ଇନ୍ସପେକ୍ଟର ରଞ୍ଜିତା ବେହେରା ମୃତକଙ୍କ ପରିବାର ଲୋକଙ୍କ ଠାରୁ ସବିଶେଷ ତଥ୍ୟ ନେବା ପରେ ବ୍ୟବଚ୍ଛେଦ କରାଯାଇ ପରିବାରବର୍ଗଙ୍କୁ ଶବ ହସ୍ତାନ୍ତର କରାଯାଇଥିଲା। ମହିଳାଙ୍କ ମୃତ୍ୟୁ ପାଇଁ ବିଦ୍ୟୁତ ବିଭାଗକୁ ଦାୟୀ କରିଛନ୍ତି ମୃତକଙ୍କ ପରିବାର ବର୍ଗ। କାରଣ ବିଦ୍ୟୁତ ତାର ଗଛ ଡାଳ ସଂସ୍ପର୍ଶରେ ଆସିଲାଣି ଅଥଚ ବିଭାଗୀୟ କର୍ମଚାରୀ କୌଣସି ପ୍ରତିକାର ବ୍ୟବସ୍ଥା ନକରି ଚୁପ ହୋଇ ବସି ରହିଛନ୍ତି। ମୃତକଙ୍କ ପରିବାରକୁ କ୍ଷତିପୂରଣ ପାଇଁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି।


# ଆଗ୍ରାହାଟରେ ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ମହୋତ୍ସବ



**ଟାଙ୍ଗୀ-ଚୌଦ୍ୱାର(ଅମୃତ ମିଡ଼ିଆ) :** ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଆଗ୍ରାହାଟ ପଞ୍ଚାୟତ ସ୍ଥିତ ଉତ୍ତରେଶ୍ୱର ମନ୍ଦିର ପ୍ରାଙ୍ଗଣରେ ପାଞ୍ଚଦିନ ବ୍ୟାପୀ ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ମହୋତ୍ସବର ଶୁଭ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାରର ଶ୍ରୀଜଗନ୍ନାଥ ଭକ୍ତ ସମାଜ ପକ୍ଷରୁ ଆୟୋଜିତ ଏହି ଶ୍ରୀଜଗନ୍ନାଥ ପାଞ୍ଚରାତ୍ର କାର୍ଯ୍ୟକ୍ରମର ଧାରାବାହିକ ପ୍ରବକ୍ତା ଭାବେ ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦର ରାଷ୍ଟ୍ରୀୟ ପ୍ରଚାରକ ବାବା ସତ୍ୟାନନ୍ଦ ଦାସ ମହାରାଜଜୀ ଯୋଗ ଦେଇଥିବା ବେଳେ ୩ ତାରିଖରୁ ଆରମ୍ଭ ହୋଇ ୭ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ପରିବେଷଣ କରାଯିବା ସହ ମହାପ୍ରଭୁଙ୍କ ଚବିଶ ବେଶ ମଧ୍ୟ ପ୍ରଦର୍ଶନୀ କରାଯାଇଛି। ପ୍ରତ୍ୟେହ ଭଗବାନ ବେଦବ୍ୟାସ କୃତ ସ୍କନ୍ଧପୁରାଣ ଅନ୍ତର୍ଗତ ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟ ପ୍ରବଚନ ଅନୁଷ୍ଠିତ ହେବା ସହ ଏହି ପ୍ରବଚନ କାର୍ଯ୍ୟକ୍ରମର ଧାରାବାହିକ ପ୍ରବକ୍ତା ଭାବେ ଅନ୍ତଃରାଷ୍ଟ୍ରୀୟ ଶ୍ରୀଜଗନ୍ନାଥ ମହିମା ପ୍ରଚାରକ ତଥା ଗୁରୁକୃପା ଆଶ୍ରମ, ତିହୁଡ଼ା, ନାଉଗାଁର ଅଧ୍ୟକ୍ଷ ବାବା ସତ୍ୟାନନ୍ଦ ଦାସ ମହାରାଜ ଯୋଗଦାନ କରିବା ସହିତ ବହୁ ବିଶିଷ୍ଟ ସାଧୁସନ୍ଥ ଓ ମହାପ୍ରଭୁଙ୍କ ସେବକବୃନ୍ଦ ମଧ୍ୟ ଯୋଗଦାନ କରିଛନ୍ତି। ଏହାସହ ହଜାର ହଜାର ଭକ୍ତଙ୍କ ପାଇଁ ଆନନ୍ଦ ବଜାରର ବ୍ୟବସ୍ଥା କରାଯାଇଥିବା ବେଳେ ହରିବୋଲ, ହୁଳହୁଳି, ଶଙ୍ଖଧ୍ୱନୀ ସହ ନାମ ସଂକୀର୍ତ୍ତନରେ ଭକ୍ତମାନେ ଜୟଜଗନ୍ନାଥ ଧ୍ୱନୀରେ ସାରା ଅଂଚଳ ଏବେ ଜଗନ୍ନାଥମୟ ହୋଇ ଉଠିଛି। ଜଗନ୍ନାଥ ଭକ୍ତ ସମାଜର ଶରତ ଖୁଣ୍ଟିଆ, ସନ୍ତୋଷ ଧର, ଆଗ୍ରାହାଟ ଜଗନ୍ନାଥ ପଂଚରାତ୍ର ମହୋତ୍ସବ କମିଟିର ପ୍ରମୋଦ ପଣ୍ଡା, ଧରଣୀଧର ରାଉତ, ଶିବରାମ ପ୍ରଧାନ, ସହଦେବ ବରାଳ, ରମେଶ ବେହେରା, ନିର ପରିଡ଼ା, ରଂଜନ କୁମାର ସାହୁ, ପ୍ରିୟବ୍ରତ ସ୍ୱାଇଁ, ହୃଷିକେଶ ରାଉତ, ଜୟନ୍ତ ବରାଳ, ଲୋକନାଥ ମାଝୀ, ଅଧିକାରୀ ନାୟକ, ବିଶ୍ୱଜିତ୍ ବିଶ୍ୱାଳ, ଅମୂଲ୍ୟ ରଂଜନ ଦାସ, ପ୍ରଦୀପ୍ତ ବେହେରା, ଉମେଶ ମହାରଣା, ରମାନାଥ ଆଚାର୍ଯ୍ୟ, ଗୋଲଖ ବେହେରା, ମୀନକେତନ ପଣ୍ଡା, ନିରଞ୍ଜନ ମାଝୀ, ଗନ୍ଧର୍ବ ଜେନା, ପ୍ରଦୀପ ମୁଦୁଲି, ଶ୍ରୀନିବାସ ମୂର୍ତ୍ତି, ସନ୍ତୋଷ ଜୀ, ଅଜୟ ମହାପାତ୍ର, ସଞ୍ଜୀବ ପଣ୍ଡା, ପ୍ରକାଶ ଜେନା, ମିଥୁନ ବେହେରା, ବୁଲୁ ବେହେରା, ବାଞ୍ଛାନିଧି ପରିଡ଼ା, ଅଶୋକ ଜୀ, ଜନ୍ମଜୟ ନାୟକ, ସମୀର ବରାଳ, ବୀରବର ତରାଇ, ମହେନ୍ଦ୍ର ବେହେରା, ଦେବ ଓଝା, ରାମଚନ୍ଦ୍ର ବେହେରା, ହେମନ୍ତ ଜେନା, ସିଲୁ ନାୟକ, କବି ମାଝୀ, ଧରିତ୍ରୀ ସାହୁ, ଜୟଶ୍ରୀ ପରିଡ଼ାଙ୍କ ସମେତ ଆଗ୍ରାହାଟ ପଂଚାୟତର ସମସ୍ତ ସଂକୀର୍ତ୍ତନ ମଣ୍ଡଳୀ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିବା ଜଣାପଡ଼ିଛି।

## ରେଭେନ୍ସା ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ୨୫୦ କୋଟି ମଞ୍ଜୁର

**କଟକ(ବ୍ୟୁରୋ):** ରେଭେନ୍ସା ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ରାଜ୍ୟ ସରକାର ୨୫୦କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହି ଟଙ୍କାରେ ରେଭେନ୍ସାରେ ଅଧିକ ଛାତ୍ରାବାସ, ଛାତ୍ରୀନିବାସ, ସ୍ମାର୍ଟ ଶ୍ରେଣୀ ଗୃହ, ଆଧୁନିକ ଶୌଚାଳୟ ଓ କ୍ରୀଡା ଭିତ୍ତିଭୂମି ଆଦି ନିର୍ମାଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଏହା ଦ୍ୱାରା ରେଭେନ୍ସା ଭିତ୍ତିଭୂମି ଦୃଷ୍ଟିରୁ ରାଜ୍ୟରେ ଅଗ୍ରଣୀ ବିଶ୍ୱବିଦ୍ୟାଳୟରେ ପରିଣତ ହେବ ବୋଲି କହିଛନ୍ତି ମନ୍ତ୍ରୀ। ସରକାର ମଞ୍ଜୁର କରିଥିବା ୨୫୦ କୋଟି ଟଙ୍କା ରେଭେନ୍ସାର ବିଭିନ୍ନ ବିକାଶମୂଳକ କାର୍ଯ୍ୟ କରାଯିବା ନେଇ ଯୋଜନା ରହିଛି। ଛାତ୍ରାବାସ, ଛାତ୍ରୀନିବାସ, ସ୍ମାର୍ଟ ଶ୍ରେଣୀ ଗୃହ, ଆଧୁନିକ ଶୌଚାଳୟ ଓ କ୍ରୀଡ଼ା ଭିତ୍ତିଭୂମି ଆଦି ନିର୍ମାଣ କରାଯିବ ବୋଲି ଉଚ୍ଚ ଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି। ଏହା ଦ୍ୱାରା ରେଭେନ୍ସା ଭିତ୍ତିଭୂମି ଦୃଷ୍ଟିରୁ ରାଜ୍ୟରେ ଅଗ୍ରଣୀ ବିଶ୍ୱବିଦ୍ୟାଳୟରେ ପରିଣତ ହେବ ବୋଲି କହିଛନ୍ତି ମନ୍ତ୍ରୀ।



# ସିଏମସି କମିଶନରଙ୍କ ନେତାଜୀ ବସ୍ ଟର୍ମିନାଲ ପରିଦର୍ଶନ



**କଟକ(ବ୍ୟୁରୋ):** କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ତଥା କଟକ ମହାନଗର ନିଗମ (ସିଏମସି) କମିଶନର ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ମଙ୍ଗଳବାର ପୂର୍ବାହ୍ନରେ ଖାନନଗର ସ୍ଥିତ କଟକ ନେତାଜୀ ବସ୍ ଟର୍ମିନାଲ (ସିଏନବିଟି) ପରିଦର୍ଶନ କରିଛନ୍ତି। ଏହି ପରିଦର୍ଶନ ସମୟରେ ତାଙ୍କ ସହ ଟର୍ମିନାଲର ନୋଡାଲ ଅଫିସର ପରେଶ କୁମାର ସାହୁ, ପରିଚାଳକ, କର୍ମଚାରୀ ଓ ଯାତ୍ରୀ ସୁରକ୍ଷା ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ। ଉପାଧ୍ୟକ୍ଷ ଶ୍ରୀ ସ୍ୱାଇଁ ଯାତ୍ରୀମାନଙ୍କୁ ଯୋଗାଇ ଦିଆଯାଉଥିବା ସେବା ସମ୍ପର୍କରେ ସମୀକ୍ଷା କରିବା ସହ ସେମାନଙ୍କର ଅଭାବ ଅସୁବିଧା ପଚାରି ବୁଝିଥିଲେ। ବିଶେଷକରି ବସ୍‌ଷ୍ଟାଣ୍ଡ ପରିସର ସଫାସୁତରା ରଖିବା ଏବଂ ଯାତ୍ରୀ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବାକୁ ସେ ପରାମର୍ଶ ଦେଇଥିଲେ। ଏତଦ୍‌ବ୍ୟତୀତ ସିଏନବିଟି ମଧ୍ୟରେ ଚାଲିଥିବା ଆହାର କେନ୍ଦ୍ର ବୁଲି ଦାୟିତ୍ୱରେ ଥିବା ସ୍ୱୟଂସହାକ ଗୋଷ୍ଠୀ ମହିଳାଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ସଂପର୍କରେ ଅବଗତ ହୋଇଥିଲେ। ସିସିଟିଭି କ୍ୟାମେରା, ସର୍ଭିଲାନ୍ସ ବ୍ୟବସ୍ଥା ସହ ଜଳ ନିଷ୍କାସନ ବ୍ୟବସ୍ଥାକୁ ଶ୍ରୀ ସ୍ୱାଇଁ ଅନୁଧ୍ୟାନ କରିବା ସହ ବସ୍ ରହଣୀସ୍ଥଳ ବୁଲି ଦେଖିଥିଲେ। ପରେ ଶ୍ରୀ ସ୍ୱାଇଁ ସିଏନ୍‌ବିଟି ବିଲ୍ଡିଂର ଉପର ମହଲାରେ ଅସ୍ଥାୟୀ ଭାବେ ଚାଲିଥିବା ବିଶ୍ୱନାଥ ପଣ୍ଡିତ ପାଠାଗାର ପରିଦର୍ଶନ କରିବା ସହ ସେଠାରେ ଅଧ୍ୟୟନରତ ବିଦ୍ୟାର୍ଥୀଙ୍କ ସହ ଆଲୋଚନା କରିଥିଲେ। ବହିପତ୍ର ଓ ପତ୍ରିକାର ଆବଶ୍ୟକତା ସଂପର୍କରେ ସେ ସେମାନଙ୍କୁ ପଚାରି ତୁରନ୍ତ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଚାକିରି ପାଇଁ ଆବଶ୍ୟକ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଅବତୀର୍ଣ୍ଣ ହେବା ସକାଶେ ସେଠାରେ ଦୀର୍ଘ ସମୟ ଅଧ୍ୟୟନ କରୁଥିବା ବିଦ୍ୟାର୍ଥୀ ବିଶେଷ କରି ଛାତ୍ରୀମାନେ ଅଧିକ ପାଇଖାନା ଓ ପରିଶ୍ରାଗାର ଆବଶ୍ୟକତା ସଂପର୍କରେ ଶ୍ରୀ ସ୍ୱାଇଁଙ୍କୁ ଅବଗତ କରାଇଥିଲେ। ତେବେ ତଳମହଲାରେ ଥିବା ପାଇଖାନା ଓ ପରିଶ୍ରାଗାରକୁ ତୁରନ୍ତ ଛାତ୍ରୀମାନଙ୍କୁ ଯୋଗାଇ ଦେବାକୁ ଶ୍ରୀ ସ୍ୱାଇଁ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ସମ୍ପାଦକୀୟ...

# ଗଞ୍ଜା ପ୍ରଶାସନ

ପ୍ରଶାସନ ଆଜି କିଛି ସେହିଭଳି ସ୍ଥିତିକୁ ଆସିଯାଇଛି । ଯାହା ରାଜ୍ୟର ପ୍ରଗତି ପାଇଁ କାମ ତ କରୁଛି । ସେଥିରେ କିଛି ସନ୍ଦେହ ନାହିଁ । ରାଜ୍ୟ ସର୍କାର ରାତି ପାହିଲେ ଗୋଟାକ ପରେ ଗୋଟାଏ ଯୋଜନା ଘୋଷଣା କରିଚାଲିଛନ୍ତି । କେତେବେଳେ ଜନ୍ମ ଯୋଜନା ତ ଆଉ କେତେବେଳେ ମୃତ୍ୟୁ ଯୋଜନା । ଅର୍ଥାତ୍ ଜନମ ଠାରୁ ମରଣ ପର୍ଯ୍ୟନ୍ତ କେବଳ ଯୋଜନା ପରେ ଯୋଜନା । ଜନ୍ମରୁ ଆଶା ଏବଂ ଅଙ୍ଗନବାଡ଼ି ଏବଂ ମୃତ୍ୟୁ ପରେ ହରିଶ୍ଚନ୍ଦ୍ର ଭଳି ଯୋଜନା ମଣିଷ ଜୀବନର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ କେବଳ ଯୋଜନା ପରେ ଯୋଜନା ଫୁଲ୍ । ମଝିରେ ଆହୁରି ବି କିଛି ଯୋଜନା ରହିଛି । ଯାହା ସବୁକୁ ମିଶାଇଦେଲେ ପୂରା ଯୋଜନାରେ ପରିପୂର୍ଣ୍ଣ ହୋଇଯିବ ଜୀବନ । ସେଭଳି କ୍ଷେତ୍ରରେ ଆଉ କି ସମସ୍ୟା ରହିବ ? ସମସ୍ତଙ୍କ ଜୀବନ ତ ସୁଖମୟ ହୋଇଯିବ । ଆଉ ଚିନ୍ତା କ'ଣ ? ସେଭଳି ସରକାରକୁ ଲୋକେ ବାରମ୍ବାର ପସନ୍ଦ କରିବେ, ସେଭଳି ସରକାରକୁ ଲୋକେ ବାରମ୍ବାର ଗ୍ରହଣ କରିବେ । କେବଳ ଆଞ୍ଚଳିକ ସ୍ତରରେ ନୁହେଁ, ଜାତୀୟ ସ୍ତରରେ ବି ସେଭଳି ସରକାର ରହିଯିବେ ଏକ ଉଦାହରଣ ହୋଇ । ହେଲେ ସେଭଳି ହେବାର ସେମିତି କିଛି ସମ୍ଭାବନା ନାହିଁ । ଆମେ କହୁଛୁ ଆମ ରାଜ୍ୟ ସରକାରଙ୍କ କଥା ଯେ କି ରାଜ୍ୟରେ ଦୀର୍ଘ ବର୍ଷ ଧରି ଶାସନ ଗାଦିରେ ବସିଛନ୍ତି ଜମେଇ କରି । ଟଳମଳ ହେବାର ସେମିତି କୌଣସି ସମ୍ଭାବନା ନାହିଁ । ହେଲେ ଏବେ କିନ୍ତୁ ଟଳମଳ ହେବାର ସମ୍ଭାବନା ସୃଷ୍ଟି ହେଲାଣି । କାରଣ ପ୍ରଶାସନ ଏବେ କେବଳ ରଙ୍ଗବୋଳା କାମ କରୁଛି । ଭିତର ପଛେ ଫମ୍ପା ଥାଉ , ବାହାରଟାକୁ କେବଳ ରଙ୍ଗ କରିବାରେ ବ୍ୟସ୍ତ ପ୍ରଶାସନ । ସେଭଳି କ୍ଷେତ୍ରରେ କେବଳ ସମସ୍ୟା ହିଁ ରହିବ ! ରାଜ୍ୟବାସୀଙ୍କ ଜୀବନ ତ ଦୁଃଖମୟ ହୋଇଯିବ । ଏବେ କେବଳ ଚିନ୍ତା ହିଁ ଚିନ୍ତା ? ରାଜ୍ୟବାସୀଙ୍କ୍ ଚିନ୍ତା ହେଉଛି ପ୍ରଥମ ଚିନ୍ତା, ହେଲେ ସରକାର ସେଭଳି ଚିନ୍ତା ଛାଡ଼ି କେବଳ ଗାଦି ମାଡ଼ି ବସିବା ଚିନ୍ତାରେ ସରକାର । ହେଲେ ସଠିକ୍ ଭାବେ ଗାଦି ସମ୍ଭାଳିବା କିନ୍ତୁ ଜଣାନାହିଁ ସରକାରଙ୍କୁ । ଗାଦିରେ ଯେ କେହି ତ ବସିପାରିବେ ନାହିଁ । କିଛି ବିଶେଷ ଯୋଗ୍ୟତା ସମ୍ପନ୍ନ ବ୍ୟକ୍ତି ବସିପାରିବେ । ସେଭଳି ଯୋଗ୍ୟତା ଆମ ରାଜ୍ୟ ମୁଖିଆଙ୍କ ପାଖରେ ରହିଛି ନିଶ୍ଚୟ । ନଚେତ ବର୍ଷେ କି ଦୁଇ ବର୍ଷ ନୁହେଁ, ଦୀର୍ଘ ପାଞ୍ଚ ଦଶନ୍ଧି ଧରି ଶାସନ ଗାଦିରେ ବସି ରହିଛନ୍ତି ରାଜ୍ୟ ମୁଖିଆ । କ୍ୱାଲିଟୀ ଅଛି ନିଶ୍ଚୟ । ହେଲେ ଏବେ କିନ୍ତୁ ସେହି କ୍ୱାଲିଟୀ ସନ୍ଦେହଘେରରେ । ଯାହା ଉପରେ ବହୁ ଆଗରୁ ଆମକୁ ସନ୍ଦେହ କରିବାର ଥିଲା । ହେଲେ ଆମେ କିନ୍ତୁ ସେଭଳି ନ କରି, ମୁଖିଆଙ୍କ ମୁଖ୍ୟ ଉଦ୍ଦେଶ୍ୟ ବିଷୟରେ ନ ଜାଣି ଆମେ ତାଙ୍କୁ ଅଯଥାରେ ବିଶ୍ୱାସ କରି ଚାଲିଲୁ ଦୀର୍ଘ ବର୍ଷ ପର୍ଯ୍ୟନ୍ତ ଯାହାର ପରିଣାମ ଆଜି ବି ବହୁ ପଛରେ ପଡ଼ିଛି ଓଡ଼ିଶା । ଯଦିଓ ରାଜ୍ୟରେ ପ୍ରଗତିର ହାର ବୃଦ୍ଧି ପାଇଛି, ହେଲେ ସେହି ଅନୁସାରେ ପ୍ରଗତିର ଭାର ମଧ୍ୟ ବୃଦ୍ଧି ପାଇଛି । ରାଜ୍ୟ ସରକାର କିନ୍ତୁ ସେ ବିଷୟରେ ଆଦୌ ଚିନ୍ତିତ ନୁହଁନ୍ତି । ରାଜ୍ୟ ସରକାର କେବଳ ତାଙ୍କର ଗାଦି ସମ୍ଭାଳିବାରେ ବ୍ୟସ୍ତ ବସିବା ଚିନ୍ତାରେ ସରକାର କିନ୍ତୁ ସଠିକ୍ ଭାବେ ଗାଦି ସମ୍ଭାଳିବାରେ ବ୍ୟସ୍ତ । ମୁଖିଆ ଏଇ ନିକଟରେ ପୁରୀ ପ୍ରକଳ୍ପର ଉଦ୍ଘାଟନ କରିଦେଲେ । ଚାରିପଟକୁ ସୁନ୍ଦର କରିଦେଲେ । ହେଲେ ମୁଖିଆ କେବେ ମନ୍ଦିର ଭିତର କଥା ଜାଣି ନାହାଁନ୍ତି । ମୁଖିଆ କେବେ ମନ୍ଦିର ଭିତର ଅବସ୍ଥା କଥା ଚିନ୍ତା କରୁ ନାହାନ୍ତି । ଭିତର କାନ୍ଥ ଫାଟି ଆଁ । ସିଂହଦ୍ୱାର ପରେ ଏବେ ଉତ୍ତର ଦ୍ୱାରରେ ଫାଟ ସୃଷ୍ଟି ହେଲାଣି । କେତେବେଳେ ଯେ ଭୁଷୁଡ଼ି ପଡ଼ିବ ? କିଏ କହିବ ? ଏଭଳି ସ୍ଥିତିରେ ପ୍ରଥମେ ରାଜ୍ୟ ସରକାରଙ୍କୁ ମନ୍ଦିରର ଭିତର କଥା ଚିନ୍ତା କରିବାର ଥିଲା ହେଲେ ରାଜ୍ୟ ସରକାର ବାହାରଟାକୁ ରଙ୍ଗ କରିଦେଲେ । ଅଥଚ ରାଜ୍ୟ ସରକାର ବାହାରଟାକୁ ସଜାଡ଼ି ଦେଇ ଭିତର କଥା ଭୁଲିଗଲେ । ରାଜ୍ୟ ସରକାର ରାଜଧାନୀ ଭୁବନେଶ୍ୱର କଥା ଭାବି ଗଞ୍ଜାମ କଥା କିନ୍ତୁ ଭୁଲିଗଲେ । ରାଜ୍ୟ ମୁଖିଆ ଲୋନ୍ ପରେ ଲୋନ୍ କରି କେବଳ ରାଜଧାନୀକୁ ସଜାଇବାରେ ବ୍ୟସ୍ତ । ଅଥଚ ତାଙ୍କର ମୂଳମାଟି ଗଞ୍ଜାମ ମାଟିରେ ଯେଉଁ ଉତ୍ପାତ ଚାଲିଛି, ତାହାପୁଣି ନାବାଳକମାନେ ଗଞ୍ଜାମ ମାଟିରେ ରାତି ପାହିଲେ ଯେଭଳି କାଣ୍ଡ କାରନାମା କରୁଛନ୍ତି, ତାହା ଆଜି ରାଜ୍ୟ ସରକାରଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି । ସେମିତି ଯଦି ଲାଗି ରହେ ତେବେ ଆଉ କିଛି ଦିନ ପରେ ଗଞ୍ଜାମ ଅପରାଧରେ ବଦ୍ମାସ୍ ବିହାରକୁ ବି ଟପିଯିବ ଯାହା କେବଳ ରାଜ୍ୟ ସରକାରଙ୍କର ନୁହେଁ, ଗଞ୍ଜାମ ଜିଲ୍ଲା ପ୍ରଶାସନର ଅପାରଗତାକୁ ବି ପଦାରେ ପକାଇବ । ଏଭଳି କ୍ଷେତ୍ରରେ ରାଜ୍ୟ ସରକାରଙ୍କୁ ଲୋକେ ବାରମ୍ବାର ପସନ୍ଦ କରିବା ବାସ୍ତବରେ ଆଶ୍ଚର୍ଯ୍ୟର ବିଷୟ, ବାସ୍ତବରେ ବିସ୍ମୟର ବିଷୟ । ଆମେ କହୁଛୁ ଆମ ରାଜ୍ୟ ସରକାରଙ୍କ କଥା ଯେ କି ରାଜ୍ୟରେ ଦୀର୍ଘ ବର୍ଷ ଧରି ଶାସନ ଗାଦିରେ ବସିଛନ୍ତି ଜମେଇ କରି । ତାଙ୍କର ଏବେ ସମୟ ଆସିଗଲାଣି ଗାଦିରୁ ବିଦାୟ ନେବାପାଇଁ ଯାହା ଜନତାଙ୍କ ମତାମତରୁ ସ୍ପଷ୍ଟ ବାରି ହୋଇ ପଡୁଛି । ତଥାପି ଚେତୁନି ପ୍ରଶାସନ । ରାଜ୍ୟର ଗଞ୍ଜାମ ଜିଲ୍ଲା ଆଜି ଅପରାଧ ପ୍ରବଣ । ତୁଳନାତ୍ମକ ଭାବେ ଅନ୍ୟ ଜିଲ୍ଲାମାନଙ୍କ ତୁଳନାରେ । ଏଥିରୁ ସ୍ପଷ୍ଟ ଅନୁମେୟ ଯେ ରାଜ୍ୟ ପ୍ରଶାସନ ଆଜି ଗଞ୍ଜା ସ୍ଥିତିକୁ ଆସି ଯାଇଛି । ମୁଣ୍ଡ ଚନ୍ଦା ହୋଇଗଲେ ଯାହା ଅବସ୍ଥା ହୁଏ, ଆଜି ସେହିଭଳି କିଛି ସ୍ଥିତିକୁ ଆସିଯାଇଛି ରାଜ୍ୟ ପ୍ରଶାସନ । ଗଞ୍ଜାମ ଜିଲ୍ଲା ପ୍ରଶାସନ କଥା ନକହିବା ଭଲ । ଅତି ଅପାରଗ ସେ ଜିଲ୍ଲା ପ୍ରଶାସନ । ତାକୁ ସାବାଡ଼ କରିବା ଦାୟିତ୍ୱ ହେଉଛି ରାଜ୍ୟ ପ୍ରାଶାସନର । ହେଲେ କ'ଣ କରୁଛି ରାଜ୍ୟ ପ୍ରଶାସନ ।

## ଜ୍ଞାନାମୃତ

# ଆତ୍ମବିଶ୍ୱାସ

ରାଜ୍ ଦରବାରରେ ମଧ ସେହିଭଳି ଗୋଟାଏ ବିଶେଷ କଳାକାର ବର୍ଗର ଲୋକଙ୍କ ଉପସ୍ଥିତି ଜାହିର ହେଉଥିଲା । ବର୍ଷର ବିଭିନ୍ନ ସମୟରେ ସେମାନଙ୍କ ଦ୍ୱାରା ନାଚ ଗୀତର ଆସର ହେଉଥିଲା । ମହାରାଜଙ୍କ ଶାସନ ସମୟରେ ରାଜ୍ୟରେ ସମସ୍ତ ଜନତା ବେଶ୍ ଖୁସିରେ ଜୀବନଯାପନ କରୁଥିଲେ । କାହା ପକ୍ଷରୁ ରାଜାଙ୍କ ବିପକ୍ଷରେ ସେଭଳି କୌଣସି ଅଭିଯୋଗ ନ ଥିଲା । ମହାରାଜ ତାଙ୍କର ପଡ଼ୋଶୀ ରାଜ୍ୟ ସହିତ ମଧ ବେଶ୍ ଭଲ ସମ୍ପର୍କରେ ରହିଥିଲେ । କାହା ସହିତ ତାଙ୍କର ସେଭଳି ଯୁଦ୍ଧ ପରିସ୍ଥିତି ସୃଷ୍ଟି ହେଉନଥିଲା । ସେଣୁ ବର୍ଷର ବିଭିନ୍ନ ସମୟରେ ମହାରାଜ ତାଙ୍କ ପଡ଼ୋଶୀ ରାଜାଙ୍କ ଆତିଥେୟତା ସ୍ୱିକାର କରୁଥିଲେ । ଥରେ ସେହି କ୍ରମରେ ମହାରାଜ ମହୀସେନ୍ ତାଙ୍କର ଜଣେ ପଡ଼ୋଶୀ ରାଜାଙ୍କ ନିକଟକୁ ଏକ ଉତ୍ସବରେ ଯୋଗ ଦେବାକୁ ଯାଇଥିଲେ । ସେଠାରେ ବି ଚାଲିଥିଲା ନାଚ ଗୀତର ଆସର । ରାଜାଙ୍କ ସହ ଯାଇଥିଲେ ଜଣେ ଗାୟକ କଳାକାର ଯେ କି ପଡ଼ୋଶୀ ରାଜାଙ୍କ ଦରବାରରେ ଆୟୋଜିତ ହେବାକୁ ଥିବା ସଙ୍ଗୀତ କାର୍ଯ୍ୟକ୍ରମରେ ଭାଗ ନେବାର ଯୋଜନା ଥିଲା । ଉଭୟ କଳାକାର ରାଜ ଦରବାରରେ ଅତି ଉତ୍ସାହର ସହ ସଙ୍ଗୀତ ପରିବେଷଣ କରିଥିଲେ । ହେଲେ ପଡ଼ୋଶୀ ରାଜା ମହୀସେନଙ୍କ ସହ ଯାଇଥିବା କଳାକାରଙ୍କ କଳାକୁ ପ୍ରଶଂସା କରୁଥିଲାବେଳେ ମହାରାଜ କିନ୍ତୁ ପଡ଼ୋଶୀ ରାଜାଙ୍କ ଗାୟକ କଳାକାରଙ୍କୁ ବେଶ୍ ପ୍ରଶଂସା କରିଥିଲେ ଏବଂ ତାଙ୍କୁ ନିଜ ସାଙ୍ଗରେ ନେବାକୁ ଇଚ୍ଛା ପ୍ରକାଶ କରିଥିଲେ । ସେପାଇଁ ତାଙ୍କୁ ଅଧିକ ମୂଲ୍ୟ ଦେବକୁ ମଧ ଇଚ୍ଛା ପ୍ରକାଶ କରିଥିଲେ । ହେଲେ ପଡ଼ୋଶୀ କଳାକାର ମହାରାଜଙ୍କ ପ୍ରସ୍ତାବକୁ ଗ୍ରହଣ କରିନଥିଲେ ଯେହେତୁ ତାଙ୍କ ସ୍ଥାନରେ ସେ ପୂରା ସ୍ୱାଧୀନ ଥିଲେ । ମହାରାଜ କିନ୍ତୁ ସେଭଳି ସ୍ୱାଧୀନତା ସେହି କଳାକାରଙ୍କୁ ଯେ ଦେଇପାରିବେ, ସେଭଳି ଆଶା କରାଯାଇନପାରେ । ଏଣୁ କଳାକାରଙ୍କ ସ୍ୱାଧୀନତା ଉପରେ ବୁଝାମଣା କରାଯାଇନପାରେ । କାରଣ କଳାକାରଙ୍କ ଜୀବନଧାରା ଏକ ଭିନ୍ନସ୍ୱାଦର ଜୀବନଧାରା । ଯେଉଁଥିରେ ସର୍ବଦା ସ୍ୱାଧୀନତାର ଛାପ ଦେଖିବାକୁ ମିଳେ । ସେମାନେ ସର୍ବଦା ସ୍ୱାଧୀନତାରେ ବିଶ୍ୱାସ କରନ୍ତି ଏବଂ ସେହିଭଳି କଳାତ୍ମକ ଢଙ୍ଗରେ ପରିଚାଳନା କରନ୍ତି । ଏଣୁ କେବେ କେବେ ବିଶ୍ୱାସରେ ବି ଲୁଚିରହିଥାଏ ଆତ୍ମ ବିଶ୍ୱାସ ଯାହା ବଳରେ ମଣିଷ କିଛି ନା କିଛି କରିପାରେ । ମଣିଷର ଆତ୍ମବିଶ୍ୱାସ ବଳରେ ସେ ଜୀବନରେ ଶୀର୍ଷ ଅବସ୍ଥାକୁ ଯାଇପାରେ ଏବଂ ଆତ୍ମ ବିଶ୍ୱାସ ଅଭାବରୁ କିନ୍ତୁ ସେ ଜୀବନରେ ତଳକୁ ତଳକୁ ଖସି ଖସି ଯାଇପାରେ ।

# ଗୁଣ୍ଡୁରିଆ ଶହୀଦ ଦିବସ

**ଅଧ୍ୟାପକ ଗୋପବନ୍ଧୁ**

ସମସ୍ତ ଦିନପରି ସେଦିନବି ବ୍ୟତିକ୍ରମହୀନ ଭାବେ ସୂର୍ଯ୍ୟ ଉଇଁ ଥିଲା । କୋମଳ ପ୍ରଭାତରେ କୌଣସି ଅଶୁଭ ସଙ୍କେତ ନଥିଲା । ସମସ୍ତ ଦିନପରି ସେଦିନ ବି ଗୁଣ୍ଡୁରିଆବାସୀ କର୍ମମୁଖର ହୋଇ ଉଠିଥିଲେ । କେହି ସ୍ୱପ୍ନରେ ବି ଭାବିନଥିଲେ ଆଜି ଗୁଣ୍ଡୁରିଆ ମାଟି ଶହ ଶହ ମୟୂରଭଞ୍ଜ ବାସୀଙ୍କ ରକ୍ତରେ ସିକ୍ତ ହୋଇଯିବ । କେହି କଳ୍ପନା କରିନଥିଲେ ସ୍ୱାଧୀନୋତ୍ତର ଭାରତବର୍ଷର ଇତିହାସରେ ଗୁଣ୍ଡୁରିଆ ଗାଁ ଅତ୍ୟନ୍ତ ମର୍ମନ୍ତୁଦ ଓ ଲୋମହର୍ଷଣକାରୀ ଗଣହତ୍ୟାର ମୂକସାକ୍ଷୀ ପାଲଟି ଯିବ । ସେଦିନ ଥିଲା ୧୯୪୯ ମସିହା ଫେବୃଆରୀ ୬ ତାରିଖ । ସୂର୍ଯ୍ୟଙ୍କ କିରଣର ପ୍ରଖରତା ବୃଦ୍ଧି ସହିତ ଗୁଣ୍ଡୁରିଆ ଗ୍ରାମକୁ ଲୋକମାନଙ୍କ ଆଗମନ ବୃଦ୍ଧି ପାଇଥିଲା । ଦ୍ୱିପ୍ରହର ବେଳକୁ ଅନତୀ ଦୂରରେ ବହିଯାଇଥିବା ତଟିନୀ ନିକଟରେ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇ ଯାଇଥିଲା । ଆବାଳବୃଦ୍ଧ ବନିତା ମୟୂରଭଞ୍ଜର କୋଣ ଅନୁକୋଣରୁ ଆସି ଉପସ୍ଥିତ ହୋଇଥିଲେ । ମାଆମାନେ ଶିଶୁମାନଙ୍କୁ କୋଳରେ ଧରି ଓ ବୃଦ୍ଧ ବୃଦ୍ଧା ମାନେ ଯୁବକ ଯୁବତୀମାନଙ୍କ ସହୟତାରେ ଆସି ପହଞ୍ଚି ଥିଲେ । କାରଣ ଆନ୍ଦୋଳନକାରୀଙ୍କ ତରଫରୁ 'ଗଣ୍ଠିଚଲା' ହୋଇଥିଲା । ଏହା ଏକପ୍ରକାର ଗୁରୁତ୍ୱପୂର୍ଣ୍ଣ ସନ୍ଦେହ ପ୍ରେରଣ । ମୟୂରଭଞ୍ଜର ଆଦିବାସୀମାନେ କୌଣସି ଜରୁରୀ ସନ୍ଦେଶ ପଠାଇବା ପାଇଁ ଗଣ୍ଠି ଚଳାଇ ଥାନ୍ତି । ଯାହା ଆଦିବାସୀ ସମାଜରେ ଏବେବି ପ୍ରଚଳିତ ଅଛି । ଖବର ପାଇ ପ୍ରତିଘରୁ ଅନ୍ତତଃ ପକ୍ଷେ ଜଣେ ଯୋଗଦେବାକୁ ବାଧ ହୋଇଥିଲେ ।ରାଇରଙ୍ଗପୁର ସହରଠାରୁ ପ୍ରାୟ ଛଅ କି.ମି. ଦୂର ଗୁଣ୍ଡୁରିଆ ଗ୍ରାମ । ପାହାଡ଼, ଜଙ୍ଗଲ ଓ ପ୍ରାନ୍ତର ଘେରା ଶାନ୍ତ ସଭାସ୍ଥଳ । ଜନସମାଗମ ପାଇଁ ଉପଯୁକ୍ତ ସ୍ଥାନ । ସଭାକୁ ଅଧିକ ଶାନ୍ତିପୂର୍ଣ୍ଣ କରିବା ପାଇଁ ନିଜ ନିଜର ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧନୁତୀର, ଟାଙ୍ଗିଆ, କୁରାଢି, କଟୁରୀ, ଲାଠି ପ୍ରଭୃତିକୁ ଜନସାଧାରଣ ଗ୍ରାମ ମଧ୍ୟରେ ଗ୍ରାମ ଦେବତୀ ନିକଟରେ ଛାଡ଼ି ଆସିଥିଲେ । ସମସ୍ତେ ଥିଲେ ନିରସ୍ତ୍ର । ଠେଙ୍ଗାଟିଏ ବି କାହାରି ପାଖରେ ନଥିଲା । ପ୍ରତ୍ୟକ୍ଷ ଦର୍ଶୀଙ୍କଠାରୁ ଶୁଣାଯାଏ ପରେ ସ୍ଥାନୀୟ ପ୍ରଶାସନ ଉକ୍ତ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଗୁଡ଼ିକୁ ଜବଦ କରି ଟ୍ରକରେ ବୋଝେଇ କରି ନେଇଥିଲେ । ଏଥିରୁ ଅନୁମାନ କରାଯାଇ ପାରେ ଯେ କେତେ ସଂଖ୍ୟକ ଲୋକ ଉକ୍ତ ସଭାରେ ଯୋଗ ଦେଇଥିଲେ । ତତକାଳୀନ ରାଇରଙ୍ଗପୁର ଏସଡିଓ ଖବର ପାଇ ସଭାସ୍ଥଳକୁ ପୋଲିସ ଫୋର୍ସ ପଠାଇଥିଲେ । ଦିନ ଗୋଟାଏ ବେଳକୁ ପୋଲିସ ଫୋର୍ସ ସଭାଠାରୁ ଅଳ୍ପ ଦୂରରେ ଆସି ପହଞ୍ଚି ଯାଇଥିଲେ । ଉପସ୍ଥିତ ଜନସାଧାରଣ ମଧ୍ୟ ପୋଲିସ ଫୋର୍ସର ଉପସ୍ଥିତି ସମ୍ବନ୍ଧରେ ଅବଗତ ହୋଇ ସାରିଥିଲେ । ଭୟ କରିବାର କୌଣସି କାରଣ ନଥିଲା । ଯେହେତୁ ସେମାନେ ଥିଲେ ସ୍ୱାଧିନ ଭାରତର ସ୍ୱାଧୀନ ନାଗରିକ । ନିରସ୍ତ୍ରଭାବେ ସଂଗଠିତ ହେବା ତାଙ୍କ ଗଣତାନ୍ତ୍ରିକ ଅଧିକାର ଥିଲା । ପୋଲିସ ମଧ୍ୟ ଇଂରେଜ ନଥିଲେ କିମ୍ବା ତାଙ୍କ ମଧ୍ୟରେ ଜେନେରାଲ ଡାୟାର ନଥିଲେ ।ପୋଲିସ ପକ୍ଷରୁ ଡାକବାଜୀ ଯନ୍ତ୍ର ଯୋଗେ ସତର୍କ କରାଯାଇ ନଥିଲା । ସମବେତ ଜନତାଙ୍କୁ ଘୋଡାଇବା ପାଇଁ ଲୁହବୁହା ବାଷ୍ପ ପ୍ରୟୋଗ କିମ୍ବା ଲାଠିଚାଳନା କରାଯାଇ ନଥିଲା । ଉପସ୍ଥିତ ଜନତା ମଧ୍ୟ ପୋଲିସ ଫୋର୍ସ ସହିତ ମୁକାବିଲା କରିବାର ପ୍ରୟାସ କରି ନଥିଲେ । ଜନବସତି ଶୂନ୍ୟ ସ୍ଥାନରେ ଭଙ୍ଗାରୁଜା କରିବାର କିମ୍ବା ଏଥିପାଇଁ କର୍ଫ୍ୟୁ ଜାରି କରିବାର ପରିବେଶ ନଥିଲା । ତଥାପି ହଠାତ୍ ନିରୀହ ଓ ନିରସ୍ତ୍ର ଜନସାଧାରଣଙ୍କ ଉପରେ ଗୁଳି ବର୍ଷଣ ଆରମ୍ଭ ହୋଇଗଲା । ମେସିନଗନର ବିକଟ ଗର୍ଜନ ସହିତ ହଜାର ହଜାର ଜନସାଧାରଣଙ୍କ ଆର୍ତ୍ତନାଦରେ ପ୍ରକମ୍ପିତ ହୋଇ ଉଠିଲା ଗୁଣ୍ଡୁରିଆ ଗ୍ରାମ । ପାହାଡ, ଜଙ୍ଗଲ ଓ ପ୍ରାନ୍ତର ମଧ୍ୟରେ ଗୋଳା ବର୍ଷଣର ବିକଟ ଶବ୍ଦ ଓ ଜନସାଧାରଣଙ୍କ ବିରତବିହୀନ ଆର୍ତ୍ତନାଦ ବାରମ୍ବାର ପ୍ରତିଧ୍ୱନିତ ହେବାକୁ ଲାଗିଲା । ହଜାର ହଜାର ମାଆ, ଶିଶୁ, ବୃଦ୍ଧ ଓ ବୃଦ୍ଧାଙ୍କ କରୁଣ କ୍ରନ୍ଦନ ବିଜୟର ଗର୍ବ ଅନୁଭବ କରୁଥିବା ପୋଲିସ ଫୋର୍ସର କର୍ଣ୍ଣଭେଦ କରି ପାରିନଥିଲା । ଗୁଳି ମାଡରେ ଟଳି ପଡିଲେ ଶହ ଶହ ସ୍ୱାଧୀନ ଭାରତର ସ୍ୱାଧୀନ ନାଗରିକ । ସମ୍ମୁଖିଯରେ ଟଳି ପଡିଲେ କେତେ ମାଆ, ବାପା, ସ୍ୱାମୀ, ଶିଶୁ ଓ ଆତ୍ମୀୟ ସ୍ୱଜନ । ଏମାନଙ୍କ ରକ୍ତ ପ୍ଲାବିତ ହେଲା ଗୁଣ୍ଡୁରିଆ ମାଟିରେ । ଲାଲ ହୋଇଗଲା ନଦୀର ଜଳ । ଏହା ସହିତ ବିଶ୍ୱମାନବ ଇତିହାସରେ ଲିପିବଦ୍ଧ ହୋଇଗଲା ଏକ ଲୋମହର୍ଷଣକାରୀ ବର୍ବୋରଚିତ ଗଣହତ୍ୟାର କାହାଣୀ ।ଭାରତବର୍ଷର ଚୁକ୍ତି ଖସଡାରେ ଭାରତବର୍ଷ ଭିତରେ ଥିବା ଗଡ଼ଜାତ ରାଜ୍ୟଗୁଡ଼ିକ ଚାହିଁଲେ ଭାରତବର୍ଷ ସହିତ ମିଶିବାର କିମ୍ବା ସ୍ୱାଧୀନ ରହିବାର ଉଲ୍ଲେଖ ଥିଲା । ସ୍ୱାଧୀନତା ପରେ ଅନେକ ଗଡ଼ଜାତ ସ୍ୱେଚ୍ଛାକୃତଭାବେ ଭାରତୀୟ ରାଷ୍ଟ୍ରସଂଘ ଅନ୍ତର୍ଗତ ବିଭିନ୍ନ ରାଜ୍ୟ ସହିତ ସାମିଲ୍ ହୋଇ ଯାଇଥିଲେ । କେତେକ ଗଡଜାତ ରାଜ୍ୟକୁ ତତକାଳୀନ ଗୃହମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ବଳ ପୂର୍ବକ ଭାରତୀୟ ରାଷ୍ଟ୍ରସଂଘର ଅନ୍ତର୍ଭୁକ୍ତ କରାଇଥିଲେ । ମୟୂରଭଞ୍ଜ ସେସମୟରେ ଗଡଜାତ ରାଜ୍ୟ ଥିଲା । ଜିଲ୍ଲାବାସୀ ଭାରତୀୟ ରାଷ୍ଟ୍ରସଂଘରେ ସାମିଲ ହେବାକୁ ବିରୋଧ କରିନଥିଲେ । ଏମାନେ ଚାହୁଁଥିଲେ ସ୍ୱତନ୍ତ୍ର ରାଜ୍ୟ ଅଥବା କେନ୍ଦ୍ରଶାସିତ ଅଞ୍ଚଳର ମାନ୍ୟତା ପାଇବା ପାଇଁ । ଅବଶ୍ୟ କେତେକ ଆଦିବାସୀ ନେତା ଜିଲ୍ଲାକୁ ବିହାର ସହିତ ମିଶାଇବା ପାଇଁ ଦାବି କରୁଥିଲେ । ମୟୂରଭଞ୍ଜ ରାଜା ଶାସନ କ୍ଷମତା ପ୍ରଜା ପରିଷଦ ହାତରେ ଅର୍ପଣ କରିଥିଲେ । ବହୁ ଛକାପଞ୍ଝା ପରେ ମୟୂରଭଞ୍ଜ ଶେଷ ଗଡ଼ଜାତ ଭାବେ ଜାନୁୟାରୀ ଏକ ତାରିଖ ୧୯୪୯ ମସିହାରେ ଭାରତୀୟ ରାଷ୍ଟ୍ରସଂଘ ସହିତ ମିଶିଲା ଓ ଓଡିଶାର ଏକ ଜିଲ୍ଲାଭାବେ ପରିଗଣିତ ହେଲା । ଶାସନ କ୍ଷମତା ଓଡିଶା ସରକାରଙ୍କ ହାତକୁ ଗଲା । ଜିଲ୍ଲାର ଆଦିବାସୀମାନେ ଏହାକୁ ଗ୍ରହଣ କରିପାରି ନଥିଲେ । ଏହା ବିରୁଦ୍ଧରେ ମୁଣ୍ଡ ଟେକିଲା 'ଭଞ୍ଜ ଦିଶମ୍ ଆବୁଆ'(ଭଞ୍ଜ ଭୂମି ଆମର) ଆନ୍ଦୋଳନ । ବିଭିନ୍ନ ସ୍ଥାନରେ ସଭା ସମିତିମାନ ହେବାରେ ଲାଗିଲା । ସ୍ୱର୍ଗତ ସୁନାରାମ ସୋରେନ ଏହାର ନେତୃତ୍ୱ ନେଇଥିଲେ । ଲକ୍ଷ ଲକ୍ଷ ଲୋକ ଏଥିରେ ସାମିଲ ହେଲେ । ଆନ୍ଦୋଳନକୁ ପ୍ରତିହତ କରିବା ପାଇଁ ଓଡିଶା ସରକାର ସୁନାରାମ ସୋରେନଙ୍କୁ ଗିରଫ କରିନିଅନ୍ତି । ଏହାର ପ୍ରତିବାଦରେ ଆନ୍ଦୋଳନକାରୀମାନେ ରାଇରଙ୍ଗପୁରଠାରେ ଫେବ୍ରୁୟାରୀ ୬, ୧୯୪୯ ରେ ଏକ ସାଧାରଣ ସଭାର ଆହ୍ୱାନ କରନ୍ତି । ସଭା କରାଇ ନଦେବା ପାଇଁ ତତ୍କାଳୀନ ପ୍ରଶାସନ ପକ୍ଷରୁ ସହରରେ ୧୪୪ ଧାରା ଜାରି କରାଯାଏ । ୧୪୪ ଧାରାକୁ ସମ୍ମାନ ଜଣାଇ ଆନ୍ଦୋଳନକାରୀ ମାନେ ଗୋଟିଏ ଦିନ ମଧ୍ୟରେ ପ୍ରସ୍ତାବିତ ସଭାକୁ ୬ କି.ମି. ଦୂର ଗୁଣ୍ଡୁରିଆ ଗ୍ରାମକୁ ସ୍ଥାନାନ୍ତରିତ କରିଥିଲେ । ଗଣତାନ୍ତ୍ରିକ ମୂଲ୍ୟବୋଧକୁ ନଜରରେ ରଖି ଲକ୍ଷାଧିକ ଲୋକ ନିରସ୍ତ୍ର ଭାବେ ରୁଣ୍ଡ ହୋଇଥିଲେ ।ଏହି ଗୁଳିକାଣ୍ଡରେ କେତେ ଲୋକ ମୃତ୍ୟୁବରଣ କରିଥିଲେ ତାହାର ସଠିକ ପରିସଂଖ୍ୟାନ ନାହିଁ । ସରକାରୀ ପରିସଂଖ୍ୟାନ ବହୁତ କମ ବୋଲି ଅଭିଯୋଗ ହୁଏ । ଏହି ସଂଖ୍ୟାଠାରୁ ବହୁ ଅଧିକ ଲୋକ ମୃତ୍ୟୁବରଣ କରିଥିଲେ ବୋଲି ପ୍ରତ୍ୟକ୍ଷଦର୍ଶୀମାନେ କହନ୍ତି । ଯେତିକି ସଂଖ୍ୟାରେ ଲୋକ ମୃତ୍ୟୁବରଣ କରିଥିଲେ ତାହାର ତିନିଗୁଣା ଲୋକ ଆହତ ହୋଇଥିଲେ । ଏମାନେ ଭୟରେ ଜଙ୍ଗଲ ମଧ୍ୟକୁ ପଳାଇ ଦୀର୍ଘଦିନ ଧରି ଆତ୍ମଗୋପନ କରିଥିଲେ । ଉପଯୁକ୍ତ ଚିକିତ୍ସା ଓ ଖାଦ୍ୟର ଅଭାବରେ ଏମାନଙ୍କ ମଧ୍ୟରୁ ଅନେକେ ମୃତ୍ୟୁବରଣ କରିଥିଲେ । ଏହି ଘଟଣାର ଦୀର୍ଘବର୍ଷ ପରେ ଏହି ଆନ୍ଦୋଳନର ଯଥାର୍ଥତା କେତେ ଥିଲା ଏହା ଉପରେ ଭିନ୍ନ ମତ ଆସି ପାରେ, କିନ୍ତୁ ଯେଉଁ ମାନସିକତାକୁ ନେଇ ଗୁଳିବର୍ଷଣ ହୋଇଥିଲା ତାହା ଆଦୌ ଗ୍ରହଣୀୟ ନଥିଲା । ଏହାଥିଲା ଅତ୍ୟନ୍ତ ବର୍ବୋରଚିତ ଓ ଅମାନବୀୟ । ଏହାରି ମଧ୍ୟରେ ଅନେକ ଗୁଡ଼ିଏ ଫେବୃଆରୀ ୬ ତାରିଖ ଅତିବାହିତ ହୋଇଯାଇଛି । ପ୍ରତିବର୍ଷ ଏହିଦିନ ଗୁଳିକାଣ୍ଡ ସ୍ଥାନରେ ଶହିଦ ଦିବସ ପାଳିତ ହୋଇ ଆସୁଛି । ହଜାର ହଜାର ଲୋକ ବିଭିନ୍ନ ପ୍ରାନ୍ତରରୁ ଆସି ଏଠାରେ ଏକତ୍ରୀତ ହୁଅନ୍ତି ନିଜ ଅଗ୍ରଜ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ, ତାଙ୍କ ସ୍ମୃତିଚାରଣ କରିବା ପାଇଁ । ଏହାକୁ ସ୍ମାରକୀ ଦିବସ ରୂପେ ପାଳନ କରିବା ପାଇଁ ମୁଁ ମଧ୍ୟ ସେ ସ୍ଥାନକୁ ଯାଇଛି । ଶୋକ-ଗମ୍ଭିର ପରିବେଶ ମଧ୍ୟରେ ଅତୀତର ସେହି ମର୍ମନ୍ତୁଦ ଗୁଳିକାଣ୍ଡର ଦୃଶ୍ୟକୁ ମାନସପଟରେ ଉଦ୍ଭାବିତ କରିଛି ଏବଂ ଅଜାଣତରେ ଚକ୍ଷୁଦ୍ୱୟରୁ ଝରିପଡିଥିବା କେଇଟୋପା ଲୁହ ଅତୀତର ସେହି ରକ୍ତସିକ୍ତ ମାଟିରେ ତର୍ପଣ କରି ଜିଲ୍ଲାର ସେହି ନିରୀହ ଓ ନିଷ୍ପାପ ଅଗ୍ରଜମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛି ।

ବାରିପଦା, ମୟୂରଭଞ୍ଜ, ମୋ. ୭୦୦୮୯୭୬୧୮୦ ଦର୍ଶନ ବିଭାଗ (ଅବସରପ୍ରାପ୍ତ)

# ଅଜ୍ଞାନ ଅନ୍ଧକାର ଦୂରକରେ ଶିକ୍ଷା

**ହିମାଂଶୁ ଶେଖର ଆଚାର୍ଯ୍ୟ**

ଯେକୌଣସି ଦେଶର ବିକାଶ ଏହାର ସମୃଦ୍ଧ ମାନବ ସମ୍ବଳ ଉପରେ ହିଁ ନିର୍ଭର କରିଥାଏ । ଏଥିପାଇଁ ଶିକ୍ଷା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ମୌଳିକ ଅଧିକାର । ତେଣୁ ସମସ୍ତେ କିଭଳି ଲେଖିବା , ପଢିବା ଜାଣିବେ ତାହା ପୃଥିବୀର ପ୍ରତିଟି ଦେଶର ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯାଇଥାଏ । କୁହାଯାଏ ଶିକ୍ଷା ଅଜ୍ଞାନ ଅନ୍ଧକାର ଦୂରକରିବାରେ ସହାୟକ ହୋଇଥାଏ । ବିଶେଷକରି କମ୍ପ୍ୟୁଟର, ଇ ରନେଟ୍,ମୋବାଇ ଲ,ହ୍ୱାଟସଆପ୍, ଫେସବୁକ୍ ଓ ଟ୍ୱିଟର ସମଗ୍ର ବିଶ୍ୱକୁ ଏକ ଛୋଟିଆ ଗାଆଁରେ ପରିଣତ କରିଥିବା ବେଳେ ସାକ୍ଷରତା ଶିକ୍ଷାର ଗୁରୁତ୍ୱ ଆହୁରି ବଢିଯାଇଅଛି । ଏହାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ଜାନୁଆରୀ ୨୪ରେ ଆନ୍ତର୍ଜାତୀୟ ଶିକ୍ଷାଦିବସ ପାଳନ କରାଯାଇଥାଏ । ଗତକାଲି ଏହି ଦିବସ ପାଳିତ ହୋଇଯାଇଛି । ଏଠାରେ ସୂଚନାଯୋଗ୍ୟ ଯେ , ୨୦୧୮ ଡିସେମ୍ବର ୩ତାରିଖରେ ମିଳିତ ଜାତିସଂଘର ସାଧାରଣ ସଭାରେ ଏହି ଦିବସ ପାଳନ ଲାଗି ଏକ ସଂକଳ୍ପ ଗ୍ରହଣ କରାଯାଇଥିଲା । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବିଶ୍ୱଶାନ୍ତି ଏବଂ ନିରନ୍ତର ବିକାଶ କ୍ଷେତ୍ରରେ ଶିକ୍ଷାର ଭୂମିକା ସମ୍ପର୍କରେ ସଚେତନାତା ସୃଷ୍ଟି କରିବା । ସୂଚନା ଅନୁସାରେ ବିଶ୍ୱର ୨୫୮ ନିୟୁତ ଶିଶୁ ଏବଂ ଯୁବକ ପାଠ ପଢିବା ଜାଣିନାହାଁନ୍ତି । ସେମାନଙ୍କ ଲାଗି ସ୍କୁଲ ଯିବା ସୁବିଧା ନାହିଁ । ସେହିପରି ୬୧୭ନିୟୁତ ଶିଶୁ ଏବଂ କିଶୋର ପଢି ଜାଣନ୍ତି ନାହିଁ । ଏପରିକି ମୌଳିକ ଗଣିତ ସମ୍ପର୍କରେ ସେମାନେ କିଛି ବି ଜାଣିନାହାଁନ୍ତି । ସେହିପରି ଆଫ୍ରିକାରେ ୪୦ପ୍ରତିଶତର କମ୍ ମହିଳା ନିମ୍ନମାଧ୍ୟମିକ ବିଦ୍ୟାଳୟରେ ପଢା ଶେଷ କରିଥାନ୍ତି ଏବଂ ୪ନିୟୁତ ଶିଶୁ ଏବଂ ଯୁବଶରଣାର୍ଥୀ ବିଦ୍ୟାଳୟକୁ ଯାଉନାହାଁନ୍ତି । ଏହା ଦ୍ୱାରା ସେମାନଙ୍କର ଶିକ୍ଷା ଅଧିକାର ଉଲଘଂନ ହେଉଛି । ଏବେବି ବିଶ୍ୱରେ ନିରକ୍ଷରଙ୍କ ସଂଖ୍ୟା ପ୍ରାୟ ୭୫ କୋଟିରୁ ଉର୍ଦ୍ଧ୍ୱ । ପ୍ରତି ପା ଜଣ ପ୍ରାପ୍ତ ବୟସ୍କ ଲୋକଙ୍କ ମଧ୍ୟରେ ଜଣେ ନିରକ୍ଷର । ଅନ୍ୟୁନ ୭କୋଟି ଶିଶୁ ନିମ୍ନ ପ୍ରାଥମିକ ଶିକ୍ଷାରୁ ବ ିତ । କେତେ ଶିଶୁ ପ୍ରାଥମିକ ସ୍ତରରୁ ହିଁ ଶିକ୍ଷା ଛାଡୁଛନ୍ତି ତାହାର କୌଣସି ହିସାବ ନାହିଁ । ପରିସଂଖ୍ୟାନ ତଥ୍ୟରୁ ଜଣାପଡେ ଦକ୍ଷିଣ ଓ ପଶ୍ଚିମ ଏସିଆରେ ପ୍ରାପ୍ତ ବୟସ୍କ ନିରକ୍ଷରଙ୍କ ସଂଖ୍ୟା ସର୍ବାଧିକ । ଏହା ପଛକୁ ଅଛନ୍ତି ଆରବ ଓ ଆଫ୍ରିକାନ୍ ରାଷ୍ଟ୍ରସମୂହ । ବର୍କିନା ଫାସୋ, ନିଗର ଓ ମାଲିରେ ସାକ୍ଷରତା ହାର ବିଶ୍ୱରେ ସବୁଠାରୁ କମ୍ ଯଥାକ୍ରମେ ୧୨.୮ ପ୍ରତିଶତ, ୧୪.୪ ପ୍ରତିଶତ ଓ ୧୯ ପ୍ରତିଶତ । କିନ୍ତୁ ବିଶ୍ୱର ସାକ୍ଷରତା ହାର ୮୪ ପ୍ରତିଶତକୁ ବିଚାରକୁ ନେଲେ ସ୍ୱୀକାର କରିବାକୁ ହେବ ଯେ ଆମକୁ ଆହୁରି ଅନେକ ବାଟ ଯିବାକୁ ଅଛି । ଏକ ସର୍ବେକ୍ଷଣରୁ ଯଣାପଡିଛିଯେ ଏବେବି ଆମ ଦେଶରେ ପ୍ରାୟ ୨୮ କୋଟିରୁ ଉର୍ଦ୍ଧ୍ୱ ଲୋକ ନିରକ୍ଷର ଅଛନ୍ତି । ଏହି ପରିପ୍ରେକ୍ଷୀରେ ବିଶ୍ୱରେ ଯୁକ୍ତରାଷ୍ଟ୍ର ଆମେରିକା, ଗ୍ରେଟବ୍ରିଟେନ, ସୋଭିଏତ୍ ଋଷ, ସୁଇଡେନ, କାନାଡା ପ୍ରଭୃତି ଦେଶରେ ସାକ୍ଷରତା ହାର ଯଥାକ୍ରମେ ୯୯ ପ୍ରତିଶତ, ୯୯ ପ୍ରତିଶତ, ୯୯.୬ ପ୍ରତିଶତ, ୯୯ ପ୍ରତିଶତ ରହିଛି । ଏପରିକି କାନାଡା, ନିଉଜିଲ୍ୟାଣ୍ଡ ଓ ବର୍ମା ପ୍ରଭୃତି ଦେଶରେ ସାକ୍ଷରତା ହାର ହେଉଛି ଯଥାକ୍ରମେ ୯୯ ପ୍ରତିଶତ, ୯୯ ପ୍ରତିଶତ ଓ ୮୯ ପ୍ରତିଶତ । ଏହି ପରିପ୍ରେକ୍ଷୀରେ ଆମ ଦେଶକଥା ବିଚାରକୁ ନେଲେ ୨୦୧୧ ଜନଗଣନା ଅନୁସାରେ ଆମ ଦେଶର ସାକ୍ଷରତା ହାର ୭୪.୦୪ ପ୍ରତିଶତ । ତନ୍ମଧ୍ୟରୁ ପୁରୁଷ ସାକ୍ଷରତା ହାର ୮୨.୧୪ ପ୍ରତିଶତ ହୋଇଥିବା ବେଳେ ନାରୀ ସାକ୍ଷରତା ହାର ୬୫.୪୬ ପ୍ରତିଶତ । ଏଥିରୁ ଅନୁମେୟ ପୃଥିବୀର ଅନ୍ୟ ଦେଶ ତୁଳନାରେ ଭାରତର ନିରକ୍ଷରତା ସମସ୍ୟା ଉତ୍କଟତର । ସେହିପରି ଆମ ପ୍ରଦେଶ ଓଡ଼ିଶା କଥା ଚିନ୍ତାକଲେ ଅନ୍ୟ ରାଜ୍ୟ ତୁଳନାରେ ଆମେ ପଛରେ । କେରଳ ଓ ମିଜୋରାମରେ ସାକ୍ଷରତା ହାର ଯଥାକ୍ରମେ ୯୩.୯୧ ପ୍ରତିଶତ ଓ ୯୧.୬ ପ୍ରତିଶତ ହୋଇଥିବା ବେଳେ ବିହାରରେ ସର୍ବନିମ୍ନ ସାକ୍ଷରତା ହେଉଛି ୬୩.୮୨% । ଆମ ଓଡିଶାର ସାକ୍ଷରତା ହାର ୭୩.୫ ପ୍ରତିଶତ ଯାହାକି ଜାତୀୟ ହାର ଠାରୁ କମ୍ । ଏମାନଙ୍କ ମଧ୍ୟରୁ ପୁରୁଷ ସାକ୍ଷରତା ହାର ୮୨.୪ ପ୍ରତିଶତ ଓ ମହିଳା ସାକ୍ଷରତା ହାର ୬୪.୩୬ ପ୍ରତିଶତ ।ମାନବ ଜାତିର ସର୍ବାଙ୍ଗୀନ ବିକାଶର ଉତ୍ସ ହେଉଛି ଶିକ୍ଷା । ପ୍ରତ୍ୟେକ ମଣିଷକୁ ଶିକ୍ଷାର ଅଙ୍ଗନକୁ ଆଣିବା ପାଇଁ ସବୁସ୍ତରରେ ଉଦ୍ୟମ ଜାରି ରହିଛି । ଏସବୁ ସତ୍ତ୍ୱେ ବିଶ୍ୱ ସ୍ତରରେ ପ୍ରତି ୫ଜଣ ବୟସ୍କଙ୍କ ମ୍ଧ୍ୟରେ ଜଣେ ଅଶିକ୍ଷିତ ଅଛନ୍ତି । ଆମ ଦେଶ ଓ ରାଜ୍ୟ କଥା ଆହୁରି ତଦ୍ରୁପ । ଏହି ସମସ୍ୟାର ସମାଧାନ ପାଇଁ ପ୍ରାକ୍ ସ୍ୱାଧୀନତା କାଳରୁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ୧୯୭୮ ମସିହା ଅକ୍ଟୋବର ୨ ତାରିଖରେ ଭାରତ ସରକାର ବହୁଚର୍ଚ୍ଚିତ ପ୍ରୌଢ ଶିକ୍ଷା କାର୍ଯ୍ୟକ୍ରମ ଓ ୧୯୮୭ ମଇ ମାସ ୫ ତାରିଖରୁ ଦେଶରେ ସାକ୍ଷରତା ମିଶନ୍ କାର୍ଯ୍ୟକାରୀ ହେଉଛି । ପରବର୍ତ୍ତୀ କାଳରେ ସମ୍ପୂର୍ଣ୍ଣ ସାକ୍ଷରତା ଯୋଜନା, ନିରନ୍ତର ଶିକ୍ଷା କାର୍ଯ୍ୟକ୍ରମ ଭଳି ଅନେକ ଯୋଜନା ପ୍ରଣୟନ ହୋଇଛି । ସେହିପରି ଓଡ଼ିଶା ସରକାର ୨୦୦୨ ମସିହାରୁ ସର୍ବଶିକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ଯୋଜନା ଆରମ୍ଭ କରିଛନ୍ତି । ଭାରତ ସରକାର ୨୦୦୯ ମସିହାରେ ଐତିହାସିକ ଶିକ୍ଷା ଅଧିକାର ବିଲ୍ ଆଣି ଶିକ୍ଷାକୁ ମୌଳିକ ଅଧିକାର ପରିସରଭୁକ୍ତ କରିଛନ୍ତି । ଏହାଦ୍ୱାରା ୬ ରୁ ୧୪ ବର୍ଷ ବୟସର ପ୍ରାୟ ୯୨ ଲକ୍ଷ ଶିଶୁ ଶିକ୍ଷାଲାଭର ସୁଯୋଗ ପାଇବାର ଲକ୍ଷ୍ୟ ରଖାଯାଇଛି । ଏକ ହିସାବରୁ ଜଣାଯାଏ ଓଡ଼ିଶାରେ ମଧ ମୋଟ ୬୮ ଲକ୍ଷ ୨୮ ହଜାର ୩୫୭ ଜଣ ଶିଶୁଙ୍କ ମଧ୍ୟରୁ ୩ ଲକ୍ଷ ୫୧ ହଜାର ୧୪୭ ଜଣ ପିଲା ସ୍କୁଲ ଦୁଆରମୁହଁ ମାଡିନାହାଁନ୍ତି । ସବୁଠୁ ବଡ କଥା ହେଉଛି ସାରା ବିଶ୍ୱରେ ନାରୀ ସାକ୍ଷରତା କ୍ଷେତ୍ରରେ ଅଗ୍ରଗତି ସେତେ ସନ୍ତୋଷ ଜନକ ନୁହେଁ । ଗୋଟିଏ ଲୋକକଥା ଅଛି - "ଝିଅ ହେଲେ ପାଠୋଇ, ଦେଶ ଯିବ ଆଗେଇ" । କାରଣ ନାରୀ ଜାଗିଲେ, ପରିବାର ଜାଗିବ,ପରିବାର ଜାଗିଲେ, ଦେଶ ଜାଗିବ ଓ ଦେଶ ଜାଗିଲେ, ବିଶ୍ୱ ଜାଗିବ । ଶିକ୍ଷାର ପ୍ରସାର ପ୍ରଚାର ପାଇଁ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ନିରନ୍ତର ପ୍ରୟାସରଆବଶ୍ୟକତା ରହିଛି । ସମସ୍ତଙ୍କୁ ଗୁଣାତ୍ମକ ଶିକ୍ଷା ମିଳିବା ଜରୁରୀ , ଏଥିରେ ଲିଙ୍ଗଗତ ବ୍ୟବଧାବ ରହିବା ଅନାବଶ୍ୟକ । ଆମକୁ ମନେରଖିବାକୁ ହେବ ଯେ, ଶିକ୍ଷା କେବଳ ଗୋଟିଏ ଦେଶର ବିକାଶର ପରିମାପକ ନୁହେଁ ବରଂ ବିଶ୍ୱଶାନ୍ତି ପାଇଁ ସମସ୍ତଙ୍କ ପାଇଁ ଶିକ୍ଷାର ଆବଶ୍ୟକତା ରହିଛି ।

ଅବସରପ୍ରାପ୍ତ ଅଧ୍ୟାପକ ,
ତିର୍ତ୍ତୋଲ, ଜଗତସିଂହପୁର
ମୋ-୯୯୩୭୧୫୧୦୫୨

# "ବଜେଟ"

**କାଳି ଦାସ**

ଗତ ଗୁରୁବାର ଦିନ ଭାରତର ବିତ୍ତମନ୍ତ୍ରୀ ଶ୍ରୀମତୀ ନିର୍ମଳା ଶୀତାରମାନ ଇଣ୍ଟେରିୟମ ବଜେଟ ବା ମଧବର୍ତ୍ତୀ କାଳିନ ବଜେଟ କୁ ପାରଲ୍ୟାମେଣ୍ଟ ରେ ଉପସ୍ଥାପନ କରିଥିଲେ ।ପ୍ରତି ବର୍ଷ ଦେଶର ଜନତା ବଜେଟ କୁ ପ୍ରତୀକ୍ଷା କରିଥାନ୍ତି ।ଦେଶର ବଜେଟ ସହିତ ଘରର ବଜେଟ ଜଡିତ ।ଯେତେବେଳେ ଦରଦାମ ବୃଦ୍ଧି ହୁଏ ସେତେବେଳେ ଘରର ବଜେଟ ମଧ ପ୍ରଭାବିତ ହୁଏ । କିନ୍ତୁ ଦେଶର ବିତ୍ତମନ୍ତ୍ରୀ ଯେଉଁ ବଜେଟ ଉପସ୍ଥାପନା କଲେ ସେଥିରେ ଏମିତି କୌଣସି ନୂଆ ଖବର ବା ଉତ୍ସାହ ନଥିଲା ଯେଉଁଥି ପାଇଁ ସାଧାରଣ ଜନତା ବା ଗୃହଣୀ ମାନେ ଖୁଶି ହେବେ ।ଏହି ବଜେଟ ଆଗାମୀ ୨୦୪୭ ବର୍ଷ ରେ ଭାରତ କୁ ଗୋଟିଏ ଡେଭଲପଡ ନେସନ ଭାବରେ ବିଶ୍ୱ ଆଗରେ ଠିଆ କରାଇବାର ସ୍ୱପ୍ନ ଦିଆଗଲା ।କିନ୍ତୁ ଏହା ହେବାକୁ ଲାଗିବ ଦୀର୍ଘ ତେଇଶି ବର୍ଷ । ତେଇଶି ବର୍ଷ ସମୟ କିଛି କମ ସମୟ ନୁହେଁ ।ବର୍ତ୍ତମାନର ସରକାରଙ୍କୁ ବେକାର ସମସ୍ୟା ଉପରେ ବିରୋଧୀ ଘେରୁଥିବା ରୁ ସରକାର ଯୁବ ପିଢୀ ଙ୍କୁ କିପରି ଚାକିରି ଦିଆଯିବ ତାଉପରେ ଏହି ବଜେଟ ରେ ଉଲ୍ଲେଖ ରହିଥିଲା କିନ୍ତୁ କେତେ ସଫଳ ହେବ କିଏ ଜାଣେ ।ଏହି ବଜେଟ ଅନୁସାରେ ବ୍ୟାଙ୍କ ରୁ ନିଆଯାଇଥିବା ଋଣ ଗୁଡିକ ରେ କଳନ୍ତର ର ରେଟ କମ ହେବ ।ସେହିପରି ସ୍ୱଳ୍ପ ରୋଜଗାର କରୁଥିବା ଲୋକଙ୍କୁ ଟେକ୍ସ ଦେବା ରେ କିଛି ସୁବିଧା କରାଯିବ ।ଭାରତର ବର୍ତ୍ତମାନ ସରକାର ଟ୍ରେନ ଯାତ୍ରୀଙ୍କ ସୁବିଧା ପାଇଁ ୪୦୦୦୦ ସାଧାରଣ ବଗି କୁ "ବନ୍ଦେ ଭାରତ" ରେ ଲାଗୁଥିବା ବଗି ପରି କରିଦେବେ । ସେହିପରି ଟୁରିଜମ କୁ କିପରି ବାଢାଯିବ ତାହା ଉପରେ ଦେଶ ର ସରକାର ଯୋଜନା କରିଛନ୍ତି ।ଦେଶରେ ସୋଲାର ପାୱାର ବା ସୂର୍ଯ୍ୟ ଶକ୍ତି କୁ କିପରି ସାଧାରଣ ଲୋକଙ୍କ ପାଖକୁ ପହଞ୍ଚାଇବେ ସେଥିପାଇଁ ବଜେଟ ରେ ସ୍ଥାନ ଦିଆ ଯାଇଛି । ସୂର୍ଯ୍ୟ ଶକ୍ତି ୩୦୦ୟୁନିଟ ର ବିଦ୍ୟୁତ ଉତ୍ପାଦନ କରି ପନ୍ଦର ହଜାର ରୁ ଅଠର ହଜାର ଟଙ୍କା ବଞ୍ଚାଇପାରିବ । ସାଧାରଣ ଲୋକଙ୍କ ପାଇଁ ଗୃହ ତିଆରି କରିବାର ଯୋଜନା ମଧ ବଜେଟ ରେ ସ୍ଥାନ ପାଇଛି ।ଯେଉଁ ଲୋକ ମାନେ ଚାଲ ରେ ରହୁଛନ୍ତି କିମ୍ବା ସରକାରୀ ଜମିରେ ଅନ ଅଥରାଇଜ ଘର କରିଛନ୍ତି ସେମାନଙ୍କ ପାଇଁ ସରକାରଙ୍କ ତରଫ ରୁ ଗୃହ ତିଆରି କରାଯିବା ପୂର୍ବ ରୁ ସରକାର ୪ କୋଟି ଗୃହ ନିର୍ମାଣ କରିଛନ୍ତି । ବର୍ତ୍ତମାନ ଦୁଇ କୋଟି କରିବେ ଏହି ଯୋଜନା ବଜେଟ ରେ ସ୍ଥାନ ପାଇଛି ।ଇନକମ ଟେକ୍ସ ରେ କୌଣସି ପ୍ରକାର ପରିବର୍ତ୍ତନ କରାଯାଇ ନାହିଁ । ଗତ ବଜେଟ ରେ କର୍ପୋରେଟ ଟେକ୍ସ କୁ କମ କରା ଯାଇଥିବା ରୁ ସରକାରଙ୍କୁ ବିରୋଧୀ ଙ୍କ ସମାଲୋଚନା ର ଶିକାର ହେବାକୁ ପଡିଥିଲା । ବର୍ତ୍ତମାନ ମଧ କର୍ପୋରେଟ ଟେକ୍ସ କୁ ୩୦ % ଠାରୁ କମ କରାଯାଇ ୨୧ % କରାଯାଇଛି ।ପ୍ରଧାନମନ୍ତ୍ରୀଙ୍କ ଫସଲବିମା ଯୋଜନା ରେ ଚାରିକୋଟି କୋଟି ଚାଷିଙ୍କୁ ଦିଆଯାଇ ଅଛି , ୧୧.୮ କୋଟି ଚାଷିଙ୍କୁ ଆର୍ଥିକ ସାହାଯ୍ୟ ଦିଆ ଯିବ ।ପ୍ଲାଗ ସିପ କ୍ରପ ଇଂସୁରେନ୍ସ ପାଇଁ ବିଗତ ବର୍ଷ ରେ ୧୫୦୦୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା ବେଳେ ଏହି ବର୍ଷ ୧୮୫୦୦ କୋଟି ଟଙ୍କା ଖର୍ଚ୍ଚ ହେବା ପାଇଁ ବଜେଟ ରେ ନିର୍ଦ୍ଧାରିତ କରାଯାଇଛି ।ପିଏମ ଅଶା ଯୋଜନା ରେ ଚାଷୀମାନେ ବିହନ କିଣିବା ପାଇଁ ଯେଉଁ ଅର୍ଥରାଶି ସରକାରଙ୍କ ପାଖରୁ ଗତବର୍ଷ ପାଇଥିଲେ ତାହାଥିଲା ୨୨୦୦ କୋଟି ଟଙ୍କା ।ଏହି ବର୍ଷ ବଜେଟ ରେ ତାହା କୁ କମାଇ ଦିଆଯାଇ ମାତ୍ର ୧୭୩୮ କୋଟି ରଖା ଯାଇଛି ।ବଜେଟ ରେ ପିଏମ କିସାନ ସ୍କିମ ରେ ଯେଉଁ ଅର୍ଥ ଚାଷିଙ୍କ ଏକାଉଣ୍ଟ କୁ ପଠାଯାଇଥିଲା ତାକୁ ବୃଦ୍ଧି କରାଯାଇ ନାହିଁ । ତେଣୁ ଚାଷିଙ୍କ ପାଇଁ ବଜେଟ ରେ କିଛି ନାହିଁ ।ଦେଶର ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଏହି ଇଣ୍ଟେରିୟମ ବଜେଟ ଭିତରେ ଆତ୍ମ ବିଶ୍ୱାସ ରହିଛି ଏହି ବଜେଟ ଦେଶର ଚାରୋଟି ସ୍ତମ୍ଭ କୁ ସଶକ୍ତିକରଣ କରିବ । ସେଗୁଡିକ ଯଥାକ୍ରମେ ହେଲେ ଯୁବଗୋଷ୍ଠି ଙ୍କୁ ,ଦରିଦ୍ରଙ୍କୁ, ମହିଳାଙ୍କୁ ଓ ଚାଷିଙ୍କୁ । କିନ୍ତୁ ଦେଶର ପ୍ରକୃତ ବଜେଟ ନିର୍ବାଚନ ପରେ ହିଁ ଆସିବ ।ନିର୍ବାଚନ କୁ ଆଖିରେ ରଖି ବିତ୍ତମନ୍ତ୍ରୀ ବଜେଟ ବିଷୟ ରେ କମ ବରଂ ବିଜେପି ସରକାରଙ୍କ ଉପଲବ୍ଧି ଉପରେ ବେଶି କହିଛନ୍ତି ।

ବ୍ରହ୍ମପୁର,
ଖୋଡ଼ାସିଙ୍ଗ କଳିଙ୍ଗନଗର ,
ଫୋନ ନମ୍ବର -
୭୨୦୫୧୦୦୮୩୯ ?



# ଭିଜିଲାନ୍ସ ହାତରେ କୋମନା ରାଜସ୍ୱ ପରିଦର୍ଶକ

## ଜବରଦଖଲ ଜମିପଟ୍ଟା ପାଇଁ ନେଉଥିଲେ ୧୫ ହଜାର ଟଙ୍କା ଲାଞ୍ଚ

**ନୂଆପଡ଼ା(ଅମୃତ ମିଡିଆ) :** ନୂଆପଡ଼ା ଜିଲ୍ଲା କୋମନା ତହସିଲ ଅଫିସ ରାଜସ୍ୱ ପରିଦର୍ଶକ ଅକ୍ଷୟ କୁମାର ନାଏକ ଭିଜିଲାନ୍ସ ହାତରେ ଧରା ପଡିଛନ୍ତି । ଏଠି ଜବରଦଖଲ ଫାଇନକୁ କମ କରିବା ସହ ସରକାରୀ ଜମିକୁ ପଟ୍ଟା କରାଇଦେବା ପାଇଁ ୧୫ ହଜାର ଟଙ୍କା ଲାଞ୍ଚ ନେଉଥିଲେ । ବର୍ତ୍ତମାନ ସୁଦ୍ଧା କୋମନା ତହସିଲ ଅଫିସ ଓ ଉଦ୍ୟାନବନ୍ଧ ସ୍ଥିତ ଭଡାଘରେ ଚଢାଉ ଜାରି ରହିଛି । କୋମନା ଥାନା ମିଛାପାଲି ରାଜସ୍ୱ କେନ୍ଦ୍ର ଅଧିନ ଜଡାମୁଣ୍ଡା ପାୟତ କୁମୁଟିମୁଣ୍ଡା ଗାଁର ୩୦ ଜଣ ଚାଷି ସରକାରୀ ଜମିକୁ ଜବରଦଖଲ କରି ଚାଷବାସ କରୁଥିଲେ । ଏହି ସରକାରୀ ଜମିକୁ ଚାଷିଙ୍କ ନାଁରେ ପଟ୍ଟା କରାଇଦେବା ପାଇଁ ରାଜସ୍ୱ ପରିଦର୍ଶକ ଶ୍ରୀ ନାଏକ କହିଥିଲେ । ଏଥି ପାଇଁ ଜଣପିଛା ୫ ଶହ ଟଙ୍କା



ହିସାବରେ ୩୦ ଜଣ ଚାଷିଙ୍କ ଠାରୁ ୧୫ ହଜାର ଟଙ୍କା ଲାଞ୍ଚ ନେବାକୁ ସ୍ଥିର ହୋଇଥିଲା । ଏହି ୩୦ ଜଣ ଚାଷିଙ୍କ ୧୫ ହଜାର ଟଙ୍କାକୁ ଗାଁର ଜଣେ ବ୍ୟକ୍ତି ସଂଗ୍ରହ କରିଥିଲେ । ପ୍ରଥମେ ରାଜସ୍ୱ ପରିଦର୍ଶକ ଶ୍ରୀ ନାଏକ ମିଛାପାଲି ରାଜସ୍ୱ ନିରୀକ୍ଷକଙ୍କ ଜରିଆରେ ଜବର ଦଖଲକାରୀଙ୍କୁ ନୋଟିସ କରିଥିଲେ । ଆସନ୍ତା କାଲି କୋମନା ତହସିଲ ଅଫିସରେ ଜବରଦଖଲକାରୀଙ୍କ ଏକ ଶିବର ଆୟୋଜିତ ହେବାକୁ ରହିଥିଲା । ଏହି ଶବିରରେ ଚାଷିଙ୍କ ଠାରୁ ଜବରଦଖଲ ଫାଇନ ଆଦାୟ କରିବାକୁଥିଲା । ଏଥିରେ ପୂର୍ବ ଯୋଜନା ମୁତାବକ ଚାଷିଙ୍କ ଠାରୁ କମ ପରିମାଣର ଫାଇନ କାଟିବାକୁ ଡିଲ ହୋଇଥିଲେ । ଏନେଇ କୁମୁଟିମୁଣ୍ଡା ଗାଁର ନିଲମଣି ମାଝି ଓଡିଶା ଭିଜିଲାନ୍ସର ଜୟପୁର କୋରାପୁଟ ଏସପିଙ୍କ ଠାରେ ଅଭିଯୋଗ ହୋଇଥିଲା । ଆଜି ରାତି ପ୍ରାୟ ସାଢେ ୮ଟାରେ କୁମୁଟିମୁଣ୍ଡା ଗାଁର ନିଲମଣି ମାଝି ୩୦ ଜଣ ଚାଷିଙ୍କ ୧୫ ହଜାର ଟଙ୍କାକୁ ରାଜସ୍ୱ ପରିଦର୍ଶକ ଶ୍ରୀ ନାଏକଙ୍କୁ ଦେବା ପାଇଁ ଉଦ୍ୟାନବନ୍ଧ ଭଡା ଘରକୁ ଯାଇଥିଲେ । ନୂଆପଡ଼ା ଭିଜିଲାନ୍ସ ଡିଏସପି ଦିନବନ୍ଧୁ ବେହେରାଙ୍କ ନେତୃତ୍ୱରେ ନୂଆପଡ଼ା ଓ ଭବାନୀପାଟଣା ଭିଜିଲାନ୍ସ ଟିମ ନିଲମଣିଙ୍କୁ ଲେପ ଲଗାଇ ହୋଇଥିବା ଟଙ୍କା ଦେଇ ଛକି ବସିଥିଲା । ରାଜସ୍ୱ ପରିଦର୍ଶକ ଶ୍ରୀ ନାଏକଙ୍କୁ ନିଲମଣି ଲାଞ୍ଚ ଦେବା ପରେ ଭିଜିଲାନ୍ସ ଟିମ ଚଢାଉ କରିଥିଲେ । ସେଠାରେ ଲେପ ଲଗାଇ ହୋଇଥିବା ୧୫ ହଜାର ଟଙ୍କାକୁ ଜବତ କରିବା ସହ ରାଜସ୍ୱ ପରିଦର୍ଶକଙ୍କୁ ଗିରଫ କରିଥିଲେ । ରାତି ସାଢେ ୯ଟା ସୁଦ୍ଧା କୋମନା ତହସିଲ ଅଫିସ ଓ ଉଦ୍ୟାନବନ୍ଧ ଭଡାଘରେ ଚଢାଉ ଜାରି ରହିଛି । ରାତିରେ ରାଜସ୍ୱ ପରଦର୍ଶକ ଶ୍ରୀ ନାଏକଙ୍କୁ ଭବାନୀପାଟଣା ଭିଜିଲାନ୍ସ ଅଫିସକୁ ନିଆଯିବ ଓ ଆସନ୍ତା କାଲି ଭିଜିଲାନ୍ସ କୋର୍ଟରେ ହାଜରି କରାଯିବ ବୋଲି ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ମିଳିଛି ।

# ଶ୍ରେଣୀଗୃହ ନ ଥିବାରୁ ବାରଣ୍ଡାରେ ଚାଲିଛି ପାଠପଢ଼ା



**ବାରିପଦା/କରଞ୍ଜିଆ(ଅମୃତ ମିଡିଆ) :** କରଂଜିଆ ବିଜ୍ଞାପିତ ଅଂଚଳ ପରିଷଦ ୱାର୍ଡ ନମ୍ବର ୧ ସ୍ଥିତ ସରୁବାଲି ଗ୍ରାମରେ ୧୯୬୦ ମସିହାରେ ନିର୍ମାଣ ହୋଇଥିଲା ସରକାରୀ ପ୍ରାଥମିକ ବିଦ୍ୟାଳୟ । ଦୀର୍ଘ ବର୍ଷ ହେବ ଛାତ୍ର ଛାତ୍ରୀଙ୍କ ସଂଖ୍ୟା କମିବାରେ ଲାଗିଛି । ଏବେ ଏହି ସ୍କୁଲରେ ଛାତ୍ର ଛାତ୍ରୀଙ୍କ ସଂଖ୍ୟା ୨୧ ରହିଛି । ହେଡମାଷ୍ଟରଙ୍କୁ ମିଶାଇ ଶିକ୍ଷକଙ୍କ ସଂଖ୍ୟା ଦୁଇ ଓ ଜଣେ ରୋଷେୟା ରହିଛନ୍ତି । ଦିନ ଥିଲା ଏହି ସ୍କୁଲର ଛାତ୍ର ଛାତ୍ରୀଙ୍କ ସଂଖ୍ୟା ୧୦୦ ରୁ ଉର୍ଦ୍ଧ୍ୱ ଥିଲା । ଶିକ୍ଷାବିଭାଗର ଉଦାସୀନତା ମନୋଭାବ ଯୋଗୁଁ ଆଜି ଛାତ୍ର ଛାତ୍ରୀଙ୍କ ସଂଖ୍ୟା କମିବାରେ ଲାଗିଛି । ପ୍ରାପ୍ତ ସୂଚନା ମୁତାବକ ଶିକ୍ଷାଧିକାରୀଙ୍କ କେବେହେଲେ ପାଦ ପିଡିନି ଏହି ବିଦ୍ୟାଳୟରେ । ବିଦ୍ୟାଳୟର ପରିସ୍ଥିତି ଦେଖିଲେ ଯାଇ ବିଦ୍ୟାଳୟର ଅବସ୍ଥା କଣ ରହିଛି ଜାଣିହେବ । ବିଦ୍ୟାଳୟର ଅଫିସ ଗୃହ ଠାରୁ ଆରମ୍ଭ କରି ସମସ୍ତ ଶ୍ରେଣୀ ଗୃହ ଗୁଡିକରେ ପାଣି ଗଳୁଛି । ଆଜବେଷ୍ଟର ଗୁଡିକ ଭାଙ୍ଗିତୁଟି ଯାଇଛି । ରୋଷେଇ ଗୃହର ମଧ୍ୟ ଅବସ୍ଥା ସେହିପରି ରହିଛି । କିଛି ବର୍ଷ ଆଗରୁ ଏକ ଛାତ ଘର ନିର୍ମାଣ ହୋଇଥିଲା । ତାର ବାସ୍ତବ ଚିତ୍ର ଦେଖିଲେ ଛାତର ଛଡ ବାହାରି ଆସିଛି । ସିମେଂଟ ପଲସ୍ତରା ଭାଙ୍ଗି ଖସିପଡୁଛି । ଗୃହରେ ବସି ପାଠ ପଢିବା ମାନେ ବିପଦକୁ ଡାକି ଆଣିବା । ତେଣୁ ପିଲାମାନେ ବାରଣ୍ଡାରେ ବସି ପଢୁଥିବା ଦେଖିବାକୁ ମିଳୁଛି । ସେହିପରି ସ୍କୁଲର ଗୋଟିଏ ପଟେ ପାଚେରୀ ନଥିବା କାରଣରୁ ଛାତ୍ର ଛାତ୍ରୀ ମାନଙ୍କ ପାଇଁ ଖେଳ କୁଦ ପାଇଁ ଯେଉଁ ଦୋଳି ରହିଛି ସେସବୁ କଳଙ୍କି ଲାଗି ନଷ୍ଟ ହୋଇଯାଇଛି । ଦେଖିବାକୁ ଗଲେ ସ୍କୁଲର ପାରିପାର୍ଶ୍ୱିକ ଅବସ୍ଥା ଗୁରୁତର ରହିଛି । ଗ୍ରାମବାସୀ ଏବଂ ସ୍କୁଲ କର୍ତୃପକ୍ଷ ବ୍ଲକ୍ ଶିକ୍ଷାଧିକାରୀ,ଉପଜିଲ୍ଲାପାଳଙ୍କୁ ବାରମ୍ବାର ଲିଖିତ ଅଭିଯୋଗ ପରେ ମଧ୍ୟ ସ୍କୁଲର ପରିସ୍ଥିତି ସୁଧୁରୁ ନଥିବାରୁ ଛାତ୍ର ଛାତ୍ରୀଙ୍କ ପାଠ ପଢାରେ ବ୍ୟାଘାତ ଉପୁଜିଛି । ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଅଭିଭାବକ ମାନେ ଦାବି କରିଛନ୍ତି ।

# ଗୋଡ଼ାପଳସା ଗ୍ରାମରେ ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ବାରିପଦା(ଅମୃତ ମିଡିଆ) :** ମୟୂରଭଞ୍ଜ ଜିଲ୍ଲା, ରରୁଆଁ ବ୍ଲକ ଅନ୍ତର୍ଗତ ଗୋଡାପଳସା ଗ୍ରାମ ରେ ତ୍ରୟୋମ୍ବକେଶ୍ୱରାୟ ମହାଦେବ ଙ୍କ ଭବ୍ୟମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ ବୈଦିକ ବିଧି ବିଧାନ ଅନୁସାରେ ବିଜ୍ଞ ବ୍ରାହ୍ମଣ ପଣ୍ଡିତ ମାନଙ୍କ ଦ୍ୱାରା ସମ୍ପାଦିତ ହୋଇଛି ।ଚାରି ଦିନ ବ୍ୟାପୀ ଉକ୍ତ କାର୍ଯ୍ୟକ୍ରମର ପ୍ରଥମ ଦିବସରେ ଅଂକୁରାରୋପଣ,ଯଜ୍ଞ ଶାଳା ସଂସ୍କାର, ଦିତୀୟ ଦିବସରେ ଯଜ୍ଞମଣ୍ଡପ ରେ ଘଟ ସ୍ଥାପନ, ତୃତୀୟ ଦିବସରେ ସୂର୍ଯ୍ୟ ନାରାୟଣ ପୂଜା, ଗୋମାତା ପୂଜା, ଯଜ୍ଞ ନାରାୟଣ ପୂଜା, ବିଗ୍ରହ ମାନଙ୍କ ମହାସ୍ନାନ , ପୁଷ୍ପାଳି ଆଦି ପ୍ରଦାନ କରାଯାଇଥିବା ବେଳେ ଅନ୍ତିମ ଦିବସ ରେ ମଙ୍ଗଳା ଚରଣ ପାଠ, ବେଦ ପାଠ,ଶିବସହସ୍ର ନାମପାଠ,ପ୍ରାଣ ପ୍ରତିଷ୍ଠା, ପାର୍ଶ୍ୱ ଦେବତା ସ୍ଥାପନ, ମନ୍ଦିର ଲୋକାର୍ପଣ, ବଡ ସିଂହାର ବେଶ ଓ ଦର୍ଶନ ଶେଷରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା । ପୁରୀ ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟ ର ପ୍ରାକ୍ତନ ଅଧ୍ୟକ୍ଷ ଡକ୍ଟର ଜଗବନ୍ଧୁ ମିଶ୍ର, ପୁରାତନ ଛାତ୍ର ପଣ୍ଡିତ ଆଲୋକ ଚନ୍ଦ୍ର ପଣ୍ଡା ଙ୍କ ସମେତ ଅନ୍ୟ ପାଂଚ ଜଣ ବ୍ରାହ୍ମଣ ପଣ୍ଡିତ ମାନଙ୍କ ଦ୍ୱାରା ସେହି ଭବ୍ୟ ମନ୍ଦିର, ବିଗ୍ରହ ପ୍ରତିଷ୍ଠା ଓ ଯଜ୍ଞ କର୍ମ ହୋଇଥିଲା । ଗ୍ରାମ ର ବିଭୂତି ଭୂଷଣ ମହାନ୍ତ, ଭବାନୀ ଶଙ୍କର ମହାନ୍ତ,ହୀରାଲାଲ ମହାନ୍ତ,ଲକ୍ଷ୍ମଣ ବାରିକ, ଅଶ୍ୱିନୀ ନାଏକ ପ୍ରମୁଖ ତାଙ୍କ ପତ୍ନୀ ମାନଙ୍କ ସହ କର୍ତା କର୍ତୀ ଭାବେ ଦାୟିତ୍ୱ ତୁଲାଇଥିଲେ । ଚାରି ଦିନ ଧରି ସଂଧ୍ୟାରେ ଡ଼ଃ ସ୍ୱାମୀ ଅଦ୍ୱୈତାନନ୍ଦ ମହାରାଜା ପ୍ରବଚନ ଦେଇଥିବା ବେଳେ ଗୋଡାପଳସା ଶିବ ମନ୍ଦିର କମିଟି ପକ୍ଷରୁ ଭଜନ ସମାରୋହ ଓ ପ୍ରସାଦ ସେବନର ର ବ୍ୟବସ୍ଥା କରାଯାଇଥିଲା ।



# ଯାଜପୁର ଜିଲ୍ଲାସ୍ତରୀୟ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଜ୍ଜାପନୀ

**ଯାଜପୁର(ଅମୃତ ମିଡିଆ) :** ଓଡିଶା ସରକାରଙ୍କ ତରଫଂରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଭୁବନେଶ୍ୱର ସ୍ଥିତ ଜନତା ମୈଦାନରେ ୩ ଦିନ ଧରି ପାଳିତ ହୋଇଥିବା ବେଳେ ସମଗ୍ର ବିଶ୍ୱରେ ଭାରତର ବିଭିନ୍ନ କୋଣ ଅନୁକୋଣରେ ଏବଂ ରାଜ୍ୟର ସମସ୍ତ ବିଦ୍ୟାଳୟ ସ୍ତରୀୟ, ବ୍ଲକ ସ୍ତରୀୟ, ପୌରାଞ୍ଚଳ ସ୍ତରୀୟ ଓ ଜିଲ୍ଲା ସ୍ତରୀୟ ପାଳନ କରାଯାଇଅଚ୍ଛି । ଫେଂବୃୟାରୀ ୩ ତାରିଖ ଦିନ ଜିଲ୍ଲାର ୧୫୨୭ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍ତରରେ ପାଳନ କରାଯାଇଥିବା ବେଳେ ୪ ତାରିଖରେ ବ୍ଲକ ସ୍ତରରେ ଏବଂ ଆଜି ଫେଂବୃୟାରୀ ୫ ତାରିଖରେ ଯାଜପୁର ବିରଜା ସରକାରୀ ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ନିବେଦିତା ପାଣିଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ୨୦୨୪



ଉଜ୍ଜାପନୀ ସମାରୋହ ପାଳିତ ହୋଇଯାଇଅଚ୍ଛି । ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡିଆ ବିଭାଗର ଉପଦେଷ୍ଟା ଡଃ ବିଜୟାନନ୍ଦ ସିଂହ ଯୋଗଦେଇ କହିଲେ ଯେ, ଭାଷା ଆମର ସଂପର୍କ ସୃଷ୍ଟି କରେ । ଏଣୁ ଭାଷାର ସୁରକ୍ଷା ଆମ ସମସ୍ତଙ୍କର କର୍ତ୍ତବ୍ୟ ହେଉ । ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ଭାଷାବିତ୍ ଏବଂ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ପଣ୍ଡିତ ଡଃ ସୂର୍ଯ୍ୟମଣି ଖୁଣ୍ଟିଆ କହିଲେ ଯେ, ଭାଷା ଆମ ଜୀବନ ସହିତ ରହିଥିଲା, ଏବେ ରହିଚ୍ଛି ଏବଂ ରହିଥିବ ମଧ୍ୟ । ଓଡିଆ ଭାଷା ଆମ ଜୀବନର ଆତ୍ମା ଅଟେ । ସମ୍ମାନୀତ ଅତିଥି ଭାବେ ସହକାରୀ ଜିଲ୍ଲା ଶିକ୍ଷା ଅଧିକାରୀ ଶଶିଧର ସିଂହ, ବିରଜା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ମଲ୍ଲିକ ଯୋଗଦେଇ ଓଡିଆ ଭାଷାର ଇତିହାସ ସଂପର୍କରେ ଅବତାରଣ କରିଥିଲେ । ସଭାପତି ଭାଷଣରେ ଜିଲ୍ଲା ଶିକ୍ଷା ଅଧିକାରୀ ନିବେଦିତା ପାଣୀ କହିଲେ ଯେ ପ୍ରତ୍ୟେକ ଜାତିର ପରିଚୟ ତାର ଭାଷା ହିଁ ପ୍ରଦାନ କରିଥାଏ । ଯେଉଁ ଜାତିର ଭାଷା ଯେତେ ମାର୍ଜିତ, ବ୍ୟବହାରିତ ଏବଂ ସୁରକ୍ଷିତ ସେ ଜାତିର ଶିକ୍ଷା ଏବଂ ଜୀବନ ଶୈଳୀ ସେତେ ଉନ୍ନତ । ଏହି ସମ୍ମିଳନୀ ପାଳନ ପରି ପ୍ରେକ୍ଷୀରେ ଚ୍ଛାତ୍ର ଚ୍ଛାତ୍ରୀ ମାନଙ୍କ ମଧ୍ୟରେ ତର୍କ, କୁଇଜ, ଚିତ୍ରାଙ୍କନ, ସାଂସ୍କୃତିକ ସୃଜନାତ୍ମକ ପ୍ରଦର୍ଶନୀ ଏବଂ ସାହିତ୍ୟିକ ପ୍ରଦର୍ଶନୀର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ସମଗ୍ର ଶିକ୍ଷା ଅଭିଯାନ ଅନୁସୂଚିତ ଜାତି ଏବଂ ଜନଜାତି ସଂଯୋଜିକା ଶ୍ରୀମତୀ ଜ୍ୟୋତ୍ସ୍ନାମୟୀ ଧଳ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ । ସମାରୋହରେ ଚ୍ଛାତ୍ର ଚ୍ଛାତ୍ରୀ , ଶିକ୍ଷକ, ଶିକ୍ଷୟତ୍ରୀ, ବୁଦ୍ଧିଜିବୀ, ସାହିତ୍ୟ ସଂସ୍କୃତି ପ୍ରେମୀ, ବରିଷ୍ଠ ନାଗରିକ ବୃନ୍ଦ, ସରକାରୀ ଅଧିକାରୀ ଏବଂ ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗ ଦେଇଥିଲେ ।

# ହେମନ୍ତ ସୋରେନଙ୍କୁ ନ୍ୟାୟ ଦାବିରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ

**ବାରିପଦା (ଅମୃତ ମିଡିଆ) :** ଝାଡଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ଗିରଫ ପ୍ରତିବାଦରେ ତଥା ତାଙ୍କୁ ତୁରନ୍ତ ରିହା କରିବ ।



ଉଦ୍ଦେଶ୍ୟରେ କରିଆ ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ୟେଶ ରେ ଉପଜିଲ୍ଲାପାଳଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର କରିଆ ବ୍ଲକ ସମ୍ପାଦକ ପଦ୍ମ ଟୁଡୁ ଏବଂ ସହ-ସମ୍ପାଦକ ଭାଦ ସୋରେନଙ୍କ ନେତୃତ୍ୱରେ କରିଆ ମାଣିକ ଛକ ନିକଟରୁ କର୍ମକର୍ତା ମାନେ ଏକ ଶୋଭାଯାତ୍ରା ବାହାରି ନେତାଜୀ ଛକ ହୋଇ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଂଚି ବିକ୍ଷୋଭ ପ୍ରଦର୍ଶନ କରିବାପରେ ଉପଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲ୍ଲାପାଳ ନିହାର ରନ ସେଠିଙ୍କୁ ରାଷ୍ଟ୍ରପତିଙ୍କ ଉଦ୍ୟେଶରେ ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ । ଆଗାମୀ ଦିନରେ ଦାବୀ ପୂରଣ ନହେଲେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ମଧ ଦେଇଥିଲେ ।

# ଜମ୍ବୁ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର



**ମାର୍ଶାଘାଇ(ଅମୃତ ମିଡିଆ) :** ଜମ୍ବୁ ସାମୁଦ୍ରୀକ ଥାନା ଅନ୍ତର୍ଗତ ଜମ୍ବୁ ପଞ୍ଚାୟତରେ ଆମ ଓଡିଶା ନବୀନ ଓଡିଶା ସଚେତନତା ଶିବିର ସୋମବାର ଜମ୍ବୁ ପଞ୍ଚାୟତ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସରପଂଚ ବିଶ୍ୱଜିତ୍ ବସୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାକାଳପଡା ବିଡିଓ ସାଗର ନନ୍ଦ ଓ ବ୍ଲକ ସାମାଜିକ ସୁରକ୍ଷ୍ୟା ସଂଗଠନ ଅଧିକାରୀ ଦିପକ କୁମାର ପରିଡା ଯୋଗଦେଇ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ର ଲକ୍ଷ୍ୟ ଓ ଉଦେଶ୍ୟ ଉପରେ ଉପସ୍ଥିତ ଜନ ସାଧାରଣଙ୍କୁ ଅବଗତ କରାଇଥିଲେ । ଗ୍ରାମାଞ୍ଚଳରେ ଭିତିଭୂମିର ବିକାଶ କିପରି ସହଜ ହେବ ଏହି ଉଦେଶ୍ୟରେ ନବୀନ ଓଡିଶା ଆମ ଓଡିଶା ମାଧ୍ୟମରେ ୫ ଟି ଅନ୍ତର୍ଭୁକ୍ତ ରେ ବିଭିନ୍ନ କାର୍ଯ୍ୟକୁ କିପରି ସହଜରେ ଜନସାଧାରଣଙ୍କ ପାଖରେ ପହଞ୍ଚିବ ଏ ନେଇ ମଂଚାସୀନ ଅତିଥି ମାନେ ମତ ରଖିଥିଲେ । ପଂଚାୟତରେ ମହିଳା ସଶକ୍ତି କରଣ , ଜଗନ୍ନାଥ ସଂସ୍କୃତି ସଂରକ୍ଷଣ, ବ୍ୟାକିଙ୍ଗ ଭିତିଭୂମିର ବିକାଶ , ଧାର୍ମିକ ସ୍ଥଳୀର ବିକାଶ, କ୍ରୀଡା ଭିତିଭୂମିର ବିକାଶ , ପାନୀୟ ଜଳ , ଶିଖ୍ୟା ଭିତିଭୂମିର ବିକାଶ ଓ ସ୍ୱାସ୍ଥ୍ୟଗ ତ ସମସ୍ୟାର ସ୍ଥାୟୀ ସମାଧାନ ଉପରେ ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଏହା ସହିତ ଏହି ଶିବିରରେ ରାଜ୍ୟ ସରକାରଙ୍କ ତରଫରୁ ବିଭିନ୍ନ ଜନାଭିମୂଖୀ ଯୋଜନା ଉପରେ ଉପସ୍ଥିତ ଏକ ଭିଡିଓ ବାର୍ତା ଏଲଡି ଡିସପ୍ଲେ ମାଧ୍ୟମରେ ପ୍ରସାରଣ କରାଯାଇ ଉପସ୍ଥିତ ପଞ୍ଚାୟତ ବାସୀଙ୍କୁ ସଚେତନତା କରାଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିଖ୍ୟକ ମନୀଭୂଷଣ ଦାସ, ସୁଜନ ଦାସ,ପ୍ରମଥ ଦାସ, ଅମର ଚନ୍ଦ୍ର ବେରା, ପଞ୍ଚମୀ ମଣ୍ଡଳ, ପରିମଳ ମଣ୍ଡଳ, ବିମଳ ମଣ୍ଡଳ, ଶ୍ରୀମନ୍ତ ପାହାଡ଼ି, ପ୍ରେମାନନ୍ଦ ଦାସ, ଗୌରାଙ୍ଗ ଦାସ, ବିବେକାନନ୍ଦ ଦାସ, ଓମପ୍ରକାଶ ମଣ୍ଡଳ,କାହ୍ନୁ ଦାସ, ରସମୟ ଦାସ, ଗୌରାଙ୍ଗ ଭୁଇଁୟା, ମାନିକ ମାନ୍ନା, ଗୌରାଙ୍ଗ ଦାସ, ସୁକୁନ୍ତଳା ସରକାର, ବାନୁ ଦାସ, ସତ୍ୟବାନ ମଣ୍ଡଳ, ସୁଭଦ୍ରା ଦାସ, କଲ୍ୟାଣି ଦେ, ଟୁମ୍ପା ମାନ୍ନା, କଲ୍ୟାଣୀ ପ୍ରଭା ଖମାରି, ଅର୍ଚନା ମଣ୍ଡଳ, ରାନୁ ମଣ୍ଡଳ, ସସ୍ମିତା ବସୁ, ସୁକୁନ୍ତଳା ଘୋଡ଼ାଇ, ପ୍ରଦୀପ ସାମନ୍ତ, ତପନ ଭୁଇଁୟା, ଶିବବ୍ରତ ଗୋଳ, ମଦନ ମଣ୍ଡଳ, ବଂକେଶ ଗିରି, ନିରଞ୍ଜନ ମଣ୍ଡଳ, ବିଷ୍ଣୁପଦ ଜେନା, ଦେବ ବେରା ଓ ସମାଜସେବୀ ଗୁରୁପଦ ବେରା କାର୍ଯ୍ୟକ୍ରମରେ ସକ୍ରୀୟ ସହଯୋଗ କରିଥିଲେ । ବ୍ଲକ ପ୍ରଶାସନ ତରଫରୁ ସମସ୍ତ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହିଥିଲେ । ଏହି ସଚେତନତା ଶିବିରରେ ବହୁ ସଂଖ୍ୟାରେ ସ୍ୱୟଂ ସହାୟିକା ମହିଳା ଯୁବକ ଓ ବିଜୁ କର୍ମି ମାନେ ଉପସ୍ଥିତ ଥିଲେ ।

# ଚୋରା ଚାଲାଣ ବେଳେ ଗଞ୍ଜେଇ ସହ କାର୍ ଜବତ : ୨ ଗିରଫ

**ବାରିପଦା(ଅମୃତ ମିଡିଆ) :** ଓଡ଼ିଶା ରୁ ପଶ୍ଚିମ ବଙ୍ଗ ଗଞ୍ଜେଇ ଚୋରା ଚାଲାଣ ବେଳେ ସୋମବାର ଯଶିପୁର ପୋଲିସ୍ ୧୨୦ କେଜି ଗଞ୍ଜେଇ ଜବତ କରିବା ସହ ୨ଜଣ ଙ୍କୁ ଗିରଫ କରିଛି । ସମ୍ବଲପୁର ରୁ ପଶ୍ଚିମବଙ୍ଗକୁ ଡବ୍ଲୁ ବି-୨୬ କେ



୩୬୪୩ ନମ୍ବର ଏକ କାର୍ ଯୋଗେ ଗଞ୍ଜେଇ ଚୋରା ଚାଲାଣ କରୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ଯଶୀପୁର ବାଦାମପାହାଡ ରୋଡ ଠାରେ ଗାଡ଼ିଟିକୁ ଧରିବାରେ ସଫଳ ହୋଇଛି ଯଶୀପୁର ପୋଲିସ୍ ।ଜଣେ ଅଭିଯୁକ୍ତ ଖସି ଯିବାକୁ ଉଦ୍ୟମ କରୁଥିବା ବେଳେ ଗୌଡଗାଁ ମୌଜା ବିଲବାଦୀ ରୁ ତାକୁ ସ୍ଥାନୀୟ ଲୋକ ଓ ପୋଲିସ କାବୁ କରିନେଇଛନ୍ତି । ଜବତ ଗଞ୍ଜେଇ ର ବର୍ତମାନ ବଜାର ମୂଲ୍ୟ ରେ ୧୨ ଲକ୍ଷ ହେବ ବୋଲି ଅନୁମାନ କରାଯାଉଛି । ଏଥିରେ ସଂପୃକ୍ତ ଗିରଫ ଅଭିଯୁକ୍ତ ମାନେ ହେଉଛନ୍ତି ପଶ୍ଚିମବଙ୍ଗର ଆସିଫୁଲ୍ ମଣ୍ଡଳ ଓ ଦୟାଲ୍ ବିଶ୍ୱାସ,ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଯଶିପୁର ଥାନା ଅଧିକାରିଣୀ ସୁକ୍ତା ମାହାଲିକ ତଦନ୍ତ ଅଧିକ ତଦନ୍ତ ଜାରି ରଖିଥିବାର ଏବଂ କରିଆ ଏସ୍ ଡି ପି ଓ ସୁବ୍ରତ କୁମାର ଗଞ୍ଜେଇ ଚୋରା ଚାଲାଣ ର ତଦାରଖ କରୁଥିବାର ପ୍ରକାଶ ।

# ଅନୁକୂଳଚନ୍ଦ୍ରଙ୍କ ଜନ୍ମ ଜୟନ୍ତୀ ପାଳନ

**ନୂଆପଡ଼ା(ଅମୃତ ମିଡିଆ) :** ସତସଙ୍ଗ ବିହାର ଠାରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଶୁଭ ୧୩୬ତମ ଜନ୍ମ ମହୋତ୍ସବ ଧୁମ୍ ଧାମର ସହିତ ପାଳିତ ହୋଇଯାଇଛି । ଏହି ଅବସରରେ ସତସଙ୍ଗ ବିହାର ପରିଚାଳକ ସହପ୍ରତିରିତ୍ୱିକ ବିଭୁ ଦତ୍ତ ଗୁରୁଙ୍କ ଅଧ୍ୟକ୍ଷତା ରେ ଏକ ସତସଙ୍ଗ ଆୟୋଜିତ କରାଯାଇଥିଲା । ଉକ୍ତ ସତସଙ୍ଗ ରେ ମୁଖ୍ୟ ବକ୍ତା ଭାବରେ ରାୟପୁର ଏମସ୍ ର ପ୍ରଫେସର ଡ. ଅଜୟ ବେହେରା ଯୋଗଦାନ କରି ଶ୍ରୀ ଶ୍ରୀ ଠାକୁରଙ୍କ ଭାବଧାରା ଉପରେ ଆଲୋକପାତ କରି ତାଙ୍କର ଜୀବନଦର୍ଶନ ନିଜର ଜୀବନକୁ ଅନୁପ୍ରାଣିତ କରି ଜୀବନ କୁ ସହଜ ସରଳ ସୁନ୍ଦର କରିବା ପାଇଁ ଆହ୍ୱାନ କରିଥିଲେ । ଯାଜକ ସରୋଜ କୁମାର ତ୍ରିପାଠୀ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସୟେଦ ଅଜିଜୁର ରେହେମାନ ତାଙ୍କ ବକ୍ତବ୍ୟରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ମଣିଷ ପ୍ରତି ଥିବା ପ୍ରେମକୁ ଭୂୟସୀ ପ୍ରଶଂସା କରିଥିଲେ । ପଦମପୁରରୁ ଆଗତ କଲୋଳ ପଣ୍ଡା ଦୀକ୍ଷାପତ୍ର କାର୍ଯ୍ୟ ଉପରେ ଆଲୋଚନା ରଖିଥିଲେ । ଭୁବନେଶ୍ୱର ରୁ ଆଗତ ବାପି ଭାଇ ଓ ତାଙ୍କ



ଟିମ୍ ମନମୁଗ୍ଧକର କୀର୍ତ୍ତନ ପରିବେଷଣ କରିଥିଲେ । ମାତୃ ସମ୍ମିଳନୀ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କେଶବ ଚନ୍ଦ୍ର ଗହିର ଧନ୍ୟବାଦ୍ ଅର୍ପଣ କରିଥିଲେ । ଶହଶହ ସତସଙ୍ଗ ପ୍ରେମୀ ଏକତ୍ର ହୋଇ ସମବେତ ପ୍ରାର୍ଥନା ଓ ନଗର ପରିକ୍ରମା ରେ ସାମିଲ ହୋଇଥିଲେ । ପରେ ପ୍ରସାଦ ସେବନ ଆୟୋଜନ କରାଯାଇଥିଲା। ଉତ୍ସବରେ ବିଭିନ୍ନ ଜାତି, ଧର୍ମ ନିର୍ବିଶେଷରେ ସହସ୍ର ସଂଖ୍ୟାରେ ସଜ୍ଜନ ଭଦ୍ର ବ୍ୟକ୍ତି ତଥା ଶିକ୍ଷିତ ଯୁବ ଗୋଷ୍ଠୀ ଆପ୍ରାଣତା ସହିତ ଯୋଗଦାନ ପୂର୍ବକ ସପରି ବେଶ କଲ୍ୟାଣ ଅର୍ଥେ ସଂକଳ୍ପବଦ୍ଧ ଓ ଉଦବୁଦ୍ଧ ହୋଇଥିଲେ । ସତସଙ୍ଗ ବିହାର ପରିସର ରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିବା ସହ ସମସ୍ତ ସତସଙ୍ଗୀ ପ୍ରେମୀଙ୍କ ମଧ୍ୟରେ ଆନନ୍ଦର ଜୁଆର ଖେଳିଯାଇଥିଲା । କାର୍ଯ୍ୟକ୍ରମ ରେ ଯାଜକ ବିଜୟ ତ୍ରିପାଠୀ, ବ୍ରଜେଶ ହେର୍ଣ୍ଣ, ପ୍ରସୁନ ମହାରଣା, ହିତାନ୍ନୁ, ଜଗନ୍ନାଥ,ପ୍ରକାଶ, କ୍ରୀଷ୍ଣା , ଅମୀୟଂଶୁ ସମସ୍ତ ଗୁରୁ ଭାଇ ଓ ମା ମାନେ ଉତ୍ସବ କୁ ସଫଳ କରିବା ପାଇଁ ସହଯୋଗ କରିଥିଲେ ।

# ସରକାରୀ ଚିଠିରେ ଅଟକି ଯାଇଛି ଗୋକର୍ଣ୍ଣେଶ୍ୱର ସ୍ୱର୍ଗଦ୍ୱାର ପ୍ରକଳ୍ପ

**ଧର୍ମଶାଳା(ଅମୃତ ମିଡିଆ) :** ଧର୍ମଶାଳା ବ୍ଲକ ବ୍ରାହ୍ମଣୀ ନଦୀ ପଠାର ଗୋକର୍ଣ୍ଣେଶ୍ୱର ମନ୍ଦିର ନିକଟରେ ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ଉଦ୍ୟମରେ ଗତ ବର୍ଷ ଠାରୁ ମଞ୍ଜୁର ହୋଇଥିବା ସ୍ୱର୍ଗଦ୍ୱାର ଶ୍ମଶାନ ନିର୍ମାଣ କାର୍ଯ୍ୟ ଅଦ୍ୟାବଧି ଆରମ୍ଭ ହୋଇପାରି ନାହିଁ । ଏହି ବିଳମ୍ବ ନେଇ ତାଙ୍କ ୨ ପୁଅ ଆଜି ଜିଲ୍ଲାପାଳଙ୍କୁ ଭେଟି ଯଥା ଶ୍ରୀଘ୍ର କାର୍ଯ୍ୟ ଆରମ୍ଭ ପାଇଁ ଦାବି କରିଛନ୍ତି । ସୂଚନା ଅନୁଯାୟୀ, ବ୍ରାହ୍ମଣୀ ନଦୀ ପଠାର ଗୋକର୍ଣ୍ଣେଶ୍ୱର ମନ୍ଦିର ନିକଟରେ ଏକ ସ୍ୱର୍ଗ ଦ୍ୱାର ନିର୍ମାଣ ପାଇଁ ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଥିଲେ । ଏଠାରେ ସ୍ୱର୍ଗଦ୍ୱାର ନିର୍ମାଣ ପାଇଁ ଜିଲ୍ଲାପାଳ ଆବଶ୍ୟକ ଜମି ଯୋଗାଦେବା ସହିତ ଅର୍ଥ ମଧ ମଞ୍ଜୁର କରିଦେଇଛନ୍ତି । ହେଲେ ଅଦ୍ୟାବଧି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ନଥିବା ନେଇ ସ୍ୱର୍ଗତ ଲାବଣ୍ୟଙ୍କର ଦୁଇପୁତ୍ର ତଥା ହରିଶଙ୍କର ମହାବିଦ୍ୟାଳୟ ଅଧକ୍ଷ



ବଳଭଦ୍ର ଦାଶ ଏବଂ କନିଷ୍ଠ ପୁତ୍ର ଆଇନଜୀବୀ ଶ୍ୟାମ ପ୍ରସାଦ ଦାଶ ଅସନ୍ତୋଷ ପ୍ରକାଶ କରିବା ସହିତ ଯାଜପୁର ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି । ସ୍ୱର୍ଗଦ୍ୱାର ନିର୍ମାଣ ହେବା ଦ୍ୱାରା ଅଂଚଳବାସୀ ଉପକୃତ ହେବା ସହିତ ଆମ ବାପାଙ୍କର ଆତ୍ମାକୁ ଶାନ୍ତି ମିଳିବ ବୋଲି ସେମାନେ ଅଭିଯୋଗ କରିଛନ୍ତି । ଜାରକା ଏବଂ ଏହାର ଆଖପାଖ ଅଂଚଳରେ ସ୍ମଶାନ ନଥିବାରୁ ଅଂଚଳବାସୀ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହୋଇଆସୁଛନ୍ତି । ସ୍ୱର୍ଗତ ରବି ଲାବଣ୍ୟ ୨୦୨୧ରେ ତତ୍କାଳୀନ ଜିଲ୍ଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ସାକ୍ଷାତ କରି ଗୋକର୍ଣ୍ଣେଶ୍ୱର ସ୍ୱର୍ଗଦ୍ୱାର ପ୍ରତିଷ୍ଠା କରିବା ପାଇଁ ଦାବୀ କରିଥିଲେ । ଜିଲ୍ଲାପାଳ ଗୋକର୍ଣ୍ଣେଶ୍ୱର ମନ୍ଦିର ନିକଟସ୍ଥ ବ୍ରାହ୍ମଣୀ ନଦୀ ପଠାରେ ଶ୍ମଶାନ ନିର୍ମାଣ ପାଇଁ ଅଢେଇ ଏକର ଜମି ପ୍ରଦାନ କରିଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ମାଣ କାର୍ଯ୍ୟ ପାଇଁ ୧୦ ଲକ୍ଷ ଟଙ୍କା ମଞ୍ଜୁର କରିଥିବା ବେଳେ ବ୍ଲକ ପ୍ରଶାସନ ପକ୍ଷରୁ ଆଉ ୧୦ ଲକ୍ଷ ଟଙ୍କା ବିନିଯୋଗ କରି ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପାଇଁ ଜିଲ୍ଲାପାଳ ଗତ ତା.୧୭.୦୭.୨୦୨୩ ପତ୍ର ସଂଖ୍ୟା ୪୯୭୯ରେ ଧର୍ମଶାଳା ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତେବେ ସେପ୍ଟମ୍ବର ୧୫ ସୁଦ୍ଧା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ପ୍ରତିଶ୍ରୁତି ଦେଇଥିଲେ ମଧ ଏଯାଏ କାର୍ଯ୍ୟ ଆରମ୍ଭ ହୋଇନଥିବାରୁ ଦୁଇପୁତ୍ର ଏନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଗତ ଅକ୍ଟୋବର ୩୦ରେ ରବି ଲାବଣ୍ୟଙ୍କ ଦେହାନ୍ତ ଘଟିଛି । ସ୍ୱର୍ଗଦ୍ୱାର ନିର୍ମାଣ ହେବା ଦ୍ୱାରା ଅଞ୍ଚଳବାସୀ ଉପକୃତ ହେବା ସହିତ ଆମ ବାପାଙ୍କ ଆତ୍ମାକୁ ଶାନ୍ତି ମିଳିବ ବୋଲି ପ୍ରକାଶ କରିବା ସହିତ ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ ସ୍ୱର୍ଗତ ଲାବଣ୍ୟଙ୍କ ଜ୍ୟେଷ୍ଠ ପୁତ୍ର ହରିଶଙ୍କର ମହାବିଦ୍ୟାଳୟ ଅଧକ୍ଷ ବଳଭଦ୍ର ଦାଶ ଏବଂ କନିଷ୍ଠ ପୁତ୍ର ଆଇନଜୀବୀ ଶ୍ୟାମ ପ୍ରସାଦ ଦାଶ ଜିଲ୍ଲାପାଳଙ୍କୁ କାର୍ଯ୍ୟାଳୟରେ ସାକ୍ଷାତ କରି ଅନୁରୋଧ କରିଛନ୍ତି ।

# ତିନିଦିନିଆ ଓଡ଼ିଆ ବିଶ୍ୱ ଭାଷା ସମ୍ମିଳନୀ ଉଦ୍‌ଯାପନୀ ସମାରୋହ



**ବ୍ରହ୍ମପୁର (ଅମୃତ ମିଡିଆ) :** ରାମାଧୀନ ସ୍ନାତକ ସଂସ୍କୃତ ମହାବିଦ୍ୟାଳୟ ବ୍ରହ୍ମପୁର ପରିସରରେ ଦୀର୍ଘ ଦୁଇ ମାସ ଧରି ଅନୁଷ୍ଠିତ ସମନ୍ୱିତ ଯୁବ ବିକାଶ କା ର୍ଯ୍ୟ କ୍ରମ ଅନ୍ତର୍ଗତ ବିବିଧ ପ୍ରତିଯୋଗିତା ମୂଳକ ବିଷୟ ଯଥା ସଙ୍ଗୀତ, ନୃତ୍ୟ, କଳା,ଓଡ଼ିଆ ଭାଷା ଆଦି ସହ ସାମାଜିକ କାର୍ଯ୍ୟକ୍ରମ ର ଉଦଯାପନି ସମାରୋହ ପରିଚାଳନା ସମିତି ଅଧକ୍ଷ ଡ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ଙ୍କ ପୌରୋହିତ୍ୟ ରେ ଅନୁଷ୍ଠିତ ହୋଇଯାଇଛି ।ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉପଲକ୍ଷେ ଅନୁଷ୍ଠିତ କାର୍ଯ୍ୟକ୍ରମ ର ମୁଖ୍ୟ ଅତିଥି ପ୍ରାକ୍ତନ ବିଭାଗ ମୁଖ୍ୟ ଶ୍ରୀ ରମେଶ ଚନ୍ଦ୍ର ତ୍ରିପାଠୀ, ପ୍ରାକ୍ତନ ଅଧକ୍ଷ ବାଲାଜି ପ୍ରସାଦ ଦାଶ, ମୁଖ୍ୟ ବକ୍ତା ଶ୍ରୀ ଗୋପାଳ କୃଷ୍ଣ ପାଢ଼ୀ, ସମ୍ମାନିତ ଅତିଥି ଶ୍ରୀ ପଦ୍ମ ଚରଣ ଦାଶ ମଧମା ପ୍ରଧାନ ଶିକ୍ଷକ,ଶ୍ରୀଯୁକ୍ତ ପଟନାୟକ, ପ୍ରଶାନ୍ତ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ ।ଅଧକ୍ଷ ଶ୍ରୀ ହରିହର ଦାସଙ୍କର ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମ କୁ ବିଦ୍ୟାର୍ଥୀ ମାନେ ନୃତ୍ୟର ତାଳେତାଳେ ଅତିଥି ମାନଙ୍କୁ ସ୍ୱାଗତ କରାଯାଇଥିଲା । ମୁଖ୍ୟ ଅତିଥି ଡ ରମେଶ ତ୍ରିପାଠୀ କହିଲେ ଯେ ରାଜ୍ୟ ସରକାରଙ୍କ ମୂଳ ଲକ୍ଷ୍ୟ ହେଉଛି ପ୍ରତ୍ୟେକ ବିଦ୍ୟାର୍ଥୀ ଶିକ୍ଷିତ ହେବା ସହ ବିବିଧ କ୍ଷେତ୍ରରେ ନିଜର ଦକ୍ଷତା ପ୍ରଦର୍ଶନ କରନ୍ତୁ, ରୋଜଗାରକ୍ଷମ ହୁଅନ୍ତୁ ଓ ଓଡ଼ିଆ ଭାଷା କୁ ବାଣିଜ୍ୟ, ପ୍ରତିଯୋଗିତା ତଥା ରୋଜଗାର ର ଭାଷା ରୂପେ ସମୃଦ୍ଧ କଲେ ଆମ ଭାଷା ର ପ୍ରକୃତ ସ୍ୱରୂପ ରକ୍ଷା କରାଯାଇପାରିବ ବୋଲି ମୋର ବିଶ୍ୱାସ ହେବ । ସେହି ପରି ମୁଖ୍ୟବକ୍ତା ଗୋପାଳ କୃଷ୍ଣ ପାଢ଼ୀ କହିଲେକି ମୁଁ ଅତୀତରେ ସଂସ୍କୃତ ସମ୍ମାନ ର ଛାତ୍ର ଥିଲି ଓ ସଂସ୍କୃତ ଭାଷା ଓ ସଂସ୍କୃତ ପିଲା ଙ୍କୁ ଭଲପାଏ ଓ ଓଡ଼ିଆ ଭାଷା ମୋର ପ୍ରାଣ ସ୍ୱରୂପ. କିନ୍ତୁ ଆଜିକାଲି ଓଡ଼ିଆ ଭାଷାରେ ଲେଖାଯାଉଥିବା ପୋଷ୍ଟର, ବ୍ୟାନର ଓ କାନ୍ଥ ରେ ଲେଖା ଯାଉଥିବା ଭାଷା ରେ ଅନେକ ଶବ୍ଦ ଓ ବାନାନ ଗତ ତ୍ରୁଟି ରହୁଛି, ଯାହା ପରବର୍ତ୍ତୀ ସମୟରେ ସଂଶୋଧନ କରାଯାଉନାହିଁ.ଏ ହି କାର୍ଯ୍ୟକ୍ରମ ନିଶ୍ଚିତ ଭାବେ ସଚେତନ କରାଇବ ବୋଲି ମୁ ଆଶା କରେ । ପ୍ରାକ୍ତନ ଅଧକ୍ଷ ବାଲାଜୀ ଦାଶ କାର୍ଯ୍ୟକ୍ରମ କୁ ପ୍ରଶଂସା କରି କହିଲେ ଯେ ମାନ୍ୟବର ମୁଖ୍ୟମନ୍ତ୍ରୀ ଯୁବ ଓଡ଼ିଶା ନବୀନ ଓଡିଶା ମାଧମରେ ବିଦ୍ୟାର୍ଥୀଙ୍କ ବୌଦ୍ଧିକ ବିକାଶ ସହ ବ୍ୟକ୍ତିତ୍ୱ ବିକାଶ ପାଇଁ ଉତ୍ସାହିତ କରୁଥିବା ଯୋଗୁଁ ମୁଁ ଧନ୍ୟବାଦ ଜଣାଉଛି । ଶ୍ରୀ ଜଗନ୍ନାଥ ସଂସ୍କୃତି ଗବେଷକ ଶ୍ରୀ ପଦ୍ମ ଦାଶ ଜଗନ୍ନାଥ ସଂସ୍କୃତି ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ସଭାପତି ଡ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ଦିବସର ତାତ୍ପର୍ଯ୍ୟ,ସରକାରଙ୍କ କାର୍ଯ୍ୟକ୍ରମର ଉପା ଦେୟତା ଓ ଯୋଜନାର ବିକାଶ ସମ୍ପର୍କରେ ଅଭିଭାଷଣ ରଖିଥିଲେ । ଏହା ପରେ କୃତୀ ବିଦ୍ୟାର୍ଥୀ ଙ୍କୁ ପ୍ରଶଂସା ପତ୍ର ଓ ଏ କାଧିକ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାର୍ଥୀଙ୍କୁ ମୋମେଂଟ ସହ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା କ୍ଷ ଏହି ଅବସରରେ ଡ ବିଷ୍ଣୁ ପ୍ରସାଦ ଦାଶ ଓ ଭାଷା ବିତ ଶ୍ରୀ ରମେଶ ତ୍ରିପାଠୀଙ୍କୁ ଉପଢୌକନ ସହ ଭାଷା ସମ୍ମାନ ରେ ସମ୍ମାନିତ କରାଯାଇଥିଲା ଏହା ପରେ ସେ ଛାତ୍ର ଛାତ୍ରୀଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ ।ଡ ଚନ୍ଦ୍ରଶେଖର ଦାଶ ଶର୍ମା, ବିଷ୍ଣୁ ପ୍ରସାଦ ଦାଶ, ଡ ସନ୍ତୋଷ ରଥ, ଅନସୂୟା ନାଥ ପ୍ରମୁଖ ବିଦ୍ୟାର୍ଥୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ଶେଷରେ ଅଧ୍ୟାପିକ ସନ୍ତୋଷ କୁମାର ରଥ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ।

# ଅସ୍ୱାୟାର ଏନ. ଜି. ଓ. ପକ୍ଷରୁ ଶିଶୁ ତରଙ୍ଗ ଉତ୍ସବ



**ହାଟଡିହି (ଅମୃତ ମିଡିଆ) :** କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଆସ୍ୱାୟାର ଏନ. ଜି. ଓ ପକ୍ଷରୁ ଇଂଚଳ ଗ୍ରାମପଞ୍ଚାୟତ ଭୂତପଦା ଅପସର ପ୍ରାଥମିକ ବିଦ୍ୟାଳୟ ରେ ଶିଶୁ ତରଙ୍ଗ ମହୋତ୍ସବ ଆୟୋଜିତ ହୋଇଥିଲା କ୍ଷ ଉକ୍ତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭା ଯଥା - ନାଚ, ଗୀତ, ଚିତ୍ରାଙ୍କନ, ଆର୍ଟ ଏବଂ କ୍ରାଫ୍ଟ, ମ୍ୟୁଜିକ ଚେୟାର, ଇତ୍ୟାଦି ଅନେକ ପ୍ରଦର୍ଶନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଅଶୋକ କୁମାର ସାବତ ସଭାପତିତ୍ୱ କରିଥିଲେ । ସେହିପରି ସହକାରୀ ଶିକ୍ଷକ ସୁଜାତା ମଞ୍ଜରୀ ନାଥ, ଅସ୍ୱାୟର ସଦସ୍ୟ - ପ୍ରଦୀପ କୁମାର ସା, ରଜେଶ୍ୱର ନାୟକ, ଅରବିନ୍ଦ ସାହୁ ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଅଭିମନ୍ୟୁ ସକ୍ଷ, ନାରାୟଣ ସକ୍ଷ ଓ ଗ୍ରାମବାସୀ ଏହି କାର୍ଯ୍ୟକ୍ରମ କୁ ସଫଳ କରିଥିଲେ ।

# ମାତୃଭାଷା ଗୋଟିଏ ଜାତିର ପରିଚୟ

## କୋଣାର୍କରେ ଆୟୋଜିତ ହେଲା ମାତୃଭାଷା ସଚେତନତା ଶୋଭାଯାତ୍ରା



**କୋଣାର୍କ (ଅମୃତ ମିଡିଆ) :** ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ - ୨୦୨୪ ଅବସରରେ କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ 'ଭାଷା, ସାହିତ୍ୟ ଓ ସୃଜନଶୀଳତାର ଉତ୍ସବ' ସୋମବାର ଅନୁଷ୍ଠିତ ହୋଇଯାଇଛି । କୋଣାର୍କ ସାହିତ୍ୟ ସଂସଦ ଓ ବସନ୍ତମଞ୍ଜରୀ ପାଠାଗାର ଏଥିରେ ସହଯୋଗ କରିଥିଲେ ।

ପୂର୍ବାହ୍ନରେ କୋଣାର୍କ ଏନ୍‌ଏସି ଅଫିସ୍ ପରିସରରୁ ମାତୃଭାଷା ସଚେତନତା ଶୋଭାଯାତ୍ରା ବାହାରି କୋଣାର୍କ ବଜାର ପରିକ୍ରମା କରିଥିଲା । କୋଣାର୍କ ଏନ୍‌ଏସି ଅଧକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ ଓ ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଧଳ ସବୁଜ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । କୋଣାର୍କର ୧୦ଟି ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ୫ଶହ ଛାତ୍ରଛାତ୍ରୀଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ, ସ୍ଥାନୀୟ ଯୁବଗୋଷ୍ଠୀ, ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଶୋଭାଯାତ୍ରାରେ ସାମିଲ୍ ହୋଇ ଦୈନନ୍ଦିନ ଜୀବନରେ ଶୁଦ୍ଧ ଓଡ଼ିଆ ଭାଷା ବ୍ୟବହାର, ଓଡ଼ିଆରେ ନାମଫଳକ ଓ ପତ୍ରାଚାର କରିଛନ୍ତି । ଏଥି ନିମନ୍ତେ ସଚେତନତା ସୃଷ୍ଟି କରିଥିଲେ । ଏହା ପରେ ଏନ୍‌ଏସି କଲ୍ୟାଣ ମଣ୍ଡପରେ ଏକ ସାରସ୍ୱତ ସଭାର ଆୟୋଜନ କରାଯାଇଥିଲା । କୋଣାର୍କ ସାହିତ୍ୟ ସଂସଦର ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସାହିତ୍ୟ ସଭାରେ ବରିଷ୍ଠ ଶିକ୍ଷାବିତ୍ କ୍ଷୀରୋଦ ଚନ୍ଦ୍ର ରାୟମହାପାତ୍ର ମୁଖ୍ୟ ଅତିଥି, ବରିଷ୍ଠ ସଂସ୍କୃତ ବିଦ୍ୱାନ ହରମୋହନ ମିଶ୍ର ମୁଖ୍ୟବକ୍ତା ଏବଂ ସମ୍ମାନୀତ ଅତିଥି ରୂପେ ଶିକ୍ଷାବିତ୍ ଗୋପୀନାଥ କର, ଶିକ୍ଷାବିତ୍ ଶରତଚନ୍ଦ୍ର ପ୍ରଧାନ, ଉମାକାନ୍ତ ମହାପାତ୍ର, କାମଦେବ ମହାରଣା, ଶିକ୍ଷାବିତ୍ ପ୍ରକାଶ ଚନ୍ଦ୍ର ଖଟୋଇ, ସୁବାସ କୁମାର ବରାଳ, ଶିକ୍ଷାବିତ୍ ଉପେନ୍ଦ୍ର କୁମାର ଭୋଳ ପ୍ରମୁଖ ମଞ୍ଚାସୀନ ହୋଇ 'ଆମ ଭାଷା ଆମ ପରିଚୟ' ଶୀର୍ଷକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । କୋଣାର୍କ ସାହିତ୍ୟ ସଂସଦର ସଂପାଦକ ରବୀନ୍ଦ୍ରନାଥ ବାହିନୀପତି ଏହି ସାରସ୍ୱତ କାର୍ଯ୍ୟକ୍ରମର ଆଭିମୁଖ୍ୟ ସ୍ପଷ୍ଟ କରି ସହିତ ସଂଯୋଜନା କରିଥିଲେ । ଏହାପରେ ଏକ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । କବୟିତ୍ରୀ ସ୍ୱର୍ଣ୍ଣ ଦାସ, କ୍ରିଷ୍ଣା ମହାପାତ୍ର ଓ ସୁଜାତା ସିହ୍ନାଙ୍କ ସଂଯୋଜନାରେ ଆୟୋଜିତ କବିତାପାଠ କାର୍ଯ୍ୟକ୍ରମରେ ୩୦ଜଣ କବି ସ୍ୱରଚିତ କବିତା ଆବୃତ୍ତି କରିଥିଲେ । ଅପରାହ୍ନରେ ଦ୍ୱିତୀୟ ଅଧିବେଶନରେ ୪୫ଜଣ ସାରସ୍ୱତ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା ଏବଂ ଓଡ଼ିଆ ଭାଷା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା

ବିଭିନ୍ନ ବିଦ୍ୟାଳୟର ୭୦ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଏହି ଅବସରରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍ ରେ ସ୍ଥାନ ପାଇଥିବା ବାଲୁକାଶିଳ୍ପୀ ସରିତା ଗୋଛାୟତ ଏବଂ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସ୍ନେହଲତା ପରିଡ଼ା, ପ୍ରଧାନଶିକ୍ଷୟିତ୍ରୀ କଳ୍ପନା ପାତ୍ର, ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ମୁଦୁଲି, ଶିକ୍ଷକ ରାଜକିଶୋର ସେନାପତି ଓ ଶିକ୍ଷକ ରାମକୃଷ୍ଣ ମହାନ୍ତିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏନ୍‌ଏସି ଅଧକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ, ଉପାଧକ୍ଷ ସୁରେଶ ଚନ୍ଦ୍ର ରାଉତରାୟ ଓ ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଧଳ ସମସ୍ତ ସାରସ୍ୱତ ପ୍ରତିଭା ଓ ଅତିଥିଙ୍କୁ ଉତ୍ତରୀୟ, ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନୀତ କରିଥିଲେ । ଏନ୍‌ଏସିର ବରିଷ୍ଠ କର୍ମଚାରୀ ପ୍ରକାଶ କୁମାର ଲେଙ୍କା, ଭାଗିରଥୀ ବରାଳ ଓ ସଂଗ୍ରାମ ସେନାପତି ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ ।

# ବାଲିଗୁଡାରେ ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ



**ବାଲିଗୁଡା (ଅମୃତ ମିଡିଆ) :** କନ୍ଧମାଳ ଜିଲ୍ଲା ବାଲିଗୁଡା ରେ ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଅଛି । କନ୍ଧମାଳ ସାଂସଦଙ୍କ ବାଲିଗୁଡା ପ୍ରତିନିଧି ଟୁନା ଦାସ ଙ୍କ ନେତୃତ୍ୱ ରେ ୧୨ ଓ ୧୩ ନମ୍ବର ୱାର୍ଡ ରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ସହ ପରିବାର ସମ୍ପର୍କ ଅଭିଯାନ ଆରମ୍ଭ କରିଛି ବିଜେଡି । ବିଜେଡିର ଏହି ପରିବାର ସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମରେ ବାଲିଗୁଡା ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ଅଜୟ ମହାରଣା, ବାଲିଗୁଡା ଏନଏସି ଅଧକ୍ଷ୍ୟ ଗୋବିନ୍ଦ ପ୍ରଧାନ, ଉପାଧାଖ୍ୟା ଶାନ୍ତି ନାୟକ, ବାଲିଗୁଡା ବିଜେଡି ନଗର ସଭାପତି ଅବନୀକାନ୍ତ ନାୟକ ଓ କାଉନସିଲର ୧୨ ଓ ୧୩ ନମ୍ବର ୱାର୍ଡ ରେ ଘର ଘର ବୁଲି ଶଙ୍ଖ ଷ୍ଟିକର ଲଗେଇଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ, ଲୋକାଭିମୁଖୀ ଯୋଜନା ସମ୍ପର୍କ ରେ ତୃଣ ମୂଳ ସ୍ତର ରେ ଘର କୁ ଘର ବୁଲି ଲୋକଙ୍କ ପାଖରେ ପହଂଚି ଅବଗତ କରିଛି ବିଜେଡି ।

## ବୈଦିକ ଟେକ୍‌ନୋ ସ୍କୁଲର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ

**ପିପିଲି (ଅମୃତ ମିଡିଆ) :** ପିପିଲି ସ୍ଥିତ ବେଦିକ ଟେକନୋ ସ୍କୁଲର ଚତୁର୍ଦ୍ଦଶ ବାର୍ଷିକ ସାଂସ୍କୃତିକ ଐକ୍ୟମ ଉତ୍ସବ ଉକ୍ତ ବିଦ୍ୟାଳୟ ପରିସରରେ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି କ୍ଷ ବିଦ୍ୟାଳୟ ଅଧକ୍ଷା ଶ୍ରୀମତୀ ଶୁଭଶ୍ରୀ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଭବ୍ୟ 'ଐକ୍ୟମ' ସଭାରେ ମୁଖ୍ୟ ଅତିଥି ଭାବେ ନ୍ୟାସନାଲ ବୁକ ଟ୍ରଷ୍ଟର ପ୍ରାକ୍ତନ ଅଧକ୍ଷ ଶ୍ରୀଯୁକ୍ତ ମାନସ ରଞ୍ଜନ ମହାପାତ୍ର ଯୋଗ ଦେଇ ଚାପମୁକ୍ତ ଶିକ୍ଷା ହିଁ କୋମଳମତି ଶିଶୁର ପ୍ରତିଭାର ବିକାଶ ହୋଇଥାଏ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ସମାଜସେବୀ ଶ୍ରୀଯୁକ୍ତ କୁଳଦୀପ ଗୁପ୍ତା, ସମ୍ମାନିତ ଅତିଥି ଭାବେ ଓଏଏସ ଶ୍ରୀଯୁକ୍ତ ସୌମ୍ୟକାନ୍ତ ସୌମ୍ୟଦର୍ଶୀ ଯୋଗଦେଇ କୋମଳମତି ଶିଶୁ ମାନଙ୍କର ଅନ୍ତର୍ନିହିତ ପ୍ରତିଭାର ବିକାଶ ଉପରେ ଆଲୋକପାତ କରିଥିଲେ । ଜାତୀୟ ଶିକ୍ଷା ନୀତି ଅନୁଯାୟୀ ସ୍ୱ-ଉତ୍ସାହରେ ଛାତ୍ରଛାତ୍ରୀମାନଙ୍କର ସଫଳ ଭବିଷ୍ୟତ ଗଠନ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ ପ୍ରକାଶ କରିଥିଲେ । ସ୍କୁଲର ଅଧକ୍ଷ ଶ୍ରୀଯୁକ୍ତ ସୁଧୀର ପଣ୍ଡା ଅତିଥି ପରିଚୟ ସହ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସ୍କୁଲର ପରିଚାଳନା ପ୍ରତିନିଧି ଶ୍ରୀଯୁକ୍ତ ମୁନୁ ଅଗ୍ରୱାଲ ସ୍ୱାଗତ ଭାଷଣ ସହିତ ବାର୍ଷିକ ବିବରଣୀ ପଠନ କରିଥିଲେ ।

# କ୍ରୀଡ଼ା ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



**ଆଳି (ଅମୃତ ମିଡିଆ) :** ଆଳି ହାଇସ୍କୁଲ ମିନି ଷ୍ଟାଡିୟମଠାରେ ଆଳି ବ୍ଲକ ବିଦ୍ୟାଳୟ କ୍ରୀଡା ସଂଗଠନ ତରଫରୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଆଳି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ଆଳି ବ୍ଲକର ୪ ଜଣ ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ଆଳି ଉଚ୍ଚ ବିଦ୍ୟାଳୟର ଶରତ କୁମାର ସାହୁ, ବାଳକାଟୀ ପଂଚାୟତ ହାଇସ୍କୁଲର ସନ୍ତୋଷ କୁମାର ସାହୁ, ସହିରା ହାଇ ସ୍କୁଲର ଗୋପାଳ ଚନ୍ଦ୍ର ବେହେରା , ଡି ପି ଏସ ହାଇସ୍କୁଲ ପଦନୀପାଳର ଦିଲୀପ କୁମାର ଜେନାଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା । ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଯୋଜନା ବୋର୍ଡ ସଦସ୍ୟ ଭୀଷ୍ମ ମହାନ୍ତି ଯୋଗଦେଇ ଅବସର ଶିକ୍ଷକ ମାନଙ୍କୁ ପୁଷ୍ପ ଗୁଚ୍ଛ, ଉତ୍ତରୀୟ, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ମୁଖ୍ୟ ବକ୍ତା ଭାବରେ ଡି ପି ଏସ ନୋଡାଲ ହାଇସ୍କୁଲ ର ପ୍ରଧାନ ଶିକ୍ଷକ ନୃସିଂହ ଚରଣ ନନ୍ଦୀ, ସମ୍ମାନିତ ଅତିଥି ଭାବେ ଆଳି ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଉଦକର ସାମଲ ଉପସ୍ଥିତ ରହି ବିଦାୟୀ ଶିକ୍ଷକ ମାନଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶାରୀରିକ କ୍ରୀଡା ଅଧିକାରୀ ସ୍ମିତା ପ୍ରତିଭା ସାହୁ ଉପସ୍ଥିତ ରହି ବିଦାୟୀ ଶିକ୍ଷକ ମାନଙ୍କର ଆଗାମୀ ଭବିଷ୍ୟତ ମଙ୍ଗଳମୟ ହେଉ ବୋଲି ଆଶା ପ୍ରକାଶ କରିଥିଲେ କ୍ଷ ଶିବ ପ୍ରସାଦ ସାହୁ ଅତିଥି ପରିଚୟ କରିଥିଲେ । ଏହି ଅବସରରେ ଆଳି ବ୍ଲକ ବିଦ୍ୟାଳୟ କ୍ରୀଡା ସଂଗଠନର ନୂତନ ସମ୍ପାଦକ ଭାବେ ସୁଶାନ୍ତ କୁମାର ମଲିକଙ୍କୁ ଦାୟିତ୍ୱ ଦିଆଯାଇଥିଲା । ରାଜକନିକା ବ୍ଲକର କ୍ରୀଡା ଶିକ୍ଷକ ଅଶ୍ୱିନୀ କୁମାର ପରିଡା, ଅରୁଣ କୁମାର ବାରିକ, ଗାଲେଖ ଚନ୍ଦ୍ର ମଲ୍ଲିକ, ଶରତ କୁମାର ଜେନା, କେନ୍ଦ୍ରାପଡ଼ାର ମନୋଜ କୁମାର ସାହୁ, ଗରଦପୁର ବ୍ଲକର କ୍ରୀଡା ସମ୍ପାଦକ ସୁଶାନ୍ତ କୁମାର ଦାସ , ମାହାରାକୁଳ କ୍ଲଷ୍ଟର ର ସି ଆର ସି ପ୍ରିୟରଞ୍ଜନ ରାଉତରାୟ, ମାହାରକୁଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧୀରେଶ ବେହେରା ଓ ଆଳି ବ୍ଲକର ସମସ୍ତ କ୍ରୀଡା ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଚତୁର୍ଦ୍ଦଶ ବନଜ୍ୟୋତ୍ସ୍ନା ପୁସ୍ତକ ମେଳାରେ ସମ୍ବର୍ଦ୍ଧିତ ହେବେ ବରିଷ୍ଠ ମଞ୍ଚକଳାକାର ପ୍ରମୋଦ



**ବାଲିଗୁଡା (ଅମୃତ ମିଡିଆ) :** ବାଲିଗୁଡା - କନ୍ଧମାଳ ଜିଲ୍ଲା ର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ଚତୁର୍ଦ୍ଦଶ ବନଜ୍ୟୋତ୍ସ୍ନା ପୁସ୍ତକ ମେଳାରେ ସମ୍ବର୍ଦ୍ଧିତ ହେବେ କନ୍ଧମାଳ ଜିଲ୍ଲାର ଅନନ୍ୟ ପ୍ରତିଭା ବରିଷ୍ଠ ମଞ୍ଚ ଅଭିନେତା ତଥା ନାଟ୍ୟକାର ପ୍ରମୋଦ କୁମାର ଦଣ୍ଡସେନା । ଏନେଇ ଅନୁଷ୍ଠାନ ର ସାଧାରଣ ସମ୍ପାଦକ କାହ୍ନୁ ଚରଣ ଶତପଥୀ ପ୍ରକାଶ କରିଛନ୍ତି । ଆସନ୍ତା ବାଇଶି ତାରିଖ ଦିନ ପ୍ରତିଭା ସମ୍ବର୍ଦ୍ଧିତ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ହେବେ । ସୂଚନାଯୋଗ୍ୟ ଯେ ମାତ୍ର ପଞ୍ଚମ ଶ୍ରେଣୀରୁ ଅଭିନୟ ଜୀବନ ଆରମ୍ଭ କରି ଏଯାବତ୍ ୫୦ରୁ ଉର୍ଦ୍ଧ୍ୱ ମଞ୍ଚ ନାଟକ ରେ ଅଭିନୟ ର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି ଏବଂ ତିନୋଟି ନାଟକ ରଚନା ଓ ନିର୍ଦ୍ଦେଶନା ଦେଇ ଉଚ୍ଚ ପ୍ରଶଂସିତ ହୋଇଛନ୍ତି । ନାଟକ ଗୁମୁରୀ କାନ୍ଦୁଛି ଗୁମୁଡୁ ମଝହା, ଶିଶୁ ନାଟକ ଖେମୁଣ୍ଡି ର ପାଟରାଣୀ ମାଆ ପାଟଖଣ୍ଡା , ନାଟକ ' ଝା ଦ ଫରେଷ୍ଟ ଅନ୍ୟତମ । ଶହେ ରୁ ଉର୍ଦ୍ଧ୍ୱ ପଥପ୍ରାନ୍ତ ନାଟକ ରେ ଅଭିନୟ ଓ ପଚାଶ ରୁ ଉର୍ଦ୍ଧ୍ୱ ପଥପ୍ରାନ୍ତ ନାଟକର ରଚନା ଓ ନିର୍ଦ୍ଦେଶନା ଦେଇଛନ୍ତି । ପ୍ରମୋଦଙ୍କେ ରଚିତ ଓ ନିର୍ଦ୍ଦେଶିତ ନାଟକ ଓଡ଼ିଶା ର ବିଭିନ୍ନ ମଞ୍ଚରେ ମଞ୍ଚସ୍ଥ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି । ଓଡ଼ିଶା ବାହାରେ ମଧ୍ୟସେ ନାଟକ ପାଇଁ କାମ କରିଛନ୍ତି । କେବଳ ମଞ୍ଚ ନାଟକ ନୁହେଁ ଲୋକ କଳା ଲୋକ ସଙ୍ଗୀତ ପାରମ୍ପରିକ କଳାକୁ ରାଜ୍ୟ ତଥା ରାଜ୍ୟ ବାହାରେ ପ୍ରଦର୍ଶନ କରି କନ୍ଧମାଳ ଜିଲ୍ଲା ପାଇଁ ଗର୍ବ ଓ ଗୌରବ ଆଣି ଦେଇଛନ୍ତି ।

# ଚନ୍ଦ୍ରଭାଗା ମାଘସପ୍ତମୀ ବୁଡ ନିମନ୍ତେ ତ୍ରିଶମ୍ଭୁଙ୍କ ନୀତି ଚୂଡାନ୍ତ

- ମାଘସପ୍ତମୀ ପାଇଁ ସୂର୍ଯ୍ୟ ମନ୍ଦିର ପ୍ରବେଶ ଶୁଳ୍କ ଛାଡ
- ଭୋର ୪ଟା ୩୪ମିନିଟରେ ଠାକୁରମାନଙ୍କ ସ୍ନାନ



**କୋଣାର୍କ (ଅମୃତ ମିଡିଆ) :** କୋଣାର୍କ ସ୍ଥିତ ଯାତ୍ରୀ ନିବାସ ସମ୍ମେଳନ କକ୍ଷ ଠାରେ ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗାର ପବିତ୍ର ମାଘସପ୍ତମୀ ବୁଡ ନିମନ୍ତେ ପୁରୀ ଉପଜିଲ୍ଲାପାଳ ଭବତାରଣ ସାହୁଙ୍କ ଅଧକ୍ଷତାରେ ନୀତି ସମ୍ପାଦନ ସମ୍ବନ୍ଧୀୟ ସବ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକର ନିଷ୍ପତ୍ତି ଅନୁଯାୟୀ ମାଧିପୁର ଗ୍ରାମର ମହାଦେବ ତ୍ରିବେଣୀଶ୍ୱର, ସନ୍ଥପୁର ଗ୍ରାମର ମହାଦେବ ଐଶାଣେଶ୍ୱର ଓ କୁରୁଜଙ୍ଗ ଗ୍ରାମର ମହାଦେବ ଦକ୍ଷିଣେଶ୍ୱର ତ୍ରିଶମ୍ଭୁ ନିଜ ନିଜ ପୀଠରେ ମାଘ ଷଷ୍ଠୀ ରାତି ୯ଘଟିକା ଠାରୁ ୯ଘଟିକା ୫୫ମିନିଟ ସମୟରେ ନିଜ ନିଜର ସୁଶୋଭିତ ବିମାନରେ ବିଜେ କରି ରାତ୍ର ୧୦ଟା ସମୟରେ ନିଜ ନିଜ ପୀଠରୁ ସୁଶୋଭିତ ବିମାନ, ଉଜ୍ଜଳ ଆଲୋକ ବ୍ୟବସ୍ଥା ମଧ୍ୟରେ ବାହାରି କୋଣାର୍କ ମେଡିକାଲ ଛକ ଠାରେ ସମବେତ ହେବେ ବୋଲି ସ୍ଥିରୀକୃତ ହୋଇଛି । ପରେ ପରେ ତ୍ରିଶମ୍ଭୁଙ୍କ ରାତି ୧୨ଘଟିକା ରୁ ରାତି ୧ଘଟିକା ସମୟରେ କୋଣାର୍କ ଏନଏସି ଅଫିସ ଭୋଗ ମଣ୍ଡପ ଠାରେ ସମବେତ ହେବା ପରେ ଠାକୁର ମାନଙ୍କ ଦେବନୀତି ଅନୁଯାୟୀ ପୂଜାର୍ଚ୍ଚନା ସହ ଭୋଗ ଲାଗି କରାଯିବ ବୋଲି ଚୁଡାନ୍ତ ହୋଇଛି । ପରେ ପରେ ତ୍ରିଶମ୍ଭୁଙ୍କ କୋଣାର୍କ ରାଜସ୍ୱ ନିରୀକ୍ଷକ ଅଫିସ ଓ କୋଣାର୍କ ପୂର୍ତ୍ତବିଭାଗ ଡାକବଙ୍ଗଳା ଠାରେ ପୂଜାର୍ଚ୍ଚନା ଓ ଭୋଗ ଅର୍ପଣ କାର୍ଯ୍ୟ ଅନୁଷ୍ଠିତ ହେବ । ପରେ ପରେ ରାତି ୧ଘଟିକା ୩୦ମିନିଟ ସମୟରେ ତ୍ରିଶମ୍ଭୁଙ୍କୁ ଏକ ବିରାଟ ପଟୁଆରରେ ବାହାରି ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ଅଭିମୁଖେ ଯାତ୍ରା ଆରମ୍ଭ କରି ପୁଷ୍କରିଣୀ ସ୍ନାନ ମଣ୍ଡପ ଠାରେ ଅବସ୍ଥାନ କରିବା ପରେ ପବିତ୍ର ତୀର୍ଥପୁଷ୍କରଣୀରୁ ପବିତ୍ର ଜଳ ଆଣାଯିବା ପରେ ପୂଜାର୍ଚ୍ଚନା କାର୍ଯ୍ୟ ସଂପାଦନ କରାଯିବ । ଏହା ପରେ ରାତି ୪ଘ ୩୪ମିନିଟ ସମୟରେ ତିନି ଠାକୁରଙ୍କ ସ୍ନାନ କାର୍ଯ୍ୟ ସଂପନ୍ନ କରାଯିବା ପରେ ଶ୍ରଦ୍ଧାଳୁ ଭକ୍ତମାନେ ତୀର୍ଥ ପୁଷ୍କରିଣୀରେ ଓଡିଶା ତଥା ଓଡିଶା ବାହାରୁ ଆସିଥିବା ଶ୍ରଦ୍ଧାଳୁ ଭକ୍ତମାନେ ମାଘ ସପ୍ତମୀ ବୁଡ଼ ପକାଇବେ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ନୀତି ଚୁଡାନ୍ତ କରାଯାଇଛି । ଏହି ବୈଠକରେ ଡ୍ରେନେଜ ବିଭାଗ ପକ୍ଷରୁ କରାଯାଉଥିବା ତୀର୍ଥ ପୁଷ୍କରିଣୀ ଖନନ କାର୍ଯ୍ୟ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ କରାଯାଉଥିବା ପାଇଖାନା କାମ, ୱାଟକୋ ପକ୍ଷରୁ ଅସ୍ଥାୟୀ ନଳକୂପ ଖନନ, କୋଣାର୍କ ଏନଏସି ପକ୍ଷରୁ ପରିମଳ କାମ, ପାର୍କିଂ ସ୍ଥାନ ନୀରୂପଣ, ଟ୍ରାଫିକ ନିୟନ୍ତ୍ରଣ, ପୋଲିସ ମୁତୟନ, ଶ୍ରଦ୍ଧାଳୁଙ୍କ ସୁରକ୍ଷା ନିମନ୍ତେ ପୋଲିସ ମୁତୟନ, ଠାକୁର ମାନଙ୍କ ଶୋଭାଯାତ୍ରା ସମେତ ବିଭିନ୍ନ ବିଭାଗର କାର୍ଯ୍ୟର ସମୀକ୍ଷା କରାଯାଇଥିଲା । ଏହି ବୈଠକରେ କୋଣାର୍କ ଏନଏସି ଅଧକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ, ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଧଳ, ନିମାପଡ଼ା ଏସଡିପିଓ ପ୍ରଭାତ କୁମାର ମଲ୍ଲିକ, କାକଟପୁର ତହସିଲଦାର ଅଙ୍କିତା ଅନିନ୍ଧିତା, କୋଣାର୍କ ଏନଏସି ଉପାଧକ୍ଷ ସୁରେଶ ଚନ୍ଦ୍ର ରାଉତରାୟଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ ।





# କୁଡୁମି ସମାଜର ଜରୁରୀ ବୈଠକ




**ବାରିପଦା (ଅମୃତ ମିଡ଼ିଆ):** ଆଜି ୬ ଆଦିବାସୀ କୁଡୁମୀ ସମାଜର ଏକ ଜରୁରୀ ବୈଠକ ସ୍ୱାଗତୀକା କନଫେରେନ୍ସ ହଲ,ବାରିପଦା ଠାରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ଡାକ୍ତର ମନୋଜ କୁମାର ମହାନ୍ତ, ଆଦିବାସୀ କୁଡୁମୀ ସମାଜର ରାଜ୍ୟ ସଭାପତି ଅଧ୍ୟକ୍ଷତା କରିଥିଲେ । ଗତ ତା. ୩୦.୦୧.୨୦୨୪ ରିଖରେ ମନ୍ତ୍ରୀ ସୁଦାମ ମାରାଣ୍ଡି, ଓଡ଼ିଶାର ୧୬୯ଟି ଜନଜାତିକୁ ଅନୁସୂଚୀତ ଜନଜାତି ମାନ୍ୟତା ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିଶ କରିଛନ୍ତି ବୋଲି ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶିତ ହୋଇଥିଲା । ମାତ୍ର ଦୀର୍ଘ ଦିନରୁ କେନ୍ଦ୍ର ସରକାରଙ୍କୁ ଅନୁସୂଚୀତ ଜନଜାତି ପାଇଁ ସୁପାରିଶ କରିବାକୁ ଆନ୍ଦୋଳନ କରିଆସୁଥିବା କୁଡୁମୀ ଜନଜାତି ସରକାରଙ୍କ ପ୍ରକାଶିତ ତାଲିକାରେ ନାମ ନ ଥିବାରୁ ଏହି ଜନଜାତି କ୍ଷୋଭ ଓ ଦୁଃଖ ପ୍ରକାଶ କରିଥିଲେ । ଫଳ ସ୍ୱରୂପ ଏଥିରେ ତୀବ୍ର ପ୍ରତିକ୍ରିୟା ରୂପେ ଆଜିର ସଭା ଅନୁଷ୍ଠିତ ହୋଇଥିଲା । ସଭାରେ ବିଭିନ୍ନ ବକ୍ତାମାନେ ରାଜ୍ୟ ସରକାରଙ୍କୁ ବିକ୍ଷୋଦଗାର କରିଥିଲେ । ୧୯୫୨ ମସିହାରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବ ବାବୁଙ୍କ ଠାରୁ ଅଧୁନା ନବୀନ ପଟ୍ଟନାୟକ, ପ୍ରଧାନମନ୍ତ୍ରୀ ମୋଦୀ ପର୍ଯ୍ୟନ୍ତ ପୁନଶ୍ଚ ଜାନକୀ ପଟ୍ଟନାୟକଙ୍କ ଠାରୁ ନରସୀମା ରାଓ ପର୍ଯ୍ୟନ୍ତ ଭାରତ ବର୍ଷର ସମସ୍ତ ଦଳର ଶାସକ ମୁଖ୍ୟମାନଙ୍କୁ ଆବେଦନ ଓ ନିବେଦନ କରିଥିଲେ ମଧ ଫଳ ଶୂନ । କୁଡୁମୀ ନିଜର ଜାତିର ଅସ୍ମିତା , ଜାତିର ପରିଚୟ ବଂଚାଇ ରଖିବା ପାଇଁ ଏବେବି ଉଦ୍ୟମରତ । ଆଜି ପର୍ଯ୍ୟନ୍ତ କୁଡୁମୀମାନେ ବିଭିନ୍ନ ଶାସକ ଦଳକୁ ଭୋଟ ଦେଇ ଆସୁଛନ୍ତି । ମାତ୍ର ଏହି ଜନଜାତି ଦାବୀ କଥା କେହି କର୍ଣ୍ଣପାତ କରୁ ନ ଥିବାରୁ ସଭାରେ ସମସ୍ତେ କ୍ଷୋଭ ପ୍ରକାଶ କରିଥିଲେ । ସରକାର ଯଦି କୁଡୁମୀ ଜାତିକୁ ଅନୁସୂଚୀତ ଜନଜାତିରେ ତାଲିକାଭୁକ୍ତ ନ କରନ୍ତି ତେବେ କୁଡୁମିମାନେ ଭୋଟ ଦେବେ ନାହିଁ ବୋଲି ସିଦ୍ଧାନ୍ତ ନିଆଯାଇଛି । ସଭାରେ ଜିଲ୍ଲା ସଭାପତି ନିରଂଜନ ମହାନ୍ତ, ରାଜ୍ୟ ସଂଯୋଜକ ସଂଜୀବ ମହାନ୍ତ, ପରିକ୍ଷିତ ମହାନ୍ତ, ମନୋରଂଜନ ମହାନ୍ତ, ଧନଞ୍ଜୟ ମହାନ୍ତ, ତ୍ରିଲୋଚନ ମହାନ୍ତ, ଲକ୍ଷ୍ମୀଧର ମହାନ୍ତ, ନଳୀନ ଚନ୍ଦ୍ର ମହାନ୍ତ, ରତିକାନ୍ତ ମହାନ୍ତ, ଆଡଭୋକେଟ ବସନ୍ତ କୁମାର ମହାନ୍ତ, କୃପାସିନ୍ଧୁ ମହାନ୍ତ, ପ୍ରମୋଦ କୁମାର ମହାନ୍ତ, ଭବାନୀ ଶଙ୍କର ମହାନ୍ତ, ଯୁବ ଛାତ୍ର ସଭାପତି ସ୍ନେହାଶିଷ ମହାନ୍ତ, ବାସନ୍ତୀ ମହାନ୍ତ, ସୁଶାନ୍ତି ମହାନ୍ତ, ଅନୀତାମଣି ମହାନ୍ତ ସହିତ ଶତାଧିକ କୁଡୁମୀ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ ।

# ନୂଆ ଓ' ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତାର ଉଦଯାପନୀ ଉତ୍ସବ

**ବାରିପଦା (ଅମୃତ ମିଡ଼ିଆ):** ବୈଶିଙ୍ଗା ସ୍ଥିତ ମହାତ୍ମା ଗାନ୍ଧୀ ଯୁକ୍ତ ତିନି ମହାବିଦ୍ୟାଳୟ ରେ ସୋମବାର ନୂଆ-ଓ ଓଡିଆ ଭାଷା ସାହିତ୍ୟ ପ୍ରତିଯୋଗୀତା ର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ଏହି ଉତ୍ସବରେ ମହାବିଦ୍ୟାଳୟ ର ଅଧକ୍ଷା ଡକ୍ଟର ମମତା ସାହୁ ସଭାପତିତ୍ୱ କରିଥିଲାବେଳେ ପରିଚାଳନା କମିଟି ର ସଭାପତି ଚନ୍ଦ୍ର ଶେଖର ମହାପାତ୍ର ମୁଖ୍ୟ ଅତିଥି ଏବଂ ଏମ୍.ପି.ସି. ସ୍ୱଂୟ ଶାସିତ ମହାବିଦ୍ୟାଳୟ ର ଅବସରପ୍ରାପ୍ତ ଅଧାପକ ଡକ୍ଟର ସୁଶାନ୍ତ କୁମାର ବସା ସମ୍ମାନିତ ଅତିଥି ରୂପେ ଯୋଗଦେଇ ଥିଲେ। ଓଡ଼ିଆ ବିଭାଗର ଆଧପିକା ଡକ୍ଟର ସ୍ୱନ୍ଦିତା ଧଳ ମଂଚ ପରିଚାଳନା କରିଥିବାବେଳେ ସମସ୍ତ ଛାତ୍ର ଛାତ୍ରୀ, କର୍ମଚାରୀ ସହଯୋଗ କରିଥିଲେ। ରାଜନୀତି ବିଭାଗର ଆଧପକ ରତିକାନ୍ତ ରାଉତ ମଂଚରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



## ଶୋକାକୁଳ ପରିବେଶରେ ଆଜି ଅନୁଷ୍ଠିତ ହେଲା ଅନ୍ତିମ ସଂସ୍କାର

# ଦିଲ୍ଲୀର ବରିଷ୍ଠ ସାମ୍ବାଦିକଙ୍କ ଧର୍ମପତ୍ନୀଙ୍କ ପରଲୋକ

**ନୂଆଦିଲ୍ଲୀ:** ଦିଲ୍ଲୀ ର ବରିଷ୍ଠ ସାମ୍ବାଦିକ, ଦୈନିକ ଧରିତ୍ରୀ ଖବର କାଗଜ ର ପୂର୍ବତନ ଦିଲ୍ଲୀ ପ୍ରତିନିଧି ତଥା ବର୍ତ୍ତମାନ ଦୈନିକ ପ୍ରମେୟ ରେ କାର୍ଯ୍ୟରତ ଥିବା ଦିଲ୍ଲୀ ର ସ୍ୱତନ୍ତ୍ର ପ୍ରତିନିଧି ନିଗମାନନ୍ଦ ପୃଷ୍ଟି ଙ୍କ ସହଧର୍ମିଣୀ ଶ୍ରୀମତୀ ଲିତୁବାଳକ୍ଷ ସାହୁ ଙ୍କ ଗତ ରବିବାର ଦିନ ଅପରାହ୍ନ ରେ ସ୍ଥାନୀୟ ଅଖିଳ ଭାରତ ଆୟୁର୍ବିଜ୍ଞାନ ସଂସ୍ଥାନ (ଏ. ଆଇ. ଆଇ ଏମ. ଏସ.)ରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି. ମୃତ୍ୟୁବେଳକୁ ସ୍ୱର୍ଗୀୟ ଲିତୁବାଳା ଙ୍କୁ ତେପନ(୫୩) ବର୍ଷ ହୋଇଥିବା ଜଣାଯାଇଛି. ଗତ କିଛିବର୍ଷ ଧରି ସେ କର୍କଟ ରୋଗ ପୀଡିତ ହୋଇ ଦିଲ୍ଲୀ ର ଏ. ଆଇ. ଆଇ. ଏମ.ଏସ.ରେ ଚିକିତ୍ସାଧୀନ ଥିଲେ. ମଝିରେ ଅବଶ୍ୟ ସ୍ୱାସ୍ଥ୍ୟ ଅବସ୍ଥାରେ କିଛିଟା ଉନ୍ନତି ଆସିଥିଲା ବେଳେ ପର ମୂହର୍ତ୍ତରେ ପୁଣି ସ୍ୱାସ୍ଥ୍ୟ ଅବସ୍ଥା ସଂକଟାପନ୍ନ ହୋଇଥିଲା. ଯଦ୍ୱାରା ତାଙ୍କୁ ଏ. ଆଇ. ଆଇ. ଏମ. ଏସ ରେ ଭର୍ତି କରାଯାଇଥିଲା. ତେବେ ଡାକ୍ତର ମାନଙ୍କ ଅକ୍ଳାନ୍ତ ଚେଷ୍ଟା ସତ୍ତ୍ୱେ ସେ ରବିବାର ଦିନ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ.ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ସ୍ୱାମୀ, ଆତ୍ମୀୟ ଉପସ୍ଥିତ ଥିଲେ. ଏକମାତ୍ର ପୁତ୍ର ଆନନ୍ଦ୍ୟ ଗୋପାଳ ପୃଷ୍ଟି ଆମେରିକାରୁ ଫେରିବା ପରେ ଆଜି ମଙ୍ଗଳବାର ଅପରାହ୍ନ ୧୨.୩୦ ରେ ସ୍ଥାନୀୟ ଲୋଧିରୋଡସ୍ଥିତ ଶ୍ମଶାନ ଘାଟ ରେ ବନ୍ଧୁ, ଆତ୍ମୀୟସ୍ୱଜନ ଏବଂସମସ୍ତ ଓଡ଼ିଆ ସାମ୍ବାଦିକ ଙ୍କ ଉପସ୍ଥିତ ରେ ସ୍ୱର୍ଗତ ଲିତୁବଳା ଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା. ପୁଅ ଗୋପାଳ ମୁଖାଗ୍ନି ଦେଇଥିଲେ.



# ଶାନ୍ତିଲତା ସେଠୀଙ୍କୁ ମିଳିଲା ଚାନ୍ଦବାଲି ବ୍ଲକ ବିଜେଡି ମହିଳା ମୋର୍ଚ୍ଚା ସଭାପତି ଦାୟିତ୍ୱ



**ଚାନ୍ଦବାଲି (ଅମୃତ ମିଡ଼ିଆ):** ରାଜ୍ୟ ବିଜୁ ଜନତା ଦଳର ମୋର୍ଚ୍ଚା ସଭାପତି ସ୍ନେହାଙ୍ଗୀନୀ ଛୁରିଆ ଆଜି ଚାନ୍ଦବାଲି ବ୍ଲକର ବିଜେଡି ଦଳର ମହିଳା ମୋର୍ଚ୍ଚା ସଭାପତି ଭାବେ ଏନ ଏ ସି ଅଧକ୍ଷା ଶାନ୍ତିଲତା ସେଠୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି । ଏଥିନେଇ ଆଜି ରାଜ୍ୟ ସଭାପତି ଚାନ୍ଦବାଲି ବ୍ଲକର ମହିଳା ମୋର୍ଚ୍ଚାର ସଭାପତିଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିବା ପରେ ଚାନ୍ଦବାଲିରେ ଏନ ଏ ସି ଅଧକ୍ଷାଙ୍କୁ ଶୁବେଚ୍ଛାର ସୁଅ ଛୁଟିଛି । ଏହି ନିଯୁକ୍ତି ପତ୍ର ପାଇବା ପରେ ଏନ ଏ ସି ଅଧକ୍ଷା ଶାନ୍ତିଲତା ସେଠୀ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ,ରାଜ୍ୟ ମହିଳା ମୋର୍ଚ୍ଚା ସଭାପତି ସ୍ନେହାଙ୍ଗିନୀ ଛୁରିଆ, ଚାନ୍ଦବାଲି ବିଧାୟକ ଡ଼ ବ୍ୟୋମକେଶ ରାୟଙ୍କୁ ଧନ୍ୟବାଦ ଦେଇଛନ୍ତି ।

# ଆମ ଓଡ଼ିଶା ନବୀନ ଓଡ଼ିଶା ପଞ୍ଚାୟତସ୍ତରୀୟ ସଚେତନତା ଶିବିର



**ଚଣ୍ଡିଖୋଲ (ଅମୃତ ମିଡ଼ିଆ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ସୋଲର ଗ୍ରାମ ପଞ୍ଚାୟତ ପରିସର ରେ ରାଜ୍ୟ ସରକାରଙ୍କ ଦ୍ୱାରା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ ର ସଚେତନତା ପାଇଁ ସରକାରଙ୍କ ପକ୍ଷରୁ ଏହାର ପ୍ରଚାର ଓ ପ୍ରସାର କରିବା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ପଞ୍ଚାୟତ ମାନଙ୍କରେ ସଚେତନତା ଶିବିର କରିବା ପାଇଁ ନିର୍ଦ୍ଦେଶ ରହିଅଛି ଏହି ଅବସର ରେ ସୋଲର ଗ୍ରାମ ପଞ୍ଚାୟତ ରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଅଛି ଏହି ଶିବିର କୁ ପଞ୍ଚାୟତ ର ବରିଷ୍ଠ ସମାଜସେବୀ ମଧବାନନ୍ଦ ମହାପାତ୍ର ଆନୁଷ୍ଠାନିକ ଭାବେ ଉଦଘାଟନ କରି ପଞ୍ଚାୟତ ର ଜନସାଧାରଣଙ୍କୁ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କ ରେ ବୁଝାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ବିଜୟ କୁମାର ସ୍ୱାଇଁ,ସମିତିସଭ୍ୟ ସଞ୍ଜୟ କୁମାର ବେହେରା,ପଞ୍ଚାୟତ ଅଧିକାରୀ ପ୍ରଶାନ୍ତ ଲେଙ୍କା ପ୍ରମୁଖ ଉପସ୍ଥିତ ଜନାଧାରଣଙ୍କୁ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟଧାରା ସମ୍ପର୍କରେ କହିଥିଲେ । ପରେ ମା ଆଦିଶକ୍ତି କୀର୍ତ୍ତନ ମଣ୍ଡଳୀ , ଗାୟକ ଅଜୟ କୁମାର ଶତପଥୀ ଓ ତାଙ୍କର ସାଥୀ ମାନେ ପାଲା ଓ କୀର୍ତ୍ତନ ମାଧ୍ୟମରେ ଲୋକମାନଙ୍କୁ ସଚେତନତା କରି ଶୁଣାଇଥିଲେ । ଏହି କାର୍ଯ୍ୟକ୍ରମ ରେ ପଞ୍ଚାୟତ ର ପୁରୁଷ ଓ ମହିଳା ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ଶୁଣିଥିଲେ ଶେଷ ରେ ସ୍କୁଲ୍ ର ପିଲା ମାନେ ବିଭିନ୍ନ ପ୍ରକାର ନାଚ ଗୀତ ପ୍ରଦର୍ଶନ କରିଥିଲେ ।

# କାର୍ଯ୍ୟରତ ଓକିଲ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

**ଚାନ୍ଦବାଲି (ଅମୃତ ମିଡ଼ିଆ):** ଭାରତୀୟ ଓକିଲ ସଂଘ ପକ୍ଷରୁ ଚାନ୍ଦବାଲିରେ କାର୍ଯ୍ୟରତ ଓକିଲ ମାନେ ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡ଼ିଶାକୁ ସେମାନଙ୍କର ୫ ଦଫା ଦାବୀ ପତ୍ର ଚାନ୍ଦବାଲି ତହସିଲଦାରଙ୍କ ଜରିଆରେ ପ୍ରଦାନ କରିଛନ୍ତି । ଏଥିନେଇ ଓକିଲ ସଂଘର କାର୍ଯକର୍ତା ବିଶ୍ୱଭୂଷଣ ରଣାଙ୍କ ନେତୃତ୍ୱରେ ଓକିଲ ସଂଘର କାର୍ଯ୍ୟକର୍ତାମାନେ ଓକିଲ ସୁରକ୍ଷା ଆଇନ ପ୍ରଣୟନ , ଡ଼େଥ ବେନିଫିଟ ୪ ଲକ୍ଷରୁ ୧୦ ଲକ୍ଷ ଟଙ୍କା ବୃଦ୍ଧି, ମଧୂବାକୁ ସ୍ୱାସ୍ଥ୍ୟବିମା ଯୋଜନାରେ ୧୫ ଲକ୍ଷ ଟଙ୍କାର ଅନ୍ତର୍ଭୁକ୍ତ କରିବା, ନୂଆ ଓକିଲଙ୍କ ପାଇଁ ୩ ବର୍ଷ ୧୦ ହଜାର ଟଙ୍କା ଷ୍ଟାଇପେଣ୍ଡ ପ୍ରଦାନ ଅବସର ସମୟ ୬୦ରୁ ୬୫ କୁ ବୃଦ୍ଧି ଓ ପେନସନ ୫ ହଜାର ଟଙ୍କା ପାଇଁ ଦାବୀ କରିଛି ସଂଘ ।



## ଗାଡି ଲୋନ୍ ପ୍ରତିଶ୍ରୁତି ଆଳରେ ଠକେଇ

**ବାରିପଦା (ଅମୃତ ମିଡ଼ିଆ):** ଫାଇନାନ୍ସ କମ୍ପାନୀ ତରଫରୁ ଗାଡିଲୋନ ଦେଇଥିବା ପ୍ରତିଶ୍ରୁତି ଦେଇ ୧୪ ଟି ଆରବିଟେସନ ମାମଲାକୁ ବାରିପଦା ଜିଲ୍ଲା ଜଜ ଅରବିନ୍ଦ ପଟ୍ଟନାୟକ ବିଚାର କରି ଅଭିଯୁକ୍ତ ମୟୂରଭଞ୍ଜ ଜିଲ୍ଲାରେ ଥିବା ଗାଡି ମାଲିକଙ୍କ ଜମି ଏଟାଚମେଂଟ ଓ ୱାରେଂଟ ଆଦେଶ ସହିତ ସୁନ୍ଦରମ ଫାଇନାନ୍ସ କମ୍ପାନୀକୁ ପ୍ରସେସିଂ ଫିସ ଜମା କରିବାକୁ ଆଦେଶ ଜାରି କରିଛନ୍ତି । ଫାଇନାନ୍ସ କମ୍ପାନୀ ପକ୍ଷରୁ ଓକିଲ ବିଦ୍ୟୁତ କୁମାର ମହାନ୍ତି ମାମଲା ପରିଚାଳନା କରିଥିଲେ। ପ୍ରକାଶ ଯେ, ବାରିପଦା ସୁନ୍ଦରମ ଫାଇନାନ୍ସ କମ୍ପାନୀ ତରଫରୁ ବାରିପଦା କୋର୍ଟରେ ଥିବା ୧୪ ଜଣ ଗାଡ଼ିଲୋନ ନେଇଥିବା ଗାଡି ମାଲିକଙ୍କ ନାମରେ ଆରବିଟେସନ କେସନଂ-୨୭/୨୧, ୩୧/୨୧, ମୂଳେ ମାମଲା ରୁଜୁ ହୋଇଥିଲା।

# ବରିଷ୍ଠ ନାଗରିକ ନିବାସରେ ସମ୍ବର୍ଦ୍ଧନା

**କଟକ (ବ୍ୟୁରୋ)** କଟକ ବାଙ୍କୀ ଜାତମୁଣ୍ଡିଆସ୍ଥ ଇନ୍ଦୁମତୀ ପାଟଣା ର ବରିଷ୍ଠ ନାଗରିକ ନିବାସ ରେ ହୋପ -ଏଜ ଟ୍ରଷ୍ଟ ର କର୍ମକର୍ତା ଓ ସଦସ୍ୟ ମାନଙ୍କୁ ଆଜି ଅପରାହ୍ନ ରେ ସମ୍ବର୍ଦ୍ଧିତ କରାଯାଇଥିଲା । ହୋପ -ଏଜ ପକ୍ଷରୁ ଅନ୍ତେବାସୀ ମାନଙ୍କୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଓ ଖାଦ୍ୟଦ୍ରବ୍ୟ ବିତରଣ କରାଯାଇଥିଲା । ଅନ୍ତେବାସୀଙ୍କ ସହ ଭାବ ର ଆଦାନ ପ୍ରଦାନ ବରିଷ୍ଠ ନାଗରିକ ମାନେ କରିଥିଲେ । ଜରା ନିବାସ ର ସମ୍ପାଦକ କେଶବ ଚନ୍ଦ୍ର ବେହେରା ଓ କର୍ମକର୍ତା ମାନେ ସ୍ୱାଗତ କରିବା ସହ ସମ୍ବର୍ଦ୍ଧନା କରିଥିଲେ । ହୋପ -ଏଜ ର ଟ୍ରଷ୍ଟି ଡ଼. ସତ୍ୟ ରାୟ, ମୁଖ୍ୟ ପୃଷ୍ଟପୋଷକ ଉମେଶ ଚନ୍ଦ୍ର ପଟ୍ଟନାୟକ, ସଭାପତି କିଶୋର ଶତପଥୀ, ଉପସଭାପତି ବିଜୟ କୁମାର ପୃଷ୍ଟି, ପୃଷ୍ଟପୋଷକ ଉତ୍କଳ ଭୂଷଣ ରାଉତରାୟଓ ସୁଜାତା ପଟ୍ଟନାୟକ, ସମ୍ପାଦକ ରଂଜିତ ସାହୁ, କୈଳାଶ ଚନ୍ଦ୍ର ମିଶ୍ର, କେଦାର ଜାଲି, ବାଦଲ ମହାନ୍ତି, ଚିତ୍ତରଞ୍ଜନ ମହାନ୍ତି, ହିମାଂଶୁବାଳା ପଟ୍ଟନାୟକ, ସବିତା ରାଉତରାୟ ରବିନ୍ଦ୍ରନାଥ ମିଶ୍ର ଓ ମଧୁସୂଦନ ପତି ପ୍ରମୁଖ ଯୋଗ ଦେଇଥିଲେ ।



# ଗତ ପଂଚାୟତ ନିର୍ବାଚନରେ ୩ ସନ୍ତାନ ମା'ଙ୍କ ନିର୍ବାଚନ ଅସିଦ୍ଧ ହେଲା

ବାରିପଦା (ଅମୃତ ମିଡ଼ିଆ): ମୟୂରଭଞ୍ଜ ଜିଲ୍ଲାର ବେତନଟୀ ବ୍ଲକ ଅନ୍ତର୍ଗତ ଆଗ୍ରିଆ ପଂଚାୟତର ୧୫ ନଂ ୱାର୍ଡ ମେମ୍ବର ଅପୂର୍ବ ମଣି ମହାନ୍ତ ୨୦୨୨ ମସିହା ଫେବୃଆରି ମାସରେ ହୋଇଥିବା ତ୍ରିସ୍ତରୀୟ ପଂଚାୟତିରାଜ ନିର୍ବାଚନରେ ୬୧ ଖଣ୍ଡ ଭୋଟ ପାଇ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ହରିଶ୍ଚନ୍ଦ୍ର ପ୍ରଧାନଙ୍କୁ ପରାସ୍ତ କରିଥିଲେ। ନିର୍ବାଚନରେ ହରିଶ୍ଚନ୍ଦ୍ର ଙ୍କୁ ୬୦ ଖଣ୍ଡ ଭୋଟ ମିଳିଥିଲା। ଅପୂର୍ବ ମଣି ତିନୋଟି ସନ୍ତାନର ମା ହୋଇଥିବା ଯୋଗୁଁ ତାଙ୍କ ପ୍ରାର୍ଥୀପତ୍ର କୁ ବେଆଇନ ଦର୍ଶାଇ ଏହାକୁ ଖାରଜ କରିବାକୁ ବେତନଟୀ ଜେଏମଏଫସିଙ୍କ କୋର୍ଟରେ ହରିଶ୍ଚନ୍ଦ୍ର ମାମଲା ରୁଜୁ କରି ଏଥିରେ ବିଡ଼ିଓ , ଜିଲ୍ଲାପାଳ ଓ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ପକ୍ଷଭୁକ୍ତ କରିଥିଲେ। ଏ ସଂକ୍ରାନ୍ତରେ ସମସ୍ତ ତଥ୍ୟ ପ୍ରମାଣକୁ ଭିତି କରି ଜେଏମଏଫସି ବିଚାରପତି ଏ. ଅବିନାଶ ନାଇଡୁ ରାୟ ପ୍ରଦାନ କରିଥିଲେ ଏବଂ ନିର୍ବାଚିତ ୱାର୍ଡ଼ ସଦସ୍ୟାଙ୍କ ପଦବୀ ଅସିଦ୍ଧ ଘୋଷଣା କରିଥିଲେ ଏବଂ ଆଇନ ଅନୁଯାୟୀ ପରବର୍ତୀ ପଦକ୍ଷେପ ନେବାପାଇଁ ପ୍ରଶାସନକୁ ସୁପାରିସ କରିଥିବାର ସୂଚନା ମିଳିଛି। ଏହା ବିରୁଦ୍ଧରେ ୱାର୍ଡ଼ ସଭ୍ୟା ଉପର କୋର୍ଟରେ ଆଶ୍ରୟ ନେବେ ବୋଲି ସୂଚନା ମିଳିଛି।

# ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଯାପନ ଉପଲକ୍ଷେ ବାଣପୁର ବିଜ୍ଞାପିତ ପରିଷଦ ପକ୍ଷରୁ ସାହିତ୍ୟିକଙ୍କୁ ସମ୍ବର୍ଦ୍ଧିତ



**ଚିଲିକା (ଅମୃତ ମିଡ଼ିଆ) :** ଭୁବନେଶ୍ୱରର ଅକ୍ଷର ପୁରୀଠାରେ ତିନିଦିନ ଧରି ଚାଲିଥିବା ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ର ଉଦଯାପନ ଉତ୍ସବ ଅବସରରେ ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ସହୀଦ କୃତ୍ତିବାସ ଭବନଠାରେ ପରିଷଦତରଫରୁ ଆୟୋଜିତ ଉତ୍ସବରେ ଓଡ଼ିଆ ଭାଷା ସାହିତ୍ୟର ସ୍ଥାନୀୟ ସାହିତ୍ୟିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପରିଷଦର ଅଧ୍ୟକ୍ଷ ମିଟୁନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଗାଳ୍ପିକ ଶିବମିଶ୍ର, ସାହିତ୍ୟିକ ଅଧାପକ ସଂଗ୍ରାମ କେଶରୀ ସାହୁ, ଶିକ୍ଷାବିତ୍ ବାଳମୁକୁନ୍ଦ ଦାସ, ଅଧାପକ ସର୍ବେଶ୍ୱର ଷଡ଼ଙ୍ଗୀ, ପତ୍ରକାର ନୃସିଂହ ପ୍ରସାଦ ମିଶ୍ର ଯୋଗ ଦେଇ 'ଭାଷା ହିଁ ଭବିଷ୍ୟତ' ଉପରେ ଆଲୋକପାତ କରି ଆଗାମୀ ଦିନରେ ଯୁବପୀଢି ଙ୍କ ମଧ୍ୟରେଓଡ଼ିଆ ଭାଷାରେ କବିତା, ଗଳ୍ପ, ନାଟକ,ଲେଖିବାର ପ୍ରେରଣା ଯୋଗାଇଦେଲେ ଏଭଳି ଗୌରବମୟ ଭାଷାର ଉନ୍ନତି ସାଧନ ହୋଇପାରିବ ବୋଲି ମତବ୍ୟକ୍ତ କରିବା ସହିତ ବାଣପୁରର ସାରସ୍ୱତ ବରପୁତ୍ରମାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏଣିକି ଓଡ଼ିଆ ଭାଷାରେ ଶୁଦ୍ଧ ଲିଖନ, ପଠନ ଓ ଉଚ୍ଚାରଣ ଉପରେ ଗୁରୁତ୍ୱ ଦେବା ସହିତ ପ୍ରସିଦ୍ଧ କବିମାନଙ୍କ କବିତା ପଂକ୍ତି ଗୁଡ଼ିକୁ ପ୍ରାଚୀରମାନଙ୍କରେ ଲେଖିବା, ପ୍ରାଥମିକ ଶ୍ରେଣୀରେ 'ଛବିଳ ମଧୁ ବର୍ଣ୍ଣବୋଧର ପୁନଃବହୁଳ ବ୍ୟବହାର କରିବା ସହିତ ନିମନ୍ତ୍ରଣ ପତ୍ର ଗୁଡ଼ିକୁ ଓଡ଼ିଆରେ ଲେଖିବାର ଆଗ୍ରହ ପ୍ରକାଶ କରି ଛାତ୍ରଛାତ୍ରୀମାନଙ୍କୁ ଓଡ଼ିଆ ଗଳ୍ପ କବିତାପଠନ ପାଇଁ ପାଠାଗାରର ବ୍ୟବସ୍ଥା କରିବାକୁ ପ୍ରୟାସ କଲେ ଭବିଷ୍ୟତରେ ଓଡ଼ିଆ ଭାଷାର ପ୍ରଚଳନ ବହୁଳ ଭାବରେ ହୋଇ ପାରିବ ବୋଲି ପ୍ରସ୍ତାବ ରଖିଥିଲେ । ବାଣପୁର ଅଞ୍ଚଳରବର୍ତ୍ତମାନର ସାହିତ୍ୟିକପ୍ରତିଭାମାନଙ୍କୁ ଉପଢୌକନ ପ୍ରଶଂସାପତ୍ର ଦେଇ ସମ୍ବର୍ଦ୍ଧିତ କରାଯିବା ସହିତ ଭାଷାସାହିତ୍ୟ ସଂସ୍କୃତି ପ୍ରତିଯୋଗୀତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା ଓମା' ଭାଗବତୀ ନୃତ୍ୟସଂଗୀତ ଅନୁଷ୍ଠାନର କଳାକାରମାନେ 'ବନ୍ଦେ ଉତ୍କଳଜନନୀ'ନୃତ୍ୟାଭିନୟ କରିଥିଲାବେଳେ, ପ୍ରାକ୍ତନ ଉପାଧକ୍ଷ ଦାଶରଥି ସାହୁ ଧନ୍ୟବାଦାର୍ପଣ କରିଥିଲେ।

## କୋର୍ଟଙ୍କ ଆଦେଶ କାର୍ଯ୍ୟକାରୀ ହେଉନଥିବା ଜିଲ୍ଲାପାଳଙ୍କୁ ଅଭିଯୋଗ

# ସରକାରୀ ଜମିକୁ ବେଆଇନ ଦଖଲ କରି କୋଠା ନିର୍ମାଣ ଅଭିଯୋଗ

**କେନ୍ଦ୍ରାପଡ଼ା (ଅମୃତ ମିଡ଼ିଆ):** ସାଧାରଣ ଜନତାଙ୍କ ପାଇଁ ଜଳ ନିଷ୍କାସନ ଓ ରାସ୍ତା ଅଭିବୃଦ୍ଧି ନିମନ୍ତେ ଉଦ୍ଦିଷ୍ଟ ଜଳସେଚନ ବିଭାଗର ଏକ ଜମିକୁ ଜୋର ଦବରଦସ୍ତ ଅବରୋଧ କରାଯାଇ ସେହି ଜମି ଉପରେ କୋଠା ନିର୍ମାଣ କରାଯାଉଥିବା ଜିଲ୍ଲାପାଳଙ୍କ ଜନ ଶୁଣାଣି ଶିବିରରେ ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାୟୀ ମୁକୁନ୍ଦ ଦେବ ସାହୁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ଯେ କାକଟ ଗ୍ରାମର ହେମନ୍ତ କୁମାର ସାହୁଙ୍କ ନାମରେ ଥିବା କାକଟ ମୌଜାର ଖାତା ନମ୍ବର- ୧୫୨/୪୯, ପ୍ଲଟ ନମ୍ବର -୨୪/୬୦୨ ଓ ଏରିଆ ଏ୦.୦୭ଡେସିମିଲ ଜମି ଉପରେ ଶ୍ରୀ ସାହୁ ଏକ ବିଶାଳକାୟ କୋଠାଘର ନିର୍ମାଣ କରଛନ୍ତି । ସେହି କୋଠାଘରଟି ସରକାରୀ ଖାତା ନମ୍ବର- ୩୦୧, ପ୍ଲଟ ନମ୍ବର- ୩୩, କିଷମ ଗୋବରୀ ନଦୀ(ପତିତ) ଉପରକୁ ମାଡି ନିର୍ମାଣ ହେଉଥିବା ଅଭିଯୋଗ ହୋଇଛି । ଶ୍ରୀ ସାହୁଙ୍କ ଅଭିଯୋଗ ହେଉଛି ହେମନ୍ତ ସାହୁ ତାଙ୍କ କୋଠାଟି ସରକାରୀ ଜମି ଓ ରାସ୍ତାକୁ ଅବରୋଧ କରି ନିର୍ମାଣ କରୁଥିବାରୁ ସେହି ରାସ୍ତା କଡରେ ଥିବା ଶିବ ମନ୍ଦିର ଓ ବିମ୍ବଳାଇ ମନ୍ଦିରକୁ ଲୋକମାନେ ଯିବା ଆସିବା କରିବାରେ ଗୁରୁ ର ବାଧା ଉପୁଜିଛି । ଏସମ୍ପର୍କରେ ଗତ ଜାନୁଆରୀ ୧୯ତାରିଖରେ ତତ୍କାଳୀନ ଜିଲ୍ଲାପାଳଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ଏକ ଲିଖିତ ଅଭିଯୋଗ ପ୍ରଦାନ କରାଯିବା ସହ ତାହାର ନକଲ ଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ, ପୌରନିର୍ବାହୀ ଅଧିକାରୀ ଓ କେନ୍ଦ୍ରାପଡା ତସସିଲଦାର ପ୍ରଭୃତିଙ୍କୁ ପ୍ରଦାନ କରାଯାଇଥିଲେବି ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ । ଏତଦବ୍ୟତିତ ଅଭିଯୋଗକାରୀ ମୁକୁନ୍ଦଦେବ ସାହୁଙ୍କର ସେଠାରେ ଥିବା ଖାତା ନମ୍ବର-୨୭୬/୩୩ ଓ ପ୍ଲଟ ନମ୍ବର-



୨୪/୬୦୩ର ପଶ୍ଚିମ ତରଫ ଜମି ଉପରକୁ ମଡାଇ ହେମନ୍ତ ସାହୁ ତାଙ୍କ କୋଠା ନିର୍ମାଣ କରୁଥିବାରୁ ମୁକୁନ୍ଦ କେନ୍ଦ୍ରାପଡା ସିଭିଲ ଜଜ୍‌ଙ୍କ ଅଦାଲତରେ ଆଇଏ ନଂ- ୧୩୭/୨୦୨୩ରେ ଏକ ମାମଲା ରୁଜୁ କରିଥିଲେ। କେନ୍ଦ୍ରାପଡା ସିଭିଲ ଜଜ୍ ସେହି ମାମଲାର ବିଚାର କରି କାକଟ ମୌଜାର ଖାତା ନମ୍ବର-୨୭୬/୩୩ ଓ ପ୍ଲଟ ନମ୍ବର-୨୪/୬୦୩ର ପଶ୍ଚିମ ତରଫ ଜମି ଉପରେ କୌଣସି କୋଠାବାଡି ନିର୍ମାଣ କରାଯାଇପାରିବ ନାହିଁ ବୋଲି ଗତ ତା ୨.୦୮.୨୦୨୩ରିଖରେ ନିର୍ଦ୍ଦେଶ ଦେଇଥିଲେ। ଏସମ୍ପର୍କରେ ମୁକୁନ୍ଦଦେବ ସାହୁ ଉପଜିଲ୍ଲାପାଳଙ୍କ କୋର୍ଟରେ କେନ୍ଦ୍ରାପଡା ସିଭିଲ ଜଜ୍‌ଙ୍କ ଆଦେଶର ନକଲ ଦାଖଲ କରି ଜଣାଇବା ପରେ ସବଡିଭିଜନାଲ ମ୍ୟାଜିଷ୍ଟ୍ରେଟ୍ ତଥା କେନ୍ଦ୍ରାପଡା ଉପଜିଲ୍ଲାପାଳ ପତ୍ର ସଂଖ୍ୟା- ୧୪୫୧୭ ତା ୨୬.୧୨.୨୦୨୩ରିଖରେ ଟାଉନଥାନା ଅଧିକାରୀଙ୍କୁ କୋର୍ଟଙ୍କ ଆଦେଶ ପାଳନ କରିବାକୁ ନିର୍ଦ୍ଦେଶ ଦେଇଥିଲେବି ଅଦ୍ୟାବଧି ପୋଲିସ କୌଣସି ପଦକ୍ଷେପ ଗ୍ରହଣ କରିନଥିବା ଅଭିଯୋଗ ହୋଇଛି। ଏପରିକି କୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରାଯାଇ ରାତିଦିନ ସଂପୃକ୍ତ ବିବାଦୀୟ ପ୍ଲଟ ଉପରେ ନିର୍ମାଣ କରାଯାଉଥିବା ମୁକୁନ୍ଦ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ମୁକୁନ୍ଦଙ୍କ ଅଭିଯୋଗ ଉପରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି।

# ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କଲେ ମୁଖ୍ୟ ଉନ୍ନୟନ ଅଧିକାରୀ



**ଜୟପୁର (ଅମୃତ ମିଡ଼ିଆ):** ଜୟପୁର ବ୍ଲକରେ ଆଜି ମୁଖ୍ୟ ଉନ୍ନୟନ ଅଧିକାରି ତଥା କାଯ୍ୟନିବାହି ଅଧିକାରି ଦୟା ମୟ ପାତ୍ରୀ ପହଞ୍ଚି ସମିକ୍ଷା କରିଛନ୍ତି । ବ୍ଲକର ବିଭିନ୍ନ କାଯ୍ୟ ତଦାରଖ କରି ବାରିଣିପୁଟ, ବାମୁଣିପୁଟ ୫ଟି ସ୍କୁଲର ସମିକ୍ଷା କରିଥିଲେ । ଏହା ପରେ ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟ ର ବିକାଶ କାଯ୍ୟର ସମିକ୍ଷା କରିଥିଲେ । ଏହି ସମିକ୍ଷା ସମୟରେ ପିଏ ଆଇଟିଡିଏ ପ୍ରଣୟ ରଞ୍ଜନ ବେହେରା, ବିଡିଓ ଶକ୍ତି ମହାପାତ୍ର,ଏବିଡିଓ ମନୋଜ ନାୟକ , ସହକାରି ଯନ୍ତ୍ରୀ ବିଶ୍ୱ ନାଥ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଓଡ଼ିଶାବାସୀଙ୍କ ଜୀବନ ଜୀବିକାର ସୁରକ୍ଷା ହିଁ ମଧୁବାବୁଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି:ପୂଜ୍ୟ ପୂଜା ସମିତି



**ବ୍ରହ୍ମପୁର (ଅମୃତ ମିଡିଆ):** ସାଂସ୍କୃତିକ ଅନୁଷ୍ଠାନ ପୂଜ୍ୟ ପୂଜା ସମିତି ପକ୍ଷରୁ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ଆନ୍ଦୋଳନର ମହାନାୟକ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୯୧ତମ ତିରୋଧାନ ପାଳନ ହୋଇଯାଇଛି । ପ୍ରଥମେ ସମିତି ସଭାପତି ବଂଶୀଧର ଭୂୟାଁ ଗାନ୍ଧିନଗର ଛକ ସ୍ଥିତ ଉତ୍କଳ ଗୌରବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ଉକ୍ତ ସ୍ଥଳରେ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଥିଲା । ଓଡିଶାର ଜଳ, ଜମି, ଖଣି,ଜଙ୍ଗଲର ସୁରକ୍ଷା ଓ ବିଭିନ୍ନ କମ୍ପାନୀଙ୍କ ସ୍ୱାର୍ଥ ପାଇଁ ଏ ଦେଶର ମୁଳନୀବାସୀ ଆଦିବାସୀ ଓ ପାରମ୍ପରିକ ଅଧିବାସୀଙ୍କୁ ନିଜ ଭିଟାମାଟିରୁ ବିସ୍ଥାପନ କରିବା ବିରୁଦ୍ଧରେ ସମସ୍ତ ଓଡିଶାବାସୀ ଏକ ହେବାର ଆବଶ୍ୟକତା ରହିଛି । ମଧୁବାବୁଙ୍କ ସ୍ୱପ୍ନର ଓଡିଶା ଗଠନ ପାଇଁ ଓଡିଶାବାସୀଙ୍କ ଜୀବନ, ଜୀବିକାକୁ ରକ୍ଷା କରିବା ନିହାତି ପ୍ରୟୋଜନ ରହିଛି ବୋଲି ଆଜି ସଭାରେ ମତ ପ୍ରକାଶ ପାଇଛି । ସଭାପତି ବଂଶୀଧର ଭୂୟାଁ ସଭାରେ ଅଧକ୍ଷତା କରିଥିବାବେଳେ ସମାଜସେବୀ ହୃଷିକେଶ ପାତ୍ର, ଏସ. କେଶବ ଲିଙ୍ଗମ, ଯୁବନେତା ରମେଶ ଚନ୍ଦ୍ର ବେହେରା, ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ସମ୍ପାଦକ ଏସ. ଶାମ୍ବଶିବା ରାଓ, ଅବନୀ ଗୟା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

## ପୁଣି ମାଲକାନଗିରିରେ ମାଓବାଦୀ ସଙ୍ଗଠନ ସକ୍ରିୟ: ଲାଗିଲା ପୋଷ୍ଟର

**ଚିତ୍ରକୋଣ୍ଡା (ଅମୃତ ମିଡିଆ):** ଦୀର୍ଘଦିନର ନିରବତା ପରେ ପୁଣି ମାଲକାନଗିରିରେ ମାଓବାଦୀ ସଙ୍ଗଠନ ସକ୍ରିୟ ହୋଇଉଠିଛି । ଚିତ୍ରକୋଣ୍ଡା ବ୍ଲକ କାଲିମେଳା ଥାନା ଅନ୍ତର୍ଗତ ମସୁଘଟି, ପଟେଲ, ପାପୁଲୁର ପ୍ରଭୁତି ଗ୍ରାମଗୁଡିକରେ (aobszc )ଆନ୍ଧ୍ର ଓଡିଶା ସୀମାନ୍ତ ମାଓବାଦୀ ସଂଗଠନ ପକ୍ଷରୁରୁ ବିଭିନ୍ନ ସ୍ଥାନରେ ତେଲୁଗୁ ଓଡ଼ିଆ ଭାଷାରେ ପୋଷ୍ଟର ଲଗାଯାଇଥିବା ଦେଖିବାକୁ ମିଳିଛି ।

ଏଥିରେ ବଙ୍ଗପୁଟ, ରଙ୍ଗବେଲ, କଣ୍ଡୁରମ ଗ୍ରାମଗୁଡିକରେ ରମେଶ ରାକେଶ, ସପ୍ନା ତୁଲେଶି ଯେଉଁମାନେ ପୁର୍ବରୁ ମାଓବାଦୀ ସଙ୍ଗଠନରେ ସକ୍ରିୟ ଥିଲେ, ବର୍ତ୍ତମାନ ସେମାନେ ସଙ୍ଗଠନ ଛାଡି ଠିକାଦାର କାମ ଓ ଲୋକଙ୍କଠାରୁ ଟଙ୍କା ବଟି ଆଦାୟ କରୁଛନ୍ତି । ମାଓବାଦୀ ସଙ୍ଗଠନକୁ ବଦନାମ କରୁଛନ୍ତି । ତେଣୁ ସେମାନଙ୍କୁ ମାଓବାଦୀ ଦଳରୁ ବହିଷ୍କାର କରାଯାଇଥିବା ଉକ୍ତ ପୋଷ୍ଟରରେ ଉଲ୍ଲେଖ ରହିଛି । ସେହିଭଳି ସେମାନେ ଗ୍ରାମକୁ ଆସିଲେ ସେମାନଙ୍କୁ ସହଯୋଗ ନ କରି ବାନ୍ଧି ରଖିବା ପାଇଁ କୁହାଯାଇଛ । ଅନ୍ୟପକ୍ଷେ ପୋଲିସ ଏହି ପୋଷ୍ଟରକୁ ଜବତ କରିଛି ।



# କପାଚାଷୀ ଶୋଷଣର ଶିକାର

## ବ୍ଲକରେ ନାହିଁ ମଣ୍ଡି ବ୍ୟବସ୍ଥା, ଦଲାଲ ମାଲାମାଲ



**ଖଡ଼ିଆଳ (ଅମୃତ ମିଡିଆ):** ନୂଆପଡା ଜିଲା ଖଡ଼ିଆଳ ବ୍ଲକରେ କପା ମଣ୍ଡି ବ୍ୟବସ୍ଥା ନ ଥିବାରୁ ଚାଷୀ ଶୋଷଣର ଶିକାର ହେଉଥିବା ବେଳେ ଦଲାଲ ମାଲାମାଲ ହେଉଛନ୍ତି । ଦଲାଲଙ୍କ ଦୈନିକ ଖଡ଼ିଆଳ ଅଞ୍ଚଳରୁ ୩୦ ରୁ ୪୦ ବେଆଇନ କପା ବୋଝେଇ ଗାଡି ଖୋଲାଖୋଲି ଯାଉଛି । କିନ୍ତୁ ପ୍ରଶାସନର ନଜର ନ ଥିବାରୁ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି । ଖଡ଼ିଆଳ ବ୍ଲକରେ ସରକାରୀ ଭାବେ ୩୦୨୦ ହେକ୍ଟର କପା ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ ଛୋଟ ଛୋଟ ଚାଷୀମାନେ ପଞ୍ଜୀକରଣ ହୋଇ ନ ଥିଲେ । ଫଳରେ ବ୍ଲକରେ ୪୫୦୦ରୁ ଅଧିକ ହେକ୍ଟର କପା ଚାଷୀ ମହଲରୁ ଜଣାପଡିଛି । କପା ଚାଷ ଏକ ଅର୍ଥକାରୀ ଫସଲ ଏହାକୁ ଧଳା ସୁନା କୁହାଯାଏ । ଠିକ ଭାବେ ଉତ୍ପାଦନ ହେଲେ ଏହା ଚାଷୀଙ୍କୁ ଅଧିକ ଲାଭ ମିଳିଥାଏ । କିନ୍ତୁ ବର୍ଷାର ଲୁଚକାଳି ଖେଳ ଓ ରୋଗପୋକ ଯୋଗୁ ଆଶାତିତ କପା ଉତ୍ପାଦନ କରିପାରି ନ ଥିଲା । ଚାଷ କରିବା ପୂର୍ବରୁ କିଛି ଗରିବ ଚାଷୀ ସ୍ଥାନୀୟ ଦଲାଲଠାରୁ ବିହନ, ସାର ଓ ଟଙ୍କା ଆଣି ଚାଷ କରିଥିଲେ । ସେମାନେ ଦଲାଲଙ୍କୁ କମ ମୂଲ୍ୟରେ କପା ଦେବାକୁ ବାଧ ହେଉଛନ୍ତି । ଅନ୍ୟପକ୍ଷରେ ବ୍ଲକରେ କପା ମଣ୍ଡି ଖୋଲୁ ନ ଥିବାରୁ ଦଲାଲଙ୍କଠାରେ ୫ରୁ ୬ହଜାର ଟଙ୍କାରେ ବିକ୍ରିୟ କରିବାକୁ ବାଧ ହେଉଛନ୍ତି । ମଣ୍ଡିର ସୁବିଧା ଥିଲେ ଚାଷୀ ୭ ହଜାର ଟଙ୍କା ପର୍ଯ୍ୟନ୍ତ କୁଇଣ୍ଟାଲ ପ୍ରତି ବିକ୍ର ଲାଭବାନ ହୁଅନ୍ତା । କପା ମଣ୍ଡି ଖଡ଼ିଆଳଠାରୁ ୫୦ କି.ମି. ଦୂରରେ ଥିବା ଯୋଗୁ ପରିବହନ ଖର୍ଚ୍ଚ ଅଧିକ ହେଉଥିବା ବେଳେ ସେହି ମଣ୍ଡିଗୁଡିକରେ କୁଇଣ୍ଟାଲ ପ୍ରତି ୭ରୁ ୧୦କେଜି କଟନୀ ଛଟନୀ କରୁଥିବା ଯୋଗୁ କେଉଁଠାରେ ମଧ ଚାଷୀର ନିସ୍ତାର ନାହିଁ ବୋଲି ପ୍ରକାଶ କରିଛନ୍ତି । ମଣ୍ଡି ଖୋଲିଲେ ମଧ ପରିବହନ ବ୍ୟବସ୍ଥା ନ ଥିବା ହେତୁ ଚାଷୀମାନେ କମ ଦାମରେ ବେପାରୀମାନଙ୍କୁ ବିକ୍ରି କରିଦେଉଛନ୍ତି । ବ୍ଲକର କପା ଚାଷୀ ବର୍ତ୍ତମାନ ଚିନ୍ତାରେ ବସିଛନ୍ତି । କପା ବିକି ଦୁଇ ପଇସା ରୋଜଗାର କରିବାର ଇଛା ପୂରଣ ହେଉନି । ଯେତେ ଉତ୍ପାଦନ ଆଶା କରିଥିଲେ ସେହି ପରିମାଣରେ ହେଉନାହିଁ ଓ ଦଲାଲକୁ କମ ମୂଲ୍ୟରେ ବିକ୍ରି କରୁଛି । ଫଳରେ ଚାଷ ପାଇଁ କରିଥିବା ଧାର କରଜ କିପରି ସୁଝିବେ ସେଇ ଚିନ୍ତାରେ ପଡ଼ିଛନ୍ତି । ଚାଷୀଙ୍କ କହିବା ଅନୁସାରେ ପ୍ରଥମେ କମ ବର୍ଷା ହେବାରୁ ମଞ୍ଜିରୁ ଠିକ ଭାବେ ଗଛ ହେଲାନାହିଁ, ପରେ ବର୍ଷା ହୋଇ ଫୁଲ ଝଡ଼ିଗଲା । ପୁଣି ଗଛରେ ରୋଗ ଲାଗିବାରୁ ଔଷଧ ସିଞ୍ଚନ କରାଗଲା ତଥାପି ଠିକ ଉତ୍ପାଦନ ହେଲାନାହିଁ । ଯାହାବି କପା ଉତ୍ପାଦନ ହୋଇଥିଲା ଡିସେମ୍ବର ପ୍ରଥମ ସପ୍ତାହରେ ହୋଇଥିବା ବର୍ଷରେ ଭିଜି କଳା ହୋଇଯିବାରୁ ତାର ବିକ୍ରି ମୂଲ୍ୟ କମି ଯାଇଥିବା ଚାଷୀ ଭୁବନେ ସାହୁ, ପୁଷ୍ପରାଜ ମାଝି, ରାତ୍ରନନ୍ଦ ମନହୀରା ପ୍ରକାଶ କରିଛନ୍ତି । ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ କିପରି କପା ଚାଷୀ ଉପକୃତ ହୋଇପାରିବେ ସେଥିପ୍ରତି ଦୃଷ୍ଟି ଦେବାକୁ ଦାବି କରିଛନ୍ତି ।

## ନୂତନ ବିଡିଓଙ୍କୁ ବିଜେଡି କର୍ମକର୍ତ୍ତାଙ୍କ ତରଫରୁ ସମ୍ବର୍ଦ୍ଧନା

**ଅସ୍ତରଙ୍ଗ (ଅମୃତ ମିଡିଆ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ନୂତନ ବିଡ଼ିଓ ଭାବେ ଯୋଗଦେଇଛନ୍ତି ସୁଶ୍ରୀ ସସ୍ମିତା ବେହେରା. ସୂଚନା ମୁତାବକ ଗତ ମାସରେ ବଦଳି ଅର୍ଡର ପ୍ରକାଶ ପାଇଥିବା ବେଳେ ଇଡ଼ିକୋ ଅଫିସରେ କାର୍ଯ୍ୟ କରୁଥିବା ସୁଶ୍ରୀ ସସ୍ମିତା ବେହେରା ଅସ୍ତରଙ୍ଗ ବିଡ଼ିଓ ଭାବେ ଯୋଗ ଦେବା ପରେ ମଙ୍ଗଳବାର ନୂତନ ବିଡ଼ିଓଙ୍କୁ ବିଜୁ ଜନତା ଦଳର ବ୍ଲକସଭାପତି କେଦାରନାଥ ବିଶ୍ୱାଳ ଙ୍କ ନେତୃତ୍ୱ ରେ ବିଜୁ ଜନତା ଦଳର କର୍ମକର୍ତା ପୁଷ୍ପଗୁଛ ଦେଇ ସ୍ୱାଗତ କରିଥିଲେ.ଏହି ସ୍ୱାଗତ ସମୟରେ ସାଂସଦ ଙ୍କ ପ୍ରତିନିଧି ଚମ୍ପକ ବାରିକି, ମନ୍ତ୍ରୀ ଙ୍କ ପ୍ରତିନିଧି ଭୀମସେନ ସ୍ୱାଇଁ, ଏକ ନମ୍ବର ଜୋନ ଜିଲ୍ଲାପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, ଦୁଇ ନମ୍ବର ଜୋନ ଜିଲ୍ଲାପରିଷଦ ସଭ୍ୟା ବନିତା ବେହେରା, ରୁଦ୍ରପ୍ରସାଦ ଲେଙ୍କା, ସରପଞ୍ଚ କ୍ଷୀରୋଦ କାଣ୍ଡି, ବୃନ୍ଦାବନ ନାୟକ, ବାବୁରାମ ମଲ୍ଲିକ, ପଞ୍ଚାନନ ସ୍ୱାଇଁ, କୁଞ୍ଜ ବିହାରୀ ପ୍ରଧାନ, ପ୍ରଦେଶ ବରାଳ, ଦୀପକ ପରିଡା, ମାନସ ସାହୁ ଙ୍କ ସହ ବିଜୁ ଜନତା ଦଳର କର୍ମକର୍ତା ଉପସ୍ଥିତ ଥିଲେ.ନୂତନ ବିଡ଼ିଓ ସୁଶ୍ରୀ ସସ୍ମିତା ବେହେରା ଜଣେ ସରଳ, ଅମାୟିକ ବ୍ୟକ୍ତିତ୍ୱ ଭାବେ ଜଣାଶୁଣା. ଏହି ଅବସରରେ ବେହେରା କହିଛନ୍ତି ଅସ୍ତରଙ୍ଗ ବ୍ଲକର ପନ୍ଦର ଟି ପଂଚାୟତର ସମସ୍ତ ଜନସାଧାରଣ ଙ୍କ ସମସ୍ୟା ସମାଧାନ କରିବାକୁ ଚେଷ୍ଟା କରିବେ.

### ପୋଲିସ ଗୁଳିରେ ହାର୍ଡକୋର ମୋଷ୍ଟୱାଣ୍ଟେଡ଼ ମାଓବାଦୀ ଦାସୁର ନିହତ

## ମାଓବାଦୀ ଗୁଳିରେ ସୁରକ୍ଷାକର୍ମୀ ଜିତେନ୍ଦ୍ର ଆହତ





**ଫୁଲବାଣୀ (ଅମୃତ ମିଡିଆ):** କନ୍ଧମାଳ ଜିଲ୍ଲା ବାଲିଗୁଡା ଥାନା ଅନ୍ତର୍ଗତ ସୁଦ୍ର ।ପଞ୍ଚାୟତ ଅଧିନସ୍ଥ କାମ୍ବେରିକିଆ ଜଙ୍ଗଲରେ ମାଓବାଦୀ ବିଚରଣ କରୁଥିବା ବିଶ୍ୱସ୍ତ ସୂତ୍ରରୁ ପୋଲିସ ଖବର ପାଇ କନ୍ଧମାଳ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ କୁମାର ପାତ୍ର ଙ୍କର ନିର୍ଦ୍ଦେଶରେ ସୁରକ୍ଷା କର୍ମୀ ଡି ଭି ଏଫ ଏବଂ ଏସ ଓ ଜି ଙ୍କର ମିଳିତରେ କୁମ୍ବିଂ ଅପରେସନ ଆରମ୍ଭ କରିଥିଲେ । ସୁରକ୍ଷା କର୍ମୀ ପକ୍ଷରୁ ତା ୩/୨/୨୦୨୪ ରିଖ ଦିନ ସନ୍ଧ୍ୟା ୭.୪୦ ମିନିଟ ସମୟରେ ଓଡ଼ାବାଲି ସିକାଟି,ଲରବୁରା,ବାଞ୍ଜିପର ଏହି ଜଙ୍ଗଲ ରେ କମ୍ବିଂ ଅପରେସନ ଚାଲିଥିବା ବେଳେ ପୋଲିସ ଓ ମାଓବାଦୀ ମୁହାଁମୁହିଁ ହୋଇଥିଲେ । ସୁରକ୍ଷା କର୍ମୀ ଉପରକୁ ମାଓବାଦୀ ମାନେ ପ୍ରଥମେ ଗୁଳି ଚଳାଇଥିଲେ । ସୁରକ୍ଷା କର୍ମୀ ମାଓବାଦୀ ଙ୍କର ଗୁଳିର ପାଲଟା ଜବାବ ଦେବାକୁ ଯାଇ ମାଓବାଦୀ ଉପରକୁ ଗୁଳି ଚାଳନା କରିଥିଲା । ମାଓବାଦୀ ଓ ସୁରକ୍ଷା କର୍ମୀ ମଧ୍ୟରେ ଘୋମାଘଟ ଗୁଳି ବିନିମୟ ହୋଇଥିଲା । ମାଓବାଦୀ ମାନେ ସୁବିଧା ଜନକ ସ୍ଥାନ ରୁ ପୋଲିସ ଉପରକୁ ପ୍ରବଳ ଗୁଳି ଚଳାଇବା ସହ ପୋଲିସ ଟିମ ଉପରକୁ ଆଇଇଡି ବିସ୍ଫୋରଣ ମଧ କରିଥିଲେ । ପୋଲିସ ଟିମ ଜଙ୍ଗଲର ଚାରିପଟୁ ଘେରି ଯାଇ ମାଓବାଦୀ ମାନଙ୍କୁ ଆତ୍ମ ସମର୍ପଣ କରିବା ପାଇଁ କହିଥିଲେ । ମାଓବାଦୀ ମାନେ ପୋଲିସ କଥା ନଶୁଣିବାରୁ ପୋଲିସ ନିଜ ସୁରକ୍ଷା ପାଇଁ ମାଓବାଦୀ ମାନଙ୍କର ଗୁଳିର ପଲଟା ଜବାବ ଦେବା କୁ ଯାଇ ସୁରକ୍ଷା କର୍ମୀ ମାନେ ମାଓବାଦୀ ଉପରକୁ ଗୁଳିବର୍ଷଣ କରିଥିଲେ । ଉଭୟଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା । ସୁରକ୍ଷା କର୍ମୀଙ୍କର ଗୁଳିର ସାମନା କରିନପାରି ମାଓବାଦୀ ମାନେ ଘଞ୍ଚ ଜଙ୍ଗଲ ଓ ଅନ୍ଧାର ର ସୁଯୋଗ ନେଇ ଛତ୍ର ଭଙ୍ଗ ଦେଇଥିଲେ । ଗୁଳି ବିନିମୟ ପରେ ପୋଲିସ ଏକ ମାଓ କ୍ୟାମ୍ପଠାବ କରିଥିଲା ସୁରକ୍ଷା କର୍ମୀମାନେ ସେହି ସ୍ଥାନରେ ଖୋଜିଲା ବେଳେ ଜଣେ ପୁରୁଷ ସଶସ୍ତ୍ର ମାଓବାଦୀଙ୍କର ମୃତଦେହ ପଡିଥିବା ଦେଖିବା କୁ ପାଇଥିଲେ । ସୁରକ୍ଷା କର୍ମୀ ଙ୍କର ଗୁଳି ରେ ନିହତ ମାଓବାଦୀ ହେଉଛି କେ କେ ବିଏନ ଡିଭିଜନ ର ଏକ ହାର୍ଡ କୋର ମାଓବାଦୀ ଦାସୁର ବୋଲି କନ୍ଧମାଳ ଏସ ପି ଶୁଭେନ୍ଦୁ ପାତ୍ର କୁସୂଚନା ଦେଇଥିବା ବେଳେ ଏସ ଓ ଜି ଯବାନ ଜିତେନ୍ଦ୍ର ନାୟକ ଙ୍କର ବାମ ହାତରେ ଗୁଳି ବାଜିଛି ସେ ଆହତ ହୋଇଛନ୍ତି । ତାଙ୍କୁ ପ୍ରଥମେ ବାଲିଗୁଡା ମେଡ଼ିକାଲ ଓ ପରେ ଫୁଲବାଣୀ ବଡ ମେଡ଼ିକାଲ ତାପରେ ଏମ କେ ସି ଜି ବ୍ରହ୍ମପୁର ଏବଂ ଏମ୍ସ ମେଡ଼ିକାଲ କୁ ସ୍ଥାନାନ୍ତର କରାଯାଇଥିଲା । ପୋଲିସ ବାହିନୀ ମାଓ କ୍ୟାମ୍ପ ଧ୍ୱଂସ କରି ସେଠାରୁ ୩୦୩ ରାଇଫଲ, ବିଦ୍ୟୁତ ତାର, ମାଓ ପୁସ୍ତିକା, ସଲାର ପ୍ଲେଟ, ହଭେର ସେକ, ଔଷଧ, ପ୍ଲାଷ୍ଟିକ ଜାରକିନ, ଦୌଡ଼ି, ବ୍ଲାଙ୍କେଟ, ଲୁଙ୍ଗି, ମାଓ ପୋଷାକ ଜବତ କରିଛି । ଛତିଶଗଡ଼ ରାଜ୍ୟର ମୂଳ ବାସିନ୍ଦା ଦାସୁର କେ କେ ବି ଏନ ଡିଭିଜନ କନ୍ଧମାଳ, କଳାହାଣ୍ଡି, ବୌଦ୍ଧ, ନୟାଗଡ଼ ଜିଲ୍ଲା ସୀମାନ୍ତ ବର୍ତ୍ତି ଅଞ୍ଚଳରେ ନିଜର ଉପସ୍ଥିତ ଜାହିର କରିଆସୁଥିଲା ଦାସୁରଙ୍କ ନାମରେ କନ୍ଧମାଳ ଜିଲ୍ଲା ର ବିଭିନ୍ନ ଥାନାରେ ୨୨ ଟି ଏବଂ ବୌଦ୍ଧ ଜିଲ୍ଲାରେ ୫ ଟି ମାଓ ହିଂସାଜନିତ ମାମଲା ରୁଜୁ ହୋଇଛି । ୨୦୧୯ ସାଧାରଣ ନିର୍ବାଚନ ବେଳେ କନ୍ଧମାଳ ଜିଲ୍ଲା ଲୁଇସିଂ ପଞ୍ଚାୟତ ଗ୍ରାମ ରୋଜଗାର ସେବକ ସଂଯୁକ୍ତା ଦିଗାଲ ହତ୍ୟା କାଣ୍ଡ, ସୁମେରୁ ବନ୍ଧ ପଞ୍ଚାୟତ ନିର୍ବାଚନ ପୋଲିଙ୍ଗ ପାର୍ଟି ଗାଡି ପୋଡି ଘଟଣାରେ ସମ୍ପୃକ୍ତ ଥିବା ସହ ଜିଲ୍ଲାରେ ରବୀନ୍ଦ୍ର ମଲ୍ଲିକ, ଭବାନୀ ଶଙ୍କର ପାତ୍ର, ହେମନ୍ତ ପାତ୍ର, କୈଳାସ ଦିଗାଲ, ସୁବଳ କହଁର , ନୀଳକଣ୍ଠ ମଲ୍ଲିକ ହତ୍ୟା ଘଟଣାରେ ମଧ ହାର୍ଡ କୋର ମାଓବାଦୀ ଦାସୁର ସମ୍ପୃକ୍ତ ଥିଲା ବୋଲି ଜିଲ୍ଲା ପୋଲିସ କାର୍ଯ୍ୟାଳୟ ରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସପି ଶ୍ରୀ ପାତ୍ର ଗଣମାଧମକୁ ସୂଚନା ଦେଇଥିଲେ ।

## ଐଶାନେଶ୍ୱର ବିଦ୍ୟାପୀଠରେ କ୍ରୀଡ଼ା ଉତ୍ସବ

## ଶିକ୍ଷାର ଏକ ଅଙ୍ଗ ହେଉଛି କ୍ରୀଡ଼ା



**ଅସ୍ତରଙ୍ଗ /କାକଟପୁର (ଅମୃତ ମିଡିଆ) :** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଐଶାନେଶ୍ୱର ବିଦ୍ୟାପୀଠ, ଅଠତିରା ରେ ବାର୍ଷିକ କ୍ରୀଡାଉତ୍ସବ ଅନୁଷ୍ଠିତ ହୋଇଯାଇଛି. ବିଭିନ୍ନ ବିଭାଗରେ ୨୬୦ଜଣ ଛାତ୍ର, ଛାତ୍ରୀ ଭାଗ ନେଇଥିଲେ । ଉଦ୍ଯାପନୀ ଉତ୍ସବ ରେ ଦୁଇ ନମ୍ବର ଜୋନ ଜିଲ୍ଲାପରିଷଦ ସଭ୍ୟା ବନିତା ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଅତିରିକ୍ତ ଶିକ୍ଷାଧିକାରିଣୀ ମମତା ମଞ୍ଜରୀ ଦେଇ, ସଂମାନୀତ ଅତିଥି ଭାବେ ପୂର୍ବତନ କ୍ରୀଡାଶିକ୍ଷକ ପ୍ରମୋଦ ଲେଙ୍କା, ଶିକ୍ଷାବିତି ଭ୍ରମରବର ସ୍ୱାଇଁ ଥିବା ବେଳେ ସଭାପତିତ୍ୱ କରିଥିଲେ ବିଦ୍ୟାଳୟ ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ବିଶ୍ୱାଳ । କ୍ରୀଡା ଶିକ୍ଷାର ଏକ ଅଙ୍ଗ ହୋଇଥିବାରୁ ପିଲାମାନେ ଏହାକୁ ଗ୍ରହଣ କରିବା ଉଚିତ ବୋଲି ଅତିଥି ମାନେ ପରାମର୍ଶ ଦେଇଥିଲେ. ଏହି କାର୍ଯ୍ୟକ୍ରମ ରେ ବିଦ୍ୟାଳୟ ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ସହଯୋଗ କରିଥିଲେ ।

## ଟ୍ରଲର ଧକ୍କାରେ ଅଟୋ ଚୁରମାର

**ଚମ୍ପୁଆ (ଅମୃତ ମିଡିଆ) :** ଚମ୍ପୁଆ ଥାନା ଅନ୍ତର୍ଗତ ପ୍ରତାପପୋଷି ଛକ ନିକଟରେ ମାଲ ବୋଝେଇ ଟ୍ରଲର ଧକ୍କାରେ ଏକ ଅଟୋ ଚୁରମାର ହୋଇ ଯାଇ ଥିବାବେଳେ ଅଟୋ ଚାଳକ ଗୁରୁତର ଆହତ ହେବା ସହ ଅଟୋ ଡାଲାରେ ବସିଥିବା ଆଉ ଜଣେ ଆହତ ହୋଇ ଥିବା ଜଣା ପଡିଛି ।ରିମୁଲି ପଟୁ ଚମ୍ପୁଆ ଆଡକୁ ଆସୁଥିବା ଲୁହା ପଥର ବୋଝେଇ ଏକ ଟ୍ରଲର ପ୍ରତାପପୋଷି ଛକ ନିକଟରେ ଏକ ଡାଲା ଅଟୋ କୁ ସାମ୍ନା ସାମନି ଧକା ଦେବା ଫଳରେ ଅଟୋ ଟି ଚୁରମାର ହୋଇ ଯାଇଥିବା ବେଳେ ଅଟୋ ଡ୍ରାଇଭର ଗୁରୁତର ଗରୁତର ଆହତ ହୋଇଛନ୍ତି । ଅଟୋ ଚାଳକଙ୍କ ନାମ ଅବିନାଶ ବେଣ୍ଟକାର, ଘର କାଳିକାପ୍ରସାଦ ଗ୍ରାମରେ, ତାଙ୍କ ଅବସ୍ଥା ଗୁରୁତର ଥିବାବେଳେ ଦୁର୍ଘଟଣାରେ ଅଟୋଟି ଚୁରମାର ହୋଇ ଯାଇଛି । ଏଥି ସହିତ ଅଟୋ ଡାଲା ରେ ବସିଥିବା ହୁଞ୍ଜିପୋଷି ଗ୍ରାମର ରାଜ କୁମାର ମୁଣ୍ଡା ଆହତ ହୋଇଥିବାବେଳେ ଦୁଇ ଆହତଙ୍କୁ ସ୍ଥାନୀୟ ଲୋକେ ଚମ୍ପୁଆ ଡାକ୍ତରଖାନା ପଠାଇଥିବା ଜଣା ପଡିଛି । ତେବେ ଅଟୋ ଚାଳକଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି । ଖବରପାଇ ଚମ୍ପୁଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇ ଗାଡିକୁ ଜବତ କରି ତଦନ୍ତ ଆରମ୍ଭ କରିଛି ।

## ଜଗନ୍ନାଥ ଯୁବକ ସଙ୍ଘ ପକ୍ଷରୁ ମେଗା ରକ୍ତଦାନ ଶିବିର

**ବ୍ରହ୍ମପୁର (ଅମୃତ ମିଡିଆ) :** ବ୍ରହ୍ମପୁର ମହାନଗର ନିଗମ ଗୋସାଇଁ ନୂଆଗାଁ କଆଳଉଆମନ୍ଦଇର ପ୍ରାଙ୍ଗଣରେ ସ୍ଥାନୀୟ ଜୟ ଜଗନ୍ନାଥ ଯୁବକ ସଂଘ ପକ୍ଷରୁ ଆୟୋଜିତ ଏକ ମେଗା ରକ୍ତଦାନ ଶିବିରକୁ ରବିବାର ପୂର୍ବାହ୍ନରେ ମୂଖ୍ୟ ଅତିଥି ଭାବେ ମେୟର ସଂଘମିତ୍ରା ଦଳାଇ ଉଦଘାଟନ କରିଥିଲେ । ମହାନଗର ନିଗମର ୨୬ ନମ୍ବର ୱାର୍ଡ କର୍ପୋରେଟର ଧୀରେଶ ସାବତଙ୍କ ପୌରହିତ୍ୟରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ମୂଖ୍ୟବକ୍ତା ଭାବେ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ତଥା ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ଡ଼ା.ରମେଶଚନ୍ଦ୍ର ଚ୍ୟାଉ ପଟ୍ଟନାୟକ , ସମ୍ମାନୀତ ଅତିଥି ଭାବେ ରାଜ୍ୟ କାଜୁ ଉନ୍ନୟନ ବୋର୍ଡ ଅଧକ୍ଷ ସୁବାସ ମହାରଣା, ଡେପୁଟି ମେୟର ବିବେକ ରେଡ଼ି କର୍ପୋରେଟର ରଞ୍ଜିତା ବେହେରା, କର୍ପୋରେଟର ନିଳକଣ୍ଠ ସାହୁ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ବାବୁଙ୍କ ଆହ୍ୱାନ କ୍ରମେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ ଭଳି ମହାନ୍ ପୁଣ୍ୟ କାର୍ଯ୍ୟକ୍ରମରେ ଆଜିର ଯୁବଗୋଷ୍ଠୀ ନିଜକୁ ସାମିଲ କରିଥିବାରୁ ରକ୍ତ ଅଭାବ ଜନିତ ମୃତ୍ୟୁ କୁ ରୋକିବା ସମ୍ଭବ ହୋଇପାରୁଛି ବୋଲି କହିଥିଲେ । ରବିବାର ଦିନ ଆୟୋଜିତ ପୂର୍ବାହ୍ନରେ ଆୟୋଜିତ ଏହି ଶିବିରରେ ବ୍ରହ୍ମପୁର ଏମ କେ ସି ଜି ମେଡିକାଲ କଲେଜ ଓ ହସ୍ପିଟାଲ ର ବ୍ଲଡ଼ ବ୍ୟାଙ୍କ ଅଧିକାରୀ ଏବଂ ସହଯୋଗୀଙ୍କ ସମେତ ସ୍ଥାନୀୟ ଯୁବକମାନଙ୍କ ସହଯୋଗ ରେ ମଧ୍ୟାହ୍ନ ସୁଦ୍ଧା ପାଞ୍ଚ ଶହ ୟୁନିଟ ରକ୍ତ ସଂଗ୍ରହ ହୋଇଥିବା ଜଣାପଡିଛି । ଏହି ଶିବିରକୁ ରୋହନ ମହାନ୍ତି , ଆଶୁତୋଷ ପାତ୍ର, ରାକେଶ ସାବତ, ସର୍ବେଶ୍ୱର ମିଶ୍ର, ସୁନୀଲ ପଣ୍ଡା, ସୁମନ୍ତ ଚନ୍ଦ୍ର ମହାରଣା ପ୍ରମୁଖ ପରିଚାଳନା କରିଥିଲେ ।

## ବଞ୍ଚିବାର ଅଧିକାର ଦାବିକରି ଆସନ୍ତା ଫେବୃଆରୀ ୧୬ ଧର୍ମଘଟକୁ ସଫଳ କର



**ବ୍ରହ୍ମପୁର (ଅମୃତ ମିଡିଆ) :** ବ୍ରହ୍ମପୁର ସ୍ଥିତ ଲକ୍ଷ୍ମଣ ନାୟକ ସମ୍ମିଳନୀ କକ୍ଷରେ ସଂଯୁକ୍ତକୃଷକ ମୋର୍ଚ୍ଚା ,ବିଭିନ୍ନ ଗଣ ସଂଗଠନ ଓ ଶ୍ରମିକ ସଂଗଠନ ମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି ।କେନ୍ଦ୍ରର ମୋଦି ସରକାରଙ୍କ ଶ୍ରମିକ ମାରଣନୀତି ,ଶ୍ରମ ଆଇନ ର ସଂଶୋଧନ, ଶ୍ରମିକ ଛଟେଇ ,କୃଷି ଓ କୃଷକଙ୍କ ଅଧିକାର କୁ ସଙ୍କୁଚିତ କରିବା ,କୃଷିଜାତ ଦ୍ରବ୍ୟ ର ଉଚିତ ମୂଲ୍ୟ ଦେବାରେ ଅବହେଳା ,ବହୁଦେଶୀୟ କମ୍ପାନୀ କୁ କୃଷି କ୍ଷେତ୍ରରେ ପ୍ରବେଶ ର ସୁଯୋଗ ଦେବା ,ବିଭିନ୍ନ ରାଷ୍ଟ୍ରାୟତ ଉଦ୍ୟଗକୁ ବିକ୍ରି କରିବା, ରେଳ, ବ୍ୟାଙ୍କ, ବନ୍ଦର ପ୍ରଭୃତିକୁ ଅଦାନୀ ଅମ୍ବାନୀ କୁ ବିକ୍ରି କରିବା, ନିଯୁକ୍ତି କ୍ଷେତ୍ରରେ ନିରବ ରହିବା, ଛୋଟ ଓ ମଧ୍ୟମ ଧରଣର କଳ କାରଖାନା କୁ ବନ୍ଦ କରିବା , ଶିକ୍ଷା କ୍ଷେତ୍ରରେ ସମ୍ପ୍ରଦାୟକତାବାଦ ର ପ୍ରଚାର କରିବା, ଦର ବୃଦ୍ଧି ରୋକିବାରେ ବିଫଳ ହେବା ,ସାଧାରଣ ବଣ୍ଟନ ବ୍ୟବସ୍ଥା ରେ ଗହମ, ଚିନି ଓ କିରୋସିନୀ କୁ ବନ୍ଦ କରିବା ଓ ଏହି ସମସ୍ତ ଜନ ବିରୋଧୀ ନୀତି କୁ ନବୀନ ପଟ୍ଟନାୟକ ସରକାର ଆଖି ବନ୍ଦ କରି ସମର୍ଥନ କରିବା ବିରୁଦ୍ଧରେ ଆସନ୍ତା ୧୬ ତାରିଖ ସମଗ୍ର ଭାରତ ବର୍ଷ ରେ ଦିଆଯାଇଥିବା ଧର୍ମଘଟକୁ ଗଂଜାମ ଜିଲ୍ଲାର ବିଭିନ୍ନ ଗ୍ରାମ ,ବ୍ଲକ ଓ ସହର ସ୍ତରରେ ସଫଳ କରିବା ପାଇଁ ଆଲୋଚନା ହୋଇଥିଲା । ଶ୍ରମିକ ନେତା ପୀତବାସ ପଣ୍ଡା,ପ୍ରଶାନ୍ତ ପାଠଯୋଶୀ, କୈଳାସ ଶଢଙ୍ଗୀ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ବୈଠକରେ ହରେକୃଷ୍ଣ ରେଡ୍ଡୀ, ଶ୍ରୀହର୍ଷ ରଥ, ଅଳକ ମିଶ୍ର, ଯୁଧିଷ୍ଠିର ବେହେରା, ପ୍ରତାପ ଚୌଧୁରୀ, ବିଦ୍ୟାଧର ଜେନା, ପ୍ରଫୁଲ ଜେନା, ଅଜୟ କୁମାର ଗୌଡ଼ ପ୍ରମୁଖ ଯୋଗ ଦେଇଥିଲେ ।

# ଜମିରିଡିହି ଗ୍ରାମବାସୀ ମୌଳିକ ସୁବିଧାରୁ ବଞ୍ଚିତ



**କେନ୍ଦୁଝର (ଅମୃତ ମିଡିଆ):** କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ୍ ମାଲଦା ପଞ୍ଚାୟତ ଅନ୍ତର୍ଗତ ବଣଜଙ୍ଗଲ ପାହାଡ଼ ପର୍ବତଘେରା ଜମିରିଡ଼ିହି ଗ୍ରାମବାସୀ ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି । ରାଜ୍ୟ ସରକାର ବିଭିନ୍ନ ଯୋଜନାରେ ସ୍କୁଲ, ପର୍ଯ୍ୟଟନସ୍ଥଳ, ସହରଠାରୁ ଗାଁର ଉନ୍ନତୀକରଣ କରୁଛନ୍ତି । ମାତ୍ର ଆଜି ପର୍ଯ୍ୟନ୍ତ ଉକ୍ତ ଗାଁକୁ ଭଲ ରାସ୍ତାଟିଏ ନାହିଁ । ଗ୍ରାମର ଅନେକେ ଭତ୍ତା, ଆବାସ ଘରରୁ ମଧ୍ୟ ବଞ୍ଚିତ୍ତ ରହିଛନ୍ତି । ବ୍ଲକ୍ ?ର ଶେଷ ସୀମାରେ ଗ୍ରାମ ରହିଥିବାରୁ ବିକାଶର ଆଲୋକ ପହଞ୍ଚତ୍ ପାରୁନାହିଁ । ଅଭିଯୋଗ କଲେ ମଧ୍ୟ ପ୍ରଶାସନ ଅଣଦେଖା କରୁଛି ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି ।

କେନ୍ଦୁଝର ଜିଲା ମୁଖ୍ୟାଳୟରୁ ପ୍ରାୟ ୪୦ କି.ମି. ଓ ପଞ୍ଚାୟତଠାରୁ ୧୮ କି.ମି. ବ୍ୟବଧାନରେ ଉକ୍ତ ଗ୍ରାମ ଅବସ୍ଥିତ । ଗ୍ରାମରେ ୫୩ ଭୂୟାଁ ଓ ୬୦ ମୁଣ୍ଡା ଆଦିବାସୀ ସମ୍ପ୍ରଦାୟର ପରିବାର ବସବାସ କରିଆସୁଛନ୍ତି । ଗ୍ରାମକୁ ଗମନାଗମନର ସୁବିଧା ନାହିଁ । ଏଣୁ ପିଡିଏସ୍ ? ଚାଉଳ, ଭତ୍ତା ଓ ବିଭିନ୍ନ କାମରେ ପଞ୍ଚାୟତକୁ ଯିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ବହୁ ଆଦିବାସୀଙ୍କ ବୟସ ୬୦ରୁ ଉର୍ଦ୍ଧ ?ବ ହୋଇଥିଲେ ହେଁ ଭତ୍ତା ପାଇବାରୁ ବଞ୍ଚିତ୍ତ ଅଛନ୍ତି । ସେହିପରି ଅନେକ ଆବାସ ଯୋଜନାରେ ଘର ଖଣ୍ଡେ ପାଇ ନ ଥିବାରୁ ଭଙ୍ଗା ଦଦରା ଘରେ ବର୍ଷା, ଶୀତ କାକରରେ ଭାଗ୍ୟକୁ ଆଦରି ପଡ଼ି ରହିଛନ୍ତି । ଜଙ୍ଗଲରୁ ସଂଗୃହୀତ କାଠି, ପତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ବିକି ଚଳନ୍ତି । ଅନେକ ଓଳିଏ ଖାଇ ଓଳିଏ ଉପବାସରେ ଜୀବନ ଅତିବାହିତ କରୁଥିବା ଗ୍ରାମର ଶିବ ଦେହୁରୀ, ମୁକୁନ୍ଦ ମୁଣ୍ଡା, ଚୈତନ୍ୟ ନାୟକ ପ୍ରମୁଖ କହିଛନ୍ତି । ଏଣୁ ତୁରନ୍ତ ପିଡିଏସ୍ ? ସାମଗ୍ରୀ ନିମନ୍ତେ ଏହି ଗ୍ରାମରେ ବ୍ୟବସ୍ଥା କରିବା ସହିତ ଭତ୍ତା, ଚାଉଳ ଓ ମୋ କୁଡ଼ିଆ, ବିଜୁ ପକ୍କା ଘର, ପ୍ରଧାନମନ୍ତ୍ରୀ ଆବାସ ଆଦି ଯୋଜନାରେ ସାମିଲ କରି ଉକ୍ତ ଗ୍ରାମର ଗରିବ ପରିବାରକୁ ସହାୟତା କରିବାକୁ ସ୍ଥାନୀୟ ଅଞ୍ଚଳର ଲୋକେ ଜିଲା ପ୍ରଶାସନ ପାଖରେ ଅନୁରୋଧ କରିଛନ୍ତି । ଏ ନେଇ ଉକ୍ତ ଗ୍ରାମର ସମସ୍ୟା ଅନୁଧ୍ୟାନ କରି ସାମାଜିକ କର୍ମୀ ରଞ୍ଜନ ବେହେରା, ଜୟକୃଷ୍ଣ ନାୟକ ଜିଲା ପ୍ରଶାସନଙ୍କୁ ସହାୟତା ଦେବାକୁ ନିବେଦନ କରିଛନ୍ତି ।

# ଶ୍ରଦ୍ଧାଳୁଙ୍କ ମନ ଟାଣୁଛି ଶ୍ରୀକ୍ଷେତ୍ରର ସୌନ୍ଦର୍ଯ୍ୟ



## ବ୍ୟବସ୍ଥା ଓ ପରିବେଶ ଦେଉଛି ଦିବ୍ୟ ଅନୁଭୂତି

**ପୁରୀ(ବ୍ୟୁରୋ):** ଶ୍ରୀମନ୍ଦିରରେ ସୁନ୍ଦର ଦର୍ଶନ ବ୍ୟବସ୍ଥା ସାଙ୍ଗକୁ ପରିକ୍ରମା ପ୍ରକଳ୍ପର ମନମୁଗ୍ଧକର ପରିବେଶ ଶ୍ରଦ୍ଧାଳୁଙ୍କ ଶ୍ରୀକ୍ଷେତ୍ର ଆଗମନ ପାଇଁ ଆକର୍ଷିତ କରିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ୟହ ଦଶ ହଜାର ଭକ୍ତଙ୍କ ଦର୍ଶନ ଓ ଖାଇବା ପିଇବାର ବ୍ୟବସ୍ଥା କରିଛନ୍ତି। ଶ୍ରୀସେତୁ, ଶ୍ରୀମାର୍ଗ ତଥା ଜଗନ୍ନାଥ ବଲ୍ଲଭରେ ଥିବା ପାର୍କିଂ ସେଣ୍ଟର ଓ ପ୍ରଦର୍ଶନୀ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ନୂତନ ଅନୁଭୂତି ଆଣିଛି।

ମନ ଟାଣୁଛି ଶ୍ରୀକ୍ଷେତ୍ରର ସୌନ୍ଦର୍ଯ୍ୟ। ବ୍ୟବସ୍ଥା ଓ ପରିବେଶ ଦେଉଛି ଦିବ୍ୟ ଅନୁଭୂତି। ପ୍ରତିଦିନ ଭିଭିନ୍ନ ଜିଲ୍ଲାର ୧୦ ହଜାର ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ସରକାରଙ୍କ ପକ୍ଷରୁ କାଳିଆ ଦର୍ଶନ ପାଇଁ ବ୍ୟବସ୍ଥା କରାଯାଇଛି। ପୁରୀ ସମଙ୍ଗ ଠାରେ ସ୍ୱତନ୍ତ୍ର ପାର୍କିଂ ସ୍ଥଳରେ ପହଞ୍ଚିବା ପରେ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଉଛି। ସେଠାରୁ ସ୍ୱତନ୍ତ୍ର ଫିଡର ଗାଡି ଯୋଗେ ଶ୍ରୀସେତୁ ହୋଇ ଜଗନ୍ନାଥ ବଲ୍ଲଭ ପିଲିଗ୍ରୀମ ସେଣ୍ଟର ଓ ପରେ ଶ୍ରୀମାର୍ଗ ହୋଇ ଶ୍ରୀମନ୍ଦିରରେ ଦର୍ଶନ ପାଇଁ ପହଞ୍ଚୁଛନ୍ତି ଭକ୍ତ। ସ୍ୱତନ୍ତ୍ର ସ୍ୱେଚ୍ଛାସେବୀଙ୍କ ସହାୟତାରେ ଦର୍ଶନ ସହ ପରିକ୍ରମା ପ୍ରକଳ୍ପ ସମେତ ପ୍ରଦର୍ଶନୀ ମଧ୍ୟ ବୁଲିବା ନେଇ ପଦକ୍ଷେପ ନିଆଯାଇଛି। ପୁରୀର ରୂପାନ୍ତରଣ ସମସ୍ତଙ୍କୁ ଅବିଭୂତ କରୁଛି। ଏହାସହ ପ୍ରଶାସନର ବ୍ୟବସ୍ଥା ପାଇଁ ମହାପ୍ରଭୁଙ୍କୁ ସୁନ୍ଦର ଭାବରେ ଦର୍ଶନ କରି ପ୍ରକଳ୍ପ ବୁଲି ଦେଖୁଛନ୍ତି ଶ୍ରଦ୍ଧାଳୁ। ରାଜ୍ୟ ସରକାରଙ୍କ ପୁରୀ ବିକାଶ କ୍ଷେତ୍ରରେ କରିଥିବା ଅଭିନବ ପ୍ରୟାସକୁ ସାଧୁବାଦ ଜଣାଉଛନ୍ତି। ପରିକ୍ରମା ପ୍ରକଳ୍ପ ଓ ଅନ୍ୟାନ୍ୟ ପ୍ରକଳ୍ପ ଦ୍ୱାରା ଭକ୍ତଙ୍କ ପାଇଁ ସୁବିଧା ବୃଦ୍ଧି ପାଇଥିବାବେଳେ ଶ୍ରୀକ୍ଷେତ୍ରର ଗାରିମାକୁ ବିଶ୍ୱ ଦରବାରରେ ମଧ୍ୟ ବୃଦ୍ଧି କରିଛି।




# ନିୟମ ପରେ ବି ମହାପ୍ରଭୁଙ୍କ ନୀତି ବିଳମ୍ବ ନେଇ ହେଉନି କାର୍ଯ୍ୟାନୁଷ୍ଠାନ !

**ପୁରୀ(ବ୍ୟୁରୋ):** ଶ୍ରୀମନ୍ଦିରରେ ଗତ ରବିବାର ନୀତି ବିଶୃଙ୍ଖଳା ଚରମସୀମାରେ ପହଞ୍ଚିଲା। ମହାପ୍ରଭୁ ଅନିଦ୍ରା ରହିଲେ। ନୀତି ବିଳମ୍ବ କାରଣରୁ ବିନା ପହୁଡ଼ରେ ସୋମବାରର ନୀତିକାନ୍ତି ଆରମ୍ଭ ହେଲା। ଶହଶହ ଭକ୍ତ ମହାପ୍ରସାଦ ନ ପାଇ ଫେରିଲେ। ମହାପ୍ରଭୁଙ୍କୁ ଲାଗି ହୋଇ ସାରିଥିବା ପ୍ରାୟ ୧୨ହଜାର ଲୋକଙ୍କ ମହାପ୍ରସାଦ ଫିଙ୍ଗାଗଲା। ତଥାପି କାର୍ଯ୍ୟାନୁଷ୍ଠାନ ନେବାକୁ ପଛଘୁଞ୍ଚା ଦେଉଛି ଶ୍ରୀମନ୍ଦିର ପ୍ରଶାସନ। ନୀତି ବିଶୃଙ୍ଖଳା ପାଇଁ ୨୦୧୯ ମସିହାରୁ ପାଳିଆ ପୁରସ୍କାର କାଟିବାର ସ୍ୱତନ୍ତ୍ର ନିର୍ଦ୍ଦେଶାବଳୀ ଜାରି ହୋଇଥିଲେ ବି ଏହା ଶୀତଳଭଣ୍ଡାରରେ ପଡ଼ିରହିଛି।



ଶ୍ରୀମନ୍ଦିର ନୀତିକାନ୍ତି ନୀତି ସବ୍‌କମିଟି, ଛତିଶାନିଯୋଗ ଓ ପରିଚାଳନା କମିଟିର ଅନୁମୋଦନକ୍ରମେ ଚୂଡ଼ାନ୍ତ ହେଉଛି। ଏହାର ମୁଖ୍ୟ ଆଭିମୁଖ୍ୟ ମହାପ୍ରଭୁଙ୍କ ନୀତିରେ ଶୃଙ୍ଖଳା ଓ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ। ଗତମାସରେ ପହିଲିଭୋଗ ନୀତି ଶେଷ ହୋଇଥିଲା। ଗତବର୍ଷ ଡିସେମ୍ବର ୧୬ ତାରିଖ ଧନୁ ସଂକ୍ରାନ୍ତିରେ ଶ୍ରୀମନ୍ଦିରରେ ପହିଲିଭୋଗ ନୀତି ଆରମ୍ଭ ହୋଇ ଗତମାସ ମକର ସଂକ୍ରାନ୍ତି ପୂର୍ବଦିନ ଅର୍ଥାତ୍ ଜାନୁଆରୀ ୧୪ରେ ଶେଷ ହୋଇଥିଲା। ନୀତି ଚୂଡ଼ାନ୍ତ ହୋଇଥିଲା ଯେ, ରାତି ୨ଟାରେ ଦ୍ୱାରଫିଟା ହେବ ଓ ରାତି ୧୧ଟାରେ ପହୁଡ଼ ହେବ। କିନ୍ତୁ କେବଳ ନୂଆବର୍ଷକୁ ଛାଡ଼ିଦେଲେ, ବାକି ସବୁଦିନ ନୀତି ବିଳମ୍ବ ହୋଇଥିଲା। ପହିଲିଭୋଗରେ ପ୍ରାୟ ଭୋର ୪ଟାରେ ଦ୍ୱାରଫିଟା ନୀତି ହୋଇଥିଲା। ଦୈନନ୍ଦିନ ନୀତିକାନ୍ତି କଥା ଦେଖିଲେ, ପ୍ରତିଦିନ ଭୋର ୪ଟାରୁ ଦ୍ୱାରଫିଟା ଓ ରାତି ୧୨ରେ ପହୁଡ଼ ପାଇଁ ଚୂଡ଼ାନ୍ତ ହୋଇଛି। କିନ୍ତୁ ପ୍ରତିଦିନ ସକାଳ ୫ଟା ୫୦ରୁ ୬ଟା ଭିତରେ ଦ୍ୱାରଫିଟା ନୀତି ହେଉଛି। ସେହି ଅନୁସାରେ ଅନ୍ୟାନ୍ୟ ନୀତି ବି ବିଳମ୍ବ ହେଉଛି ଓ ନୀତି ବିଶୃଙ୍ଖଳିତ ହେଉଛି। କିନ୍ତୁ ଗତ ରବିବାରର ଘଟଣା, ସବୁ ସୀମା ଉଲ୍ଲଂଘନ କରିଛି। ନିଜର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ମହାପ୍ରଭୁଙ୍କ ନୀତି ବିଳମ୍ବ ସହ ଅନିଦ୍ରା ରଖିବାକୁ ପଛାଇନାହାନ୍ତି ସେବକ। ଯାହାକୁ ନେଇ ଭକ୍ତ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

୨୦୧୯ ମସିହାରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବିଭିନ୍ନ ନିଯୋଗର ସଭାପତି, ସମ୍ପାଦକମାନଙ୍କୁ ନୀତି ସମ୍ପାଦନରେ ଶୃଙ୍ଖଳା ଓ ସମୟାନୁବର୍ତ୍ତିତା ରକ୍ଷା ପାଇଁ ଏକ ଚିଠି କରାଯାଇଥିଲା। ଚିଠି ଅନୁଯାୟୀ, ନୀତିସମ୍ପୃକ୍ତ ସେବାୟତ ସେବାରେ ୧୫ ମିନିଟ୍ ବିଳମ୍ବ କଲେ ଏକ ଚତୁର୍ଥାଂଶ ପାଳିଆ ପୁରସ୍କାର ଓ ଅନ୍ୟାନ୍ୟ ପ୍ରାପ୍ୟ ପାଉଣା ସ୍ଥଗିତ ରଖାଯିବ ବୋଲି କୁହାଯାଇଥିଲା। ସେହିଭଳି ଅଧଘଣ୍ଟା ବିଳମ୍ବ ହେଲେ ସେଦିନର ଅଧା ପାଳିଆ ପୁରସ୍କାର ଓ ଅନ୍ୟ ପ୍ରାପ୍ୟ ପାଉଣା ସ୍ଥଗିତ ରଖାଯିବ। ଘଣ୍ଟାଏ ବିଳମ୍ବ ହେଲେ ସେଦିନର ସମସ୍ତ ପାଳିଆ ପୁରସ୍କାର ଓ ପ୍ରାପ୍ୟ ପାଉଣା କାଟି ଦିଆଯିବ। କିନ୍ତୁ ଏହି ଆଦେଶ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନି କି କାହାରି ପାଳିଆ ପୁରସ୍କାର କଟାଯାଇନି।

## ୧୮ରେ ମାଗଣା ବ୍ରତୋପନୟନ

**ପୁରୀ(ବ୍ୟୁରୋ):** ଶ୍ରୀରାମ ଚନ୍ଦ୍ର ସ୍ୱାମୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ପ୍ରତିବର୍ଷ ପରି ଚଳିତ ବର୍ଷ ଫେବୃଆରୀ ୧୮ ରିଖ ରବିବାର ଦିନ ବୈଦିକ ରୀତିନୀତିରେ ସାମୂହିକ ମାଗଣା ବ୍ରତୋପନୟନ ଲୋକନାଥ ମନ୍ଦିର ନିକଟ ଥାନ ପତି ଆଶ୍ରମର ବାଲାଜୀ ମନ୍ଦିର ପରିସରରେ ଜୀୟର ସ୍ୱାମୀ ମଠର ମହନ୍ତ ଶ୍ରୀ ଇନ୍ଦିରା ରମଣ ରାମାନୁଜ ଦାସଜୀ ମହାରାଜଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ। ବ୍ରତାଧରୀଙ୍କ ସହିତ ସମ୍ପର୍କୀୟଙ୍କ ରହିବା, ଖାଇବା ସହିତ ସମଗ୍ର ସାମଗ୍ରୀ ଯୋଗାଇ ଦିଆଯିବ। ଏଣୁ ରାଜ୍ୟ ଏବଂ ରାଜ୍ୟ ବାହାରର ଆଗ୍ରହୀ ବ୍ରାହ୍ମଣ ପରିବାର ଫେବୃଆରୀ ୧୫ ରିଖ ସୁଦ୍ଧା ଜୀୟର ସ୍ୱାମୀ ମଠ ବାଲିସାହି ପୁରୀ ମୋବାଇଲ -୯୮୬୧୦୩୩୩୯୭, ୯୪୩୭୫୦୦୭୪୫ ନମ୍ବରରେ ଯୋଗାଯୋଗ କରି ଏହାର ସୁବିଧା ନେବା ପାଇଁ ଟ୍ରଷ୍ଟ ତରଫରୁ ଅନୁରୋଧ କରାଯାଇଛି।




**ବାଲୁକା କଳାରେ ବ୍ରିଟେନ୍‌ର ରାଜା ଚାର୍ଲସଙ୍କ ଆଶୁ ଆରୋଗ୍ୟ କାମନା...**

## ୯ରୁ ଆରମ୍ଭ ୨୦୨୪ ଶ୍ରୀକ୍ଷେତ୍ର ଲକ୍ଷ୍ମୀ ମହୋତ୍ସବ

**ପୁରୀ(ବ୍ୟୁରୋ):** ନୀଳାଦ୍ରି କମ୍ପ୍ଲେକ୍ସ ପରିସରରେ ଆରମ୍ଭ ୨୦୨୪ ଶ୍ରୀକ୍ଷେତ୍ର ଲକ୍ଷ୍ମୀ ମହୋତ୍ସବ ଚଳିତମାସ ୯ ତାରିଖ ଠାରୁ ୧୧ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ଅନୁଷ୍ଠିତ ହେବାକୁ ଯାଉଛି। ଏହାକୁ ସଫଳ ରୂପାୟନ ନିମନ୍ତେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଦିବାକର ପାତ୍ର, ସଭାପତି ଗୋପାଳ ଚନ୍ଦ୍ର ଖୁଣ୍ଟିଆ, ଉପସଭାପତି ସମୀର ଶତପଥୀ, ସମ୍ପାଦକ ଦେବାଶିଷ ସିଂ, ସଂଗଠନ ସମ୍ପାଦକ ଗଣେଶ୍ୱର ନାଗ, ସାଂସ୍କୃତିକ ସମ୍ପାଦକ ସୌମ୍ୟ ରଞ୍ଜନ ମିଶ୍ର, ଉପଦେଷ୍ଟା ଅଭିନାଶ ମିଶ୍ର, କାର୍ଯ୍ୟକାରୀ ସଭାପତି ପ୍ରଦୀପ ମିଶ୍ର, ମୁଖ୍ୟ ଉପଦେଷ୍ଟା ଭରତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଦେଶ ପାଇଁ ବଳିଦାନ ଦେଇଥିବା ସହିଦ ଯବାନମାନଙ୍କ ଅମର ଆତ୍ମାକୁ ମନେ ରଖିବା ଉଦ୍ଦେଶ୍ୟରେ ଏହି ଉତ୍ସବରେ ସେମାନଙ୍କ ପରିବାରଙ୍କୁ ସହିଦ୍ ସମ୍ମାନ ପ୍ରଦାନ କରାଯିବ ବୋଲି ସଂଗଠନର ସଭାପତି ସୂଚନା ପ୍ରଦାନ କରିଛନ୍ତି ଏବଂ ଅନ୍ୟ କିଛି ବ୍ୟକ୍ତି ବିଶେଷଙ୍କୁ ସଙ୍ଗୀତ ସମ୍ମାନ, ସଂସ୍କୃତି ସମ୍ମାନ, ସମାଜସେବୀ ସମ୍ମାନ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି।



# ବିଜେଡି ପକ୍ଷରୁ ଡିଜିଟାଲ ୱାର୍କସପ୍ ଆୟୋଜିତ




## ଡିଜିଟାଲ କର୍ମକର୍ତ୍ତାଙ୍କୁ ଦିଆଗଲା ସ୍ୱତନ୍ତ୍ର ପ୍ରଶିକ୍ଷଣ

**ପୁରୀ(ବ୍ୟୁରୋ):** ମଙ୍ଗଳବାର ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ଶୁଭାଶିଷ୍ ଖୁଣ୍ଟିଆଙ୍କ ନେତୃତ୍ୱରେ ପୁରୀ ଜିଲ୍ଲା ସଂସ୍କୃତି ଭବନ ଠାରେ ଏକ ଡିଜିଟାଲ ୱାର୍କସପ୍ ଆୟୋଜନ କରାଯାଇଛି। ଆଗାମୀ ସାଧାରଣ ନିର୍ବାଚନରେ ସୋସିଆଲ ମେଡିଆର ଏକ ପ୍ରମୁଖ ଭୂମିକା ଥିବାରୁ, ବିଜୁ ଯୁବ ଜନତା ଦଳ ଦ୍ୱାରା ଡିଜିଟାଲ କର୍ମକର୍ତ୍ତାମାନଙ୍କୁ ଏକ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଇଛି। ଉକ୍ତ ଶିବିରରେ ପୁରୀ ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, କୃଷ୍ଣଚନ୍ଦ୍ର ପଣ୍ଡା, ରବିଶଙ୍କର ପ୍ରତିହାରୀ, ପୁରୀ ଜିଲ୍ଲା ବିଜୁ ଯୁବ ଜନତା ଦଳ ସଭାପତି ନାରାୟଣ ସ୍ୱାଇଁ, ଜୋନ ସଭାପତି ବିଜୟ କେତନ ସାହୁ, ରବିନାରାୟଣ ସାମନ୍ତରାୟ, ରଶ୍ମିରଞ୍ଜନ ଦାସ, ଅଭିନାଶ ପ୍ରଧାନ, ସାଗର ପାତ୍ର, ରୋଜାଲୀନ ନାୟକ, ଗୋପାଳ ମିଶ୍ର, ଅରୁଣୀମା ନନ୍ଦ, ସଂଧ୍ୟାରଣୀ ଭଟ, ବିକାଶ ମହାରଣା, ରାଜେଶ ତ୍ରିପାଠୀ, ମାନସ ରଞ୍ଜନ ପୃଷ୍ଟି, ଝାଂସି ରାଣୀ ମିଶ୍ର, ମୁରାରୀ ନାୟକ, ଲିପ୍ସା ମିଶ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ଏହି ଡିଜିଟାଲ ୱାର୍କସପ୍‌ରେ ଶତାଧିକ କର୍ମୀ ଅଂଶଗ୍ରହଣ କରିଥିଲେ।

# ରାଜ୍ୟସ୍ତରୀୟ ଖୋ ଖୋ ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ବୈଠକ



**ପୁରୀ(ବ୍ୟୁରୋ):** ରାଜ୍ୟ ସରକାରଙ୍କ ନୂଆ ଓ କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟସ୍ତରୀୟ ଖୋ ଖୋ ପ୍ରତିଯୋଗିତା ଜିଲ୍ଲା ପ୍ରଶାସନର ସହଯୋଗରେ ଚଳିତ ମାସ ୭ ତାରିଖ ଠାରୁ ୧୦ ତାରିଖ ପର୍ଯ୍ୟନ୍ତ ପୁରୀ ଜିଲ୍ଲା ସ୍କୁଲ ଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପ୍ରତିଯୋଗିତାକୁ ସଫଳ ରୂପାୟନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅଲ୍ ଓଡିଶା ଖୋ ଖୋ ସଂଘର ସଂପାଦକ ପ୍ରଦ୍ୟୁମ୍ନ କୁମାର ମିଶ୍ର, କୋଷାଧ୍ୟକ୍ଷ ଚୌଧୁରୀ ପାର୍ଥ ସାରଥି ମହାପାତ୍ର, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, ବୈଷୟିକ ଅଧିକାରୀ ସୂର୍ଯ୍ୟ ନାରାୟଣ ଜେନା ପ୍ରମୁଖ ଯୋଗଦାନ କରିଥିଲେ। ବୈଠକରେ କ୍ରୀଡାର ସଫଳ ରୂପାୟନ ହେବା, ଶାନ୍ତି ଶୃଙ୍ଖଳାର ସହ କ୍ରୀଡାକୁ ସମ୍ପାଦନା କରିବା, ଯୁବ ପ୍ରତିଭାର ବିକଶିତ କରିବା ଏବଂ ତୃଣମୂଳ ସ୍ତରରେ ଖୋ ଖୋର ପ୍ରଚାର ପ୍ରସାର କରିବା ନିମନ୍ତେ ଅଲ୍ ଓଡିଶା ଖୋ ଖୋ ସଂଘର ସଂପାଦକ ଶ୍ରୀ ମିଶ୍ର ସୂଚନା ଦେଇଥିଲେ।



## ମିଶନ ଶକ୍ତି ମହିଳାଙ୍କ କବି ସମ୍ମିଳନୀ

**ପୁରୀ(ବ୍ୟୁରୋ):** ଭାଷା ହିଁ ଭବିଷ୍ୟତ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ସାରା ରାଜ୍ୟରେ ଅନୁଷ୍ଠିତ ହେଉଥିବା ବେଳେ ଏହି ପରିପ୍ରେକ୍ଷୀରେ ପୁରୀ ଜିଲ୍ଲା କଣାସ ବ୍ଲକ୍ ମହିଳା ଶିଶୁ ବିକାଶ କାର୍ଯ୍ୟାଳୟରେ ମିଶନ ଶକ୍ତି ମହିଳାମାନଙ୍କୁ ନେଇ ଏକ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ କଣାସ ବ୍ଲକ୍‌ର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ୩୦ଜଣ ମହିଳା ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ବିରତୋଇ ମହିଳା ମଣ୍ଡଳର ଜାଗୃତି ସାହୁ ପ୍ରଥମ ହୋଇଥିବା ବେଳେ ମା' ଭବାନୀ ମହିଳା ମଣ୍ଡଳର ଶ୍ରଦ୍ଧାଞ୍ଜଳି ପଟ୍ଟନାୟକ ଦ୍ୱିତୀୟ ହୋଇଥିଲେ। ସେହିପରି ଓଁ ଶ୍ରୀ ବାଲୁଙ୍କେଶ୍ୱର ମହିଳା ମଣ୍ଡଳର ଶେଫାଳୀ ସାହୁ ତୃତୀୟ ହୋଇଥିଲେ। ପ୍ରକାଶ ଯେ, ମହିଳାଙ୍କ ମଧ୍ୟରେ ଓଡ଼ିଆ ଭାଷା ସାହିତ୍ୟକୁ ଆଗକୁ ବଢ଼ାଇବା ଉଦ୍ଦେଶ୍ୟରେ ଏହି କବିତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ କଣାସ ବ୍ଲକ୍ ଉନ୍ନୟନ ଅଧିକାରୀ ନାରାୟଣ ସାହୁ, ସିଡ଼ିପିଓ ସ୍ମିତା ମହାନ୍ତି,ବ୍ଲକ ମହିଳା ମହାସଂଘ ସଭାନେତ୍ରୀ ଉଲ୍ଲାସ ସାମନ୍ତରାୟ, ଶାନ୍ତିଲତା ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ବିଜୟଲକ୍ଷ୍ମୀ ମହାରଣା ପରିଚାଳନା କରିଥିଲେ। ସମସ୍ତ ମହିଳାମାନଙ୍କୁ ସମ୍ମାନିତ କରାଯାଇଥିଲା।



## ଅର୍ପଣରୁ ଉଷୁନା ଚାଉଳ ବାହାରିବାକୁ ନେଇ ତେଜିଲା ବିବାଦ

**ପୁରୀ(ବ୍ୟୁରୋ):** ଜଗନ୍ନାଥ ସଂସ୍କୃତି ଓ ଓଡ଼ିଆଙ୍କ ଭାବାବେଗ ସହ ପୁଣି ଖେଳ ଖେଳିଛନ୍ତି ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାର। ସରକାରଙ୍କ ଅର୍ପଣ ରଥରେ ସଂଗୃହୀତ ଚାଉଳରେ ଉଷୁନା ଚାଉଳ ବାହାରିବାକୁ ନେଇ ଦେଖାଦେଇଛି ଅସନ୍ତୋଷ। ଏଭଳି ଅଭିଯୋଗ ଆଣିଛନ୍ତି ଚାଉଳମାନ ନିର୍ଦ୍ଧାରଣ କମିଟି ସଦସ୍ୟ ଦାମୋଦର ମହାସୁଆର।

ଗତ ରବିବାର ଅର୍ପଣ ରଥରେ ସଂଗୃହୀତ ଚାଉଳରେ ପ୍ରସ୍ତୁତ ଖେଚୁଡ଼ିକୁ ଭକ୍ତଙ୍କ ଭିତରେ ବାଣ୍ଟି ବାଃ ବାଃ ନେଇଥିଲା ଶ୍ରୀମନ୍ଦିର ପ୍ରଶାସନ। ଆଉ ଆଜି ଚାଉଳର ମାନକୁ ନେଇ ହୋଇଛି ବଡ ଖୁଲାସା। ପୂର୍ବରୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଗାଁ ଗାଁ ବୁଲୁଥିଲା ଅର୍ପଣ ରଥ। ହେଲେ ସେତେବେଳେ ସାମ୍ନାକୁ ଆସିଥିଲା ବିବାଦ, ଯେତେବେଳେ ବିଭିନ୍ନ ସ୍ଥାନରେ ପଡି ରହିଥିଲା ଏହି ଚାଉଳ। ମହାପ୍ରଭୁଙ୍କ ନାମ କହି ଚାଉଳ ନେଇ କାହିଁକି ଫୋପଡ଼ାଯାଇଛି ବୋଲି ପ୍ରଶ୍ନ କରିଥିଲେ ଜନସାଧାରଣ। ଲୋକଙ୍କ ଆକ୍ରୋଶରୁ ବଞ୍ଚିବା ପାଇଁ ଏହାକୁ ରୋଷେଇ କରି ଭକ୍ତଙ୍କୁ ବାଣ୍ଟିବା ପାଇଁ ସୁଆର ମହାସୁଆର ନିଯୋଗକୁ ରାଜି କରାଇଥିଲେ ସରକାର। ତେବେ ଏହି ଚାଉଳର ସୁଦ୍ଧତା ଓ ମାନକୁ ନେଇ ଉଠିଥିଲା ପ୍ରଶ୍ନ। ଶ୍ରୀମନ୍ଦିର ରୋଷ ଘରେ ବାରମିଶା ଚାଉଳ କିଭଳି ପଶିବ, ଏନେଇ ପ୍ରଶ୍ନ କରିଥିଲେ ଜନସାଧାରଣ।

## ରାଜଲକ୍ଷ୍ମୀ ସୁରବାଣୀ ପକ୍ଷରୁ ବସନ୍ତ ଉତ୍ସବ

**ପୁରୀ(ବ୍ୟୁରୋ):** ରାଜଲକ୍ଷ୍ମୀ ସୁରବାଣୀ ପ୍ରସ୍ତୁତ ବାର୍ଷିକ ସାଂସ୍କୃତିକ କାର୍ଯ୍ୟକ୍ରମ : ବସନ୍ତ ଉତ୍ସବ ଜିଲ୍ଲା ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ସାରସ୍ୱତ ସାଧିକା ପ୍ରତିମା ମିଶ୍ର ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ପ୍ରଥମ ପର୍ବରେ କବି ହରିହର ମିଶ୍ରଙ୍କ ରଚିତ କବିତା ସଂକଳନ 'ପରାଗ ସଙ୍ଗମ' ଲୋକାର୍ପିତ ହୋଇଥିଲା। କବି ଶ୍ୟାମ ପ୍ରକାଶ ସେନାପତି ପୁସ୍ତକର ସମୀକ୍ଷା ପାଠ କରିଥିଲେ। ଦ୍ୱିତୀୟ ପର୍ବ ଭକ୍ତି ଓ ଅନୁରାଗ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ମହାପ୍ରସାଦ କର, ଅଞ୍ଜଳି ମିଶ୍ର, ରଞ୍ଜନ ମିଶ୍ର, ଯଜ୍ଞଦତ୍ତ ଦାଶ, ସଂଘମିତ୍ରା ଦାଶ ପ୍ରମୁଖ ଚିତ୍ତାକର୍ଷକ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ଗୀତିକାର ଗୁରୁ ଶତପଥୀଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଅନ୍ତିମ ତଥା ତୃତୀୟ ପର୍ବରେ କବି ହରିହର ମିଶ୍ରଙ୍କ ରଚିତ ଏବଂ ଅଭିନେତା ରବି ନାରାୟଣ ତ୍ରିପାଠୀଙ୍କ ନିର୍ଦ୍ଦେଶନାରେ କ୍ଷୁଦ୍ରନାଟକ 'ଏ ଅମୃତ କାହାର' ମଞ୍ଚସ୍ଥ ହୋଇଥିଲା । ସଙ୍ଗୀତ ନିର୍ଦ୍ଦେଶକ ରୂପକଳ୍ପ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏଥିରେ ବହୁ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

**ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ଆକଳନରୁ ଜଣା ପଡ଼ିଛି ଯେ ବିଶ୍ୱ ସ୍ତରରେ କର୍କଟ ରୋଗାକ୍ରାନ୍ତ ମହିଳାଙ୍କ ତୁଳନାରେ ପୁରୁଷଙ୍କ ସଂଖ୍ୟା ପ୍ରାୟ ୨୫ ପ୍ରତିଶତ ଅଧିକ। କିନ୍ତୁ ଭାରତରେ ସ୍ଥିତି ତାର ଓଲଟା। ଆମ ଦେଶରେ ମହିଳାମାନେ ମୁଖ୍ୟତଃ ଜରାୟୁ ଗ୍ରୀବା କର୍କଟ, ସ୍ତନ କର୍କଟ ଏବଂ ଫୁସ୍‌ଫୁସ୍ କର୍କଟରେ ଅଧିକ ଆକ୍ରାନ୍ତ ହୋଇଥାଆନ୍ତି। ଆଇସିଏମ୍‌ଆର ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁସାରେ ଆମ ଦେଶରେ ପ୍ରତି ୮ ମିନିଟରେ ଜଣେ ମହିଳା ଜରାୟୁ କର୍କଟ ରୋଗରେ ପ୍ରାଣ ହରାଉଥିବା ବେଳେ ସ୍ତନ କର୍କଟ ବୋଲି ଚିହ୍ନିତ ହେଉଥିବା ପ୍ରତି ଦୁଇ ଜଣ ମହିଳାଙ୍କ ଭିତରୁ ଜଣେ ପ୍ରାଣ ହରାନ୍ତି।**

# କର୍କଟ ରାକ୍ଷସ କବଳରେ ଭାରତୀୟ ମହିଳା

**ଡାକ୍ତର କାନ୍ତୀ ନାୟକ**

ଭାରତରେ ଏବେ କର୍କଟ ରୋଗର ବ୍ୟାପକତା ଚିକିତ୍ସା କ୍ଷେତ୍ରରେ ଏକ ନୂଆ ମୁଣ୍ଡବିନ୍ଧା ଭାବେ ଦେଖାଦେଇଛି। ଇଣ୍ଡିଆନ କାଉନ୍‌ସିଲ ଫର ମେଡ଼ିକାଲ ରିସର୍ଚ୍ଚ ପକ୍ଷରୁ କୁହାଯାଇଛି ଯେ ୨୦୨୦ ବେଳକୁ ୧୭ ଲକ୍ଷ ନୂଆ କର୍କଟ ରୋଗୀ ପୁରୁଣା ରୋଗୀଙ୍କ ସଂଖ୍ୟା ସହିତ ଯୋଡ଼ି ହୋଇଯାଇଥିବେ ଏବଂ ଏଥିରେ ମୃତକଙ୍କ ସଂଖ୍ୟା ବର୍ଷକୁ ୮ ଲକ୍ଷରେ ପହଞ୍ଚିଥିବ। ପୁଣି ଯାହା ଆହୁରି ଅଧିକ ପ୍ରଣିଧାନଯୋଗ୍ୟ ତାହା ହେଲା ଆମ ଦେଶରେ ମହିଳା କର୍କଟ ରୋଗୀଙ୍କ ସଂଖ୍ୟା ପୁରୁଷ ମାନଙ୍କ ତୁଳନାରେ ଅଧିକ। ପୃଥିବୀରେ ଯେଉଁ ଧାରା ସର୍ବତ୍ର ପରିଦୃଷ୍ଟ ହୁଏ, ତାହା ହେଲା କର୍କଯ ରୋଗଗ୍ରସ୍ତଙ୍କ ଭିତରେ ପୁରୁଷ ବହୁଳତା। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ଆକଳନରୁ ଜଣା ପଡ଼ିଛି ଯେ ବିଶ୍ୱ ସ୍ତରରେ କର୍କଟ ରୋଗାକ୍ରାନ୍ତ ମହିଳାଙ୍କ ତୁଳନାରେ ପୁରୁଷଙ୍କ ସଂଖ୍ୟା ପ୍ରାୟ ୨୫ ପ୍ରତିଶତ ଅଧିକ। କିନ୍ତୁ ଭାରତରେ ସ୍ଥିତି ତାର ଓଲଟା। ଆମ ଦେଶରେ ମହିଳାମାନେ ମୁଖ୍ୟତଃ ଜରାୟୁ ଗ୍ରୀବା କର୍କଟ, ସ୍ତନ କର୍କଟ ଏବଂ ଫୁସ୍‌ଫୁସ୍ କର୍କଟରେ ଅଧିକ ଆକ୍ରାନ୍ତ ହୋଇଥାଆନ୍ତି। ଆଇସିଏମ୍‌ଆର ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁସାରେ ଆମ ଦେଶରେ ପ୍ରତି ୮ ମିନିଟରେ ଜଣେ ମହିଳା ଜରାୟୁ କର୍କଟ ରୋଗରେ ପ୍ରାଣ ହରାଉଥିବା ବେଳେ ସ୍ତନ କର୍କଟ ବୋଲି ଚିହ୍ନିତ ହେଉଥିବା ପ୍ରତି ଦୁଇ ଜଣ ମହିଳାଙ୍କ ଭିତରୁ ଜଣେ ପ୍ରାଣ ହରାନ୍ତି।

ସର୍ବେକ୍ଷଣ ଅନୁସାରେ ଓଡ଼ିଶାରେ ୧୫ବର୍ଷରୁ ଉର୍ଦ୍ଧ୍ୱ ଅନ୍ୟୁନ ୪୩% ଜନସାଧାରଣ ତମାଖୁ, ଗୁଟ୍‌ଖା ପରି ସାମଗ୍ରୀ ସହ ଅଭ୍ୟସ୍ତ ଏବଂ ସବୁଠାରୁ ବିଡ଼ମ୍ବନା ହେଉଛି ଏମାନଙ୍କ ମଧ୍ୟରୁ ୩୫%ରୁ ଉର୍ଦ୍ଧ୍ୱ ହେଉଛନ୍ତି ମହିଳା। ମାଲକାନାଗିରି ଜିଲ୍ଲାରେ ସର୍ବାଧିକ ୫୮% ଲୋକ ତମାଖୁ ଓ ଗୁଟ୍‌ଖା ସହ ଅଭ୍ୟସ୍ତ। ଅନୁରୂପ ଭାବରେ ବଲାଙ୍ଗୀର, ବରଗଡ଼, ଭଦ୍ରକ, ଢ଼େଙ୍କାନାଳ, ଯାଜପୁର, କେନ୍ଦୁଝର, କୋରାପୁଟ, ନବରଙ୍ଗପୁର, ସମ୍ବଲପୁର ଅଞ୍ଚଳରେ ୧୫ବର୍ଷରୁ ଉର୍ଦ୍ଧ୍ୱ ୪୦% ଯୁବକଯୁବତୀ ତମାଖୁ ଓ ଗୁଟ୍‌ଖା ସେବନ କରୁଥିବା ସୂଚନା ମିଳିଛି। ପରିବେଶ ପ୍ରଦୂଷଣ ହିଁ କ୍ୟାନସର ରୋଗର ମୁଖ୍ୟ କାରଣ (୯୦ରୁ ୯୫%)। ୫ରୁ ୧୦% କର୍କଟ ରୋଗ ବାପା ମାଆଙ୍କ ପାଖରୁ ପିଲାମାନଙ୍କୁ ଆସିଥାଏ। ଧୂମପାନ (୨୫-୩୦%), ଅତ୍ୟଧିକ ଖାଦ୍ୟ ଖାଇବା ଓ ମୋଟା ହେବା (୩୦-୩୫%), ସଂକ୍ରମଣ (୧୫-୨୦%), ଆଣବିକ ବିକିରଣ (୧୦%), ମଦ୍ୟପାନ (୧୦%), ଶାରୀରିକ ପରିଶ୍ରମ ନକରିବା, ଇତ୍ୟାଦି କ୍ୟାନସର ରୋଗର ମୁଖ୍ୟ କାରଣ। ଧୂମପାନ ଫୁସ୍‌ଫୁସ୍ କ୍ୟାନସରର ମୁଖ୍ୟ କାରଣ (୯୦%)। ଏହାବାଦ୍ ସ୍ୱରଯନ୍ତ୍ର କ୍ୟାନସର, ପାକସ୍ଥଳୀ କ୍ୟାନସର, ପରିସ୍ରାଥଳି କ୍ୟାନସର, ବୃକକ୍ କ୍ୟାନସର, ଖାଦ୍ୟନଳୀ କ୍ୟାନସର ଓ ଅଗ୍ନ୍ୟାଶୟ କ୍ୟାନସର ମଧ୍ୟ ଧୂମପାନ ଯୋଗୁଁ ହୋଇଥାଏ। ଧୂମପାନରେ ୫୦ ପ୍ରକାରର ଉପାଦାନ ଅଛି ଯାହା କ୍ୟାନସର ସୃଷ୍ଟିର କାରଣ। ଏହା ଭିତରୁ ନାଇଟ୍ରୋସାମିନ୍ ଓ ପଲିସାଇକ୍ଲିକ୍ ଏରୋମାଟିକ୍ ହାଇଡ୍ରୋକାର୍ବନ ମୁଖ୍ୟ। ମଦ୍ୟପାନ କ୍ୟାନସର ରୋଗର ଅନ୍ୟ ଏକ କାରଣ। ମୁଖ୍ୟତଃ ଏହା ଯକୃତ କ୍ୟାନସର ଓ ଖାଦ୍ୟନଳୀ କ୍ୟାନସର କରିଥାଏ। କଳକାରଖାନା ମାନଙ୍କରେ କାମ କରୁଥିବା ସହସ୍ରାଧିକ ବ୍ୟକ୍ତି କ୍ୟାନସର ରୋଗରେ ଆକ୍ରାନ୍ତ ହୁଅନ୍ତି (୨-୨୦%)। ପ୍ରତିବର୍ଷ ଦୁଇ ଲକ୍ଷ ବ୍ୟକ୍ତି କଳକାରଖାନା ପ୍ରଦୂଷଣ ଯୋଗୁଁ କର୍ମସ୍ଥଳୀରେ କ୍ୟାନସର ରୋଗରେ ଆକ୍ରାନ୍ତ ହୁଅନ୍ତି। ଏଜ୍‌ବେଷ୍ଟସ୍ ତନ୍ତୁ ବା ଧୂମ ସେବନ ଦ୍ୱାରା ଫୁସ୍‌ଫୁସ୍ କ୍ୟାନସର ହୁଏ ଓ ଟୋବେନ୍‌ଜିନ୍ ଦ୍ୱାରା ରକ୍ତ କ୍ୟାନସର ହୁଏ।



ମହିଳାମାନଙ୍କର ହ୍ୟୁମାନ୍ ପେପିଲୋମା ଭୂତାଣୁ ଜନନେନ୍ଦ୍ରିୟ କ୍ୟାନସରର କାରଣ। ଏବଷ୍ଟିନ୍ ବାର ଭୂତାଣୁ ଲିମ୍ଫୋମା ଓ ନାକ ଓ ଖାଦ୍ୟନଳୀ କ୍ୟାନସର କରେ। ହେପାଟାଇଟସ୍ ବି ଭୂତାଣୁ ଲିଭର କ୍ୟାନସରର ମୁଖ୍ୟ କାରଣ। ହେପାଟାଇଟିସ୍ ସି ମଧ୍ୟ ଯକୃତ କ୍ୟାନସର କରେ। ହାର୍ପିସ୍ ଭୂତାଣୁ - କାପୋସି ସାର୍କୋମାର କାରଣ। ହେଲିକୋ ବ୍ୟାକ୍ଟର ପାଇଲୋରି ଜୀବାଣୁ ପାକସ୍ଥଳୀ କ୍ୟାନସର କରେ। ସିଷ୍ଟୋସୋମା ଓ ଯକୃତ ଫ୍ଲୁକ୍ ଯଥାକ୍ରମେ ପରିସ୍ରା ଥଳି କ୍ୟାନସର ଓ କୋଲାଞ୍ଜିଓକାର୍ସିନୋମା କରନ୍ତି। ଆଣବିକ ବିକୀରଣ (୧୦%) ମଧ୍ୟ କ୍ୟାନସର ରୋଗର ଅନ୍ୟ ଏକ କାରଣ। କର୍କଟ ରୋଗର ପ୍ରାଥମିକ ଲକ୍ଷଣ କ'ଣ? ବହୁଦିନ ଧରି ଶରୀରର ଯେ କୌଣସି ସ୍ଥାନରେ କିମ୍ବା ପାଟିରେ ଘା' ନ ଶୁଖିବା, ଖାଦ୍ୟ ଖାଇବାରେ କ୍ରମାଗତ ଯନ୍ତ୍ରଣା ଅନୁଭବ କରିବା, ସ୍ୱର ବସିଯିବା, କ୍ଷୁଧା ନହେବା, ବଦହଜମ ଓ ତରଳ ଲାଳରକ୍ତ ଝାଡ଼ା ଲାଗି ରହିବା, ସ୍ତନରେ ମାଂସପିଣ୍ଡୁଳା ବା ଘା' ହେବା, ଅନିୟମିତ ଭାବେ ଜରାୟୁରୁ ରକ୍ତସ୍ରାବ ହେବା, ଦେହରେ ଯେ କୌଣସି ସ୍ଥାନରେ ମାଂସପିଣ୍ଡୁଳା ବା କଳାଜାଇ ବୃଦ୍ଧି ପାଇବା ଇତ୍ୟାଦି କର୍କଟ ରୋଗର ପ୍ରାଥମିକ ଲକ୍ଷଣ।

ଏ ସଂପର୍କରେ ଅନୁଧ୍ୟାନ ପରେ ଯେଉଁ ଧାରାଟି ସ୍ପଷ୍ଟ ହୋଇଛି ତାହା ହେଲା ଆମ ଦେଶରେ ଯେମିତି ଅଧିକ ସଂଖ୍ୟକ ମହିଳା କର୍କଟରେ ଆକ୍ରାନ୍ତ ହୁଅନ୍ତି, ସେମିତି ସେମାନଙ୍କ ଆରୋଗ୍ୟ ଲାଭ କରିବାର ସଂଖ୍ୟା ମଧ୍ୟ ତୁଳନାତ୍ମକ ଭାବେ ପୁରୁଷମାନଙ୍କ ଠାରୁ କମ୍। ଏହାର ଯେଉଁ ଦୁଇଟି କାରଣ ଦର୍ଶାଯାଉଛି ତାହା ପରସ୍ପରର ବିରୋଧୀ ଜଣାପଡୁଥିଲେବି ବାସ୍ତବ ଓ ପ୍ରାସଙ୍ଗିକ। ପ୍ରଥମ କାରଣଟି ହେଲା ଭାରତୀୟ ପରିବାରରେ କୌଣସି ରୋଗର ନିଦାନ ଓ ଚିକିତ୍ସା ଲାଗି ମହିଳାମାନଙ୍କୁ ଡାକ୍ତରମାନଙ୍କ ପାଖକୁ ନିଆଯିବାରେ ବିଳମ୍ବ କରାଯାଉଥିବାରୁ ଅନେକ କ୍ଷେତ୍ରରେ କର୍କଟ ଭଳି ରୋଗ ନିରୂପିତ ହେବାରେ ଡେରି ହୋଇଯାଏ, ଯାହା ଆରୋଗ୍ୟ କରିବାର ସମ୍ଭାବନାକୁ ଖୁବ୍ ସଂକୁଚିତ କରିଦିଏ। ଦ୍ୱିତୀୟ କାରଣଟି ହେଲା ସନ୍ତାନ ଜନ୍ମ ଲାଗି ଏପରିକି ଭ୍ରୁଣର ଲିଙ୍ଗ ନିରୁପଣ ଲାଗି ମହିଳାମାନେ ଅଧିକରୁ ଅଧିକ ସଂଖ୍ୟାରେ ଅଲଟ୍ରା ସାଉଣ୍ଡ କରାଇଥାଆନ୍ତି। ଅନେକ ସମୟରେ କର୍କଟ ରୋଗ ଏଥିରୁ ଦୈବାତ୍ ଧରାପଡ଼ିଯାଏ। ଏଭଳି ମାମଲାରେ ରୋଗୀଙ୍କ ଭଲ ହେବାର ସମ୍ଭାବନା ଅଧିକ ଥାଏ। ଏହି କାରଣରୁ ଆମ ଦେଶରେ ୪୫ ବର୍ଷ ବୟସରୁ ୫୦ ବର୍ଷ ବୟସ ଭିତରେ ଅଧିକରୁ ଅଧିକ ସଂଖ୍ୟକ ମହିଳା ମାନଙ୍କ ଠାରେ କର୍କଟ ରୋଗ ନିରୂପିତ ହେଉଥିବା ଦେଖାଯାଉଛି। ତେବେ କର୍କଟ ନିରୂପଣ କରାଯିବା ତ ଅଲଗା କଥା। ପ୍ରଥମ କଥା ହେଲା ଅଧିକରୁ ଅଧିକ ସଂଖ୍ୟକ ମହିଳା କର୍କଟ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି କାହିଁକି? ଏହାର କୌଣସି ନିର୍ଦ୍ଦିଷ୍ଟ କାରଣ ବାହାର କରାଯାଇପାରି ନାହିଁ। ଜୀବନ ଶୈଳୀରେ ଅବ୍ୟବସ୍ଥା, ଉଚ୍ଚ ସ୍ନେହସାରଜାତୀୟ ଖାଦ୍ୟ ତଥା ପ୍ରଦୂଷଣ ଭାରତରେ କର୍କଟ ରୋଗ ବଢ଼ିବା ପଛରେ ଥିବା ପ୍ରମୁଖ କାରଣ। ଉଭୟ ମହିଳା ଓ ପୁରୁଷ ମାନଙ୍କ ଲାଗି ଏହା ସମାନ ଭାବେ ଲାଗୁ। କିନ୍ତୁ ରୋଗ ନିରୂପଣରେ ମହିଳାମାନଙ୍କ ସଂଖ୍ୟା ପୁରୁଷମାନଙ୍କ ଠାରୁ ଅଧିକ ବୋଲି ଗବେଷକମାନଙ୍କ ମତ।


*ଅଧୀକ୍ଷକ, ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ*
*ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ*
*ମୋ:୯୪୩୭୬୬୬୪୫୩*


## ମସ୍ତିଷ୍କର ଅଭିବୃଦ୍ଧି ଘଟାଏ ମା'କ୍ଷୀର

ଶିଶୁ ପାଇଁ ମା'କ୍ଷୀର ଯେ କେତେ ଉପାଦେୟ ତାହା କହିବା ଅସମ୍ଭବ, ତେବେ ଏଥିରେ ଏପରି ତତ୍ତ୍ୱ ରହିଥାଏ, ଯାହା ଶିଶୁର ଶାରୀରିକ ଗଠନଠାରୁ ଆରମ୍ଭ କରି ବୁଦ୍ଧିର ବିକାଶ ପର୍ଯ୍ୟନ୍ତ ସାହାଯ୍ୟ କରେ। ମା' କ୍ଷୀରରେ ପ୍ରାକୃତିକ ରୋଗ ପ୍ରତିରୋଧକ ଆଣ୍ଟିବଡ଼ି ଥାଏ। ଏହା ଶିଶୁକୁ ସୁସ୍ଥ ତଥା ନୀରୋଗ ରଖିଥାଏ। ଏହାକୁ ପିଇଲେ ସ୍ନାୟୁ ଓ ମସ୍ତିଷ୍କର ଅଭିବୃଦ୍ଧି ଉତ୍ତମ ଭାବରେ ହୋଇଥାଏ। ପିଲାର ଦୃଷ୍ଟିଶକ୍ତି ଓ ଶ୍ରବଣ ଶକ୍ତି ଦୃଢ଼ ହୁଏ ଏବଂ ପିଲା ଶୀଘ୍ର କଥା କହିବା ଆରମ୍ଭ କରେ। ଏକ ଲିଟର ମା କ୍ଷୀରରେ ୬୪୦-୭୨୦ କି. କ୍ୟାଲୋରୀ ରହିଥାଏ। ମା'କ୍ଷୀର ସଠିକ ପରିମାଣରେ ପିଇବା ଦ୍ୱାରା ଶିଶୁର ଶାରୀରିକ ଅଭିବୃଦ୍ଧି ଠିକ୍ ଭାବେ ହୋଇଥାଏ। ପୂର୍ଣ୍ଣମାତ୍ରାରେ ମା'କ୍ଷୀର ପିଉଥିବା ଶିଶୁ ଭବିଷ୍ୟତରେ ମଧୁମେହ, ଉଚ୍ଚ ରକ୍ତଚାପ, ପାଗଳାମି, କ୍ୟାନ୍‌ସର ଆଦି ରୋଗରେ ସମ୍ମୁଖୀନ ହେବା ଆଶଙ୍କା କମ୍ ଥାଏ। ଶିଶୁକୁ ସ୍ତନ୍ୟପାନ କରାଇବା ସମୟରେ କେତେକ ଦିଗ ପ୍ରତି ସତର୍କ ରହିବାକୁ ପଡ଼ିଥାଏ। ପ୍ରଥମ କଥା ହେଲା ଶିଶୁଟି ଜନ୍ମ ହେବାର ଅଧଘଣ୍ଟାଏ ମଧ୍ୟରେ ତାକୁ ମା'ର କକ୍ଷ ବକ୍ଷ କ୍ଷୀର ବା କୋଲେଷ୍ଟ୍ରମ୍ ପିଆଇବା ଦରକାର। ଜନ୍ମର ପ୍ରଥମ ତିନି ଦିନ ଶିଶୁକୁ ଏହି କ୍ଷୀର ପିଆଇବା ନିହାତି ଦରକାର। ଶିଶୁଟି ୬ମାସ ପର୍ଯ୍ୟନ୍ତ ମା'କ୍ଷୀର ପିଇବା ଜରୁରୀ। ଶିଶୁକୁ ସ୍ତନ୍ୟପାନ କରାଇବା ପୂର୍ବରୁ ମା' ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିନେବା ଦରକାର। ଅବସାଦଗ୍ରସ୍ତ ହୋଇ ସ୍ତନ୍ୟପାନ କରାଇବା ଠିକ୍ ନୁହେଁ। ସ୍ତନ୍ୟପାନ କରାଇବା ପୂର୍ବରୁ ମା' ଆରାମରେ ବସିବା (ଯେମିତି ପିଠି ୯୦ ଡିଗ୍ରୀରେ ରହିବ) ଦରକାର। ପିଲାକୁ କୋଳରେ ଏପରି ବସାନ୍ତି ଯେପରି ସେ ଆରାମରେ ସ୍ତନ୍ୟପାନ କରିପାରିବ। ଏହି ସମୟରେ କେତେକ ପିଲା ଅଝଟ କରିଥାଆନ୍ତି। ସେମାନଙ୍କୁ ବୁଝାଇବା ପାଇଁ ମା' ଲୋରି ଗାଇ କିମ୍ବା ପିଠି ଥାପୁଡ଼ାଇ ସ୍ତନ୍ୟପାନ କରାଇବା ଦରକାର। ଏହି ସମୟରେ ମା' ଆଦୌ ବିରକ୍ତିଭାବ ପ୍ରକାଶ କରିବା ଠିକ୍ ନୁହେଁ। ଅପରପକ୍ଷେ ଶିଶୁଟି କେତେ ଘଣ୍ଟା ଅନ୍ତରରେ ସ୍ତନ୍ୟପାନ କରିବ ସେଥିନେଇ ମା' ଅବଗତ ହେବ।



ଦରକାର। ଶିଶୁକୁ ପ୍ରତି ୨-୩ ଘଣ୍ଟା ଅନ୍ତରରେ ସ୍ତନ୍ୟପାନ କରାଇବା ଆବଶ୍ୟକ। ଶିଶୁର ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶରେ ସ୍ତନ୍ୟପାନର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସ୍ତନ୍ୟପାନ ଦ୍ୱାରା ମାଆ ଆତ୍ମସନ୍ତୋଷ ଓ ଗଭୀର ଆତ୍ମତୃପ୍ତି ପାଇବା ସହ ମାଆର ରକ୍ତହୀନତା, ସ୍ତନକର୍କଟ ଓ ଡିମ୍ବାଶୟ କର୍କଟ ରୋଗରୁ ରକ୍ଷା କରିଥାଏ। ସୁସ୍ଥ ମାଆ ଶିଶୁର ଉପଯୁକ୍ତ ଯତ୍ନ ନେବାକୁ ବେଶ୍ ସମର୍ଥ ହୋଇଥାଏ। ସ୍ତନ୍ୟପାନ କରାଇବାବେଳେ ବିଶେଷ କରି ନବଜାତ ଶିଶୁ ଜନ୍ମର ଅଧଘଣ୍ଟା ମଧ୍ୟରେ ମାଆ କ୍ଷୀର ଖୁଆନ୍ତି। ସିଜରିଆନ୍ ଅପରେସନ ହୋଇଥିଲେ ମଧ୍ୟ ଶିଶୁଟିକୁ ଦୁଇ/ତିନିଘଣ୍ଟା ଭିତରେ କ୍ଷୀର ଦିଅନ୍ତୁ। ମନେରଖନ୍ତୁ ମାଆ କ୍ଷୀର ଦେବା ପୂର୍ବରୁ ଶିଶୁକୁ କୌଣସି ବାହାର ଖାଦ୍ୟ ବା ପାନୀୟ ଦିଅନ୍ତୁ ନାହିଁ। ଶିଶୁଟିର ଜନ୍ମରୁ ଛଅ ମାସ ପୁରିବା ପର୍ଯ୍ୟନ୍ତ କେବଳ ମାଆ କ୍ଷୀର ଖୋଇବା ପାଇଁ ପ୍ରଚେଷ୍ଟିତ ହୁଅନ୍ତୁ। ମନେରଖନ୍ତୁ ଶିଶୁର ସମସ୍ତ ସଂକ୍ରମଣ ରୋଗ ପାଇଁ ମାଆ କ୍ଷୀର ମହୋଷଧିପରି କାମ କରିଥାଏ ସେଥିପାଇଁ କୁହାଯାଏ ମା କ୍ଷୀର ଅମୃତ ଆହାର।


**ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତରାୟ**
*ସହକାରୀ ପ୍ରଫେସର, ଶିଶୁରୋଗ ବିଭାଗ, ଶିଶୁଭବନ, କଟକ*


## ବାସନ ଦିଶିବ ଚକାଚକ୍

**ବାସନ ସଫାସୁତରା ଥିଲେ ଖାଦ୍ୟ କେବଳ ସ୍ୱାଦିଷ୍ଟ ଲାଗେ ତାହାନୁହେଁ, ପରନ୍ତୁ ଏହା ଆମର ସ୍ୱାସ୍ଥ୍ୟ ଉପରେବି ଖୁବ୍ ପ୍ରଭାବ ପକାଏ। । ସଫାସୁତରା ବାସନ ଭୋକ ବଢାଇବା ସହ ଶରୀରକୁ ସୁସ୍ଥ ରଖିଥାଏ। ମାତ୍ର ବାସନ ଯଦି ଅପରିଷ୍କାର ଦିଶେ, ତାହାଲେ ଏହାର ବିପରୀତ ଘଟିଥାଏ। ତେଣୁ ନିମ୍ନରୁ ଜାଣନ୍ତୁ ବାସନ ସଫା ରଖିବାର ସହଜ ଉପାୟ।**

- ଖାଇବା ପରେ ସଙ୍ଗେ ସଙ୍ଗେ ବାସନ ଭଲ ଭାବେ ସାଧା ପାଣିରେ ଧୋଇ ଦେଇ ସିଙ୍କ୍‌ରେ ରଖିଦିଅନ୍ତୁ। ଏହାଦ୍ୱାରା ବ୍ୟାକ୍ଟେରିଆ ଜମା ହେବାର ସମ୍ଭାବନା ନଥାଏ। ଏହା ସହିତ ବାସନରୁ ତେଲିଆ ଅଂଶ ଧୋଇହୋଇଯାଏ।
- ବାସନକୁ ସଫା କରିବା ସମୟରେ ପ୍ରଥମେ ସେଥିରେ ଲାଗିଥିବା ସମସ୍ତ ଖାଦ୍ୟକୁ ଡଷ୍ଟବିନ୍‌ରେ ପକାଇ ତା' ପରେ ମାଜନ୍ତୁ।
- ବାସନ ସଫା କରୁଥିବା ସ୍କ୍ରବ୍‌କୁ ବାସନ ମାଜିବା ପୂର୍ବରୁ ପ୍ରଥମେ ଭଲ ଭାବେ ଧୋଇଦିଅନ୍ତୁ। କାରଣ ପୂର୍ବରୁ ଏଥିରେ ବହୁ ବ୍ୟାକ୍ଟେରିଆ ଥିବାର ସମ୍ଭାବନା ରହିଥାଏ।
- ବାସନକୁ ଅଧିକ ସଫା ରଖିବା ପାଇଁ କେମିକାଲ୍ ସାନିଟାଇଜରରେ ବୁଡାଇ ସଫା କରନ୍ତୁ। କାରଣ ସାଧାରଣ ସାବୁନରେ ସଫା କରିବା ଦ୍ୱାରା ବାସନ ଗୁଡିକ ଭଲଭାବେ ସଫା ହୋଇନଥାଏ।
- ବାସନକୁ ସଫା କରିବା ପାଇଁ ଗରମ ପାଣି ବ୍ୟବହାର କରନ୍ତୁ। ବିଶେଷ କରି କାଚ ଯୁକ୍ତ ବାସନକୁ ସଫା କରିବା ସମୟରେ ଗରମ ପାଣି ବ୍ୟବହାର କରନ୍ତୁ।
- ବାସନକୁ ତିନୋଟି ପ୍ରକ୍ରିୟାରେ ସଫା କରନ୍ତୁ। ପ୍ରଥମେ ପାଣିରେ ଡିଟରଜେଣ୍ଟ ପକାଇ ବାସନକୁ ଧୁଅନ୍ତୁ। ଦ୍ୱିତୀୟରେ ସଫା ପାଣିରେ ଧୁଅନ୍ତୁ। ତୃତୀୟରେ କେମିକାଲ ସାନିଟାଇଜରରେ ସଫା କରି ଧୁଅନ୍ତୁ।
- ବାସନକୁ ଧୋଇସାରିବା ପରେ ପରିଷ୍କାର କପଡ଼ାରେ ପୋଛି ରଖନ୍ତୁ।





## ଯୋଗ ଦ୍ୱାରା ବ୍ୟୁଟିଫୁଲ ଚେହେରା

**ସୁନ୍ଦରୀ ଦେଖେଇ ହେବାକୁ ସମସ୍ତଙ୍କର ଇଚ୍ଛା ଥାଏ। ତେଣୁ ସୌନ୍ଦର୍ଯ୍ୟ ପାଇଁ କେହି କେହି ପାର୍ଲର ଯାଉଥିବା ବେଳେ ଆଉ କେହି ଘରୋଇ ଉପାୟରେ ନିଜ ଚେହେରାର ଯତ୍ନ ନିଅନ୍ତି। କିନ୍ତୁ ଦୀର୍ଘ ଦିନ ଫେସିଆଲ କିମ୍ବା ଘରୋଇ ଉପାୟରେ ଉପଚାର କରିବା ଦ୍ୱାରା ଯଦି କିଛି ପରିବର୍ତ୍ତନ ଆସି ନ ଥାଏ, ତାହାଲେ ଆପଣ ଯୋଗାଭ୍ୟାସକୁ ଆପଣେଇ ତ୍ୱଚାକୁ ସୁନ୍ଦର ଓ ଉଜ୍ଜ୍ୱଳ ରଖିବା ସହିତ ଚିରସୁନ୍ଦରୀ ହୋଇପାରିବେ।**

**ନିୟମିତ ଚାଲନ୍ତୁ:** ପ୍ରତ୍ୟେକ ଦିନ ସକାଳୁ କିଛି ବାଟ ଚଲାବୁଲା କରନ୍ତୁ। ଦୈନିକ ୨ରୁ ୩ କିଲୋମିଟର ପର୍ଯ୍ୟନ୍ତ ଚାଲନ୍ତୁ। ଏହାଦ୍ୱାରା ତ୍ୱଚା ଉଜ୍ଜଳ ରହିବା ସହ ଦେହ ମଧ୍ୟ ସୁସ୍ଥ ରହିବ। ଦୈନିକ ଚାଲିବା ଦ୍ୱାରା ତ୍ୱଚାକୁ ସଠିକ୍ ପରିମାଣରେ ଅମ୍ଳଜାନ ମିଳିପାରେ।

**ପ୍ରଚୁର ପାଣି ପିଅନ୍ତୁ:** ପାଣି ପିଇବା ଦ୍ୱାରା ଆମ ଶରୀରରେ କୌଣସି ପ୍ରକାର ରୋଗ ହେବାର ଆଶଙ୍କା ହ୍ରାସ ପାଇଥାଏ। ଜଳୀୟାଂଶ କମ୍ ହେବା ଦ୍ୱାରା ଶରୀର ମଧ୍ୟ ଶୁଷ୍କ ଦେଖାଯାଏ। ପ୍ରଚୁର ପରିମାଣରେ ପାଣି ପିଇବା ଦ୍ୱାରା ଶରୀରରେ ଜଳୀୟଂଶ ପରିମାଣ ଠିକ୍ ରଖିଥାଏ। ଫଳରେ ତ୍ୱଚା ଉଜ୍ଜଳ ରହିଥାଏ। ପାଣି ପିଇବା ଦ୍ୱାରା ଶରୀରରେ ଥିବା ବିଷାକ୍ତ ପଦାର୍ଥ ବାହାରି ଯାଇଥାଏ। ଯାହାଦ୍ୱାରା ଆମ ଚେହେରାରେ ଚମକ ଆସିଥାଏ।

**ତ୍ୱଚା ପରିଷ୍କାର ରଖନ୍ତୁ:** ମୁହଁକୁ ଯଥାସମ୍ଭବ ସଫା ରଖିବାକୁ ଚେଷ୍ଟା ରଖନ୍ତୁ। ବାହାରକୁ ଯାଉଥିବା ସମୟରେ ମୁହଁକୁ ଘୋଡାଇ ଯାଆନ୍ତୁ। କାରଣ ବାହାରର ଧୂଳି ତ୍ୱଚା ଭିତରକୁ ପ୍ରବେଶ କରିଥାଏ। ଫଳରେ ବ୍ରଣ ଭଳି ଅନେକ ସମସ୍ୟା ଦେଖାଯାଏ। ବାହାରୁ କିମ୍ବା ଖରାରୁ ଫେରି ତୁରନ୍ତୁ ମୁହଁକୁ ଭଲ ଭାବେ ଧୋଇ ନିଅନ୍ତୁ।

**ପୁଷ୍ଟିକର ଖାଦ୍ୟ ଖାଆନ୍ତୁ:** କେବଳ ପ୍ରସାଧନ ସାମଗ୍ରୀ କିମ୍ବା ପାର୍ଲରରେ ଉପଚାର ତ୍ୱଚାକୁ ଉଜ୍ଜ୍ୱଳ କିମ୍ବା ସୁନ୍ଦର କରି ନ ଥାଏ। ପୁଷ୍ଟିକର ଖାଦ୍ୟ ମଧ୍ୟ ଏଥିପାଇଁ ଜରୁରୀ। ତ୍ୱଚା ଶରୀରର ଏକ ଅଂଶ ହୋଇଥିବାରୁ ଏହାର ରକ୍ଷଣାବେକ୍ଷଣ ପାଇଁ ଉତ୍ତମ ପୁଷ୍ଟିକର ଖାଦ୍ୟର ଆବଶ୍ୟକତା ରହିଛି। ଅଧିକ ତେଲ ମସଲା ଓ ରାଗ ଯୁକ୍ତ ଖାଦ୍ୟ ଅପେକ୍ଷା ସବୁଜ ପନିପରିବା ଓ ଫଳ ପ୍ରଚୁର ପରିମାଣରେ ଖାଆନ୍ତୁ।

ଯୋଗ କରନ୍ତୁ: ସୌନ୍ଦର୍ଯ୍ୟ ବୃଦ୍ଧି ଦିଗରେ ଯୋଗର ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଭଳି କିଛି ଯୋଗ ରହିଛି ଯାହାଦ୍ୱାରା ଶାରୀରିକ ସନ୍ତୁଳନ ରହିବା ସହିତ ସୌନ୍ଦର୍ଯ୍ୟ ବୃଦ୍ଧି ହୋଇଥାଏ। ସ୍ୱାସ୍ଥ୍ୟ ଓ ମୁହଁର ସୌନ୍ଦର୍ଯ୍ୟ ପାଇଁ କପାଳଭାତି, ପ୍ରାଣାୟମ ଓ ଧନୁ ଆସନ କରନ୍ତୁ।




ଅମୃତ ଦୁନିଆ

୦୭ ଫେବୃଆରୀ’ ୨୦୨୪

ଏକାମ୍ର

# ଆଗାମୀ ୧୬ରେ ଦେଶବ୍ୟାପୀ ହରତାଳ ହେବ

**ଭୁବନେଶ୍ୱର, (ବ୍ୟୁରୋ):** ଅଖିଳ ଭାରତ ରାଜ୍ୟ ସରକାରୀ କର୍ମଚାରୀ ମହାସଂଘର ସାଧାରଣ ସମ୍ପାଦକ ଶ୍ରୀଯୁକ୍ତ ଏ. ଶ୍ରୀକୁମାରଙ୍କ ପୌରହିତ୍ୟରେ ଓ ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି ଓ ଓଡ଼ିଶା କର୍ମଚାରୀ ସଂଗ୍ରାମ ସମିତିର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଆଜି ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ବିଶେଷକରି କର୍ମଜୀବିଙ୍କ ଉପରେ କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ଆକ୍ରମଣ ପ୍ରତିବାଦରେ ଆଗାମୀ ତା ୧୬.୦୨.୨୦୨୪ରିଖରେ ଦେଶବ୍ୟାପୀ ହରତାଳରେ ସାମିଲ୍ ହେବାର ବିଭିନ୍ନ ଦିଗ ସମ୍ପର୍କରେ ନିମ୍ନମତେ ସୂଚନା ଦେଇଥିଲେ। (୧) ନୂଆ ପେନସନ ବାତିଲ୍ କରି ସମସ୍ତଙ୍କୁ ପୁରୁଣା ପେନସନ ଦେବା (୨) ଅସ୍ଥାୟୀ କର୍ମଚାରୀ, ଆଉଟସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ କରିବା (୩) ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ସଂସ୍ଥାକୁ ଘରୋଇକରଣ ବନ୍ଦ କରିବା (୪) ଗୁଣାତ୍ମକ ଶିକ୍ଷା ଓ ଉତ୍ତମ ସ୍ୱାସ୍ଥ୍ୟସେବା ଦେବା (୫) ସମ୍ବିଧାନର ୩୧୦, ୩୧୧ (୨) (କ), (ଖ) ଓ (ଗ) ଧାରାକୁ ସଂଶୋଧନ କରିବା (୬) ପ୍ରତି ପାଞ୍ଚ ବର୍ଷରେ ଥରେ ଦରମା ସଂଶୋଧନ କରିବା (୭) ଦରଦାମ ସ୍ଥିର ରଖିବା ଓ ସୁଷମ ବଣ୍ଟନ ବ୍ୟବସ୍ଥାକୁ ଦୃଢ଼ କରିବା (୮) କର୍ମଚାରୀ ମହାସଂଘକୁ ସରକାରୀ ଘର ଯୋଗାଇ ଦେବା (୯) ୨୦୧୬ ଠାରୁ ବର୍ଦ୍ଧିତ ହାରରେ ଘରଭଡ଼ା ଭତ୍ତା ଦେବା ଆଦି ଦାବି ବିଷୟରେ ଆଲୋଚନା ହୋଇଥିଲା। ସାମ୍ବାଦିକ ସମ୍ମିଳନୀ ଶେଷରେ ଏକ ଟ୍ରେଡ଼ ୟୁନିୟନ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହି କର୍ମଶାଳାରେ ବିଶିଷ୍ଟ କର୍ମଚାରୀ ନେତା ଶ୍ରୀଯୁକ୍ତ ଦୁର୍ଗାଚରଣ ନାୟକ ଦରମା ସଂଶୋଧନ କମିଶନରଙ୍କ ଭୂମିକା ଓ ପୃଷ୍ଠଭୂମି ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ଶ୍ରୀଯୁକ୍ତ ଏ. ଶ୍ରୀକୁମାର ଜନମଙ୍ଗଳକାରୀ ରାଷ୍ଟ୍ରର ଭୂମିକା ଓ ସଂଗଠନକୁ ଦୃଢ଼ କରିବାର କୌଶଳ ସମ୍ପର୍କରେ ଅବଗତ କରାଇଥିଲେ। ଏହି କର୍ମଶାଳାରେ ଶ୍ରୀମତୀ ଜ୍ୟୋତ୍ସ୍ନାମୟୀ ନାୟକ, ହିମାଂଶୁ ସୁବୁଦ୍ଧି, ଅରୁଣ କୁମାର ବଳିୟାରସିଂହ, ଝରଣା ମହ’, ଶ୍ରୀମତୀ ସୀତା ଭୋଳ, ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତିର ଉପସଭାପତି, ବିଶିଷ୍ଟ କର୍ମଚାରୀ ନେତା ଶ୍ରୀ କ୍ଷେତ୍ରମୋହନ ଦାସ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ସର୍ବଶେଷରେ ଶ୍ରୀ କହ୍ନୁ ଚରଣ ମଲ୍ଲିକ, ରାଜ୍ୟ ସମନ୍ୱୟ ସମିତିର ମୁଖ୍ୟ କାର୍ଯ୍ୟାଳୟ ସମ୍ପାଦକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିବା ଶ୍ରୀ ସୁଜିତ କୁମାର ନାୟକ, ସାଧାରଣ ସମ୍ପାଦକ, ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି ଓ ଶ୍ରୀ ଶୁଭେନ୍ଦୁ ରାଉତରାୟ, ଅଧ୍ୟକ୍ଷ, କର୍ମଚାରୀ ସଂଗ୍ରାମ ସମିତି ଜଣାଇଛନ୍ତି।

# ‘ମଦଦ୍’ ଅଭିଯାନରେ ସାମିଲ୍ ହେଲେ ଅଭିନେତା ଚନ୍ଦନ କର

**ଭୁବନେଶ୍ୱର, (ବ୍ୟୁରୋ):** ସାମାଜିକ ଅନୁଷ୍ଠାନ ‘ୟୁଥ୍ ଫର ଭଲ୍ୟୁଟାଂରୀ ୱାର୍କ’ ତରଫରୁ ଜାରି ରହିଥିବା ମଦଦ୍ ଅଭିଯାନରେ ସାମିଲ୍ ହୋଇଛନ୍ତି ଜଣାଶୁଣା ଅଭିନେତା ତଥା ସମାଜସେବୀ ଓ କର ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ଚନ୍ଦନ କର । ମନୁଷ୍ୟ ଏକ ସାମାଜିକ ପ୍ରାଣୀ । ଏହି ସମାଜରେ ଜଣେ ଅନ୍ୟ ଜଣର ସୁଖ ଦୁଃଖର ସାଥୀ ହୋଇ ସୁସ୍ଥ ସମାଜ ଗଠନ କରିବା ନିହାତି ଆବଶ୍ୟକ । ସମଜାସେବାକୁ ନିଜର କର୍ତ୍ତବ୍ୟ ଭାବି ଆତ୍ମତୃପ୍ତି ଲାଭ କରିବା କଥା । ବିଭିନ୍ନ ପୂଜାମଣ୍ଡପ ସଜାଇବା ପାଇଁ ଓ ଅନ୍ୟାନ୍ୟ ପର୍ବପର୍ବାଣୀରେ କୋଟି କୋଟି ଟଙ୍କା ଆଦାୟ ହୋଇପାରୁଥିଲେ ହେଁ ଜଣେ ଗରିବ ଲୋକଟି ମେଡିକାଲ୍‌ରେ ପଡ଼ିଥିଲେ ଚିକିତ୍ସା ପାଇଁ କିଛି ହଜାର ଆଦାୟ କରିବା କଷ୍ଟସାଧ୍ୟ । ତେଣୁ ଲୋକମାନଙ୍କ ମଧ୍ୟରେ ସମାଜସେବାର ଚେତନା ସୃଷ୍ଟି କରିବା ପାଇଁ ‘ମଦଦ୍’ ଅଭିଯାନ ଆରମ୍ଭ କରାଯାଇଛି । ଏହି ଅଭିଯାନରେ ଆଜି ସାମିଲ୍ ହୋଇ ଶ୍ରୀଯୁକ୍ତ କର ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ ଅନୁଷ୍ଠାନ ତରଫରୁ ଭୁବନେଶ୍ୱରର ବିଭିନ୍ନ ବସ୍ତିମାନଙ୍କରେ ଶିକ୍ଷାଦାନ କାର୍ଯ୍ୟକ୍ରମ ‘ଆସ ପଢିବା ସମାଜ ଗଢ଼ିବା’ କାର୍ଯ୍ୟକ୍ରମକୁ ଆଗକୁ ନେବାପାଇଁ ଆର୍ଥିକ ସାହାଯ୍ୟ ଅନୁଷ୍ଠାନର କୋଷାଧ୍ୟକ୍ଷ ମିର୍ ମେହେଫୁଜ୍ ଅଲ୍ଲୀଙ୍କୁ ପ୍ରଦାନ କରି ଏହି ଅଭିଯାନରେ ସାମିଲ୍ ହେଲେ । ଏଠାରେ ପ୍ରକାଶଥାଉକି, ଅଭିନେତା ଚନ୍ଦନ କର ପେଶାରେ ଜଣେ ସଫ୍ଟୱେର ଇଂଜିନିୟର ହେଲେ ମଧ୍ୟ ନିଶା ସମାଜସେବା । ‘କର ଫାଉଣ୍ଡେସନ୍’ ନାମକ ଏକ ସଂଗଠନ କରି ଅସହାୟ, ଗରିବ ପିଲାମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ପ୍ରଭୃତିରେ ସାହାଯ୍ୟ କରିଥାଆନ୍ତି । ତତ୍‌ସହ ବୁଡ଼ିଯାଉଥିବା ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ଏକ ନୂଆ ଧାରାକୁ ଆଣିବା ପାଇଁ ଭାରତବର୍ଷର ପ୍ରଥମ ଶହୀଦ ଜୟୀ ରାଜଗୁରୁଙ୍କ ଜୀବନ କାହାଣୀ ଉପରେ ମହର୍ଷି ନାମକ ଏକ ଚଳଚ୍ଚିତ୍ର କରି ଲୋକମାନଙ୍କ ମନରେ ଆଦୃତି ଲାଭ କରିଛନ୍ତି ।

# ଓଡ଼ିଆ ଭାଷାକୁ ଆୟୁଧ କରି ରାଜ୍ୟ ଗଠନର ପ୍ରମୁଖ ବିନ୍ଧାଣିଥିଲେ ମଧୁ ବାବୁ

**ଭୁବନେଶ୍ୱର, (ବ୍ୟୁରୋ):** ଭାରତର ପ୍ରଥମ ଭାଷାଭିତିକ ରାଜ୍ୟ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରି ଗୌରବାନୀତ କରିଥିଲେ ଭାରତ ଗୌରବ ମଧୁସୂଦନ ଦାସ । ସେଥିପାଇଁ ତାଙ୍କୁ ନୂତନ ଓଡ଼ିଶାର ନିର୍ମାତା ଓ ଜନକ କୁହାଯାଏ। ଓଡ଼ିଆ ଭାଷାକୁ ବିଭିନ୍ନ ବେସରକାରୀ ବିଦ୍ୟାଳୟରେ ଅଧିକ ଅଧ୍ୟୟନ କରାଇବା ସହ ମଧୁ ବାବୁଙ୍କ ସମ୍ପର୍କରେ ସଭିଁଏ ଜାଣିବା ପାଇଁ ଆରମ୍ଭ ହୋଇଛି ଅଭିଯାନ। ଏଥି ପାଇଁ ମଧୁ ବାବୁଙ୍କ ମହାପରାୟଣ ଦିବସରେ ବିଭିନ୍ନ ବେସରାକରୀ ବିଦ୍ୟାଳୟକୁ ମଧୁ ବର୍ଣ୍ଣବୋଧ ପୁସ୍ତକ ପ୍ରଦାନ ସହ ମଧୁ ବାବୁଙ୍କ ଫଟୋ ପ୍ରଦାନ କାର୍ଯ୍ୟ ଆରମ୍ଭ ହୋଇଛି। ବିଭିନ୍ନ ଘରୋଇ ବିଦ୍ୟାଳୟରେ ମଧୁ ବାବୁଙ୍କ ଫଟୋ ଲଗାଇବା ସହ ମଧୁ ବାବୁଙ୍କ ସମ୍ପର୍କରେ




ଆଲୋଚନା କରିବାକୁ ଅନୁରୋଧ କରାଯାଇଛି। ଅଲ୍ ଓଡ଼ିଶା ଲୟର୍ସ ଫେରମ ଓ ସର୍ବଭାରତୀୟ ମଧୁ ସ୍ମାରକ ମଂଚର ଆବାହକ ଲିଙ୍ଗରାଜ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭାଷାବିତ୍ ଡ଼ ଦେବାଶିଷ ମହାପାତ୍ର, ସରୋଜ କୁମାର ସାହୁ, ଭରତ ଚନ୍ଦ୍ର ବେହେରା, ବିକାଶ ମହାନ୍ତି, ସସ୍ମିତା ଦାଶ ସମେତ ବହୁ ମୁରବୀ ଓ ବୁଦ୍ଧିଜୀବୀ ସାମିଲ ହୋଇଥିଲେ। ଭାରତ ଗୌରବ ମଧୁସୂଦନ ଦାସଙ୍କୁ ମରଣୋତର ଭାରତରତ୍ନ ସମ୍ମାନରୁ ବହୁ ଊର୍ଦ୍ଧରେ। ମଧୁବାବୁଙ୍କ ପ୍ରତିମୂର୍ତ୍ତି ସଂସଦ ଭବନ ପରିସରରେ ସ୍ଥାପନା, ଉତ୍କଳ ଗୌରବ ମଧୁସୂଦନଙ୍କ ନାମରେ ରେଳ ଗାଡି ଚଳାଇବା, ମଧୁ ବାବୁଙ୍କ ଜୟନ୍ତୀ ଦିନ ସରକାରୀ ଛୁଟି ଘୋଷଣା ଓ କୋର୍ଟ ନିକଟ ରାସ୍ତାକୁ ମଧୁ ବାବୁଙ୍କ ନାମରେ ନାମକରଣ କରିବା ପାଇଁ ଦାବି କରାଯାଇଛି। ତାଙ୍କୁ ମରଣୋତରରେ ଯେତେ ସମ୍ମାନ ଦେଲେ କମ୍ ହେବ ବୋଲି କୁହାଯାଇଛି। ପ୍ରକାଶ ଥାଉକି ମଧୁବାବୁଙ୍କୁ ଯଥୋଚିତ ସମ୍ମାନ ମିଳିନଥିବାରୁ ଓଡ଼ିଶା ଲୟର୍ସ ଫୋରମ୍ ପକ୍ଷରୁ ବିଭିନ୍ନ ଜିଲ୍ଲାର ମୁରବୀ ସମେତ ରାଜ୍ୟର ବିଭିନ୍ନ ଓକିଲ ସଂଘ ସହଯୋଗରେ ଦସ୍ତଖତ ସଂଗ୍ରହ ଅଭିଯାନ ଚାଲୁ ରହିଛି। ନିକଟରେ ସୁପ୍ରୀମକୋର୍ଟ ପରିସରରେ ଏହି ଅଭିଯାନ କରାଯିବା ସହ ୧୯ଟି ରାଜ୍ୟରୁ ଦସ୍ତଖତ ସଂଗ୍ରହ କରାଯାଇଛି। କୋଲକାତାରୁ ଆରମ୍ଭ ହୋଇଥିବା ଏହି ଅଭିଯାନ, ଝାଡ଼ଖଣ୍ଡ, ଉତରପ୍ରଦେଶ, ମଧ୍ୟପ୍ରଦେଶ, ଗୁଜୁରାଟ, ଚେନ୍ନାଇ, ଆନ୍ଧ୍ରପ୍ରଦେଶର ତିରୂପତି, ଆଣ୍ଡାମାନ, ବେଙ୍ଗାଲୁରୁ, ପାବ, ଉତରାଖଣ୍ଡ, ତ୍ରିପୁରା, ଆସାମ, ମିଜୋରାମ, ନୂଆଦିଲ୍ଲୀ ଆଦି ସ୍ଥାନରେ ବାସ କରୁଥିବା ମଧୁପ୍ରେମୀଙ୍କ ସ୍ୱାକ୍ଷର ସଂଗ୍ରହ କରାଯାଇଛି।

# ଚାନ୍ଦି ଭଣ୍ଡାର ପକ୍ଷରୁ ‘ଭିନସ୍’ କଲେକ୍ସନ



ପ୍ୟାଲେଟ୍‌ରେ ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ଡିଜାଇନ୍‌ଗୁଡ଼ିକ ରହିଛି । ଫ୍ୟାସନକୁ ବହୁଗୁଣିତ କରିବା ପାଇଁ ଏହି କଲେକ୍ସନରେ ଲେୟର୍ଡ ନେକ୍‌ଲେସ୍ ଅଛି । କ୍ଲାସିକ୍ ଚାର୍ମ ଲାଗି ମୋତି ସହ ଜିକନ୍ ଗହଣା ରହିଛି । ହାର୍ଟ ଏବଂ ଇନ୍‌ଫିନିଟି ଆକାର ଏକ ଉଷ୍ମ ସ୍ପର୍ଶ ଯୋଡୁଛି । ସେହିଭଳି ଉଜ୍ଜ୍ୱଳ ଜିରକନ୍ ସହ କିଛି ମୀନାକାରୀ ଗହଣା ଏକ ସମସାମୟିକ ସ୍ପନ୍ଦନ ଆଣୁଛି ।

**ଭୁବନେଶ୍ୱର, (ବ୍ୟୁରୋ):** ଏଇ ଫେବ୍ରୁଆରୀରେ ଅସୀମ ପ୍ରେମକୁ ଗ୍ରହଣ କରିବାର ଅବସର ଭୁବନେଶ୍ୱର, ପ୍ରେମ ଏବଂ ଉପହାରର ମାସ ହେଉଛି ଫେବ୍ରୁଆରୀ, ଯାହା ରୋମାନ୍ସ ଏବଂ ସଂଯୋଗର ଭାବକୁ ବହନ କରେ । ବର୍ଷର ଏହି ବିଶେଷ ସମୟ ପ୍ରେମର ଅଭିବ୍ୟକ୍ତି ଏବଂ ଅର୍ଥପୂର୍ଣ୍ଣ ସଂଯୋଗ ସହିତ ସମକକ୍ଷ । ଏହି ବିଶେଷ ସମୟରେ ରୁପା ଗହଣାର ଏକ୍ସକ୍ଲୁସିର ଷ୍ଟୋର ଚାନ୍ଦ ଭଣ୍ଡାର ଆଣିଛି ‘ଭିନସ୍’ କଲେକ୍ସନ । ‘ ଭିନୟ :ଅସୀମ ପ୍ରେମକୁ ଗ୍ରହଣ କରିବା।’ ପ୍ରେମର ଗ୍ରହ ‘ଶୁକ୍ର’ ଦ୍ୱାରା ଅନୁପ୍ରାଣିତ ଏହି ଗହଣା କଲେକ୍ସନ ଏକ ଭାବନାତ୍ମକ ହୃଦୟ, ଯାହାକି ଆମକୁ ଆମ ପ୍ରିୟଜନ, ପରିବାର ଏବଂ ପ୍ରିୟ ବନ୍ଧୁମାନଙ୍କ ସହ ଯୋଡ଼ିଥାଏ । ୯୨.୫ ଷ୍ଟର୍ଲିଂ ‘ଭିନସ୍’ କଲେକ୍ସନ ଭାବନାଗୁଡ଼ିକର ଏକ ସ୍ୱର, ଯେଉଁଥିରେ ନୀଳ, ଲାଲ, ଧଳା ଏବଂ ମାଜେଣ୍ଟା ଗୋଲାପୀ ରଙ୍ଗର ଏକ ଏହି କଲେକ୍ସନରେ ଉଭୟ ପୁରୁଷ ଏବଂ ମହିଳାଙ୍କ ପାଇଁ ଅତ୍ୟନ୍ତ ଷ୍ଟାଇଲିସ୍ ଗହଣା ରହିଛି । ଏଥିରେ ବ୍ୟାପକ ରେଞ୍ଜ୍ ନେକ୍‌ପିସ, ବ୍ରେସ୍‌ଲେଟ, କାନଫୁଲ ଏବଂ ମୁଦି ଆଦି ରହିଛି । ଏହି ବହୁସ୍ତରୀୟ କଲେକ୍ସନ ବିଶୋଧିତ ପିସ୍‌ଗୁଡ଼ିକର ଏକ କ୍ୟୁରେଟେଡ୍ ସିଲେକ୍ସନ, ଯାହା ଦିନରୁ ରାତି ପର୍ଯ୍ୟନ୍ତ ଉଦ୍ୟମ କରି ପ୍ରେମ ଏବଂ ଷ୍ଟାଇଲର ସୌନ୍ଦର୍ଯ୍ୟକୁ ପାଳନ କରେ।



# ‘ମଦଦ୍’ ଅଭିଯାନରେ ସାମିଲ୍ ହେଲେ ଅଭିନେତା ଚନ୍ଦନ କର

**ଭୁବନେଶ୍ୱର, (ବ୍ୟୁରୋ):** ସାମାଜିକ ଅନୁଷ୍ଠାନ ‘ୟୁଥ୍ ଫର ଭଲ୍ୟୁଣ୍ଟାରୀ ୱାର୍କ’ ତରଫରୁ ଜାରି ରହିଥିବା ମଦଦ୍ ଅଭିଯାନରେ ସାମିଲ୍ ହୋଇଛନ୍ତି ଜଣାଶୁଣା ଅଭିନେତା ତଥା ସମାଜସେବୀ ଓ କର ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ଚନ୍ଦନ କର । ମନୁଷ୍ୟ ଏକ ସାମାଜିକ ପ୍ରାଣୀ । ଏହି ସମାଜରେ ଜଣେ ଅନ୍ୟ ଜଣର ସୁଖ ଦୁଃଖର ସାଥୀ ହୋଇ ସୁସ୍ଥ ସମାଜ ଗଠନ କରିବା ନିହାତି ଆବଶ୍ୟକ । ସମଜାସେବାକୁ ନିଜର କର୍ତବ୍ୟ ଭାବି ଆତ୍ମତୃପ୍ତି ଲାଭ କରିବା କଥା । ବିଭିନ୍ନ ପୂଜାମଣ୍ଡପ ସଜାଇବା ପାଇଁ ଓ ଅନ୍ୟାନ୍ୟ ପର୍ବପର୍ବାଣୀରେ କୋଟି କୋଟି ଟଙ୍କା ଆଦାୟ ହୋଇପାରୁଥିଲେ ହେଁ ଜଣେ ଗରିବ ଲୋକଟି ମେଡିକାଲ୍‌ରେ ପଡ଼ିଥିଲେ ଚିକିତ୍ସା ପାଇଁ କିଛି ହଜାର ଆଦାୟ କରିବା କଷ୍ଟସାଧ୍ୟ । ତେଣୁ ଲୋକମାନଙ୍କ ମଧ୍ୟରେ ସମାଜସେବାର ଚେତନା ସୃଷ୍ଟି କରିବା ପାଇଁ ‘ମଦଦ୍’ ଅଭିଯାନ ଆରମ୍ଭ କରାଯାଇଛି । ଏହି ଅଭିଯାନରେ ଆଜି ସାମିଲ୍ ହୋଇ ଶ୍ରୀଯୁକ୍ତ କର ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ ଅନୁଷ୍ଠାନ ତରଫରୁ ଭୁବନେଶ୍ୱରର ବିଭିନ୍ନ ବସ୍ତିମାନଙ୍କରେ ଶିକ୍ଷାଦାନ କାର୍ଯ୍ୟକ୍ରମ ‘ଆସ ପଢିବା ସମାଜ ଗଢ଼ିବା’ କାର୍ଯ୍ୟକ୍ରମକୁ ଆଗକୁ ନେବାପାଇଁ ଆର୍ଥିକ ସାହାଯ୍ୟ ଅନୁଷ୍ଠାନର କୋଷାଧ୍ୟକ୍ଷ ମିର୍ ମେହେଫୁଜ୍ ଅଲ୍ଲୀଙ୍କୁ ପ୍ରଦାନ କରି ଏହି ଅଭିଯାନରେ ସାମିଲ୍ ହେଲେ । ଏଠାରେ ପ୍ରକାଶଥାଉକି, ଅଭିନେତା ଚନ୍ଦନ କର ପେଶାରେ ଜଣେ ସଫ୍ଟୱେର ଇଂଜିନିୟର ହେଲେ ମଧ୍ୟ ନିଶା ସମାଜସେବା । ‘କର ଫାଉଣ୍ଡେସନ୍’ ନାମକ ଏକ ସଂଗଠନ କରି ଅସହାୟ, ଗରିବ ପିଲାମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ପ୍ରଭୃତିରେ ସାହାଯ୍ୟ କରିଥାଆନ୍ତି । ତତ୍‌ସହ ବୁଡ଼ିଯାଉଥିବା ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ଏକ ନୂଆ ଧାରାକୁ ଆଣିବା ପାଇଁ ଭାରତବର୍ଷର ପ୍ରଥମ ଶହୀଦ ଜୟୀ ରାଜଗୁରୁଙ୍କ ଜୀବନ କାହାଣୀ ଉପରେ ମହର୍ଷି ନାମକ ଏକ ଚଳଚ୍ଚିତ୍ର କରି ଲୋକମାନଙ୍କ ମନରେ ଆଦୃତି ଲାଭ କରିଛନ୍ତି ।



# ଚତୁର୍ଥ ଦିନରେ ମା’ ଦକ୍ଷିଣେଶ୍ୱରୀ ବିସ୍ଥାପିତ ପରିବାରମାନଙ୍କର ଆନ୍ଦୋଳନ

**ଭୁବନେଶ୍ୱର, (ବ୍ୟୁରୋ):** ବରିଷ୍ଠ ନାରୀନେତ୍ରୀ ସସ୍ମିତା ବେହେରାଙ୍କ ନେତୃତ୍ୱରେ ଅନୁଗୋଳ ଜିଲ୍ଲା ଅନ୍ତର୍ଗତ ଛେଣ୍ଡିପଦା ବ୍ଲକର ଗୋପିବଲ୍ଲଭପୁର ନାଣ୍ଡିଛୋଡ ଗ୍ରାମର ଅଧିବାସୀମାନେ ନାଲ୍‌କୋ କମ୍ପାନୀ ଦ୍ୱାରା ବିସ୍ତାପିତ ପ୍ରଜାମାନେ ନିଜର ସାତଦଫା ଦାବି ନେଇ ଜିଲ୍ଲା କର୍ତୃପକ୍ଷ ଏବଂ ସ୍ଥାନୀୟ ବିଧାୟକଙ୍କ ଦ୍ୱାରା କୌଣସି ନ୍ୟାୟ ନ ପାଇ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିବା ପାଇଁ ରାଜଧାନୀରେ ଧାରଣା ଦେବାକୁ ବାଧ ହୋଇଛନ୍ତି ବୋଲି ପ୍ରଜାସଂଘ ତରଫରୁ ପ୍ରକାଶ କରାଯାଇଛି । ପ୍ରଜାସଂଘର ସାତଦଫା ଦାବିଗୁଡ଼ିକ ହେଲା (୧) ନାଲ୍‌କୋ କମ୍ପାନୀ ଦ୍ୱାରା ବିସ୍ତାବିତ ପ୍ରଜାମାନଙ୍କର ପ୍ରତ୍ୟେକ ପରିବାରକୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରାଯାଉ (୨) ବିସ୍ତାପିତ ପରିବାର ମଧ୍ୟରୁ ଯିଏ ଚାକିରି ନ କରିବ ତାକୁ ୫୦ ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଉ (୩) ବିସ୍ଥାପିତ ପ୍ରଜାମାନଙ୍କୁ ଆର ଆଣ୍ଡ ଆର କଲୋନୀରେ ୧୫ ଡିସିମିଲ୍ ଲେଖାଏଁ ଘରବାରି ଜମି ଓ ୧୦୫୦ ବର୍ଗଫୁଟର ଘର ଯୋଗାଇ ଦିଆଯାଉ (୪) ନାଲ୍‌କୋ କମ୍ପାନୀ ଦ୍ୱାରା ସମସ୍ତ ଘରବାରି ଓ ଚାଷଜମି ଅଧିଗ୍ରହଣ ହୋଇଥିବାରୁ ସରକାରଙ୍କର ଜମିର ମୂଲ୍ୟର ବେଞ୍ଚମାର୍କ ଠାରୁ ୪ଗୁଣ ଅଧିକା କ୍ଷତିପୂରଣ ଦିଆଯାଉ । (୫) ନାଲ୍‌କୋ ଓ ରାଜ୍ୟ ସରକାରଙ୍କ ସହଯୋଗରେ ବିସ୍ଥାପିତ ପରିବାରର ସର୍ଭେ ଭୁଲ୍ ହୋଇଥିବାରୁ ସଠିକ୍ ସର୍ଭେ କରାଯାଇ ପିଡିଏଫ୍ ତାଲିକାରେ ଅନ୍ତର୍ଭୁକ୍ତ କରାଯାଉ (୬) ନାଲ୍‌କୋ କମ୍ପାନୀ ଦ୍ୱାରା ଡି.ଓ.ଇ. କୋଲ୍ ବ୍ଲକରେ କ୍ଷତି ହେଉଥିବା ଜଙ୍ଗଲର ପୁନରୁଦ୍ଧାର ପାଇଁ ବନୀକରଣ, ବିଦ୍ୟାଳୟ, ଚିକିତ୍ସାଳୟ ଓ ସ୍ମଶାନ ଆଦିର ବ୍ୟବସ୍ଥା କରାଯାଉ (୭) ନାଲ୍‌କୋ କମ୍ପାନୀ ଦ୍ୱାରା ବିସ୍ଥାପିତ ପରିବାରକୁ ଅସାମାଜିକ ଲୋକଙ୍କ ଦ୍ୱାରା ହେଉଥିବା ଆକ୍ରମଣ, ପୋଲିସ୍ ଦ୍ୱାରା କରାଯାଉଥିବା ମିଥ୍ୟା କେସ୍, ରାସ୍ତାଘାଟ ଓ ପାଣି ବନ୍ଦ କରିବା ଭଳି କୁକାର୍ଯ୍ୟରୁ ନିବୃତ୍ତ କରାଯାଉ । ଏଠାରେ ଉଲ୍ଲେଖନୀୟଯେ ୨୦ବର୍ଷ ତଳେ ନାଲ୍‌କୋ କମ୍ପାନୀ ଗୋପୀବଲ୍ଲଭପୁର ଗ୍ରାମର ଜମିକୁ କୋଲ୍ ବ୍ଲକ କରିବା ପାଇଁ ଅଧିଗ୍ରହଣ କରିଥିଲା ଏବଂ ସେତେବେଳେ ଗ୍ରାମବାସୀମାନଙ୍କୁ ଉପଯୁକ୍ତ ଥଇଥାନ ପ୍ୟାକେଜ୍, ସମସ୍ତଙ୍କ ପରିବାରକୁ କର୍ମ ନିଯୁକ୍ତି ଏବଂ କ୍ଷତିପୂରଣ ଦେବ ବୋଲି ପ୍ରତିଶ୍ରୁତି ଦେଇଥିଲା ବେଳେ ଆଜି ପର୍ଯ୍ୟନ୍ତ ସେଥିରେ ଗୁରୁତ୍ୱର ଅବହେଳା କରିଆସୁଅଛି । ଗୋଟିଏବର୍ଷ ତଳେ ନାଲ୍‌କୋ କମ୍ପାନୀ ଏକ ପ୍ରାଇଭେଟ୍ କମ୍ପାନୀକୁ ସେହି ଯାଗାରେ କୋଇଲା ଖନନ କରିବା ପାଇଁ ସୁଯୋଗ ଦେଇଥିବାରୁ ବିସ୍ଥାପିତ ଗ୍ରାମବାସୀମାନେ ନିଜର ହକ୍ ପାଇଁ ଦାବି କରିବାରୁ ନାଲ୍‌କୋ କମ୍ପାନୀ ଅସାମାଜିକ ଲୋକଙ୍କୁ ଲଗାଇ ମାଡ ମାରି ଧମକ ଚମକ ଦେଉଛି, ସ୍ଥାନୀୟ ପ୍ରଶାସକ ଓ ରାଜନେତା ଓ ପୋଲିସ୍‌କୁ ଧରି କ୍ଷତିଗ୍ରସ୍ତ ଲୋକଙ୍କୁ ନାନା ନିର୍ଯ୍ୟାତନା ଦେଉଥିବାରୁ ନ୍ୟାୟ ପାଇବା ଆଶାରେ ବିସ୍ତାପିତ ଗ୍ରାମବାସୀମାନେ ରାଜଧାନୀରେ ଧାରଣା ଦେଇଛନ୍ତି ଏବଂ ସରକାର ଯଦି ନ୍ୟାୟ ପ୍ରଦାନ ନ କରିବେ ତେବେ ଆଉ ନିଜ ଗ୍ରାମକୁ ନ ଫେରି ଧାରଣା ସ୍ଥଳରେ ସମୂହ ଆତ୍ମାହୂତି ଦେବେ ବୋଲି ସଂଘର ଉପସଭାପତି ବଳରାମ ବେହେରା ଜଣାଇଛନ୍ତି । ଏହି ଆନ୍ଦୋଳନକୁ ଅନ୍ୟମାନଙ୍କ ମଧ୍ୟରେ ସଂଘର ସଭାପତି କୈଳାସ ଗଡ଼ନାୟକ, ସାଧାରଣ ସମ୍ପାଦକ ବାସୁଦେବ ଗଡ଼ନାୟକ ଓ ବରିଷ୍ଠ ସଦସ୍ୟ ଅଙ୍ଗଦ ସାହୁ, ଟୁଟୁ ଗଡ଼ନାୟକ ପ୍ରମୁଖ ପରିଚାଳନା କରୁଛନ୍ତି ।

# ଯୁଗଶ୍ରୀ ଯୁଗନାରୀର ବାର୍ଷିକ ସାରସ୍ୱତ ଓ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ

**ଭୁବନେଶ୍ୱର, (ବ୍ୟୁରୋ):** ’ଯୁଗଶ୍ରୀ ଯୁଗନାରୀ’ର ବାର୍ଷିକ ସାରସ୍ୱତ ଓ ସମ୍ବର୍ଦ୍ଧନା ସମାରୋହ ଓଡ଼ିଶା ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ପତ୍ରିକାର ସମ୍ପାଦିକା ମମତା ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଯାଇଛି ।’ଯୁଗଶ୍ରୀ ଯୁଗନାରୀ’ ସହ-ସମ୍ପାଦିକା ଡ. ପ୍ରଭାବତୀ ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ଭାବେ ଶ୍ରୀଯୁକ୍ତ ନିରନ ରଥ ଯୋଗଦେଇ



କହିଲେ ଯେ, ନାରୀ ଶକ୍ତିରୂପିଣୀ, ସର୍ବଂସହା, ତେଣୁ ଭାରତୀୟ ସଂସ୍କୃତିରେ ନାରୀ ଯେ ସବୁବେଳେ ଅଗ୍ରପୂଜ୍ୟା, ଏହାର ବହୁ ଉଦାହରଣ ରହିଛି। ମୁଖ୍ୟବକ୍ତା ଭାବେ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ଯୋଗଦେଇ କହିଲେ ଯେ, ନାରୀ ପୁରୁଷ ସହ ସମକକ୍ଷ ନୁହେଁ, ତାର ସ୍ଥାନ ବହୁତ ଉଚ୍ଚରେ। ତେଣୁ ସେ ନିଜକୁ କେବେହେଲେ ନ୍ୟୁନ ମନେ କରିବା ଉଚିତ ନୁହେଁ। ସମ୍ମାନିତ ଅତିଥି କବୀ ମମତା ଦାଶ କହିଲେ ଯେ, ପରିବାର ଗଢିବା ପାଇଁ ନାରୀ ହିଁ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ସମ୍ମାନିତ ବକ୍ତା ସୁଧୀ ରନ ମିଶ୍ର ନାରୀକୁ ଉଚ୍ଚ ସ୍ଥାନ ଦେଇ କହିଲେ ଯେ, ଏ ସଂସାରରେ ନାରୀ ହିଁ ସର୍ବଶ୍ରେଷ୍ଠା, ତେଣୁ ସେ ସର୍ବପୂଜ୍ୟା। ଏହି ଅବସରରେ ସମାଜରେ ନାରୀମାନଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ’ଯୁଗଶ୍ରୀ ଯୁଗନାରୀ ସାରସ୍ୱତ ସମ୍ମାନ’-ଡାକ୍ତର ଅନୀତା ପଣ୍ଡା, ବିଶିଷ୍ଟ ସାହିତ୍ୟିକା, ’ଯୁଗଶ୍ରୀ ଯୁଗନାରୀ ସମାଜସେବା ସମ୍ମାନ’-ଡ. ବନଲତା ଦେବୀ, ବିଶିଷ୍ଟ ସମାଜସେବୀ, ’ଯୁଗଶ୍ରୀ ଯୁଗନାରୀ ଶ୍ରେଷ୍ଠ ସଂପାଦିକା ସମ୍ମାନ’-ଶ୍ରୀମତୀ ସୁପ୍ରଭା ରାୟ, ମୁଖ୍ୟ ସଂପାଦିକା, ’କଥାକଳିକା, ’ଯୁଗଶ୍ରୀ ଯୁଗନାରୀ ସୁସଂଗଠିକା ସମ୍ମାନ-ଶ୍ରୀମତୀ ରେଣୁକା ମିଶ୍ର, ସମ୍ପାଦିକା, କଳିଙ୍ଗ ପୁସ୍ତକ ମେଳା, ଓ ’ଯୁଗଶ୍ରୀ ଯୁଗନାରୀ ଶ୍ରେଷ୍ଠ ବିତରକ ସମ୍ମାନ-ଶ୍ରୀଯୁକ୍ତ ପ୍ରଶା’ ନାୟକ (ଏ.କେ. ନାୟକ) ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପତ୍ରିକାର ସମ୍ପାଦିକା ମମତା ମହାପାତ୍ର ସମ୍ପାଦକୀୟ ବିବରଣୀ ପାଠ କରି କହିଲେ ଯେ, ଯୁଗଶ୍ରୀ ଯୁଗନାରୀ କେବଳ ଏକ ପତ୍ରିକା ନୁହେଁ, ଏହା ନାରୀର ସ୍ୱାଭିମାନ, ଶକ୍ତି ଓ ସାମଗ୍ରିକ ସଂଚାର କାହାଣି। ଏଥିସହ ’ଯୁଗଶ୍ରୀ ଯୁଗନାରୀ’ର ବାର୍ଷିକ ଫେବୃଆରୀ-୨୦୨୪ ସଂଖ୍ୟାର ଶୁଭ ଉନ୍ମୋଚନ ହୋଇଥିଲା। ଡ. ପ୍ରଭାତୀ ମିଶ୍ରଙ୍କ ଇଂରାଜୀରେ ସମ୍ପାଦିତ Paternal Legacy’, ଡ. କବିତା ବାରିକଙ୍କ ପୁସ୍ତକ ’ନିର୍ବାଚିତ ଗଳ୍ପ’, ଅନିତା ପଣ୍ଡାଙ୍କ ପୁସ୍ତକ ’ଶତାବ୍ଦୀର ସହସ୍ରାର୍ଘ୍ୟ’ ଓ ଶ୍ରୀମତୀ ଆରାଧନା ମିଶ୍ରଙ୍କ ପୁସ୍ତକ ’ନିଷ୍ପାପ ମନର ଝରକାରୁ’ ଲୋକାର୍ପିତ ହୋଇଥିଲା।

# ତତ୍ୱ ଟେକ୍ନୋଲୋଜି ପକ୍ଷରୁ ଉତ୍କର୍ଷର ୨୨ ବର୍ଷ ପୂର୍ତି ପାଳନ

**ଭୁବନେଶ୍ୱର, (ବ୍ୟୁରୋ):** ଆଇଟି କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧିଶୀଳ କମ୍ପାନି ’ତତ୍ୱ ଟେକ୍ନୋଲୋଜିସ୍ ଲିମିଟେଡ୍’ର ୨୨ତମ ପ୍ରତିଷ୍ଠା ଦିବସ ଫେବ୍ରୁଆରି ୪ ତାରିଖରେ ଏହାର ସମସ୍ତ ଡେଲିଭରି ସେଂଟରରେ ପାଳିତ ହୋଇଯାଇଛି। ଏହି ଅବସରରେ ଭୁବନେଶ୍ୱରର ତତ୍ୱର କର୍ପୋରେଟ କ୍ୟାମ୍ପସରେ ଏକ ଭବ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ବିଶ୍ୱର ହଜାର ହଜାର କର୍ମଚାରୀ ଓ ସହଯୋଗୀଙ୍କ ବ୍ୟତୀତ ୭୦୦ରୁ ଅଧିକ ଅତିଥି ଓ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ତତ୍ୱ ୨.୦ କୁ ଉନ୍ମୋଚନ କରାଯାଇଛି ଯାହା ଆଗାମୀ ଦଶନ୍ଧିରେ କମ୍ପାନିକୁ ଏକ ବିଲିୟନ ଡଲାର ସଂସ୍ଥାରେ ପରିଣତ କରିବା ପାଇଁ ଏକ ରୋଡମ୍ୟାପ୍। ତତ୍ୱ ଏହାର ଦକ୍ଷତାର ଲାଭ ଉଠାଇବା ପାଇଁ ଯୋଜନା କରିଛି। କ୍ଲାଉଡ୍ କମ୍ପ୍ୟୁଟିଂ, ଆର୍ଟିଫିସିଆଲ ଇଂଟେଲିଜେନ୍ସ ଏବଂ ସାଇବର ସିକ୍ୟୁରିଟି ଭଳି କ୍ଷେତ୍ରରେ ନିଜର ଦକ୍ଷତା ବୃଦ୍ଧି ଉପରେ କଂପାନି ଗୁରୁତ୍ୱ ଦେବ। କମ୍ପାନୀ ଏହାର ଅନ୍ତର୍ଜାତୀୟ ଉପସ୍ଥିତିକୁ ଆହୁରି ବିସ୍ତାର କରିବା ଉପରେ ମଧ୍ୟ ଗୁରୁତ୍ୱ ଦେବ। କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ଡା. ସୁଜିତ କୁମାର ମୁଖ୍ୟ ଅତିଥି ଏବଂ ମାଇଣ୍ଡଟ୍ରିର ସହ ପ୍ରତିଷ୍ଠାତା ଏନଏସ ପାର୍ଥସାରଥୀ ଏବଂ ନେଟୱାର୍କଗେନ୍ କନସଲଟିଙ୍ଗର ମ୍ୟାନେଜିଂ ପାର୍ଟନର କୌଶିକ ରମାନି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ରାଜ୍ୟସଭା ସାଂସଦ ଡା. ସୁଜିତ କୁମାର କହିଛନ୍ତିଯେ, ‘ତତ୍ୱ ଟେକ୍ନୋଲୋଜିକୁ ଏହାର ୨୨ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଅନେକ ଶୁଭେଚ୍ଛା ଏବଂ ଏହି ଉତ୍ସବରେ ଯୋଗ ଦେଇ ନିଜକୁ ଖୁବ ସମ୍ମାନିତ ମନେ କରୁଛି । ଆଜି ତତ୍ୱ ହେଉଛି ଭାରତର ଦ୍ରୁତ ବିକଶିତ ଆଇଟି କମ୍ପାନୀଗୁଡ଼ିକ ମଧ୍ୟରୁ ଅନ୍ୟତମ । ଉଦ୍ୟୋଗୀମାନେ ଦେଶ ପାଇଁ ସମ୍ପତି ସୃଷ୍ଟି କରିଥାନ୍ତି। ଏହାକୁ ହାସଲ କରିବା ପାଇଁ ତତ୍ୱ ନିଜର ସ୍ୱଷ୍ଟ ଦୃଷ୍ଟିକୋଣ ଏବଂ ପ୍ରୟାସ ବଳରେ ପୂର୍ବ ଭାରତର ଏକ ଦ୍ରୁତ ଅଭିବୃଦ୍ଧିଶୀଳ ଆଇଟି କମ୍ପାନୀ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛି । ଏହାର ସମସ୍ତ କର୍ମଚାରୀଙ୍କୁ ମୋର ପ୍ରଣାମ । ତତ୍ୱ କେବଳ ନିଜ କମ୍ପାନୀକୁ ନୁହେଁ ବରଂ ସମଗ୍ର ଓଡ଼ିଶାକୁ ଗର୍ବିତ କରିଛି । ଏନ ଏସ ପାର୍ଥସାରଥୀ, ସହ-ପ୍ରତିଷ୍ଠାତା, ମାଇଣ୍ଡଟ୍ରି । ମ୍ୟାନେଜିଂ ପାର୍ଟନର, ମେଳା ଉଦ୍ୟୋଗ କହିଛନ୍ତିଯେ, ‘ପ୍ରଥମ ୩ ବର୍ଷରେ ଆରମ୍ଭ ହୋଇଥିବା ୪୦ ପ୍ରତିଶତ କଂପାନି ବନ୍ଦ ହୋଇଯାଇଥିବା ବେଳେ ୮୦ ପ୍ରତିଶତ କମ୍ପାନି ୨୦ ବର୍ଷ ମଧ୍ୟରେ ଫେଲ୍ ହୋଇଯାଇଛନ୍ତି। ତେଣୁ ତତ୍ୱ ଏହାର ୨୨ତମ ପ୍ରତିଷ୍ଠା ଦିବସ ପାଳନ କରୁଥିବାବେଳେ ଏହା କୌଣସି କମ୍ପାନିର ଏକ ଅଭୂତପୂର୍ବ ଉପଲବ୍ଧି। ଅନୁଷ୍ଠାନ ନିର୍ମାଣରେ ନିବେଶ କରୁଥିବା ଦେଶଗୁଡ଼ିକ ଅର୍ଥନୈତିକ, ସାଂସ୍କୃତିକ ଏବଂ ସାମାଜିକ ଦୃଷ୍ଟିରୁ ସମୃଦ୍ଧ ହୁଅନ୍ତି ।

# କଟକ ଜିଲ୍ଲାରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଆର୍ଥିକ ସାକ୍ଷରତା ଓ ସଚେତନତା ଉପରେ ‘ୱାକାଥନ୍’

**ଭୁବନେଶ୍ୱର, (ବ୍ୟୁରୋ):** ଜନସାଧାରଣଙ୍କ ମଧ୍ୟରେ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର କାର୍ଯ୍ୟାଳୟ ପକ୍ଷରୁ କଟକ ଜିଲ୍ଲାରେ ଫେବୃଆରୀ ୦୪.୨୦୨୪ରେ ଆର୍ଥିକ ସାକ୍ଷରତା ଓ ସଚେତନତା ଉପରେ ଏକ ‘ୱାକାଥନ୍’ ଆୟୋଜନ କରଯାଇଥିଲା। ଏହି ‘ୱାକାଥନ୍’ କଟକ ସ୍ଥିତ ରାଧନାଥ ଟ୍ରେନିଂ କଲେଜ ରୁ ଆରମ୍ଭ ହୋଇଥିଲା ଏବଂ ସହରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦେଇ ରାଧନାଥ ଟ୍ରେନିଂ କଲେଜରେ ଶେଷ ହୋଇଥିଲା। ଏଥିରେ ବିଭିନ୍ନ ଟାର୍ଗେଟ ଗୋଷ୍ଠୀ ଯଥା ଛାତ୍ରଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଉଦ୍ୟୋଗୀ, କୃଷକ, ବରିଷ୍ଠ ନାଗରିକ ଇତ୍ୟାଦି ପ୍ରାୟ ୩୦୦ ରୁ ଉର୍ଦ୍ଧ୍ୱ ଅଂଶଗ୍ରହଣ କରିଥିଲେ। ‘ୱାକାଥନ୍’ ପରେ ଏକ କ୍ଷେତ୍ର ସ୍ତରୀୟ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ (ଋଖରଖର) ଅନୁଷ୍ଠିତ କରାଯାଇଥିଲା ଯେଉଁଥିରେ ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର କାର୍ଯ୍ୟାଳୟର ବିଭିନ୍ନ ଅଧିକାରୀଙ୍କ ଦ୍ୱାରା ଆର୍ଥିକ ସାକ୍ଷରତା, ସାଇବର ସିକ୍ୟୁରିଟି, ଡିଜିଟାଲ୍ ବ୍ୟାଙ୍କିଙ୍ଗ୍, ବିଭିନ୍ନ ପ୍ରକାରର ଠକେଇ, ଚିରା ଓ ଫଟା ନୋଟ୍ ବିନିମୟ ସୁବିଧା, ବ୍ୟାଙ୍କରେ ଅଭିଯୋଗ ସମାଧାନର ବ୍ୟବସ୍ଥା, ଆରବିଆଇର ଏକୀକୃତ ଲୋକପାଳ ଯୋଜନା ଇତ୍ୟାଦି ଉପରେ ଅଧିବେଶନ ନିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଜେନେରାଲ ମ୍ୟାନେଜର ଅନିତା ପଟ୍ଟନାୟକ, କଟକ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଶିବ ଟସ୍କୋ, କଟକ ଜିଲ୍ଲାର ଏସପି (ଗ୍ରାମୀଣ) ମିହିର କୁମାର ପଣ୍ଡା, ଏଫଜିଏମ୍, ୟୁନିଅନ୍ ବ୍ୟାଙ୍କ ଅଫ ଇଣ୍ଡିଆ ସର୍ବେଶ ରଞ୍ଜନ, ଡିଜିଏମ୍, ୟୁକୋ ବ୍ୟାଙ୍କ, ଚିନ୍ମୟ କୁମାର ସାହୁ, ଏଜିଏମ୍, ଏସଏଲବିସି, ପ୍ରମୁଖ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# ଖଣ୍ଡଗିରୀରେ ଉଠାଦୋକାନ ଉଚ୍ଛେଦକୁ ତୀବ୍ର ବିରୋଧ

**ଭୁବନେଶ୍ୱର, (ବ୍ୟୁରୋ):** ସୋମବାର ଦିନ ସକାଳ ୧୦.୩୦ ମିନିଟ ସମୟରେ ବିଏମସି, ବିଡ଼ିଏ, ଜିଏ ଓ ପୋଲିସ୍‌ର ମିଳିତ ସ୍କ୍ୱାର୍ଡ଼ କୌଣସି ସୂଚନା ନଦେଇ ହଠାତ୍ ଆସି ଖଣ୍ଡଗିରୀରୁ ଆଇଗିଣିଆ ଛକ ପର୍ଯ୍ୟନ୍ତ ଦୁଇପାର୍ଶ୍ୱରେ ଥିବା ଉଠାଦୋକାନୀମାନଙ୍କୁ ଉଚ୍ଛେଦ କରିବା ପାଇଁ ଦୁଇଟି ଡ୍ରୋଜର, ୩୦ରୁ ଅଧିକ ବିଏମ୍‌ସି, ବିଡ଼ିଏ, ଜିଏ ଓ ପୋଲିସ୍ ଅଧିକାରୀମାନେ ଉପସ୍ଥିତ ରହି ଉଚ୍ଛେଦ କରିବା ପାଇଁ ଜିଦ୍ ଧରିଥିଲେ ଯାହାକି କେନ୍ଦ୍ର ସରକାରଙ୍କ ଜାତୀୟ ଉଠାଦୋକାନୀ ଆଇନ୍ ଓ ସମ୍ବିଧାନର ଧାରା ୧୯(୧)(ଛ)କୁ ବିରୋଧ କରୁଅଛି। ଆଇନ୍‌କୁ ନେଇ ସେଠାରେ



ଉଠାଦୋକାନୀ ଓ ଉଚ୍ଛେଦକାରୀ ଦଳଙ୍କ ମଧ୍ୟରେ କିଛି ସମୟ ଉତ୍ତେଜନା ଲାଗି ରହିଥିଲା। ଖଣ୍ଡଗିରୀ ଜନକଲ୍ୟାଣ ହାଟରେ ଥିବା ୨୦୨ଜଣ ଦୋକାନୀ ଉଚ୍ଛେଦ ବିରୁଦ୍ଧରେ ମାନ୍ୟବର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜାଗମରା କେସ୍ ନଂ-୩୩୩୦୨/ ୨୦୨୩ ତା ୧୯.୧୦.୨୦୨୩, କେସ୍ ନଂ-୨୩୬/୨୦୨୪ ତା ୦୨.୦୨.୨୦୨୪, ପ୍ଲଟ ନଂ-୧୪୦, ଖାତା ନଂ-୧୧୫୨, ପ୍ଲଟ ନଂ-୧୮୧, ଖାତା ନଂ-୧୧୫୪ ମାମଲରେ ମାନ୍ୟବର ହାଇକୋର୍ଟ ୨୦୨୪ ଫେବୃଆରୀ ୬ ତାରିଖ ପର୍ଯ୍ୟ’ ସମୟ ଦେଇଥିବା ବେଳେ ସୋମବାର ହଠାତ ଉଚ୍ଛେଦକାରୀ ଦଳ ଆଇନକୁ ନ ମାନି ଖଣ୍ଡଗିରୀରେ ପହଞ୍ଚି ଜୋର ଜବରଦସ୍ତ ଉଚ୍ଛେଦ କରିବା ଏକ ଦୁର୍ନୀତିର ଗନ୍ଧ ବାରିହୋଇ ପଡୁଛି ବୋଲି ଜଣାପଡୁଛି। ଉଚ୍ଛେଦ ସମୟରେ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘର ରାଜ୍ୟ ସଭାପତି ପ୍ରତାପ କୁମାର ସାହୁ, ପୂର୍ବତନ କର୍ପୋରେଟର ରଘୁନାଥ ମହାନ୍ତି, କର୍ପୋରେଟର ଲିଟୁ ମହାସୁଆର ଘଟଣାସ୍ଥଳରେ ପହଂଚି ଉଚ୍ଛେଦକାରୀ ଦଳଙ୍କ ସହ ଆଲୋଚନା କରିବା ପରେ ଉଚ୍ଛେଦକାରୀ ଦଳ ସେଠାରୁ ଫେରିଯାଇଥିଲେ। ଏଠାରେ ସୂଚନାଥାଉକି, ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ଅଶୋକ ଚନ୍ଦ୍ର ପଣ୍ଡା, ମାନ୍ୟବର ମହାନଗରପାଳିକା ସୁଲୋଚନା ଦାସ ଏବଂ କମିଶନର ମନା କରିଥିବା ସତ୍ତ୍ୱେ କାହିଁକି ଉଚ୍ଛେଦକାରୀ ଦଳ ଖଣ୍ଡଗିରୀରେ ପହଞ୍ଚି ଉଚ୍ଛେଦ କରିବାକୁ ଆତଙ୍କ ସୃଷ୍ଟି କଲେ ତାହା କ୍ରାଇମବ୍ରାଞ୍ଚ ତଦନ୍ତ ହେବା ସହ ଆଇନ ଭଙ୍ଗ କରିଥିବା ଉଚ୍ଛେଦକାରୀ ଦଳର ସମସ୍ତ କର୍ମଚାରୀଙ୍କୁ ଚାକିରିରୁ ବହିଷ୍କୃତ କରିବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ସେଠାରେ ଦେବାଶିଷ ପରିଜା, ରଶ୍ମୀ ପାତ୍ର, ସସ୍ମିତା ସାହୁ, ଭାରତୀ ସେଠୀ, ସ୍ୱର୍ଣ୍ଣମୟୀ ରାଉତ, ନରେନ୍ଦ୍ର ମହାନ୍ତି, ଶୋଭମ ଜେନା, ଜିତେନ୍ଦ୍ର ଜେନା, ଟୁକୁ ସାମ’ରାୟ, ବେବି ପ୍ରମୁଖଙ୍କ ସମେତ ୫୦୦ରୁ ଊର୍ଦ୍ଧ୍ୱ ଉଠାଦୋକାନୀ ଉପସ୍ଥିତ ଥିଲେ।

# ଅସହ୍ୟ ହେବ ସୂର୍ଯ୍ୟଙ୍କ ଉତ୍ତାପ



**ନୂଆଦିଲ୍ଲୀ :** ପ୍ରତ୍ୟେକ ବର୍ଷ ଭାରତରେ ବରଫପାତ ଡିସେମ୍ବର ମାସରେ ହୋଇଥାଏ । କିନ୍ତୁ ଏଥର ସେମିତି ହୋଇନଥିଲା । ବରଂ ଯେଉଁ ସମୟରେ ବରଫପାତ ହେବା କଥା ସେହି ସମୟରେ ନହୋଇ ଜାନୁଆରୀ ମାସର ଶେଷ ସପ୍ତାହରେ ବରଫ ପାତ ଦେଖିବା ପାଇଁ ମିଳିଥିଲା । ଏହା ହେବାର କାରଣ ହେଉଛି ଦେଶରେ ବଢୁଥିବା ତାପମାତ୍ରା । ଏହା ବିଷୟରେଏକ ନୂତନ ଅଧ୍ୟୟନ ମଧ୍ୟ ବାହାରିଛି ଯେଉଁଥିରେ କୁହାଯାଇଛି ଯେ ଏହି ତାପମାତ୍ରା ୨ଡିଗ୍ରୀ ସେଲସିୟସର ପାଖାପାଖି ପହଁଚିଛି । ଅଷ୍ଟ୍ରେଲିଆ ବିଶ୍ୱବିଦ୍ୟାଳୟର ଜିଓକେମିଷ୍ଟ ମଲକମ୍ ମ୍ୟାକଲୁଲୋଚ୍ କହିଛନ୍ତି ଯେ, ଆମ ସମସ୍ତଙ୍କର ଜାଗ୍ରତ ହେବାର ସମୟ ଆସିଛି । ତାପମାତ୍ରାରେ କେତେ ପାର୍ଥକ୍ୟ ଅଛି ତାହା ସ୍ପଷ୍ଟ ଭାବରେ ଦେଖାଯାଇପାରେ । ବିଶ୍ୱର ଅନେକ ଦେଶମାନଙ୍କର ଦାବିଥିଲା କି ୨୦୫୦ ସୁଦ୍ଧା ତାପମାତ୍ରାକୁ ୧.୫ ଡିଗ୍ରୀ ସେଲସିୟସ ହ୍ରାସ କରିବେ, ଯାହା ବର୍ତ୍ତମାନ ଆଉ ସମ୍ଭବ ନୁହେଁ ବୋଲି ସେ କହିଛନ୍ତି । ସମଗ୍ର ବିଶ୍ୱରେ ଘଟୁଥିବା ସମସ୍ତ ପାଣିପାଗ ବିପର୍ଯ୍ୟୟର କାରଣ ହେଉଛି ବଢୁଥିବା ତାପମାତ୍ରା । ଏହି କାରଣ ପାଇଁ ବେଳେବେଳେ ବନ୍ୟା ଏବଂ ଝଡ ମଧ୍ୟ ଆସିଯାଇଥାଏ । ଆସୁଥିବା ଆଗାମୀ ସମୟ ଅଧିକ ବିପଜ୍ଜନକ ହେବାକୁ ଯାଉଛି । କାରଣ ସମୟ ମଧ୍ୟରେ ସମସ୍ତ ଶୁଖିଲା ଅଂଚଳରେ ରହିବାକୁ ବାଧ ହେବେ ଏବଂ ଅତ୍ୟଧିକ ଉତ୍ତାପ ରହିବ । ଅଷ୍ଟ୍ରେଲିଆ ନ୍ୟାସନାଲ ୟୁନିଭରସିଟିର ଜଳବାୟୁର ବୈଜ୍ଞାନିକ ଜର୍ଜି ଫାଲଷ୍ଟର ଏକ ଅଧ୍ୟୟନ ବିଷୟରେ କହିଥିଲେ ଯେ ୧୮୭୦ ମସିହାରୁ ମଣିଷ ମାନଙ୍କ କାରଣରୁ ବିଶ୍ୱରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ଅଧ୍ୟୟନରେ କୁହାଯାଇଛି କି ୧୦ ବର୍ଷ ପୂର୍ବରୁ ହିଁ ମଣିଷମାନେ ୧.୫ ଡିଗ୍ରୀ ସେଲସିୟସ ତାପମାତ୍ରା ସ୍ତର ହାସଲ କରିଛନ୍ତି । ଯାହା ନିୟନ୍ତ୍ରଣ କରିବା ଅତ୍ୟନ୍ତ କଷ୍ଟକର । ଜିଓର୍ଗିଙ୍କ ଅନୁସାରେ, ଯେତେବେଳେ ପ୍ୟାରିସ୍ ଚୁକ୍ତିନାମା ୨୦୧୫ ରେ ସ୍ୱାକ୍ଷରିତ ହୋଇଥିଲା ।

# ମଥୁରାରେ କେଶବଦେବ ମନ୍ଦିରକୁ ଔରଙ୍ଗଜେବ ହିଁ ଭାଙ୍ଗିଛି



**ନୂଆଦିଲ୍ଲୀ:** ମଥୁରାରେ କୃଷ୍ଣ ଜନ୍ମଭୂମି ମାମଲାରେ ଏଏସଆଇ ବଡ଼ ଖୁଲାସା କରିଛି । ଏଏସଆଇ ଏକ ଆରଟିଆଇ ଜବାବରେ କହିଛି ଯେ ମୋଗଲ ଶାସକ ଔରଙ୍ଗଜେବ ମସଜିଦ ପାଇଁ ହିନ୍ଦୁ ମନ୍ଦିରକୁ ଭାଙ୍ଗିଥିଲା । ଟାଇମ୍ସ ଅଫ୍ ଇଣ୍ଡିଆର ରିପୋର୍ଟ ଅନୁସାରେ ୧୯୨୦ ଗେଜେଟ୍ ଐତିହାସିକ ରେକର୍ଡ ଆଧାରରେ ଏଏସଆଇ ଏହା କହିଛି । ଏଏସଆଇ କହିଛି ଯେ ଏହି ମନ୍ଦିରର ନିର୍ମାଣ ଭଗବାନ କୃଷ୍ଣଙ୍କ ଅଣନାତି ବ୍ରଜନାଭ ନିର୍ମାଣ କରିଥିଲେ । ଏଏସଆଇ ପକ୍ଷରୁ ଦିଆଯାଇଥିବା ଜବାବରେ କୃଷ୍ଣ ଜନ୍ମଭୂମିର ସିଧା ନାଁ ନେଇ ନାହାନ୍ତି କିନ୍ତୁ କେଶବଦେବ ମନ୍ଦିର ଉଲ୍ଲେଖ କରି କୁହାଯାଇଛି ଯେ ଏହି ମନ୍ଦିରକୁ ଔରଙ୍ଗଜେବର କାର୍ଯ୍ୟକାଳରେ ଭଙ୍ଗା ଯାଇଛି । ଉଲ୍ଲେଖଯୋଗ୍ୟ ଯେ ଉତ୍ତର ପ୍ରଦେଶର ମେନପୁରୀର ବାସିନ୍ଦା ଅଜୟ ପ୍ରତାପ ସିଂ ଆରଟିଆଇ ଅଧିନରେ କେଶବଦେବ ମନ୍ଦିର ବାବଦରେ ଏଏସଆଇକୁ ତଥ୍ୟ ମାଗିଥିଲେ । ଏଏସଆଇ କହିଛି ଯେ କେଶବଦେବ ମନ୍ଦିରକୁ ମୋଗଲ ଶାସନକାଳରେ ଭଙ୍ଗା ଯାଇଥିଲା । ଏଏସଆଇ ମଥୁରା କୃଷ୍ଣ ଜନ୍ମଭୂମିର ୧୯୨୦ ଗେଜେଟ୍ ଐତିହାସିକ ରେକର୍ଡ ଆଧାରରେ ଏହି ସୂଚନା ଦେଇଛି । ଆରଟିଆଇ ଜବାବରେ ଏଏସଆଇ କିଛି ଐତିହାସିକ ଅଂଶ ମଧ୍ୟ ସାମିଲ ରହିଛି । ଶାହି ଇଦଗାହ ମସଜିଦକୁ ନେଇ ଜାରି ଆଇନଗତ ଲଢେଇରେ ଏହି ରିପୋର୍ଟକୁ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ କୁହାଯାଉଛି । ହିନ୍ଦୁ ପକ୍ଷର ଆଇନଜୀବୀ ମହେନ୍ଦ୍ର ପ୍ରତାପ ସିଂଙ୍କ କହିବା ଅନୁସାରେ ସେ ଆରଟିଆଇ ରିପୋର୍ଟକୁ ଆହ୍ଲାହବାଦ ହାଇକୋର୍ଟ ଏବଂ ସୁପ୍ରିମକୋର୍ଟରେ ଉପସ୍ଥାପନ କରିବେ । ଶାହି ଇଦଗାହ ମସଜିଦର ସର୍ଭେ ପାଇଁ ମଧ୍ୟ ସେ ଦାବି କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ ଇତିହାସ ବିଶେଷଜ୍ଞଙ୍କ କହିବା ଅନୁସାରେ କେଶବଦେବ ମନ୍ଦିରର ନିର୍ମାଣ ଭଗବାନ କୃଷ୍ଣଙ୍କ ଅଣନାତି ବ୍ରଜନାଭ ନିର୍ମାଣ କରିଥିଲେ । ଏହାପରେ ଅନେକ ରାଜା ମନ୍ଦିରର ଜିର୍ଣ୍ଣୋଧାର କରିଥିଲେ । ରାଜା ମାନ ସିଂ ଅନେକ ମନ୍ଦିର ନିର୍ମାଣ କରିଥିଲେ । ଏଥିରେ କେଶବଦେବ ମନ୍ଦିର ମଧ୍ୟ ସାମିଲ ରହିଛି । ଉଲ୍ଲେଖଯୋଗ୍ୟ ଯେ ମଥୁରର ଏହି ବିବାଦ ୧୩.୩୭ ଏକର ଜମିର ମାଲିକାନା ସହ ଜଡିତ । ଶ୍ରୀକୃଷ୍ଣ ଜନ୍ମଭୂମିସ୍ଥାନ ପାଖରେ ୧୦.୯ ଏକର ଜମିର ମାଲିକାନା ରହିଛି, ଅନ୍ୟପଟେ ଅଢେଇ ଏକର ଜମି ଶାହି ଇଦଗାହ ମସଜିଦ ପାଖରେ ରହିଛି । ହିନ୍ଦୁ ପକ୍ଷ ଏହି ଜମି ଉପରେ ମାଲିକାନା ଦାବି କରୁଛି ।

# ନିଜ ବିଧାୟକଙ୍କ ଉପରେ କଂଗ୍ରେସର ନାହିଁ ବିଶ୍ୱାସ



**ପ୍ରୟାଗରାଜ :** ବିହାର କଂଗ୍ରେସ ବିଧାୟକମାନେ ହାଇଦ୍ରାବାଦର ଏକ ଘରୋଇ ହୋଟେଲରେ ରହିଛନ୍ତି । ଏନେଇ କେନ୍ଦ୍ରମନ୍ତ୍ରୀ ତଥା ଭାଜପା ଏମପି ଗିରିରାଜ ସିଂ କହିଛନ୍ତି ବିହାରରେ ସରକାର ଗଠନ କରାଯାଇଛି ଏବଂ ଏହାର ଶକ୍ତି ପରୀକ୍ଷା ଫେବୃଆରୀ ୧୨ରେ ହେବ । ରାଜ୍ୟରେ ଜାରି ରହିଥିବା ରାଜନୈତିକ ସ୍ଥିତି ମଧ୍ୟରେ କଂଗ୍ରେସ ଏହାର ବିଧାୟକଙ୍କୁ ବିଶ୍ୱାସ କରୁ ନାହିଁ ଏବଂ ସେଥିପାଇଁ ସେମାନଙ୍କର ବିଧାୟକଙ୍କୁ ହୋଟେଲରେ ଅଟକ ରଖାଯାଇଛି । ସେମାନଙ୍କୁ ରାଜ୍ୟରୁ ହାଇଦ୍ରାବାଦକୁ ପଠାଯାଇଛି । କଂଗ୍ରେସ ନେତାମାନେ ସେମାନଙ୍କ ବିଧାୟକଙ୍କୁ ନେଇ ପଚରା ଯାଉଥିବା ପ୍ରଶ୍ନକୁ ଏଡାଇ ଯାଉଛନ୍ତି । ଏହା ମଧ୍ୟ ଆଲୋଚନା ହେଉଛି ହାଇକମାଣ୍ଡଙ୍କ ନିର୍ଦ୍ଦେଶରେ ଦିଲ୍ଲୀରେ ବନ୍ଦୀ ହୋଇଥିବା ବିଧାୟକମାନଙ୍କୁ ଶିମଲା ଏବଂ ବେଙ୍ଗାଲୁରୁକୁ ପଠାଯାଉଛି । ଜାନୁଆରୀ ୧୨ ରେ ଆସ୍ଥା ଭୋଟ ଦିନ ତାଙ୍କୁ ସେଠାରୁ ସିଧାସଳଖ ପାଟନାକୁ ଅଣାଯିବ । ୧୦୧୯-୨୦ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଜନସାଧାରଣ ଏନଡିଏକୁ ବିଜୟୀ କରାଇଥିଲେ, ସେତେବେଳେ ନୀତୀଶ କୁମାର ମୁଖ୍ୟମନ୍ତ୍ରୀ ଥିଲେ । କଂଗ୍ରେସ ନିଜର ସମର୍ଥନ ଆଧାର ହରାଇଥିଲା । ବର୍ତ୍ତମାନ ଆମେ ପୁଣି କ୍ଷମତାକୁ ଆସିଛୁ । ସୂଚନାଯୋଗ୍ୟ କଂଗ୍ରେସ ଏହାର ବିଧାୟକମାନଙ୍କୁ ଏକଜୁଟ ହେବାକୁ କହୁଛି । ବିହାର କଂଗ୍ରେସ ଏହାର ସମସ୍ତ ୧୯ ଜଣ ବିଧାୟକଙ୍କୁ ଏକଜୁଟ କରୁଥିବାବେଳେ ଶାସକ ଏନଡିଏର ଅଭିଯୋଗକୁ ଗୁଜବ ବୋଲି କହିଛି ।

# ଗୋଟିଏ ଜେଲ୍‌ରୁ ୩୬ କଏଦୀ ଏଚ୍‌ଆଇଭି ପଜିଟିଭ ଚିହ୍ନଟ



**ଲକ୍ଷ୍ନୌ:** ଗୋଟିଏ ଜେଲ୍‌ରେ ୩୬ କଏଦୀ ଏଚଆଇଭି ପଜିଟିଭ ଚିହ୍ନଟ । ଲକ୍ଷ୍ନୌ ଜିଲ୍ଲା ଜେଲ୍‌ରୁ ଆସିଛି ଏହି ଚାଞ୍ଚଲ୍ୟକର ରିପୋର୍ଟ । ଲକ୍ଷ୍ନୌ ଜିଲ୍ଲା ଜେଲରେ ହୋଇଥିବା ସ୍ୱାସ୍ଥ୍ୟ ଯାଞ୍ଚ ସମୟରେ ଅତି କମରେ ୩୬ ଜଣ କଏଦୀଙ୍କୁ ଏଚ୍‌ଆଇଭି ପଜିଟିଭ୍ ମିଳିଛି । ଜେଲ୍ ପ୍ରଶାସନ କହିଛି ଯେ ଜେଲରେ ଥିବା ଏଚ୍‌ଆଇଭି ପଜିଟିଭ୍ କଏଦୀଙ୍କ ସଂଖ୍ୟା ବର୍ତ୍ତମାନ ୬୩କୁ ବୃଦ୍ଧି ପାଇଛି । ପରୀକ୍ଷା ବିଳମ୍ବ ହେବାର କାରଣ ବୋଲି ସେପଟ୍ଟେମ୍ବର ମାସରୁ ଏଚ୍‌ଆଇଭି ପରୀକ୍ଷା କିଟ୍‌ର ଉପଲବ୍ଧ ନଥିବାରୁ ଟେଷ୍ଟିଂ ବିଳମ୍ବ ହୋଇଥିବା ଜେଲ୍ କର୍ତ୍ତୃପକ୍ଷ ଦର୍ଶାଇଛନ୍ତି । ଡିସେମ୍ବରରେ କଏଦୀମାନଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇଥିଲା । ଅଧିକାରୀଙ୍କ କହିବାନୁସାରେ, ସଂକ୍ରମିତ କଏଦୀମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ନିଶା କାରବାର ସହ ଲିଙ୍କ୍ ରହିଛି । ଜେଲ ପରିଚାଳନା ଦାବି କରିଛି ଯେ ଜେଲ ବାହାରେ ଦୂଷିତ ସିରିଞ୍ଜ କାରଣରୁ ଏହି କଏଦୀମାନେ ଭାଇରସ୍ ସଂସ୍ପର୍ଶରେ ଆସିଥିଲେ । ସେ ଆହୁରି ମଧ୍ୟ ଦାବି କରିଛନ୍ତି କୌଣସି କଏଦୀ ଜେଲକୁ ଆସିବା ପରେ ଏଚଆଇଭି ସଂସ୍ପର୍ଶରେ ଆସିନାହାଁନ୍ତି । ସେ କହିଛନ୍ତି ଯେ ଲକ୍ଷ୍ନୌରେ ଅବସ୍ଥିତ ଡାକ୍ତରଖାନାରେ ଏଚଆଇଭି ପଜିଟିଭ କଏଦୀମାନଙ୍କୁ ନିୟମିତ ଚିକିତ୍ସା କରାଯାଉଛି । ଜେଲ ପ୍ରଶାସନ ସଜାଗ ରହିଛି ଏବଂ ସଂକ୍ରମିତ କଏଦୀମାନଙ୍କ ସ୍ୱାସ୍ଥ୍ୟ ଉପରେ ତୀକ୍ଷ୍ଣ ନଜର ରଖାଯାଉଛି । ଏହି ଚିନ୍ତାଜନକ ଆକଳନ ସତ୍ତ୍ୱେ ପ୍ରଶାସନ ନିଶ୍ଚିତ କରିଛି ଯେ ଗତ ପାଞ୍ଚ ବର୍ଷ ମଧ୍ୟରେ ଏଚ୍‌ଆଇଭି ସଂକ୍ରମଣ ହେତୁ କେହି ମରିନାହାଁନ୍ତି । ସମସ୍ତ ସଂକ୍ରମିତ କଏଦୀମାନେ ସେମାନଙ୍କର ସୁସ୍ଥତା ଏବଂ ଭାଇରସ୍ ଜୀବାଣୁ ରୋକିବା ଦିଗରେ କାର୍ଯ୍ୟ କରୁଥିବା ଜଣାଯାଇଛି । ତେବେ ଏହି ଭାଇରସ୍ ସଂକ୍ରମିତ ବହୁ ସଂଖ୍ୟକ କଏଦୀ ଲକ୍ଷ୍ନୌର ଜିଲ୍ଲା ଜେଲରେ ସ୍ୱାସ୍ଥ୍ୟ ଏବଂ ନିରାପତ୍ତା ଅବସ୍ଥାକୁ ନେଇ ଚିନ୍ତା ବଢାଇଛି ।

## ଇଣ୍ଡିଆ ମେଣ୍ଟରେ ମହାରାଷ୍ଟ୍ର ପାଇଁ
# ଆସନ ଭାଗବଣ୍ଟା ଶେଷ



**ମୁମ୍ବାଇ:** ଲୋକସଭା ନିର୍ବାଚନ ପାଇଁ ବିଜେପି ବିରୋଧରେ ଏକଜୁଟ ହୋଇଥିବା ବିରୋଧୀ ଦଳ 'ଇଣ୍ଡିଆ' ସମ୍ମୁଖରେ ଆସନ ଭାଗବଣ୍ଟା ଏବେ ପ୍ରମୁଖ ସମସ୍ୟା ପାଲଟିଛି । ତେବେ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ମହାରାଷ୍ଟ୍ରରେ ହେବାକୁ ଥିବା ସାଧାରଣ ନିର୍ବାଚନ ପାଇଁ ସିଟ୍ ଭାଗବଣ୍ଟା ସୂତ୍ର ପ୍ରସ୍ତୁତ କରାଯାଇଛି । ଶିବସେନା (ୟୁବିଟି) ସୂତ୍ରରୁ ପ୍ରକାଶ ଯେ ମହାରାଷ୍ଟ୍ରରେ ଇଣ୍ଡିଆ ମେଣ୍ଟରେ ଅନ୍ତର୍ଭୁକ୍ତ ଦଳଗୁଡ଼ିକ ମଧ୍ୟରେ ଆସନ ଭାଗବଣ୍ଟା ନେଇ ଏକ ଚୁକ୍ତି ହୋଇଛି । ଏହା ଅଧୀନରେ ରାଜ୍ୟର ୪୮ଟି ଆସନ ମଧ୍ୟରୁ ଉଦ୍ଧବ ଠାକରେଙ୍କ ଶିବସେନାକୁ ୨୦ଟି, କଂଗ୍ରେସକୁ ୧୫ଟି ଆସନ, ଶରଦ ପାଓ୍ୱାରଙ୍କ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି (ଏନସିପି) କୁ ୧୦ଟି ଆସନ ଏବଂ ପ୍ରକାଶ ଆମ୍ବେଦକରଙ୍କ ବଂଚିତ ବହୁଜନ ଅଘାଡି ଦଳକୁ ୨ଟି ଆସନ ଦେବାକୁ ନିଷ୍ପତ୍ତି ନିଆଯାଇଛି । ଏନେଇ ଆନୁଷ୍ଠାନିକ ଭାବେ ଖୁବ ଶୀଘ୍ର ଘୋଷଣା କରାଯିବ । ଶରଦ ପାଓ୍ୱାରଙ୍କ ଏନସିପି ନେତା ଜିତେନ୍ଦ୍ର ଆହ୍ୱାଡ଼ କହିଛନ୍ତି, ଯେ "ଏହା ସତ୍ୟ ଯେ ଶିବସେନା ଅଧିକ ଆସନରେ ନିର୍ବାଚନ ଲଢ଼ିବାକୁ ଚାହୁଁଛନ୍ତି ଏବଂ ଏହା ଉପରେ ଶରଦ ପାଓ୍ୱାର ଓ ଉଦ୍ଧବ ଠାକରେଙ୍କ ମଧ୍ୟରେ ଆଲୋଚନା ଚାଲିଛି । ତେବେ ମହାରାଷ୍ଟ୍ରରେ ଆସନ ଭାଗବଣ୍ଟା ଇଣ୍ଡିଆ ମେଣ୍ଟ ପାଇଁ ଆଶ୍ୱସ୍ତିର କାରଣ ସାଜିଛି । କାରଣ ପଶ୍ଚିମବଙ୍ଗ, ପଞ୍ଜାବ ଏବଂ ବିହାରରେ ଆସନ ଭାଗବଣ୍ଟାକୁ ନେଇ ଇଣ୍ଡିଆ ମେଣ୍ଟ ପାଇଁ ଅଡୁଆ ପରିସ୍ଥିତି ଲାଗି ରହିଛି ।

# ମୋଦିଙ୍କୁ ପ୍ରଶଂସାରେ ପୋତିଲେ କୁମାର ବିଶ୍ୱାସ




**ନୂଆଦିଲ୍ଲୀ:** ଲୋକସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନାର ଭାଗ ନେଇ ଗତକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ ଯେ ଦେଶର ଲୋକମାନଙ୍କ ଯେଉଁ ମିଜାଜ ଦେଖୁଛି ସେଥିରୁ ଲାଗୁଛି ଯେ ଏନଡିଏ ୪୦୦ରୁ ଅଧିକ ଆସନ ପାଇବ ଓ ବିଜେପି ୩୭୦ରୁ ଅଧିକ ଆସନ ପାଇବ । ଏନଡିଏ ସରକାର ଆସନ୍ତା ୧ ହଜାର ବର୍ଷ ପାଇଁ ଦେଶକୁ ପ୍ରସ୍ତୁତ କରିବ । ଦେଶବାସୀଙ୍କ କ୍ଷମତା ଉପରେ ଏହି ବିଶ୍ୱାସ ଅଛି ବୋଲି ସେ କହିଥିଲେ । ତେବେ ମୋଦୀଙ୍କ ଭାଷଣକୁ ନେଇ ଏବେ ଆଲୋଚନା ଜୋର ଧରିଥିବାବେଳେ ଅନେକ ଲୋକ ଏହାକୁ ବହୁତ ପ୍ରଶଂସା କରୁଛନ୍ତି । ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା କରି କବି କୁମାର ବିଶ୍ୱାସ ଟ୍ୱିଟରରେ ଲେଖିଛନ୍ତି,ଯେ "ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀ ଆଜି ସଂସଦରେ ଦେଇଥିବା ଭାଷଣ ଜଣେ ସଫଳ ରାଜନେତାଙ୍କ ରାଜନୈତିକ ମତ ପ୍ରକାଶ କରିବାର ଏକ ଚମତ୍କାର ଉଦାହରଣ । ମୋଦି ଜଣେ ଗୁଜୁରାଟୀ ହୋଇଥିଲେ ବି ସଂସଦ ଠାରୁ ଆରମ୍ଭ କରି ସାରା ଦେଶରେ ଯେଭଳି ଭାବେ ତାହାକୁ ସରଳ ହିନ୍ଦୀ ଭାଷାରେ ବୁଝାଇଛନ୍ତି ତାହା ରାଜନୀତିରେ କାର୍ଯ୍ୟ କରୁଥିବା ସମସ୍ତ ଲୋକଙ୍କ ପାଇଁ ଶିକ୍ଷା ଯୋଗ୍ୟ । ଅନ୍ୟପକ୍ଷରେ କଂଗ୍ରେସ ନେତା ଆଚାର୍ଯ୍ୟ ପ୍ରମୋଦ କୃଷ୍ଣମ ମଧ୍ୟ ଏହି ଭାଷଣକୁ ପ୍ରଶଂସା କରିଛନ୍ତି । କୁମାର ବିଶ୍ୱାସଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରଶଂସା ପାଇଁ ଲେଖିଥିବା ପୋଷ୍ଟର ଜବାବ ଦେଇ ସେ ଲେଖିଛନ୍ତି, "ମହାନ କୃତିତ୍ୱ – ମହାନ ବ୍ୟକ୍ତିତ୍ୱ ।" ଉଲ୍ଲେଖ ଥାଉ କି ଗତକାଲି ମୋଦୀ କହିଥିଲେ ଯେ ନେହେରୁଙ୍କ ନାମ ନେଲେ ସେମାନେ (କଂଗ୍ରେସ) ଖରାପ ଭାବୁଛନ୍ତି । ଜମ୍ମୁକଶ୍ମୀର ଏବଂ ଦେଶବାସୀଙ୍କୁ ନେହେରୁଙ୍କ ଭୁଲ ପାଇଁ ବଡ ମୂଲ୍ୟ ଦେବାକୁ ପଡିଛି । ପ୍ରଧାନମନ୍ତ୍ରୀ ମୋଦୀ ନେହେରୁଙ୍କ କିଛି ବିବୃତ୍ତି ମଧ୍ୟ ଉଲ୍ଲେଖ କରିଥିଲେ । ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ, 'ଅଗଷ୍ଟ ୧୫ ରେ ପ୍ରଥମ ପ୍ରଧାନମନ୍ତ୍ରୀ ନେହେରୁ ଲାଲକିଲ୍ଲାରୁ କହିଥିଲେ ଯେ ଭାରତରେ ସାଧାରଣତଃ କଠିନ ପରିଶ୍ରମ କରିବାର ଅଭ୍ୟାସ ନାହିଁ । ୟୁରୋପ, ଜାପାନ, ଚୀନ, ଋଷ ଓ ଆମେରିକାର ଲୋକମାନେ ଯେତିକି କାମ କରନ୍ତି ଆମେ ସେତିକି କାମ କରୁନାହୁଁ ।

## ବଜ୍ରପାତକୁ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା ଦାବି

**ନୂଆଦିଲ୍ଲୀ :** ବଜ୍ରପାତକୁ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା କରିବାକୁ ଉଠିଲା ଦାବି । ରାଜ୍ୟସଭାରେ ଦାବି ଉଠାଇଲେ ବିଜେଡି ସାଂସଦ ମାନସ ମଙ୍ଗରାଜ । ଆଇଏମଡିର ତଥ୍ୟକୁ ଉପସ୍ଥାପନା କରିବା ସହ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା ପାଇଁ ଦାବି । ବିଜୁ ଜନତା ଦଳର ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ ରାଜ୍ୟସଭାରେ କହିଛନ୍ତି ଯେ, ବଜ୍ରପାତ ଯୋଗୁଁ କେମିତି ଲୋକଙ୍କ ଜୀବନ ଯାଉଛି । ଆଇଏମଡିର ତଥ୍ୟକୁ ଉପସ୍ଥାପନ କରି ଏହାକୁ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା କରିବାକୁ ଦାବି ଜଣାଇଛନ୍ତି ସାଂସଦ । ମାନସ କହିଛନ୍ତି, ଆଇଏମଡିର ତଥ୍ୟ ଅନୁସାରେ ବଜ୍ରପାତ ଯୋଗୁଁ ଦେଶରେ ପ୍ରତିବର୍ଷ ପ୍ରାୟ ଅଢ଼େଇ ହଜାର ଲୋକଙ୍କର ମୃତ୍ୟୁ ହେଉଛି । ସେମାନଙ୍କ ମଧ୍ୟରୁ ପ୍ରାୟ ୯୬% ହେଉଛନ୍ତି ଗ୍ରାମାଞ୍ଚଳର । ଯେଉଁମାନେ କି କୃଷକ, ଗୋରୁ ଚରାଳି, ମତ୍ସ୍ୟଜୀବୀ ଓ ଶ୍ରମିକ ଶ୍ରେଣୀର । ଶେଷ ବର୍ଷର ତଥ୍ୟ ଅନୁସାରେ ଓଡିଶାରେ ସର୍ବାଧିକ ବଜ୍ରପାତ ହୋଇଛି । ପାଣିପାଗ ପରିବର୍ତ୍ତନ ଓ ଅନ୍ୟ ସବୁ କାରଣରୁ ଓଡିଶାରେ ଅଧିକ ବଜ୍ରପାତ ହେଉଛି । ତେବେ ରାଜ୍ୟ ସରକାରଙ୍କ ପଦକ୍ଷେପ ଯୋଗୁଁ ୨୦୧୯-୨୦ ତୁଳନାରେ ୨୦୨୦-୨୧ରେ ଓଡିଶାରେ ବଜ୍ରପାତ ଜନିତ ମୃତ୍ୟୁ ସଂଖ୍ୟା କମ୍ ହୋଇଛି ।

# ୟୁସିସି ବିଲ ଉପସ୍ଥାପନ କଲେ ପୁଷ୍କର ସିଂ ଧାମି

**ଡେରାଡୁନ :** ମଙ୍ଗଳବାର ଫେବୃଆରୀ ୬ ହେଉଛି ଉତ୍ତରାଖଣ୍ଡ ପାଇଁ ଏକ ଐତିହାସିକ ଦିନ । ମଙ୍ଗଳବାର ରାଜ୍ୟ ବିଧାନସଭାରେ ୟୁନିଫର୍ମ ସିଭିଲ କୋଡ ବିଲ (ୟୁସିସି) ଆଗତ କରାଯାଇଛି । ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଗୃହରେ ଏହି ବିଲ ଉପସ୍ଥାପନ କରିଥିଲେ । ୟୁସିସି ସମ୍ବନ୍ଧରେ ଏଜେଣ୍ଡାରେ ଏକ ପରିବର୍ତ୍ତନ ଆସିଛି । ଏବେ କେବଳ ୟୁସିସି ଉପରେ ଆଲୋଚନା ହେବ । ୟୁସିସିର ପାସ ଏକ ଦିନ ପାଇଁ ସ୍ଥଗିତ ହୋଇପାରେ । ଆସନ୍ତାକାଲି ବା ବୁଧବାର ୟୁସିସି ବିଲ ପାରିତ ହୋଇପାରେ । ମୂଳ କପି ସହିତ ମୁଖ୍ୟମନ୍ତ୍ରୀ ଧାମି ଗୃହରେ ପହଞ୍ଚିଥିଲେ । ଏଥି ସହିତ, ୧୦ ପ୍ରତିଶତ ଭୂସମାନ୍ତର ସଂରକ୍ଷଣ ସମ୍ପର୍କରେ ଚୟନ କମିଟିର ରିପୋର୍ଟ ମଧ୍ୟ ରାଜ୍ୟ ଆନ୍ଦୋଳନକାରୀଙ୍କ ନିକଟକୁ ଆସିଥିଲା । ୟୁନିଫର୍ମ ସିଭିଲ କୋଡ (ୟୁସିସି) ଉପରେ ବିଲ ଆଣିବାକୁ ସୋମବାର ଉତ୍ତରପ୍ରଦେଶ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଆରମ୍ଭ ହୋଇଥିଲା । ଅଧିବେଶନର ଦ୍ୱିତୀୟ ଦିନରେ ମଙ୍ଗଳବାର ଏହି ବିଲ ଆଗତ କରାଯାଇଛି । ଅଧିବେଶନ ସମ୍ପର୍କରେ ପୋଲିସ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିଛି ଏବଂ ସମଗ୍ର ରାଜ୍ୟରେ ପୋଲିସକୁ ସତର୍କ ରଖାଯାଇଛି । ଅନ୍ୟପକ୍ଷରେ ହାଲଦ୍ୱାନୀରେ ବହୁ ସଂଖ୍ୟାରେ ପୋଲିସ ଏବଂ ସୁରକ୍ଷା ବାହିନୀ ମୁତୟନ କରାଯାଇଛି । ୟୁସିସି ସମ୍ବନ୍ଧରେ ମୁସଲମାନ ପ୍ରାଧାନ୍ୟ ଅଞ୍ଚଳରେ ପ୍ରବଳ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ବାନବୁଲପୁରା, ଇନ୍ଦିରା ନଗର, ଗାନ୍ଧୀ ନାଗର, ଶନି ବଜାରରେ ପୋଲିସ ମୁତୟନ କରାଯାଇଛି । ଏସପି ସିଟି, ସିଓ ନିଜେ ଏହି ଅଞ୍ଚଳରେ ପାଟ୍ରୋଲିଂ କରୁଛନ୍ତି । ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ରବିବାର ଦିନ ୟୁସିସି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ଏକ କ୍ୟାବିନେଟ ବୈଠକ ଡାକିଥିଲେ ଯେଉଁଥିରେ ୟୁସିସିର ଡ୍ରାଫ୍ଟ ଅନୁମୋଦନ କରାଯାଇଥିଲା । ବିଧାନସଭା ଅଧିବେଶନ ୫ ରୁ ୮ ଫେବୃଆରୀ ପର୍ଯ୍ୟନ୍ତ ଚାଲିବ ।



# ବ୍ରିଟେନର ରାଜା ଚାର୍ଲ୍ସଙ୍କୁ କ୍ୟାନସର



**ବ୍ରିଟେନ୍ :** ନିକଟରେ ଏକ ଗୁରୁତର ଅସୁସ୍ଥତା ପାଇଁ ଚିକିତ୍ସା ପରେ ବକିଙ୍ଗହମ୍ ପ୍ୟାଲେସକୁ ଫେରିଥିବା ରାଜା ଚାର୍ଲ୍ସ ଙ୍କ ବିଷୟରେ ସୂଚନା ଆସିଛି ଯେ ତାଙ୍କୁ କର୍କଟ ରୋଗ ହୋଇଛି । ଏହି ସୂଚନା ପରେ ପ୍ରିନ୍ସ ହ୍ୟାରି ତୁରନ୍ତ ଲଣ୍ଡନ ଫେରି ଆସିଛନ୍ତି । କିଙ୍ଗ ଚାର୍ଲ୍ସ କେବଳ ବ୍ରିଟେନର ନୁହେଁ ଆହୁରି ଅନ୍ୟ ୧୪ ଟି ଦେଶର ମଧ୍ୟ ମୁଖ୍ୟ ଅଟନ୍ତି । ବ୍ରିଟେନର ରାଜା ଚାର୍ଲ୍ସ ତୃତୀୟଙ୍କୁ କର୍କଟ ରୋଗ ହୋଇଛି, ଏହି ଖବର ଆସିବା ମାତ୍ରେ ବିଶ୍ୱରେ ଚର୍ଚ୍ଚା ଆଲୋଚନା ଆରମ୍ଭ ହେଇଯାଇଛି । ଯଦିଓ ଲଣ୍ଡନରେ ଚାର୍ଲ୍ସଙ୍କ ଚିକିତ୍ସା ମଧ୍ୟ ଆରମ୍ଭ ହୋଇଛି, କିନ୍ତୁ ନିକଟରେ ବିଶ୍ୱର ଅନେକ ଲୋକ ଅନ୍ୟ ଏକ ରୋଗର ଚିକିତ୍ସା ପରେ ହସ୍ପିଟାଲରୁ ଫେରିଥିବା ବ୍ରିଟିଶ ରାଜାଙ୍କ କର୍କଟ ଖବର ଶୁଣି ନିରବ ରହିଛନ୍ତି । ଯଦି ରିପୋର୍ଟକୁ ବିଶ୍ୱାସ କରାଯାଏ, ତେବେ ଏହି ଖବର ଶୁଣିବା ପରେ ପ୍ରିନ୍ସ ହ୍ୟାରି ମଧ୍ୟ ଲଣ୍ଡନକୁ ଫେରୁଛନ୍ତି । କୁହାଯାଉଛି ଯେ ହ୍ୟାରି ଏବଂ କିଙ୍ଗ ଚାର୍ଲ୍ସଙ୍କ ମଧ୍ୟରେ ଏକ ବାର୍ତ୍ତାଳାପ ମଧ୍ୟ ହୋଇଛି । ଏହି କଷ୍ଟ ସମୟରେ ବ୍ରିଟିଶ ରାଜ ପରିବାର ବର୍ତ୍ତମାନ ଏକାଠି ଦେଖାଯାଉଛନ୍ତି । କେହି ଜଣେ ଦେଶର ନେତା କିମ୍ବା ରାଜା ହୁଅନ୍ତି, ସେତେବେଳେ ସେମାନଙ୍କ ଗର୍ବ ଅହଂକାର ଆକାଶ ଛୁଇଁଥାଏ କିନ୍ତୁ ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଆଜି ମଧ୍ୟ ରାଜା ଚାର୍ଲ୍ସ ତୃତୀୟ ବ୍ରିଟେନ ବ୍ୟତୀତ ଆହୁରି ୧୪ ଟି ଦେଶର ମୁଖ୍ୟ, ଅର୍ଥାତ୍ ସର୍ବୋଚ୍ଚ ବ୍ୟକ୍ତି ଅଟନ୍ତି । ଗତ ବର୍ଷ ମେ ମାସରେ ତାଙ୍କର ରାଜ୍ୟାଭିଷେକ କରାଯାଇଥିଲା । ଗତ ୭୦ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ କେବଳ ବ୍ରିଟେନ ନୁହେଁ ଅନ୍ୟ ୧୪ ଟି ଦେଶ ମଧ୍ୟ ସେମାନଙ୍କ ରାଜାଙ୍କ ଶପଥ ଗ୍ରହଣ କରିଥିଲେ । ୧୪ ଟି ଦେଶ ଯେଉଁଠାରେ କି ରାଜା ଚାର୍ଲ୍ସ ତୃତୀୟ ରାଜ୍ୟ ମୁଖ୍ୟ ଭାବରେ କାର୍ଯ୍ୟ କରୁଛନ୍ତି – ନ୍ୟୁଜିଲ୍ୟାଣ୍ଡ, ଅଷ୍ଟ୍ରେଲିଆ, କାନାଡା, ଜାମାଇକା, ଟୁଭାଲୁ, ବେଲିଜ, ବାହାମା, ସେଣ୍ଟ ଲୁସିଆ, ଆଣ୍ଟିଗୁଆ ଏବଂ ବାରବୁଦା, ସେଣ୍ଟ ଭିନସେଣ୍ଟ ଏବଂ ଗ୍ରେନାଡାଇନ୍ସ, ସୋଲେମାନ ଦ୍ୱୀପପୁଞ୍ଜ, ପାପୁଆ ନ୍ୟୁ ଗିନି, ଗ୍ରେନାଡା, ସେଣ୍ଟ କିଟ୍ସ ଏବଂ ନେଭିସ୍ । ୧୪ ଟି ଦେଶର ମୁଖ୍ୟ ଅର୍ଥ ହେଉଛି ଯେ ଏହି ଦେଶରେ ପ୍ରଧାନମନ୍ତ୍ରୀ କିମ୍ବା ନେତା କିଏ ହୁଅନ୍ତୁ ନା କାହିଁକି, ଦେଶର ମୁଖ୍ୟ ହେଉଛନ୍ତି ରାଜା ଚାର୍ଲ୍ସ ତୃତୀୟ । ତେବେ ଏହି ୧୪ ଟି ଦେଶ ମଧ୍ୟରୁ କେତେକରେ ଏହାକୁ ବିରୋଧ କରାଯାଇଛି । ସମୟ ସମୟରେ, କାନାଡା, ନ୍ୟୁଜିଲ୍ୟାଣ୍ଡ ଏବଂ ଅଷ୍ଟ୍ରେଲିଆରେ କିଙ୍ଗ ଚାର୍ଲ୍ସ ତୃତୀୟଙ୍କୁ ରାଜ୍ୟ ମୁଖ୍ୟ ଭାବରେ ବିବେଚନା କରିବାକୁ ବିରୋଧ ଚାଲିଆସୁଥିଲା, କିନ୍ତୁ ଏପର୍ଯ୍ୟନ୍ତ ସେ ରାଜ୍ୟ ମୁଖ୍ୟ ରହିଛନ୍ତି । କମନୱେଲଥ୍ ରେ ୫୬ ଟି ଦେଶ ଏହି ୧୪ ଟି ଦେଶ ବ୍ୟତୀତ କମନୱେଲଥ୍ ରେ ସମୁଦାୟ ୪୨ ଟି ଦେଶ ଅଛନ୍ତି ଯାହାର ମୁଖ୍ୟ କିଙ୍ଗ ଚାର୍ଲ୍ସ ନୁହଁନ୍ତି, କିନ୍ତୁ ଏହି ସବୁ ଦେଶ ଏକ ସମୟରେ ବ୍ରିଟେନର ଉପନିବେଶ ଥିଲା । । ଭାରତ ମଧ୍ୟ କମନୱେଲଥ୍ ର ଏକ ଅଂଶ କିନ୍ତୁ ଏହାର ମୁଖ୍ୟ ରାଜ୍ୟ ବ୍ରିଟେନର ରାଜା ନୁହଁନ୍ତି । ଭାରତ ୨୬ ଜାନୁୟାରୀ ୧୯୫୦ ରେ ନିଜକୁ ଏକ ଗଣତନ୍ତ୍ର ଘୋଷଣା କଲା, ଯାହା ପରେ 'ହେଡ୍ ଅଫ୍ ଷ୍ଟେଟ୍' ରାଷ୍ଟ୍ରପତି ହୋଇଥିଲେ । ୫୬ ଟି ଦେଶର ଗୋଷ୍ଠୀ ଯାହା ଏକଦା ବ୍ରିଟେନ ଦ୍ୱାରା ଶାସିତ ହୋଇଥିଲା ସେମାନଙ୍କୁ କମନୱେଲଥ କୁହାଯାଏ । ଜନସଂଖ୍ୟା ଦୃଷ୍ଟିରୁ ଭାରତ ଏହି ଗୋଷ୍ଠୀର ସବୁଠାରୁ ବଡ ଦେଶ । ଏହା ପରେ ପାକିସ୍ତାନ, ନାଇଜେରିଆ, ବାଂଲାଦେଶ ଏବଂ ବ୍ରିଟେନ ଅଛନ୍ତି ।

# ରଙ୍ଗୀନ୍ ଆଲୁଅରେ ଝଲସୁଛି ଏକାମ୍ର ଫେଷ୍ଟିଭାଲ୍...











# ନୂଆ-ଓ କାର୍ଯ୍ୟକ୍ରମ ପାଇଁ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ



**ବାରିପଦା (ଅମୃତ ମିଡିଆ) :** ସାରା ରାଜ୍ୟରେ ବିଜେଡ଼ି ତରଫରୁ ସରକାରୀ କାର୍ଯ୍ୟକ୍ରମ ନାମରେ ଯେଉଁ ନୂଆ-ଓ କାର୍ଯ୍ୟକ୍ରମ ହେଉଛି ତା ଦ୍ୱାରା କଣ ଲାଭ ହେଉଛି ତାହା ସରକାର ନିଶ୍ଚିତ ଅବଗତ ଥିବେ ଏଥିରେ ସନ୍ଦେହ ନାହିଁ। ମାତ୍ର ଛାତ୍ର ଛାତ୍ରୀ ଙ୍କ ଅଭିଭାବକ ମାନେ ତାଙ୍କ ପିଲାଙ୍କ ଭବିଷ୍ୟତ ଚୁଲ୍ଲି କୁ ଚାଲିଗଲା ବୋଲି ଖୋଲାଖୋଲି ଭାବେ କହୁଛନ୍ତି। କିଛି ଅଭିଭାବକ ମାନେ ଅଭିଯୋଗ କରିଛନ୍ତି କି କଲେଜ ମାନଙ୍କରେ ହେଉଥିବା ନାଚଗୀତ ର କାର୍ଯ୍ୟକ୍ରମ ଦ୍ୱାରା ଶିକ୍ଷା ମିଳିବା ବଦଳରେ ଅଶିକ୍ଷା ବେଶୀ ମିଳୁଛି। ଆମ ସଂସ୍କୃତି ଓ ସଭ୍ୟତା ର କଦର୍ଯ୍ୟ ଚିତ୍ରଣ କରାଯାଉଛି। ଶିକ୍ଷାର ମାନ ଏତେ ଶୁଦ୍ଧ ଯେ ପିଲାମାନେ ବର୍ଣ୍ଣବୋଧ ଶିକ୍ଷା ଅଭାବରୁ କଦର୍ଯ୍ୟ କଦାକାର ତଥା ଅପଭ୍ରଂଶ ଶବ୍ଦ ଲିଖନ, ଉଚ୍ଚାରଣ ଦ୍ୱାରା ଶବ୍ଦାର୍ଥ ଭିନ୍ନ ଢଙ୍ଗରେ ବର୍ଣ୍ଣିତ ହେଉଥିବା କୁହାଯାଉଛି। ଏଥି ସହିତ କିଛି ମେଧାବୀ ପିଲା ଙ୍କ ମତରେ ଏକ ମାସ ଧରି ପିଲାମାନେ ନାଚ ଗୀତରେ ମସଗୁଲ ରହିବା ସହିତ ଅଧ୍ୟାପକ ମାନେ ସରକାରଙ୍କ କାର୍ଯ୍ୟକ୍ରମ କୁ ସଫଳ ରୂପାୟନ ଦେବା ପାଇଁ ବ୍ୟସ୍ତ ରହିବା ଯୋଗୁଁ ପାଠପଢ଼ା ହୋଇ ପାରୁନାହିଁ। ତେଣୁ ମେଧାବୀ ଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବାର୍ଷିକ ପରୀକ୍ଷା ଆଉ ୧୫ ଦିନ ଥିବା ବେଳେ ଏଭଳି ଅଶୋଭନୀୟ କାର୍ଯ୍ୟକ୍ରମ ନାମରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବା ଦ୍ୱାରା କାହାର ଉନ୍ନତି ସାଧିତ ହେଉଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ୨୦୯ଟି ଅଭିଯୋଗର ଶୁଣାଣି କଲେ ଜିଲ୍ଲାପାଳ ଓ ଏସପି



**ବାରିପଦା (ଅମୃତ ମିଡିଆ) :** ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ମୟୂରଭଞ୍ଜ ଜ଼ିଲ୍ଲା ସଦରମହକୁମା ବାରିପଦା ଠାରେ ଜିଲ୍ଲାପାଳ ଆଶିଷ ଠାକରେ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏସ. ସୁଶ୍ରୀ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ହୋଇଥିବା ଜନଶୁଣାଣୀ ବୈଠକରେ ଯୋଗଦାନ କରି ବାରିପଦା ଉପଖଣ୍ଡର ମୋଟ ୨୦୯ଟି ଅଭିଯୋଗର ଶୁଣାଣି କରିଛନ୍ତି। ଏହି ଜନଶୁଣାଣୀ ବୈଠକ, ଅତିରିକ୍ତ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ବାରିପଦା ଉପଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରଜନୀକାନ୍ତ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବା ବେଳେ, ଶିବିରରେ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକ୍ଷକ ଡାଃ ବିଜୟ କୁମାର ଯୋଗଦେବା ସହ ଉପଖଣ୍ଡର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ଉପଖଣ୍ଡ ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ। ମୋଟ ୨୦୯ଟି ଅଭିଯୋଗ ମଧ୍ୟରୁ ୧୯୫ଟି ବ୍ୟକ୍ତିଗତ ସମସ୍ୟା ଥିବାବେଳେ, ୧୪ଗୋଟି ସାମୁହିକ ସମସ୍ୟା ସମ୍ବଳିତ ବିଷୟରେ ଆଧାରିତ ଥିଲା। ସେଥିମଧ୍ୟରୁ ସର୍ବମୋଟ ୧୨ ଜଣଙ୍କୁ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଏବଂ ୭ଜଣଙ୍କୁ ରେଡ-କ୍ରସପାଣ୍ଠିରୁ ସହାୟତା ପ୍ରଦାନ କରାଯିବ ବୋଲି ସୂଚନା ପ୍ରାପ୍ତ ହୋଇଛି। କାର୍ଯ୍ୟକ୍ରମ ପରିଚାଳନାରେ, ଡେପୁଟି କଲେକ୍ଟର ଜରୁରୀକାଳୀନ ବିଭାଗ, ସୁଶ୍ରୀ ଶ୍ରଦ୍ଧା ସୁମନ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ ବୋଲି ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅବିନାଶ ପାଣି ଜଣାଇଛନ୍ତି।

## ଶିବଗଙ୍ଗ ପୁଷ୍କରିଣୀ ମଧ୍ୟକୁ ଧସିଲା ପଶ୍ଚିମପାର୍ଶ୍ୱ ପାଚେରି ଓ ଡ୍ରେନ୍



**ଧୂଷୁରୀ (ଅମୃତ ମିଡିଆ) :** ଭଦ୍ରକ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ଆରଡିରେ ଥିବା ବାବା ଆଖଣ୍ଡଳମଣିଙ୍କ ଶିବଗଙ୍ଗା ପୁଷ୍କରିଣୀ ମଧ୍ୟକୁ ଧସି ଯାଇଛି ପଶ୍ଚିମ ପାର୍ଶ୍ୱ ପାଚେରୀ ସମେତ ଡ୍ରେନ। ପୁଷ୍କରିଣୀ ଶୁଖାଯାଇ ଏହାର ପୁନରୁଦ୍ଧାର କାମ ଚାଲିଥିଲା ବେଳେ ଏଭଳି ଅଘଟଣ ଘଟିଥିବା ଜଣାପଡିଛି। ପୂର୍ବରୁ ଏଠାରେ କାର୍ଯ୍ୟ କରିଥିବା ଠିକାଦାର ନିମ୍ନମାନର କାର୍ଯ୍ୟ କରି ଅର୍ଥ ଚଳୁ କରିଥିବା ବେଳେ ପ୍ରଶାସନିକ ଅଧିକାରୀଙ୍କ ଖାମଖିଆଲି ଯୋଗୁଁ ଏଭଳି ଘଟିଥିବା କହିଛନ୍ତି ସ୍ଥାନୀୟ ଲୋକେ। କୋଟିକୋଟି ଟଙ୍କା ଖର୍ଚ୍ଚ କରାଯାଇ ପୀଠର ଉନ୍ନତି କରଣ କାର୍ଯ୍ୟ ଚାଲିଥିବା ବେଳେ ମାତ୍ର ୪ ବର୍ଷ ତଳେ ହୋଇଥିବା ଏହି ପାଚେରୀ ଭୁଶୁଡିବା କେତେଦୂର ସମିଚୀନ ବୋଲି ଲୋକେ କରିଛନ୍ତି ପ୍ରଶ୍ନ। ଏବେ ଚାଲିଥିବା କାର୍ଯ୍ୟ ଯେମିତି ନିମ୍ନ ମାନର ନହୁଏ, ସେଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳ ବାସୀ ଦାବି କରିଛନ୍ତି। ତେବେ ପୂର୍ବାହ୍ନରେ ପୂର୍ତ୍ତ ବିଭାଗର ଅବସରପ୍ରାପ୍ତ ସୁପରିଣ୍ଟେଣ୍ଡେଣ୍ଟ୍ ଇଞ୍ଜିନିୟର ପୁନରୁଦ୍ଧାର ଦାୟିତ୍ୱରେ ଥିବା ଅମ୍ବିକା ବଲ୍ଲଭ ସ୍ୱାଇଁ ଭୁଶୁଡିବା କାର୍ଯ୍ୟ ବୁଲି ଦେଖିବା ସହ ଭୁଶୁଡିଥିବା ସ୍ଥାନ ଭଙ୍ଗା ଯାଇଥା'ନ୍ତା ବୋଲି କହିଥିଲେ। ତେବେ ଏବେ କୌଣସି ଅସୁବିଧା ନଥିବା ସେ ପ୍ରକାଶ କରିଥିଲେ। ନୂତନ ଭାବେ ନିର୍ମିତ ହେବାକୁ ଥିବା ପାଚେରୀ ମଜଭୁତ ହେବା ସହ ଉଚ୍ଚ ମାନର କାର୍ଯ୍ୟ କରାଯିବ ବୋଲି କହିଥିଲେ। ତେବେ ପୀଠରେ ଘଟିଥିବା ଏଭଳି ଅଘଟଣକୁ ନେଇ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି।

# ଗୋଦାବରୀଶ ସରକାରୀ ହାଇସ୍କୁଲ ପକ୍ଷରୁ ସଫେଇ ଓ ସଚେତନତା



**ଚିଲିକା (ଅମୃତ ମିଡ଼ିଆ) :** ବିଦ୍ୟାଳୟ ହେଉଛି ଶିକ୍ଷା ମନ୍ଦିର। ଏହା ଚତୁଃପାର୍ଶ୍ୱ ପରିବେଶ କୁ ସଫାସୁତୁରା ରଖିବା ଆମ ସମସ୍ତଙ୍କର ପରମ କର୍ତ୍ତବ୍ୟ। ଏହାକୁ ପାଥେୟ କରି ଆଜି ନାଚୁଣୀ ବଜାର ମଧ୍ୟ ସ୍ଥଳରେ ଅବସ୍ଥିତ ୧୯୪୬ ମସିହାରେ ପ୍ରତିଷ୍ଠିତ ଗୋଦାବରୀଶ ମଧ୍ୟଇଂରାଜୀ ସ୍କୁଲ ଗେଟ୍ ସାମନାରେ ପଡିଥିବା କୁଢ଼ କୁଢ଼ ଅଳିଆ ଆବର୍ଜନା କୁ ସଫେଇ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏଥିସହିତ ସ୍ଥାନୀୟ ବଜାର ଅଞ୍ଚଳରେ ମଧ୍ୟ ପରିବେଶ ପରିଚ୍ଛନ୍ନତା ପ୍ରତି ଦୃଷ୍ଟି ଦେବାକୁ ସଫେଇ ଓ ସଚେତନତା ସୃଷ୍ଟି କରାଯାଇଥିଲା। ଆଜି ଅପରାହ୍ନ ରେ ଏ ବାବଦରେ ଆବଶ୍ୟକ ପଦକ୍ଷେପ ନେବାକୁ ଏକ ବୈଠକ ଡକାଇ ବିଦ୍ୟାଳୟ ଛୁଟି ହେବାପରେ ଗୋଦାବରୀଶ ସରକାରୀ ହାଇସ୍କୁଲ ଶିକ୍ଷା କମିଟି ର ଅଧ୍ୟକ୍ଷ ପ୍ରଦୋଷ କୁମାର ଦାସଙ୍କ ଅଧ୍ୟକ୍ଷତାରେ ସ୍ୱଚ୍ଛ ଭାରତ ଅଭିଯାନ ଆୟୋଜିତ ହୋଇଥିଲା। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବସନ୍ତ କୁମାର ଶବର, ବରିଷ୍ଠ ଶିକ୍ଷକ ବାଣୀ କାନ୍ତ ସାହୁ, ସୌମ୍ୟକାନ୍ତ ସାହୁ, ଶିକ୍ଷୟିତ୍ରୀ ସ୍ୱାଗତିକା ସ୍ୱାଇଁ, ସବିତା ଦେଇ, କିଶୋର କୁମାର ପ୍ରଧାନ, ହିରଣ୍ୟ କୁମାର ଜାଲି, କର୍ମଚାରୀ ଯୋଗୀନାଥ ଷଡ଼ଙ୍ଗୀ , ଶଙ୍କର ବେହେରା ଓ ଝୁନୁ ଦେଇ ସାମିଲ ହୋଇ ସଫେଇ କାର୍ଯ୍ୟ ରେ ନିଜକୁ ସାମିଲ କରିଥିଲେ। ଏହା ପୂର୍ବରୁ ମଧ୍ୟାହ୍ନରେ ଅଧ୍ୟକ୍ଷ ଶ୍ରୀ ଦାସ ଙ୍କ ନେତୃତ୍ୱରେ କମିଟି ର ସଭ୍ୟ ପୁରୁଷୋତ୍ତମ ସେଣ ,ଅନ୍ୟତମ ସଭ୍ୟ ସୁରେଶ କୁମାର ପଲେଇଙ୍କ ସହ ପ୍ରଧାନ ଶିକ୍ଷକ ବସନ୍ତ କୁମାର ଶବର ଓ ସହଯୋଗୀ ଶିକ୍ଷକ ବାଣୀ କାନ୍ତ ସାହୁ ମଧ୍ୟ ସ୍ଥାନୀୟ ବଜାରରେ ଶିକ୍ଷା ମନ୍ଦିର ରୂପକ ସାମନା ଗେଟ୍ ସମ୍ମୁଖ ଓ ଆଖପାଖରେ ନିତିଦିନ ଗଦା ହେଉଥିବା କୁଢ଼ କୁଢ଼ ଅଳିଆ ଆବର୍ଜନା ପୁନରାୟ ନଫିଙ୍ଗିବାକୁ ତଥା ସ୍କୁଲ ଆସୁଥିବା ଶତାଧିକ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ରକ୍ଷା ଦୃଷ୍ଟିରୁ ନିବେଦନ କରି ସାଧାରଣରେ ପରିବେଶ ସ୍ୱଚ୍ଛତା ଓ ସଚେତନତା ସୃଷ୍ଟି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ କିଛି ଦୋକାନ ଓ ଶୁଭେଚ୍ଛୁ ଲୋକ ମାନେ ସମର୍ଥନ ଜଣାଇ ସ୍ୱତଃ ପ୍ରବୃତ୍ତ ଭାବେ ସାମିଲ ହୋଇଥିଲେ।

# ବିଶିଷ୍ଟ ବ୍ୟବସାୟୀଙ୍କ ଦ୍ୱାଦଶାହ ଅବସରରେ ଶ୍ରଦ୍ଧାଞ୍ଜଳି ସଭା



**ଯାଜପୁର (ଅମୃତ ମିଡିଆ) :** ଯାଜପୁର ଟାଉନ ସାନବଜାର ସ୍ଥିତ ବିଶିଷ୍ଟ ବ୍ୟବସାୟୀ ତଥା ସମାଜସେବୀ ସ୍ୱର୍ଗତ ସୂର୍ଯ୍ୟମଣୀ ନନ୍ଦଙ୍କ ଦ୍ୱାଦଶାହ ଅବସରରେ ଅଭିମନ୍ୟୁ ମିଶ୍ରଙ୍କ ଅବାହକତ୍ୱର ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ପଣ୍ଡିତ ଚନ୍ଦ୍ରଶେଖର ନନ୍ଦ ଶ୍ଳୋକ ଆବୃତ୍ତି କରିବା ସହିତ ସ୍ମୃତିଚାରଣ କରିଥିଲେ। ଅନ୍ୟତମ ଅତିଥିଭାବେ ଯାଜପୁର ପୌରପାଳିକାର ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ ଯୋଗଦାନ କରି ସୂର୍ଯ୍ୟମଣୀ ନନ୍ଦ ଜଣେ ବ୍ୟବସାୟୀ ନଥିଲେ ସେ ଜଣେ ପରୋପକାରୀ, ମିଷ୍ଟଭାଷୀ ଓ ସମସ୍ତଙ୍କ ପ୍ରିୟ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ସାନବଜାର ପୂଜା କମିଟିର ସଭାପତି ଦଶରଥ ଦାସ ଓ ସମ୍ପାଦକ ଯଶୋବନ୍ତ ସାହୁ ଯୋଗଦାନ କରି ସ୍ୱର୍ଗତ ନନ୍ଦଙ୍କର ଗୁଣଗାନ କରିଥିଲେ। ସ୍ୱର୍ଗତ ନନ୍ଦଙ୍କର ବଡ଼ଭାଇ ବ୍ରଜ କିଶୋର ନନ୍ଦ ଉପସ୍ଥିତ ରହି କୋହଭରା କଣ୍ଠରେ ସାନଭାଇଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ସମ୍ବାଦିକ ସମରଜିତ୍ ମହାନ୍ତି, ବିଶ୍ୱଜିତ ରଣା, ବ୍ୟବସାୟୀ ପ୍ରବିନ କୁମାର ଦାସ, ବିଜୟ ସାମଲ, ଶେଷାଂଶୁ ମହାନ୍ତି, ସାନ ଭାଇ ପ୍ରମୋଦ ନନ୍ଦ, ସଚିତାନନ୍ଦ ବେହେରା, ଶିବ ପ୍ରସାଦ ଦେଓ, ସୌମେନ୍ଦ୍ରନାଥ ଚକ୍ରବର୍ତ୍ତି, ଶିକ୍ଷକ ସନ୍ତୋଷ ନନ୍ଦ, ଅନ୍ୱେଷଣର ସଭାପତି ବୃନ୍ଦାବନ ମିଶ୍ର ଏବଂ ଝିଅ, ଜ୍ୱାଇଁ ବନ୍ଧୁ ପରିବାର ବର୍ଗ ଉପସ୍ଥିତ ରହି ସ୍ୱର୍ଗତ ନନ୍ଦଙ୍କର ସ୍ମୃତି ଚାରଣ କରିବା ସହିତ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ।

# ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ



**ବାରିପଦା (ଅମୃତ ମିଡିଆ) :** ବାରିପଦା ପୌରପାଳିକା ତରଫରୁ ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଅବସରରେ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ମୁନିସିପାଲଟି ସ୍ତରୀୟ ଭାଷା ସମ୍ମିଳନୀ ସହ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାରିପଦା ପୌରପାଳିକା ଅନ୍ତର୍ଗତ ବିଭିନ୍ନ ଉଚ୍ଚ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ସ୍ତରୀୟ ତର୍କ, ରଚନା, ସୁନ୍ଦର ହସ୍ତାକ୍ଷର ଏବଂ ସାଧାରଣ ଜ୍ଞାନ ପ୍ରତିଯୋଗିତା ରେ ୧୩୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ପ୍ରତିଯୋଗିତାରେ ବାରିପଦା ପୌରପାଳିକାର ପୌରଯନ୍ତ୍ରୀ ସଚ୍ଚିଦାନନ୍ଦ ଶତପଥୀ ଉପସ୍ଥିତରହି ସମ୍ମିଳନୀର ଉଦ୍ଦେଶ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ, ଜିଲ୍ଲା ଶିକ୍ଷା ପ୍ରତିଷ୍ଠାନ ବାରିପଦାରୁ ନିରଞ୍ଜନ ସାହୁ, ଶ୍ରୀମା ମହିଳା ମହାବିଦ୍ୟାଳୟରୁ ଦୀପକ କୁମାର ରାଉତ, ବାରିପଦା ଡିଗ୍ରୀ ମହାବିଦ୍ୟାଳୟର ଓଡିଆ ବିଭାଗର ମୁଖ୍ୟ ଅଧ୍ୟାପକ ସ୍ନେହପ୍ରଭା ଦାସ ଏବଂ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପିକା ରୀନା ମୁର୍ମୁ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ଚୟନ କରିଥିଲେ। ଏହି ସମ୍ମିଳନୀରେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ପୌର ନିର୍ବାହୀ ଅଧିକାରୀ ଡାକ୍ତର ମଧୁସ୍ମିତା ସାମନ୍ତରାୟ ପ୍ରମୁଖ ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଭାଷା ସାହିତ୍ୟର ଦିଗ୍ ଦର୍ଶନ ଦେବା ସହିତ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏହି ସମ୍ମିଳନୀରେ ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଆସିଥିବା ଛାତ୍ରଛାତ୍ରୀ, ସହଯୋଗୀ କର୍ମୀ, ସିଟି ମିଶନ ମ୍ୟାନେଜର, କମ୍ୟୁନିଟି ଅର୍ଗାନାଇଜର ଏବଂ ପୌରପାଳିକାର ଅନ୍ୟ କର୍ମଚାରୀ ମାନେ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତିର ସୁରକ୍ଷା ପାଇଁ ଶପଥପାଠ କରିଥିଲେ।


## ଏମଇଟି ଇଂଟରନ୍ୟାସନାଲ ସ୍କୁଲ ଉଦ୍‌ଘାଟିତ
# 'ଶିକ୍ଷା ମାଧ୍ୟମରେ ସମାଜକୁ ପରିବର୍ତ୍ତନ କରାଯାଇପାରିବ'



**ବାରିପଦା (ଅମୃତ ମିଡିଆ) :** ଶିକ୍ଷା ମାଧ୍ୟମରେ ସମାଜକୁ ପରିବର୍ତନ କରାଯାଇ ପାରିବ ଏଣୁ ଶିକ୍ଷା କ୍ଷେତ୍ରରେ କାମ କରୁଥିବା ପ୍ରତିଟି ବ୍ୟକ୍ତି ସଚେତନ ହେବାର ଆବଶ୍ୟକତା ରହିଛି ବୋଲି ମାହେଶ୍ୱରୀ ଏଜୁକେଶନାଲ ଟ୍ରଷ୍ଟ ପକ୍ଷରୁ ବାରିପଦା ୱାର୍ଡ ନମ୍ବର୧୦ ଠାରେ ଏମ.ଇ.ଟି ଇଂଟରନେସନାଲ ସ୍କୁଲର ଉଦଘାଟନୀ ଉତ୍ସବରେ ଉପ ଆରକ୍ଷୀ ଅଧିକ୍ଷକ ସବିତା ମାଝୀ, ଭୁବନେଶ୍ୱର ସ୍ଥିତ ସେଂଟ୍ରାଲ ଆୟୁର୍ବେଦ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ ର ରିସର୍ଚ୍ଚ ଅଫିସର ଡାକ୍ତର ଅଶୋକ କୁମାର ପଣ୍ଡା, ଡିଆରଡିଓ ଚାନ୍ଦିପୁର ସ୍ଥିତ ଆଇଟିଆର ବରିଷ୍ଠ ବୈଜ୍ଞାନିକ ଇଂ ହିମାଦ୍ରୀ ଶେଖର ଦାସ ଅତିଥି ଭାବରେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ଅନୁଷ୍ଠାନର ସଭାପତି ଉପାସନା ମହାପାତ୍ର, ଅଧ୍ୟକ୍ଷା ସ୍ୱିତିପ୍ରଜ୍ଞା ମାଝୀ ମଂଚାସୀନ ରହି ନୈତିକ, ଆଧାତ୍ମିକ, ବୈଷୟୀକ ତଥା ମୌଳିକ ଶିକ୍ଷାର ବିକାଶ ପାଇଁ ଖୋଲାଯାଇଥିବା ଏହି ଅନୁଷ୍ଠାନକୁ ଆଗକୁ ନେବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଶିକ୍ଷୟତ୍ରୀ ରଞ୍ଜିତା ବିନ୍ଧାଣି ମଂଚ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ସୀମା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିବା ବେଳେ, ଶିକ୍ଷୟତ୍ରୀ ଅନିନ୍ଦିତା ପ୍ରିୟଦର୍ଶିନୀ ଭୂୟାଁ ଙ୍କ ଦ୍ୱାରା ଓଡିଶି ନୃତ୍ୟ ପରିବେଶଷଣ କରାଯାଇଥିଲା।

# ଆଦିବାସୀ ହରିଜନ ପିଲାଙ୍କ ଶିକ୍ଷା ସମସ୍ୟା

## ୧୮୬ଟି ସେବାଶ୍ରମ ବିଦ୍ୟାଳୟ
## ୧୧ଟି ସେବଶ୍ରମ ବିଦ୍ୟାଳୟ ଖୋଲାଯାଇନାହିଁ
## ୩୭୧ ପଦରୁ ୧୭୮ ଶିକ୍ଷକପଦ ଖାଲି ପଡିଛି



ବିଭାଗୀୟ ଅଧିକାରି ମାନେ ଖାତା କଲମରେ ଯୋଜନା ପରିଚାଳନ କରୁଛନ୍ତି ଅନେକ ଆଶ୍ରମ ରେ ଛାତ୍ରଛାତ୍ରୀ ଅସୁରକ୍ଷିତ ରହୁଥିବା ବେଳେ ଶତାଧିକ ସେବାଶ୍ରମ ବିଦ୍ୟାଳୟରେ ଶିକ୍ଷକ ନାହାନ୍ତି ଫଳରେ ଛାତ୍ରଛାତ୍ରୀ ମାନେ ଶିକ୍ଷଲାଭରୁ ବଞ୍ଚିତ ହେଉଛନ୍ତି ସ୍ଥାନୀୟ ଅନ୍ୱେଷା ହଷ୍ଟେଲ ଠାରେ ବିଭିନ୍ନ ସମସ୍ୟା ରହିଛି।

**ଭାନୁପ୍ରତାପ ସିଂ ମାଝୀ ଜିଲ୍ଲା**
ଆଦିବାସୀ ସଂଘ ସଭାପତି

**ନୂଆପଡା (ଅମୃତ ମିଡିଆ) :** ଶିକ୍ଷା ହିଁ କେବଳ ଏକମାତ୍ର ସାଧନ, ଯାହା ମାନବସମ୍ବଳର ସୁବିନିଯୋଗ କରି ଦେଶର ବିକାଶ ଓ ଅଭିବୃଦ୍ଧିରେ ସହାୟକ ହୋଇପାରିବ। ଯେହେତୁ ଭାରତର ମୋଟ ଜନସଂଖ୍ୟାର ଶତକଡା ୮.୬ ଭାଗ ହେଲେ ଆଦିବାସୀ, ସେମାନଙ୍କର ବିକାଶର ସାମଗ୍ରିକ ପ୍ରକ୍ରିୟାରେ ଶିକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ସେମାନଙ୍କର ବ୍ୟକ୍ତିଗତ ଅବଦାନକୁ ନବୀକରଣ କରି ଓ ବିଭିନ୍ନ ପ୍ରତିବନ୍ଧକକୁ ଦୂରକରି ସେମାନଙ୍କର କଲ୍ୟାଣ ତଥା ଉନ୍ନତି ପାଇଁ ଗୁଣାତ୍ମକ ଶିକ୍ଷା ନିରନ୍ତର ସୁଯୋଗ ସୃଷ୍ଟି କରିପାରିବ। କିନ୍ତୁ ସାତ ଦଶନ୍ଧିରୁ ଅଧିକ ବର୍ଷର ସ୍ୱାଧୀନତା ପରେ ମଧ୍ୟ ଆଦିବାସୀମାନଙ୍କର ଶିକ୍ଷା ଓ ସେମାନଙ୍କର ଅଭିବୃଦ୍ଧି ଦିଗରେ ବର୍ତ୍ତମାନ ସୁଦ୍ଧା ଭାରତ ସଂଘର୍ଷ କରୁଛି। ସର୍ବଶିକ୍ଷା ଅଭିଯାନ, ମଧ୍ୟାହ୍ନଭୋଜନ ଯୋଜନା ଏବଂ ଶିକ୍ଷା ଅଧିକାର ଆଇନ ଭଳି କାର୍ଯ୍ୟକ୍ରମ ସତ୍ତ୍ୱେ ଆଦିବାସୀଙ୍କ ଶିକ୍ଷା ଓ ଶିକ୍ଷାଦାନ ସ୍ଥିତିରେ ସନ୍ତୋଷଜନକ ବିକାଶ ପରିଲକ୍ଷିତ ହୋଇନାହିଁ। ସେହିପରି ନୂଆପଡା ଜିଲା ର ଆଦିବାସୀ ଅଞ୍ଚଳ ରେ ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା ଭୁଶୁଡି ପଡିଛି ଅଭିଯୋଗ ହେଉଛି ଜିଲାରେ ୧୮୬ଟି ସେବାଶ୍ରମ ବିଦ୍ୟାଳୟ ଖୋଲାଯାଇଛି ସେଥିମଧ୍ୟରୁ ୧୭୫ଟି ବିଦ୍ୟାଳୟ ପରିଚଳାନା ହେଉଥିବା ବେଳେ ୧୧ଟି ସେବାଶ୍ରମ ବିଦ୍ୟାଳୟ ସମ୍ପୂର୍ଣ୍ଣ ଭାବେ ବନ୍ଦ ପଡିଛି ଏହି ବିଦ୍ୟାଳୟମାନଙ୍କରେ ୨୩୩ଟି ଶିକ୍ଷକ ନିଯୁକ୍ତି ପାଇଥିବା ବେଳେ ୧୭୮ଟି ଶିକ୍ଷକ ପଦ ଖାଲି ପଡିଛି, ଯାହା ଫଳରେ ଜିଲ୍ଲାର ଅନୁସୂଚିତ ଜାତି ଜନଜାତିର ଛାତ୍ରଛାତ୍ରୀ ଗୁଣାତ୍ମକ ଶିକ୍ଷା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ, ଜିଲ୍ଲା ର ସିନାପାଲି ବୋଡ଼େନ ଖଡ଼ିଆଳ କୋମନା ଓ ନୂଆପଡା ବ୍ଲକରେ ସେବାଶ୍ରମ ବିଦ୍ୟାଳୟ ଖୋଲାଯାଇଛି ଏହି ସେବାଶ୍ରମ ବିଦ୍ୟାଳୟ ମାନଙ୍କରେ ଜିଲ୍ଲାର ଦିନମଜୁରିଆ ଖଟିଖିଆ ଗରିବ ଶ୍ରେଣୀର ଲୋକମାନଙ୍କ ପୁଅଝିଅ ମାନେ ହଷ୍ଟେଲରେ ରହି ଉତ୍ତମ ଖାଦ୍ୟ ଖାଇବା ସହ ଗୁଣାତ୍ମକ ଶିକ୍ଷାଲାଭ କରିବା ନେଇ ଅଭିଭାବକ ନିଜର ପୁଅଝିଅକୁ ଛାଡ଼ିଥିବା କହିଛନ୍ତି। ଅନ୍ୟପକ୍ଷ ଜିଲାରେ ଚର୍ଚ୍ଚା ହେଉଛି ଜିଲ୍ଲାର ବିଭିନ୍ନ ସେବଶ୍ରମ ବିଦ୍ୟାଳୟ ଅଛି ହେଲେ ଶିକ୍ଷକ ଅଭାବ ବୋଲି ଚର୍ଚ୍ଚା ହୁଏ। ଆଜିକାଲୀ ସେବାଶ୍ରମ ମାନଙ୍କରେ ଛାତ୍ରଛାତ୍ରୀ ମାନେ ଶିକ୍ଷାଲାଭ କରିବା ପାଇଁ ଛାତ୍ରଛାତ୍ରୀ ଅଧିକ ସଂଖ୍ୟା ହଷ୍ଟେଲ ରେ ରହି ପାଠପଢିବାପାଇଁ ଇଚ୍ଛା ପ୍ରକାଶ ପାଉଥିବା ବେଳେ ସେବାଶ୍ରମ ବିଦ୍ୟାଳୟରେ ଶିକ୍ଷକ ଅଭାବ ଅଭିଯୋଗ ହେଉଛି। ଅଭିଯୋଗ ମୁତାବକ ନୂଆପଡା ବ୍ଲକ ଉପାନ୍ତ ମୋଟାନୂଆପଡା ପଞ୍ଚାୟତର କୁକୁରିମୁଣ୍ଡି ଗାଁରେ ଏକ ସେବାଶ୍ରମ ଖୋଲାଯାଇଛି ଏହି ସେବାଶ୍ରମରେ ୨୨୦ଜଣ ଛାତ୍ରଛାତ୍ରୀକୁ ମାତ୍ର ଦୁଇଜଣ ଶିକ୍ଷକ ଅଛନ୍ତି, ସେବାଶ୍ରମ ବିଦ୍ୟାଳୟରେ ପଠାପଢା ବାଧା ସୃଷ୍ଟି ହେଉଛି, ଏହି ସେବାଶ୍ରମ ବିଦ୍ୟାଳୟରେ ବର୍ଷବର୍ଷ ଧରି ଶିକ୍ଷକ ନଥିବା ଅଭିଯୋଗ ହେଉଥିଲା ହେଁ ବିଭାଗୀୟ କତୃପକ୍ଷ ନିଘା ନଥିଲା ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ସ୍ଥାନୀୟ ବାସୀ ଓ ଅଭିଭାବକମାନେ ପୂର୍ବରୁ ଶିକ୍ଷକ ନାହିଁ ନଥିବା ଜିଲ୍ଲାମଙ୍ଗଳ ଅଧିକାରୀଙ୍କୁ ବାରମ୍ବାର ଜଣାଇବା ସତ୍ତ୍ୱେ ବିଭାଗୀୟ ଶିକ୍ଷକ ନିୟୋଜିତ କରିପାରୁନଥିଲେ ସେବାଶ୍ରମ ବିଦ୍ୟାଳୟ ରେ ପାଠପଢା ବାଧାସୃଷ୍ଟି ହେଉଥିଲା ଛାତ୍ରଛାତ୍ରୀ ପାଠପଢା ରୁ ବଞ୍ଚିତ ହେଉଥିଲେ, ବିଦ୍ୟାଳୟରେ ଶିକ୍ଷକ ସମସ୍ୟା ଲାଗିରହିଥିଲା ଏନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶପାଇଥିଲା ଏନେଇ ଅଭିଭାବକ ମାନେ ଜିଲ୍ଲା ଆଦିବାସୀ ସଂଘକୁ ଜଣାଇଥିଲେ କୁକୁରିମୁଣ୍ଡି ସେବାଶ୍ରମ ବିଦ୍ୟାଳୟରେ ଏଭଳି ସମସ୍ୟା ରହିଛି ବୋଲି ଜଣାଇବାରୁ ସୋମବାର ଦିନ ଜିଲ୍ଲା ଆଦିବାସୀ ସଂଘର ସଭାପତି ଭାନୁପ୍ରାତପ ସିଂ ମାଝୀଙ୍କ ନେତୃତ୍ୱରେ ଅଭିଭାବକ ଓ ଅନ୍ୟ ମାନେ କୁକୁରିମୁଣ୍ଡି ସେବାଶ୍ରମ ବିଦ୍ୟାଳୟର ମୁଖ୍ୟ ଗେଟ କୁ ବନ୍ଦ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିକ୍ଷୋଭକାରି ମାନେ ସେବାଶ୍ରମ ବିଦ୍ୟାଳୟରେ ଶୀଘ୍ର ଶିକ୍ଷକ ନିୟୋଜିତ କରିବା ପାଇଁ ଜିଦରେ ଅଟଳ ଥିଲେ ପରେ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ସୂଚନା ଦିଆଗଲା ଏନେଇ ସୋମବାର ଦିନ ଜଣେ ଶିକ୍ଷକଙ୍କୁ ସେବାଶ୍ରମ ବିଦ୍ୟାଳୟ ରେ ନିୟୋଜିତ କରଗଲା କିଛି ଦିନ ପରେ ଆଉ ଏକ ଶିକ୍ଷକ ନିୟୋଜିତ କରାଯିବ ବୋଲି ଅଧିକାରୀ ମାନେ କହିଛନ୍ତି ବିକ୍ଷୋଭ ପ୍ରଦର୍ଶନ ସମୟରେ ସୁଧୀର ମିଶ୍ର ଭକ୍ତବନ୍ଧୁ ଧରୁଆ ସରପଞ୍ଚ ମୋତିଲାଲ ଉଜିର ବ୍ଲକ ଉପାଧକ୍ଷ ଦିଲୀପ ନିର୍ମଳକର ଭାନୁଦାସ ସହଦେଶ ମାଝୀ ନିରଂଜନ ମାଝୀ ସମେତ ଅଭିଭାବକ ଓ ଗ୍ରମବାସୀ ପ୍ରମୁଖ ସାମିଲ ଥିଲେ।



# ସିପିଆଇଏମ୍‌ର କର୍ମୀ ସମ୍ମିଳନୀ

**ଖୋର୍ଦ୍ଧା (ଅମୃତ ମିଡିଆ) :** ଭାରତର କମ୍ୟୁନିଷ୍ଟ ପାର୍ଟି(ସିପିଆଇ-ଏମ) ଖୋର୍ଦ୍ଧା ଜିଲା ପକ୍ଷରୁ ସିଆଇଟିୟୁ କାର୍ଯ୍ୟାଳୟ ପରିସରରେ ଏକ ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୬ ତାରିଖ ଦେଶବ୍ୟାପୀ ହେବାକୁ ଥିବା ଧର୍ମଘଟ ସମ୍ପର୍କରେ ଆଲୋଚନା ହୋଇଥିଲା। ଚଳିତ ୨୦୨୪ ନିର୍ବାଚନରେ ଭାଜପା ସରକାରକୁ ପରାସ୍ତ ପାଇଁ ନିଷ୍ପତି ନିଆଯାଇଛି। ଦେଶର ସଙ୍ଘୀୟ ବ୍ୟବସ୍ଥା, ସମ୍ବିଧାନ, ଗଣତାନ୍ତ୍ରିକ ଅଧିକାର, ସୁରକ୍ଷା, ଧର୍ମନିରପେକ୍ଷତା ସୁରକ୍ଷା ପାଇଁ ଦେଶବ୍ୟାପୀ ଧର୍ମଘଟ ଡାକରା ଦିଆଯାଇଛି। ଜନସାଧାରଣଙ୍କ ଉପରେ ଉପରେ ଆର୍ଥୀକ ବୋଝ ବଢିଚାଲିଛି। ତୈଳ ଉପରୁ ଟିକଟ ଛାଡ, ବିଦ୍ୟୁତ କ୍ଷେତ୍ରରେ ପ୍ରିପେଡ ମିଟର, ଠିକା ନିଯୁକ୍ତି ବନ୍ଦ ତଥା ବେକାର ଯୁବକଯୁବତୀଙ୍କୁ ନିଯୁକ୍ତି, ଜୀବିକା ମିଶନରେ ଆଶା, ଅଙ୍ଗନବାଡି ଓ କର୍ମଚାରୀଙ୍କୁ ସ୍ଥାୟୀ, ବ୍ୟାଙ୍କ ମିତ୍ର ଓ ସଖୀଙ୍କୁ ଶ୍ରମିକ ମାନ୍ୟତା ପ୍ରଭୃତି ଦାବି ନେଇ ଆଗାମୀ ଧର୍ମଘଟକୁ ସଫଳ ପାଇଁ ଆହ୍ୱାନ ଦିଆଯାଇଛି। ଏହି ସମ୍ମିଳନୀରେ ଗିରିଶ ଚନ୍ଦ୍ର ମହାରଣା ସଭାପତିତ୍ୱ କରିଥିଲେ। ସିଆଇଟିୟୁ ରାଜ୍ୟ ସଭାପତି ଜନାର୍ଦ୍ଦନ ପତି, ଓଡ଼ିଶା କୃଷକ ସଭା ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, ବାମପନ୍ଥୀ ନେତା ଅନନ୍ତ ମଙ୍ଗରାଜ, କୃଷକ ସଭା ଜିଲା ସମ୍ପାଦକ ସାରଙ୍ଗଧର ବେହେରା, ଶ୍ରମିକ ୟୁନିୟନ ସମ୍ପାଦକ ଯୋଗେନ୍ଦ୍ର ଦାସ, ଦୂର୍ଗା ପ୍ରସାଦ ସ୍ୱାଇଁ, ଦେବେନ୍ଦ୍ର ରାଉତ, ବାବୁ କିଶୋର ମାର୍ଥା, କୈଳାଶ ବଳିଆରସିଂ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ସମାଲୋଚନା କରିଥିଲେ।

# ବିଭିନ୍ନ ଦାବିନେଇ ଡାକ୍ତରୀ ଛାତ୍ରଛାତ୍ରୀ ଆନ୍ଦୋଳନରେ ବସିଲେ




**ଚୌଦ୍ୱାର (ଅମୃତ ମିଡିଆ) :** କଟକ ଜିଲ୍ଲା ଟାଙ୍ଗୀରେ ଥିବା ଡ୍ରିମସ ବିଶ୍ୱବିଦ୍ୟାଳୟରେ ଫିଜିଓ ଥେରାପି କଲେଜରେ ବିଭିନ୍ନ ଦାବିନେଇ ଡାକ୍ତରୀ ଛାତ୍ର ଛାତ୍ରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବହୁ ଡୋନେସନ ଦେଇ ଗତ ୩ ବର୍ଷ ଧରି ପାଠ ପଢୁଥିଲେ ସୁଦ୍ଧା ସେଠାରେ ନାହିଁ ନଥିବା ଅସୁବିଧା ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି, ସେମାନଙ୍କ କଥା ଅନୁସାରେ କଲେଜରେ ଥିବା ଭଲ ଫାକଲଟିଙ୍କୁ ଚାକିରିରୁ ବାହାର କରୁଛନ୍ତି, ପ୍ରାରମ୍ଭରୁ ପ୍ଲେସମେଣ୍ଟ ପ୍ରତିଶ୍ରୁତି ଦେଇଥିଲେ କିନ୍ତୁ ସେଭଳି କିଛି ଦେଖାଯାଉ ନାହିଁ। ଏଠାରେ କୌଣସି ଲ୍ୟାବର ସୁଯୋଗନାହିଁ, ଯାହା ଥିଲା ଅନ୍ୟ ବିଭାଗକୁ ସ୍ଥାନାନ୍ତର କରାଯାଇଛି। କୌଣସି ଡିଜିଟାଲ ଉପକରଣ ନାହିଁ, ଥ୍ରୀଡ଼ିରେ ପାଠ ପଢ଼ାଇବା ପରିବର୍ତ୍ତେ, କଳାପଟା ଓ ଛକରେ ଶିକ୍ଷା ଦାନ କରାଯାଉଛି। ବିଭାଗରେ ଗୋଟିଏ ଲ୍ୟାପଟପ ରହିଛି, ଶ୍ରେଣୀ ଗୃହର ଛାତରୁ ବର୍ଷା ଦିନରେ ପାଣି ଝରିବା ସହ ସରୀସୃପ ବାହାରୁଛନ୍ତି , ଲିଖିତ ଅସୁବିଧା ଜଣାଇବାରୁ ସେମାଙ୍କୁ ଧମକ ମିଳୁଛି ସେଥିପାଇଁ ସେମାନେ ଆନ୍ଦୋଳନକୁ ଆସିଛନ୍ତି। ଶାନ୍ତିପୂର୍ଣ ଭାବେ ଆନ୍ଦୋଳନ କରୁଥିଲେ ବି ସେମାନଙ୍କର ଖାଦ୍ୟ ବନ୍ଦ କରାଯାଇଥିବାର ସୂଚନା ଦେଇଛନ୍ତି।

# ପୁରାତନ ଛାତ୍ରଙ୍କ ବନ୍ଧୁମିଳନ



**ବାଲିଚନ୍ଦ୍ରପୁର (ଅମୃତ ମିଡିଆ) :** ବଡ଼ଚଣା ବ୍ଲକ ଅନ୍ତର୍ଗତ ବରାଦ ପଞ୍ଚାୟତ ସ୍ଥିତ ନିଗମାନନ୍ଦ ପ୍ରହଲାଦ ବିଦ୍ୟାପୀଠ ୧୯୯୭ ବ୍ୟାଚର ବନ୍ଧୁମାନଙ୍କର ସେହି ଗ୍ରାମ ସ୍ଥିତ ବେଲବଣରେ ଅନୁଷ୍ଠିତ ହୋଇଯାଇଛି। ଚନ୍ଦ୍ରଶେଖର ବେହୁରାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏ ବନ୍ଧୁମିଳନ ଉତ୍ସବରେ ଦୀର୍ଘ ୨୬ବର୍ଷ ପରେ ଦୂର ଦୁରାନ୍ତରୁ ବନ୍ଧୁମାନେ ଆସି ଏକତ୍ରୀତ ହେବା ସହ ପୁରୁଣା ସ୍ମୃତିର ରୋମନ୍ଥନ କରି ଭାବ ବିହ୍ୱଳ ହୋଇଥିଲେ ଆଗାମୀ ଦିନ ମାନଙ୍କରେ ପ୍ରତିବର୍ଷ ଏ ଭଳି କାର୍ଯ୍ୟକ୍ରମ ଚାଲୁରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି। ବନ୍ଧୁମିଳନ ସହ ବିବିନ୍ନ ପ୍ରକାରର ସାମାଜିକ କାର୍ଯ୍ୟକ୍ରମ କରିବାପାଇଁ ପରସ୍ପର ମଧ୍ୟରେ ସହମତି ପ୍ରକାଶ ପାଇଥିଲା। ନାରାୟଣ ପ୍ରସାଦ ଜେନା. ମନୋଜ କୁମାର ସାମଲ, ସନ୍ତୋଷ କୁମାର ରାଉତ, ବିଜୟ ସାମଲ, ଗୌତମ କୁମାର ସ୍ୱାଇଁ, ପ୍ରଶାନ୍ତ ତ୍ରିପାଠୀ, ଉମାଶଙ୍କର ପ୍ରଧାନ, ନରେନ୍ଦ୍ର କୁମାର ସାମଲ, ଶ୍ରୀକାନ୍ତ ଭୂୟା, ଜୟପ୍ରକାଶ ସାହୁ, ସନ୍ତୋଷ ପୃଷ୍ଟି, ଭାଗବାନ ପତି, ରଣଜିତ୍ ସାମଲ, ଅମିତ କୁମାର ସାମଲ, ରଶ୍ମୀରଞ୍ଜନ ଖଟୁଆ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ଅବକାରୀ ବିଭାଗର ଚଢଉ
## ଅଭିଯୁକ୍ତ କୋର୍ଟଚାଲାଣ



**ବେତନଟୀ (ଅମୃତ ମିଡିଆ) :** ବେତନଟୀ ଅବକାରୀ ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଚୋରାଦେଶୀ ମଦ ଜବତ କରିବା ସହିତ ଏହି ବେଆଇନ କାରବାରରେ ଜଡିତ ଥିବା ଅଭିଯୁକ୍ତମାନଙ୍କୁ ଗିରଫ କରି ଅବକାରୀ ଥାନା କୋର୍ଟ ଚାଲାଣ କରିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଦହିକୋଟୀ ପଞ୍ଚାୟତ ଅଧୀନ ଖମାରୀ ଗ୍ରାମର ଧନଞ୍ଜୟ ମହାନ୍ତ। ତାଙ୍କ ନିକଟରୁ ୯ ଲିଟର ମଦ ଜବତ ହୋଇଛି। ଅନ୍ୟ ଅଭିଯୁକ୍ତ ବୈଶିଙ୍ଗା ଅଞ୍ଚଳର ଅଜାଡି ହ ଗ୍ରାମର ଆରତୀ ସିଂ ଓ ତାଙ୍କ ନିକଟରୁ ୨୧ ଲିଟର ଏବଂ ବୈଶିଙ୍ଗା ଉପକଣ୍ଠ ପଦ୍ମପୁର ଗ୍ରାମର କୁନି ସିଂଙ୍କ ନିକଟରୁ ୧୭ଲିଟରଚୋରାଦେଶିମଦ ଜବତ କରାଯାଇଛି। ଏନେଇ ତିନିଗୋଟି ପୃଥକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରି କୋର୍ଟ ଚାଲାଣ କରାଯାଇଛି। ତେବେ କୁନି ଏବଂଧନଞ୍ଜୟ କୁ ଜାମିନ ମିଳିଯାଇଥିବାବେଳେଆରତୀ କୁଜାମିନ ନମିଳିବାରୁ ବାରିପଦାସ୍ଥିତ ବିଚାରବିଭାଗୀୟ ହାଜତକୁ ପଠାଇଦିଆଯାଇଛି। ଅବକାରୀ ଥାନା ଅଧିକାରୀ ପ୍ରକାଶ ସାହୁଙ୍କ ନେତୃତ୍ୱରେ ଏଏସଆଇ ସୁଧାଂଶୁବେହେରା, ଏ ଏସଆଇଦୀପିକା ପରିଡା, କାଶିନାଥ ସୋରେନ, ବ୍ରହ୍ମ ଜିତ ଦାଶ ପ୍ରମୁଖ ସାମିଲ ଥିଲେ।

# ପୌର ମୁକ୍ତା ଯୋଜନାରେ ଦୁର୍ନୀତି
## ଘେରିଲେ ୪ଟି ୱାର୍ଡର ମହିଳା, ଦେଲେ ଦାବିପତ୍ର



**ଚୌଦ୍ୱାର (ଅମୃତ ମିଡିଆ) :** କଟକ ଜିଲ୍ଲା ଚୌଦ୍ୱାର ପୌରପାଳିକାରେ ମୁକ୍ତା ଯୋଜନାରେ ଚାଲିଥିବା ଦୁର୍ନୀତି କୁ ନେଇ ଚାଲିଛି ମହିଳାଙ୍କ ଘେରା ବନ୍ଦୀ, ସମସ୍ତ ନିୟମକୁ ଜଳାଞ୍ଜଳି ଦେଇ ନିଜର ପସନ୍ଦର ମହିଳା ଗୋଷ୍ଠୀଙ୍କୁ ଠିକା କାମ ଦେଇ ସେଠାରୁ ପାଉଣା ପାଇବା ଆଶାରେ ଚାଲିଛି ଅନିୟମିତତା, ଗତ ୪ ଦିନ ତଳେ ୨ନମ୍ବର ୱାର୍ଡ ର ସ୍ୱ ଜାଗ୍ରତ ମହାସଂଘ କୁ ଟେଣ୍ଡରରେ ହେଲା ବୋଲି କହି ପରେ ମନ କରିଥିଲେ। ଆଜି ୪ଟି ୱାର୍ଡର ୫ଟି ମହିଳା ଗୋଷ୍ଠି ଙ୍କୁ ଅଣଦେଖା କରିବା ଓ ନିଜ ନିୟମକୁ ବଦଳାଇ ଅନ୍ୟକୁ ସହାୟତା କରିବା ଘଟଣାକୁ ବିରୋଧ କରି ଘେରିଥିଲେ ମହିଳା, ଘଟଣା ସ୍ଥଳରେ ଅଧକ୍ଷା ପହଂଚି ବୁଝାଇଥିଲେ ସୁଦ୍ଧାମହିଳାଙ୍କ ପ୍ରଶ୍ନରେ ଅଧକ୍ଷା ଚୁପ ହୋଇଯାଇଥିଲେ ପଟବର୍ତ୍ତୀ ସମୟରେ ସେହି ୱାର୍ଡର କାଉନସିଲର ମାନେ ଆସି ମହିଳାଙ୍କ ସହିତ ଯୁକ୍ତିତର୍କ କରିଥିଲେ ଫଳରେ ସେଠାରେ ହଂଗାମା ହୋଇଥିଲା, ନିର୍ବାହୀ ଅଧିକାରୀ ଦାବିପତ୍ର ଗ୍ରହଣ କରିଥିଲେ। ସବୁ ନିୟମ ମଧ୍ୟରେ ଚାଲିଛି ବୋଲି କହିଥିଲେ। ଅନ୍ୟପକ୍ଷରେ ନ୍ୟାୟ ନମିଳିଲେ ମହିଳାମାନେ ଅଦାଲତକୁ ଯିବେ ବୋଲି ଜଣାପଡିଛି। ଏହି କାର୍ଯ୍ୟକ୍ରମରେ ସିଲିସେଠୀ, ସ୍ୱର୍ଣ୍ଣଲତା ସ୍ୱାଇଁ, ସୁଲଚନା ପ୍ରଧାନ, ସମେତ ବହୁ ମହିଳା ଥିଲେ।

# ମା’ ବଘେଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ଯାଆଁଳା ବିଜୟୀ

**ଖୋର୍ଦ୍ଧା (ଅମୃତ ମିଡିଆ) :** ଖୋର୍ଦ୍ଧା ବ୍ଲକ କାଇପଦର ପଂଚାୟତ ଅନ୍ତର୍ଗତ ଦେଉଳଟାଙ୍ଗି ମା ବଘେଇ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟାରେ ଚାଲିଥିବା ଟି-୧୦ କ୍ରିକେଟ ଟୁର୍ଣ୍ଣାମେଂଟ ୨ୟ ଦିବସରେ ଯାଁହାଳା ବିଜୟୀ ହୋଇଛି। ମଙ୍ଗଳବାର ସ୍ଥାନୀୟ ଖେଳପଡିଆରେ ଆୟୋଜିତ ମ୍ୟାଚରେ ଯାଁହାଳା ଓ ଲୋଣ୍ଡୋ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ ଜିଣି ଯାଁହାଳା ଦଳ ବ୍ୟାଟି କରି ନିର୍ଦ୍ଧାରିତ ଓଭରରେ ଖେଳି ୪ଉଇକେଟ ବିନିମୟରେ ୧୧୭ ରନ କରିଥିଲା। ଦଳ ପକ୍ଷରୁ ଅଭିମନ୍ୟୁ ସ୍ୱାଇଁ ୨୧ ବଲରୁ ୬୯ ରନ ସଂଗ୍ରହ କରିଥିଲେ। ଲୋଣ୍ଡୋ ଦଳର ଆକାଶ କୁମାର ୨ ଓଭର ବୋଲିଂ କରି ୩ ଉଇକେଟ ନେଇଥିଲେ। ଏହାର ଜବାବରେ ଲୋଣ୍ଡୋ ୪ଉଇକେଟ ହରାଇ ୫୧ରନ କରିଥିଲା। ଯାଁହାଳା ୬୬ ରନ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଅଭିମନ୍ୟୁ ସ୍ୱାଇଁ ୬୯ ରନ ସହ ଗୋଟିଏ ଉଇକେଟ ନେଇ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଶ୍ୱାଶତ ରଞ୍ଜନ ଜେନା ଓ ଗୋପିନାଥ ମାଝି ମ୍ୟାଚ ଏମ୍ପାରିଙ୍ଗ କରିଥିବା ବେଳେ ସ୍କୋରରେ ସନ୍ତୋଷ ଜେନା, ଭାଷ୍ୟକାରରେ ଶ୍ରଦ୍ଧାନନ୍ଦ ପ୍ରଧାନ ପ୍ରମୁଖ ଦାୟିତ୍ୱରେ ରହିଥିଲେ। ଆଜିର ଅତିଥି ଭାବେ ସୁଶାନ୍ତ କୁମାର ନାୟକ, ଶ୍ୟାମ ସୁନ୍ଦର ଜେନା, ଝଜ ସାମନ୍ତରାୟ, ନାଏବ ସରପଂଚ ସୌମ୍ୟରଞ୍ଜନ ସ୍ୱାଇଁ, ମହେଶ୍ୱର ମହାପାତ୍ର ଯୋଗଦେଇଥିଲେ।

# ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ



**ଦଶରଥପୁର (ଅମୃତ ମିଡିଆ) :** ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ଅଧିନସ୍ଥ କଟିକଟା ପଂଚାୟତରେ ଆମ ଓଡିଶା ନବୀନ ଓଡିଶା ଯୋଜନା ଅନ୍ତର୍ଗତ ପଞ୍ଚାୟତ ସ୍ତରୀୟ ସଚେତନା ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନା ଶିବିର ମୁଖ୍ୟଅତିଥି ଭାବେ ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣାଟ କେଶରୀ ଦାସ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ୍ ଅଧକ୍ଷ ଦିଗାମ୍ବର ମଲ୍ଲିକ, ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ର ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ ଆୟୋଜିତ ସଭା କଟିକଟା ସେବା ସମବାୟ ସମିତିର ସଭାପତି ନାରାୟଣ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିବା ବେଳେ ସ୍ଥାନୀୟ ସରପଞ୍ଚ କଞ୍ଚନବାଳା ପରିଡା ଓ ଯୁବନେତା ଜ୍ୟୋତିରଞ୍ଜନ ପରିଡା ପ୍ରମୁଖ ଯୋଗଦାନ କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଅଭିଜ୍ଞ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଆଧାର କରିଦେଇଛି ସବୁ ଅନ୍ଧାର
## ଗୋଟିଏ ଗ୍ରାମରେ ଶତାଧିକ ଲୋକ ଚାଉଳ ଓ ବିଜୁ ସ୍ୱାସ୍ଥ୍ୟକାର୍ଡ଼ରୁ ବଂଚିତ



**ବାରିପଦା /ଉଦଳା (ଅମୃତ ମିଡିଆ) :** ୟେ ହେଉଛି ଉଦଳା ବ୍ଲକର ନୂଆଗାଁ ପଂଚାୟତ ଅନ୍ତର୍ଗତ ଡୁଙ୍ଗୁରୁଡ଼ିହି ଗ୍ରାମର ଦୃଶ୍ୟ । ଏହି ଗ୍ରାମର ପ୍ରାୟ ଏକ ଶହରୁ ଉର୍ଦ୍ଧ ଲୋକଙ୍କର ଆଧାର କାର୍ଡ଼ ନାହିଁ । ଫଳରେ ସରକାର ଖାଦ୍ୟ ଯୋଜନାରେ ମୁଣ୍ଡପିଛା ଯୋଗାଇ ଦେଉଥିବା ୫ କି.ଗ୍ରା ଚାଉଳ ଓ ବିଜୁ ସ୍ୱାସ୍ଥ୍ୟ କାର୍ଡ଼ ପାଇବାରୁ ଲୋକେ ବଂଚିତ ଅଛନ୍ତି । ଦିନେ କାମକୁ ନଗଲେ ଘରେ ଚୁଲି ଜଳୁ ନଥିବା ଏହି ସବୁ ଲୋକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଆଧାର କାର୍ଡ଼ ପାଇଁ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟକୁ ବାରମ୍ବାର ଯାଇ ଗୁହାରି ଜଣାଇଲେ ମଧ କେହି କର୍ଣ୍ଣପାତ କରୁନଥିବାର କଥା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ଏହି ଗ୍ରାମରେ ସ୍ୱତନ୍ତ୍ର ଶିବିର କରି ଆଧାର କାର୍ଡ଼ ଯୋଗାଇ ଦେବାକୁ ଗ୍ରାମର ବାସିନ୍ଦା ସୁନିଆ ହେମ୍ବ୍ରମ, ସାମିଆ ସୋରେନ ଓ ମାନକ ହେମ୍ବ୍ରମ ପ୍ରମୁଖ ଦାବି ଜଣାଇଛନ୍ତି ।

# ପିଏନ୍ କଲେଜରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

**ଖୋର୍ଦ୍ଧା (ଅମୃତ ମିଡିଆ) :** ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଛାତ୍ରୀ ମାନଙ୍କୁ ନେଇ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଏହି ଶିବିର ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ମହାବିଦ୍ୟାଳୟ ଅଧକ୍ଷା ଡ. ବିନୋଦିନୀ ମିଶ୍ରଙ୍କ ସଭାପତିତ୍ୱ କରି ଛାତ୍ରୀଙ୍କୁ ଦୃଢ ଆତ୍ମବିଶ୍ୱାସ ରଖିବାକୁ ପରାମର୍ଶ ଦେଇଥିଲେ। ପ୍ରାକ୍ତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଙ୍କୁ ସମାଜ ପ୍ରତି ସେବା ସମର୍ପଣ ଭାବ ରଖି ଆଗକୁ ବଢିବାକୁ ପରାମର୍ଶ ଦେଇଥିଲେ। ପ୍ରାଧ୍ୟାପକ ଶୁଭେନ୍ଦ୍ର ମହାନ୍ତି ଛାତ୍ରୀ ମାନଙ୍କୁ ଦାୟିତ୍ୱ ଓ କର୍ତବ୍ୟ ପ୍ରତି ସଚେତନ ହେବାକୁ କହିଥିଲେ। ସମାଜସେବାରେ ବ୍ରତୀ ହେବାକୁ ଆହ୍ୱାନ କରିଥିଲେ। ମହାବିଦ୍ୟାଳୟ ଉପାଧକ୍ଷ ପ୍ରଣବ ପ୍ରକାଶ ମହାନ୍ତି ନାରୀ ସ୍ୱାଧିନତା ଓ ଛାତ୍ରୀ ମାନଙ୍କ ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପିକା ସୁଧାଂଶୁମାଳା ରାଉତ ଶିବିର ସଂଯୋଜନା କରିଥିଲେ। ପ୍ରଶିକ୍ଷିକା ଭାବେ ଆସମା ବେଗମ, ଶୁଭସ୍ମିତା ମହାରଣା, ଲିପସା ପ୍ରଧାନ ଓ ଲିପିକା ବରାଡ, ଅନିତା ମହାପାତ୍ର ଯୋଗଦେଇ ଛାତ୍ରୀ ମାନଙ୍କୁ ବିଭିନ୍ନ ଆତ୍ମରକ୍ଷା କୌଶଳ ଶିକ୍ଷା ଦେଇଥିଲେ। ବହୁ ସଂଖ୍ୟାରେ ଛାତ୍ର ଯୋଗଦେଇଛନ୍ତି।

# ଘୁମୁସର ଜିଲ୍ଲା ଗଠନ ଦାବି ନେଇ ଗର୍ଜିଲା ଘୁମୁସର ତାଲୁକ ରଜକ ସମାଜ



**ଭଞ୍ଜନଗର (ଅମୃତ ମିଡିଆ) :** ଘୁମସର ଜିଲ୍ଲା ଗଠନ ଦାବି କୁ ଯଥାର୍ଥ ଦର୍ଶାଇ ଘୁମୁସର ତାଲୁକା ରଜକ ସମାଜ ପକ୍ଷରୁ ମଙ୍ଗଳବାର ଭଞ୍ଜନଗର ସହରରେ ଏକ ବିଶାଳ ଶୋଭାଯାତ୍ରା ବାହାର କରାଯାଇଥିବା ଦେଖିବାକୁ ମିଳିଥିଲା। ଏଥିରେ ନୂତନ ଘୁମୁସର ଜିଲ୍ଲା ଗଠନ ପାଇଁ ଗର୍ଜିଲା ରଜକ ସମାଜ। ପ୍ରାୟ ୧ କିମି ବ୍ୟାପି ବିରାଟ ଶୋଭାଯାତ୍ରା ରେ ରଜକ ସମାଜ ର ଭାଇ ଭଉଣୀ ମାନେ ଜିଲ୍ଲା ଗଠନ ର ନାରା ଦେଇ ସାରା ସହର ପରିକ୍ରମା କରିଥିଲେ। ଘୁମୁସର ଜିଲ୍ଲା ଗଠନ ଦାବି ୧୯୯୦ ଦଶକର ହୋଇଥିବା ବେଳେ ସମସ୍ତ ପ୍ରକାରର ଭିତ୍ତିଭୂମି ସତ୍ୱେ ଏହାକୁ ଅଣଦେଖା କରାଯାଉଥିବା ରଜକ ସମାଜ ଅଭିଯୋଗ କରିଛି। ଦାସ କମିଶନ ସୁପାରିଶ ଆଧାରରେ ତତ୍କାଳୀନ ଗଞ୍ଜାମ ଜିଲ୍ଲାପାଳ ଭି କେ ପାଣ୍ଡିଆନ୍ ଘୁମୁସର ଜିଲ୍ଲା ଗଠନର ଯଥାର୍ଥତା ରହିଥିବା ନେଇ ରାଜ୍ୟ ସରକାର ଙ୍କୁ ସୁପାରିସ କରିଥିଲେ। ଘୁମୁସର ଏକ ବିଶାଳ ଭୂଖଣ୍ଡ। ଅତୀତରେ ଏହା ଏକ ବିରାଟ ରାଜ୍ୟ ଥିଲା। ଏହି ଗଡ଼ଜାତ ରାଜ୍ୟ ର ସୁରକ୍ଷା ସହ ବ୍ରିଟିଶ ବିରୋଧୀ ଆଭିମୁଖ୍ୟ ନେଇ ସେତେବେଳେ ଦୋହରା ବିଷୋୟୀ ଓ ବୀର ଚକରା ବିଷୋୟୀ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଆରମ୍ଭ କରିଥିଲେ। ଏବେ ଅତୀତ ର ଘୁମୁସର ଭାଗ ଭାଗ ହୋଇ ନୂତନ କନ୍ଧମାଳ ଜିଲ୍ଲା ଗଠନ ହୋଇଛି। ତେବେ ଏବେବି ଘୁମସର ଉପଖଣ୍ଡ କୁ ଜିଲ୍ଲା ଘୋଷଣା କରାଯାଉନାହିଁ। ଏହାଦ୍ୱାରା ଗୋଟିଏ ବିରାଟ ଅଞ୍ଚଳର ଜନସାଧାରଣ ଙ୍କ ପ୍ରତି ରାଜ୍ୟ ସରକାର ଅନ୍ୟାୟ କରୁଛନ୍ତି। ରାଜ୍ୟ ସରକାର ଲୋକଙ୍କୁ ଘରର ଦ୍ୱାର ଦେଶରେ ନ୍ୟାୟ ଦେବାକୁ କହୁଥିଲା ବେଳେ ଘୁମସର ଜିଲ୍ଲା ଗଠନ ଦାବି କୁ କାଳ କ୍ଷେପଣ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବେଲି ଘୁମୁସର ତାଲୁକା ରଜକ ସମାଜ ପକ୍ଷରୁ କୁହାଯାଇଛି। ଏଣୁ ଘୁମୁସର ଜିଲ୍ଲା ଗଠନ ଦାବି ଯଥାର୍ଥ ଓ ସରକାର ଅବିଳମ୍ବେ ଏହାକୁ ଜିଲ୍ଲା ଘୋଷଣା କରିବାକୁ ରଜକ ସମାଜ ପକ୍ଷରୁ ଦାବି କରାଯାଇଛି। ଘୁମୁସର ତାଲୁକା ରଜକ ସମାଜ ପକ୍ଷରୁ ନାରାୟଣ ସେଠୀଙ୍କ ଆବାହକତ୍ୱ ରେ ମଙ୍ଗଳବାର ଭଞ୍ଜନଗର ସହରରେ ଏକ ବିଶାଳ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ସମାଜ ର ସଭାପତି ଡମ୍ବରୁଧର ସେଠୀ, କାର୍ଯ୍ୟକାରୀ ସଭାପତି ରମେଶ ଚନ୍ଦ୍ର ବେହେରା, ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ସେଠୀ, ଉପସଭାପତି ତରଣୀସେନ ସେଠୀ, ଯୋଗେନ୍ଦ୍ର ସେଠୀ,ଅରୁଣ ସେଠୀ, ସମ୍ପାଦକ ରାମଚନ୍ଦ୍ର ସେଠୀ, ବିନୋଦ ସେଠୀ, ନିଳାଞ୍ଚଳ ସେଠୀ, ମୋଚନ ଚରଣ ସେଠୀ ଓ ସନ୍ତୋଷ କୁମାର ସେଠୀ ଙ୍କ ନେତୃତ୍ୱରେ ଘୁମୁସର ତାଲୁକା ରଜକ ସମାଜ ର ବିଭିନ୍ନ ମୁଠା ରୁ ଶହ ଶହ ସଂଖ୍ୟା ରେ ମହିଳା ଓ ପୁରୁଷ ସାମିଲ ହୋଇଥିଲେ। ଶୋଭାଯାତ୍ରା ରଜକ ସମାଜ କାର୍ଯ୍ୟାଳୟ ରୁ ବାହାରି ବାଉଁଶ ଲୁଣ୍ଡି, ଶଙ୍ଖ ସାହି ଦେଇ ସହରର ମୁଖ୍ୟ ରାସ୍ତା, ରେଡକ୍ରସ ରୋଡ, ଷ୍ଟେଟ ବ୍ୟାଙ୍କ ଛକ ଦେଇ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ସେଠାରେ ରଜକ ସମାଜ ପକ୍ଷରୁ ଉପଜିଲ୍ଲାପାଳ ଅନୀଲ କୁମାର ସେଠୀ ଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଆବାହକ ନାରାୟଣ ସେଠୀ ସମସ୍ତଙ୍କ ଯୋଗଦାନ ସହ କାର୍ଯ୍ୟକ୍ରମ କୁ ସଫଳ ରୂପାୟନ ଦେଇଥିବାରୁ ଶୋଭାଯାତ୍ରା ରେ ଅଂଶ ଗ୍ରହଣ କରିଥିବା ତାଲୁକ ରଜକ ସମାଜ ର ସମସ୍ତ ଭାଇ ଭଉଣୀ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ୨ରୁ ...
ଓଡ଼ିଶାରେ ରାତି ତାପମାତ୍ରା ୩ରୁ ୭ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇଥିଲା । ସେହିପରି ଆଗାମୀ ୩ ଦିନ ଯାଏ ରାଜ୍ୟରେ ରାତ୍ରି ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ। ତେବେ ପରବର୍ତ୍ତୀ ୨ ଦିନ ମଧ୍ୟରେ କିଛି ସ୍ଥାନରେ ତାପମାତ୍ରା ୨ରୁ ୩ ଡିଗ୍ରୀ ହ୍ରାସ ଘଟିବାରେ ସମ୍ଭାବନା ରହିଛି।

### ବହୁ ...
ଗିରଫ କରିଥିଲା। ଏହି ମାମଲାରେ ଜଣେ ଅଭିଯୁକ୍ତକୁ ଗିରଫ କରିଥିଲା। କୋର୍ଟଙ୍କ ରାୟ ଆସିବା ପରେ ପରୀର ମାଆ କହିଛନ୍ତି, ଏଥିରେ ସେ ଜମାରୁ ଖୁସି ନାହାନ୍ତି। ଆମକୁ ଆଦୌ ନ୍ୟାୟ ମିଳିନି। ଗୋଟିଏ ନିର୍ଦ୍ଦୋଷକୁ ଧରି ସଜା ଦେଇଦେଲେ। ମୋ ଛୁଆକୁ ମାରିଦେଲେ। ଆଉ ଜଣଙ୍କ ଜୀବନ ବରବାଦ କରିଦେଲେ। ବାବୁଲି ନାଏକ ମୋ ଛୁଆକୁ ମାରିଛି। ହତ୍ୟାକାଣ୍ଡରେ ଅରୁଣ ସାହୁଙ୍କ ହାତ ଅଛି। ଗରିବ ବୋଲି ସେମାନେ ଆମକୁ ମଣିଷ ଭାବୁନାହାନ୍ତି। ଆମ ପାଖରେ ସମ୍ବଳ ନାହିଁ, କେବଳ ଧର୍ମରେ ଅଛୁ।ଯଦି ସୁଯୋଗ ମିଳେ, ତେବେ ସ୍ୱର ଉଠାଇବି ବୋଲି ପରୀର ମାଆ କହିଛନ୍ତି।

### ମୁଖ୍ୟମନ୍ତ୍ରୀ ...
ହଜାରରୁ ୮୦ ହଜାରକୁ ବୃଦ୍ଧି କରା ଯାଇଛି । ଏହା ଦ୍ୱାରା ରାଜ୍ୟର ଆଉ ୩୦ ହଜାର କଳାକାର ଏଥିରେ ଉପକୃତ ହେବେ । ଆମର ଲୋକକଳା ଗୁଡିକ ଆମ ଜାତିର ଅସ୍ମିତା ଅଟନ୍ତି ଏବଂ କଳାକାର ମାନେ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାରକ ତଥା ବାର୍ତ୍ତାବହ ଅଟନ୍ତି । ଏହି ଯୋଜନାରେ ଅଧିକ କଳାକାର ଙ୍କୁ ସାମିଲ କରାଯିବା ଯୋଗୁଁ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଅନେକ କଳାକାରମାନେ ଉତ୍ସାହିତ ଓ ଉପକୃତ ହେବେ । ଏହା ଦ୍ୱାରା ଆମର କଳାର ସଂରକ୍ଷଣ, ବିକାଶ, ପ୍ରଚାର ଓ ପ୍ରସାର ହେବା ସହିତ ଓଡ଼ିଶାର କଳା ଓ ସଂସ୍କୃତିକୁ ଋଦ୍ଧିମନ୍ତ କରିବ ।

### ବଜେଟ୍ ...
ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ମଙ୍ଗଳବାର କହିଛନ୍ତି, ରାଜ୍ୟ ସରକାରଙ୍କ ୪୧ ବିଭାଗରେ ୯୮ ହାଜର ୩୪୮ ପଦବି ଖାଲି ପଡ଼ିଛି ।ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ଶ୍ରୀ ଘଡ଼େଇ କହିଛନ୍ତି, ସ୍ୱାସ୍ଥ୍ୟ ବିଭାଗର ୨୬ ହାଜର ୮୧୫ ପଦବି ଖାଲି ପଡ଼ିଛି। ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗରେ ୨୧ ହାଜର ୮୪୪ ପଦବି ଖାଲି ପଡ଼ିଛି। ଗୃହ ବିଭାଗରେ ମଧ୍ୟ ୭ ହାଜର ୩୧୫ ପଦବି ଖାଲି ପଡ଼ିଛି। ସେହିପରି ରାଜସ୍ୱ ଏବଂ ବିପର୍ଯ୍ୟୟ ପ୍ରଶମନ ବିଭାଗରେ ୫ ହାଜର ୮୨୯ ପଦବି ଖାଲି ରହିଛି। ଉଚ୍ଚଶିକ୍ଷା ବିଭାଗରେ ୩ ହାଜର ୭୭୭ ପଦବି ଖାଲି। କୃଷି ବିଭାଗର ୨ ହାଜର ୮୨୧ ପଦବି ଖାଲି ପଡ଼ିଛି।



# ସୋନମଙ୍କ ବିଲାସପୂର୍ଣ୍ଣ ଘର

ବଲିଉଡର ଲୋକପ୍ରିୟ ଅଭିନେତ୍ରୀ ସୋନମ କପୁର ବିଳାସପୂର୍ଣ୍ଣ ଜୀବନ ଶୈଳୀ ପାଇଁ ସମ୍ବାଦରେ ଅଧିକ ଥାଆନ୍ତି । ମହଙ୍ଗା ପୋଷାକ, କାର କିମ୍ବା ଘର ହେଉ, ସେ ପ୍ରତିଦିନ ନିଜର ବିଳାସପୂର୍ଣ୍ଣ ଜୀବନ ଶୈଳୀକୁ ତାଙ୍କ ପ୍ରଶଂସକଙ୍କୁ ଦେଖାଇଥାନ୍ତି । ଏବେ ସୋନମ୍ ତାଙ୍କ ଦିଲ୍ଲୀ ଘରର ଝଲକ ନିଜ ପ୍ରଶଂସକ ମାନଙ୍କୁ ସାମାଜିକ ଗଣମାଧ୍ୟମରେ ଦେଖାଇଛନ୍ତି । କେବଳ ଦିଲ୍ଲୀ ନୁହେଁ ସୋନମ୍‌ଙ୍କର ମୁମ୍ବାଇ ଏବଂ ଲଣ୍ଡନରେ ମଧ୍ୟ ବିଳାସପୂର୍ଣ୍ଣ ଘର ଅଛି । ସେ ମୁମ୍ବାଇ ଏବଂ ଲଣ୍ଡନକୁ ଲଗାତାର ଯିବାଆସିବା କରୁଥିବା ବେଳେ କେବେ କେବେ ଦିଲ୍ଲୀ ଘରେ ମଧ୍ୟ ସମୟ ବିତାଇଥାନ୍ତି । ସେ ନିଜ ବିଳାସପୂର୍ଣ୍ଣ ଘରର ଫଟୋ ମଧ୍ୟ ଶେୟାର କରିଛନ୍ତି । ଏହି ପାର୍ଟିର ଆୟୋଜନରେ ତାଙ୍କୁ ସହଯୋଗ କରିଥିବାରୁ ସେ ତାଙ୍କର ସହଯୋଗୀମାନଙ୍କୁ ଧନ୍ୟବାଦ ଦେଇଛନ୍ତି । ସେହିପରି ନିଜେ ପିନ୍ଧିଥିବା ବିଶେଷ ଡିଜାଇନର ପୋଷାକ ପାଇଁ ସେ ତାଙ୍କ ବନ୍ଧୁ କୁନାଲ ରାୱାଲଙ୍କୁ ଧନ୍ୟବାଦ ଦେଇଛନ୍ତି । ଏହା ତାଙ୍କର ପ୍ରିୟ ପୋଷାକ ହୋଇଥିବା ସେ ନିଜ ପ୍ରଶଂସକଙ୍କୁ ଜଣାଇଥିଲେ । ସେହିପରି ସାମାଜିକ ଗଣମାଧ୍ୟମରେ ଅଭିନେତ୍ରୀ ତାଙ୍କ ଡାଇନିଂ ଟେବୁଲର ଝଲକ ଦେଖାଇଛନ୍ତି । କାଠରେ ତିଆରି ଏହି ଡାଇନିଂ ଟେବୁଲକୁ ମହମବତି, ରୂପା ହାତୀ ମୂର୍ତ୍ତି ଏବଂ ନାଲି ପତ୍ର ସହିତ ସଜାଯାଇଛି । ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ ଦିଲ୍ଲୀର ପ୍ରୀତିରାଜ ରୋଡରେ ଅବସ୍ଥିତ ସୋନମ କପୁର ଏବଂ ତାଙ୍କ ସ୍ୱାମୀ ଆନନ୍ଦ ଆହୁଜାଙ୍କ ଏହି ବିଳାସପୂର୍ଣ୍ଣ ଘରର ମୂଲ୍ୟ ପ୍ରାୟ ୧୭୩ କୋଟି ଟଙ୍କା ।

# ୮ ବର୍ଷ ପରେ ଇଣ୍ଡିଆର ଜିମ୍ବାୱେ ଗସ୍ତ



**ନୂଆଦିଲ୍ଲୀ :** ଜିମ୍ବାୱେ ଓ ଭାରତ ମଧ୍ୟରେ ଜୁଲାଇ ମାସରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳାଯିବ । ୨୦୧୬ ଅର୍ଥାତ ୮ ବର୍ଷ ପରେ ଭାରତୀୟ ଦଳ ଜିମ୍ବାୱେ ଗସ୍ତ କରିବ । ୯ ଦିନରେ ଦୁଇ ଦଳ ମଧ୍ୟରେ ୫ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବ । ଟି-୨୦ ବିଶ୍ୱକପ୍ ସମାପ୍ତ ପରେ ଦଳର ଜିମ୍ବାୱେ ଗସ୍ତ ଆରମ୍ଭ ହେବ । ଜିମ୍ବାୱେ କ୍ରିକେଟ୍ ଓ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ ମଙ୍ଗଳବାର ଘୋଷଣା କରିଛନ୍ତି ଯେ, ପାଞ୍ଚ ମ୍ୟାଚ୍‌ର ଟି-୨୦ ସିରିଜ୍ ଜୁଲାଇ ୬ରୁ ୧୪ ତାରିଖ ମଧ୍ୟରେ ହରାରେରେ ଖେଳାଯିବ । ଉଲ୍ଲେଖନୀୟ ଜୁନ ୧ରୁ ଜୁନ ୨୯ ତାରିଖ ପର୍ଯ୍ୟନ୍ତ ଟି-୨୦ ବିଶ୍ୱକପ୍ ଖେଳାଯିବ । ନିଜ ପ୍ରେସ୍ ବିବୃତିରେ ଜିମ୍ବାୱେ କ୍ରିକେଟ୍ କହିଛି, ଦ୍ୱିପାକ୍ଷିକ ସମ୍ବନ୍ଧକୁ ଆହୁରି ମଜବୁତ କରିବା ଓ ଦୁଇ କ୍ରିକେଟ୍ ବୋର୍ଡ ମଧ୍ୟରେ ସହଭାଗିତାକୁ ଆହୁରି ଦୃଢ ଉଦ୍ଦେଶ୍ୟରେ ଏହି ସିରିଜ୍ ଖେଳାଯିବ । ଜିମ୍ବାୱେ କ୍ରିକେଟ୍ ଦଳର ଅଧ୍ୟକ୍ଷ ତୱେଙ୍ଗବା ମୁକୁହଲାନୀ କହିଛନ୍ତି, ଆମେ ଜୁଲାଇ ମାସରେ ଭାରତ ସହିତ ଟି-୨୦ ସିରିଜ୍ ଆୟୋଜନ ନେଇ ରୋମାଞ୍ଚିତ ଅଛୁ । ଭାରତ ପ୍ରଭାବରେ କ୍ରିକେଟ୍‌କୁ ସର୍ବଦା ଫାଇଦା ମିଳିଛି । ମୁଁ ପୁଣି ଥରେ ଜିମ୍ବାୱେ ଗସ୍ତ କରୁଥିବା ଭାରତୀୟ ଦଳ ସହ ବିସିସିଆଇକୁ ବହୁତ ବହୁତ ଧନ୍ୟବାଦ ଦେବାକୁ ଚାହୁଁଛି । ବିସିସିଆଇ ସଚିବ ଜୟ ଶାହ ମଧ୍ୟ ଏହାକୁ ନେଇ ଖୁସି ପ୍ରକାଶ କରିଛନ୍ତି । ସେ କହିଛନ୍ତି, ବିସିସିଆଇ ବିଶ୍ୱ କ୍ରିକେଟ୍ ସମୁଦାୟରେ ଯୋଗଦାନ ଦେବାରେ ସର୍ବଦା ଅଗ୍ରଣୀ ଭୂମିକା ନିଭାଇ ଆସିଛି । ଆମ ମତରେ ଏହା ଜିମ୍ବାୱେ ପାଇଁ ପୁନଃନିର୍ମାଣର ଯୁଗ । ଏହି ସମୟରେ ଜିମ୍ବାୱେ କ୍ରିକେଟ୍‌କୁ ଆମ ସମର୍ଥନ ଆବଶ୍ୟକତା ରହିଛି । ଚତୁର୍ଥ ଥର ଜିମ୍ବାୱେ ଭାରତ ବିପକ୍ଷରେ ଟି-୨୦ ଅନ୍ତର୍ଜାତୀୟ ସିରିଜ୍ ଆୟୋଜନ କରୁଛି । ଏହା ପୂର୍ବରୁ ୨୦୧୦, ୨୦୧୫ ଓ ୨୦୧୬ରେ ସିରିଜ୍ ଖେଳା ଯାଇଥିଲା ।

# ପ୍ଲେୟର ଅଫ ଦ ମନ୍ଥ ପାଇଁ ୩ ଖେଳାଳି ମନୋନିତ





**ନୂଆଦିଲ୍ଲୀ :** ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) ଫେବୃଆରୀ ୬ ମଙ୍ଗଳବାର ପୁରୁଷ ଖେଳାଳିଙ୍କ ପ୍ଲେୟର ଅଫ ଦ ମନ୍ଥ ଆୱାର୍ଡ ପାଇଁ ମନୋନୀତ ଖେଳାଳିଙ୍କ ନାମ ପ୍ରକାଶ କରିଛି । ଜାନୁଆରୀ ପାଇଁ ପ୍ଲେୟାର ଅଫ ଦ ମନ୍ଥ ପୁରସ୍କାର ପାଇଁ ମନୋନିତ ହୋଇଥିବା ଖେଳାଳିଙ୍କ ମଧ୍ୟରେ ଅଷ୍ଟ୍ରେଲିଆର ଦ୍ରୁତ ବୋଲର ଜୋସ ହାଜଲେଉଡ, ୱେଷ୍ଟଇଣ୍ଡିଜ ଯୁବ ଫାଷ୍ଟ ବୋଲର ଶାମର ଜୋସେଫ ଏବଂ ଇଂଲଣ୍ଡର ବ୍ୟାଟର ଓଲି ପୋପ ଅଛନ୍ତି । ୱେଷ୍ଟଇଣ୍ଡିଜ୍ର ଯୁବ ଦ୍ରୁତ ବୋଲର ଶାମର ଜୋସେଫ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜରେ ଡେବ୍ୟୁ କରିଛନ୍ତି । ଟେଷ୍ଟ ସିରିଜର ଦ୍ୱିତୀୟ ମ୍ୟାଚରେ ଅଷ୍ଟ୍ରେଲିଆର ଦ୍ୱିତୀୟ ଇନିଂସରେ ଶାମର ହଇଚଇ ସୃଷ୍ଟି କରିଥିଲେ । ବ୍ୟାଟିଂ ବେଳେ ଗୋଡରେ ଆଘାତ ଲାଗିଥିବା ସତ୍ତ୍ୱେ ଶାମର ବୋଲିଂ କରିବାକୁ ପଡ଼ିଆକୁ ଆସିଥିଲେ ଏବଂ ଅଷ୍ଟ୍ରେଲୀୟ ବ୍ୟାଟରଙ୍କ ନିଜ ହଜାଇ ୮ ରନରେ ବ୍ରିସବେନ୍‌ର ଗାବାରେ ୱେଷ୍ଟଇଣ୍ଡିଜକୁ ବିଜୟୀ କରିଥିଲେ । ସେ ନିଜର ଚମତ୍କାର ବୋଲିଂ ସହ ଗାବାରେ ଅଷ୍ଟ୍ରେଲିଆର ଗର୍ବ ଭାଙ୍ଗିଥିଲେ । ଏ୨ ମ୍ୟାଚ ଟେଷ୍ଟ ସିରିଜରେ ଶାମର ମୋଟ ୧୩ ଉଇକେଟ୍ ନେଇଥିଲେ । ତାଙ୍କର ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ତାଙ୍କୁ ପ୍ଲେୟାର ଅଫ ଦ ସିରିଜ ପୁରସ୍କାର ମଧ୍ୟ ଦିଆଯାଇଥିଲା । ଜାନୁଆରୀ ଅଷ୍ଟ୍ରେଲିଆର ତାରକା ଦ୍ରୁତ ବୋଲର ଜୋଶ ହାଜଲେଉଡଙ୍କ ପାଇଁ ମଧ୍ୟ ବହୁତ ଭଲ ଥିଲା । ଚଳିତ ମାସରେ ୱେଷ୍ଟଇଣ୍ଡିଜ ବିପକ୍ଷ ଦୁଇଟି ମ୍ୟାଚ ଟେଷ୍ଟ ସିରିଜରେ ସେ ୧୪ ଉଇକେଟ୍ ଶିକାର କରିଥିଲେ । ପ୍ଲେୟାର ଅଫ ଦ ମନ୍ଥ ପାଇଁ ଇଂଲଣ୍ଡ ବ୍ୟାଟର ଓଲି ପୋପ ମଧ୍ୟ ମନୋନୀତ ହୋଇଛନ୍ତି । ଭାରତ ବିପକ୍ଷ ପାଞ୍ଚ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚରେ ହାଇଦ୍ରାବାଦରେ ଖେଳୁଥିବା ବେଳେ ସେ ଦ୍ୱିତୀୟ ଇନିଂସରେ ୧୯୬ ରନ ସଂଗ୍ରହ କରିଥିଲେ । ତାଙ୍କ ଇନିଂସର ଶକ୍ତିରେ ଇଂଲଣ୍ଡ ଇତିହାସ ସୃଷ୍ଟି କରିଥିଲା ଏବଂ ପ୍ରଥମ ମ୍ୟାଚରେ ଭାରତକୁ ୨୮ ରନରେ ପରାସ୍ତ କରିଥିଲା ।

# ଭାରତୀୟ ହକି ଖେଳାଳିଙ୍କ ନାଁରେ ଦୁଷ୍କର୍ମ ଅଭିଯୋଗ




**ନୂଆଦିଲ୍ଲୀ :** ଭାରତୀୟ ହକି ଖେଳାଳିଙ୍କ ନାଁରେ ଦୁଷ୍କର୍ମ ଅଭିଯୋଗ । ପକ୍ସୋ ଆକ୍ଟ ଅନୁଯାୟୀ ରୁଜୁ ହେଲା ମାମଲା । ଜଣେ ମହିଳାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବାରମ୍ବାର ଦୁଷ୍କର୍ମ କରିବା ଅଭିଯୋଗରେ ଭାରତୀୟ ହକି ଖେଳାଳି ବରୁଣ କୁମାରଙ୍କ ବିରୋଧରେ ଏଫଆଇଆର ରୁଜୁ ହୋଇଛି । ବର୍ତ୍ତମାନ ପୋଲିସ ତାଙ୍କୁ ଖୋଜୁଥିବା କହିଛନ୍ତି ଜଳନ୍ଧରର ଜଣେ ପୋଲିସ୍ କର୍ମଚାରୀ । ପୀଡ଼ିତ ମହିଳାଙ୍କୁ ବର୍ତ୍ତମାନ ୨୧ ବର୍ଷ । ସୂଚନା ଅନୁଯାୟୀ, ୨୦୧୯ରେ ମହିଳା ଯେତେବେଳେ ୧୭ ବର୍ଷର ଥିଲେ ସେତେବେଳେ ଇନଷ୍ଟାଗ୍ରାମରେ ବରୁଣଙ୍କ ସଂସ୍ପର୍ଶରେ ଆସିଥିଲେ । ସେତେବେଳେ ବରୁଣ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆରେ ପ୍ରଶିକ୍ଷଣ ନେଉଥିଲେ । ବରୁଣ କୁମାର ହିମାଚଳର ବାସିନ୍ଦା । ତେବେ ହକି ପାଇଁ ସେ ପଞ୍ଜାବରେ ରହୁଛନ୍ତି । ୨୦୧୭ରେ ଭାରତୀୟ ଟିମ୍‌ରେ ସେ ଡେବ୍ୟୁ କରିଥିଲେ । ୨୦୨୨ରେ ବର୍ମିଂହମ- କମନୱେଲଥ ଗେମ୍ସରେ ରୌପ୍ୟ ପଦକ ମଧ୍ୟ ଜିତିଥିଲେ । ଆହୁରି ମଧ୍ୟ ବରୁଣ କୁମାର ୨୦୨୨ ଏସିଆ ଗେମ୍ସରେ ଭାରତୀୟ ଦଳରେ ରହିଥିଲେ । ୨୦୨୨ରେ ଦଳ ସ୍ୱର୍ଣ୍ଣ ପଦକ ମଧ୍ୟ ଜିତିଥିଲା । ସେହିଭଳି ୨୦୨୦ରେଟୋକିଓ ଅଲିମ୍ପିକ୍ସରେ ମଧ୍ୟ ଖେଳିଥିଲେ । ଆଉ ସେତେବେଳେ ଭାରତକୁ ବ୍ରୋଞ୍ଜ ମେଡାଲ ମିଳିଥିଲା ।

# ମ୍ୟାଚ୍ ଡ୍ର, ଓଡ଼ିଶାକୁ ୩ ପଏଣ୍ଟ



**କଟକ(ବ୍ୟୁରୋ) :** କଟକର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଓଡ଼ିଶା-ପୁଡୁଚେରୀ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ ଅମୀମାଂସିତ ଭାବେ ଶେଷ ହୋଇଛି । ଫଳରେ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ଓଡ଼ିଶା ୩ ପଏଣ୍ଟ ପାଇଛି । ପୁଡୁଚେରୀ ୧ ପଏଣ୍ଟରେ ସନ୍ତୁଷ୍ଟ ରହିଛି । ଓଡ଼ିଶା ଦ୍ୱିତୀୟ ଇନିଂସରେ ୨୦୧ ରନରେ ଅଲ୍‌ଆଉଟ ହେବାରୁ ପୁଡୁଚେରୀ ସମ୍ମୁଖରେ ୨୪୦ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା । ସୋମବାର ୪ର୍ଥ ତଥା ଅନ୍ତିମ ଦିବସ ଖେଳ ଶେଷ ବେଳକୁ ପୁଡୁଚେରୀ ଦ୍ୱିତୀୟ ଇନିଂସରେ ୮ ଉଇକେଟ ହରାଇ ୧୭୫ ରନ କରିଥିଲା । ଦୁଇଟି ଇନିଂସରେ ଯଥାକ୍ରମେ ୧୧୦ ଓ ୫୮* ରନ କରିବା ସହ ୫ଟି କ୍ୟାଚ ନେଇଥିବା ପୁଡୁଚେରୀ ଅଧିନାୟକ ଅରୁଣ କାର୍ତ୍ତିକ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି । ଗ୍ରୁପ୍ 'ଡି'ରେ ଓଡ଼ିଶା ୫ ମ୍ୟାଚରୁ ୨୧ ବିଜୟ, ୨ ପରାଜୟ ଓ ୨ ଡ୍ର ସହ ୧୨ ପଏଣ୍ଟ ପାଇ ଟେବୁଲର ୫ମ ସ୍ଥାନରେ ରହିଛି । ପୁଡୁଚେରୀ ସମାନ ମ୍ୟାଚ ଖେଳିଥିବାବେଳେ ୨ଟି ଲେଖାଏ ବିଜୟ ଓ ପରାଜୟ ଏବଂ ୧ ଡ୍ର ସହ ୧୩ ପଏଣ୍ଟ ସହିତ ତୃତୀୟ ସ୍ଥାନ ଅଧିକାର କରିଛି । ଭଦୋଦରାରେ ବରୋଦାଠାରୁ ୧୪୭ ରନରେ ପରାଜୟ ସହ ଅଭିଯାନ ଆରମ୍ଭ କରିଥିବା ଓଡ଼ିଶା ଇନ୍ଦୋରରେ ଅନୁଷ୍ଠିତ ପରବର୍ତ୍ତୀ ମ୍ୟାଚକୁ ମଧ୍ୟପ୍ରଦେଶ ସହ ଡ୍ର ରଖିଥିଲା । ତେବେ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ୩ ପଏଣ୍ଟ ପାଇଥିଲା । ଜ୍ରିମ୍ବରେ ଅନୁଷ୍ଠିତ ତୃତୀୟ ମ୍ୟାଚରେ ଜମ୍ମୁ-କଶ୍ମୀରଠାରୁ ଦଳ ୨ ଉଇକେଟରେ ପରାଜିତ ହୋଇ ଶକ୍ତ ଝଟ୍‌କା ଖାଇଥିଲା । ମାତ୍ର ସେହି ଗ୍ରାଉଣ୍ଡରେ ଖେଳିଥିବା ୪ର୍ଥ ମ୍ୟାଚରେ ଓଡ଼ିଶା ପ୍ରତିପକ୍ଷ ହିମାଚଳ ପ୍ରଦେଶକୁ ୨୩୮ ରନରେ ହରାଇ ସିଜନର ପ୍ରଥମ ବିଜୟ ସ୍ୱାଦ ଚାଖିଥିଲା ।

# ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ

**ପୁରୀ(ବ୍ୟୁରୋ) :** ପୁରୀ ଜଗନ୍ନାଥ ଷ୍ଟାଡିୟମ ଠାରେ ଆଜି ଠାରୁ ଆରମ୍ଭ ହୋଇଛି ରାଜ୍ୟ ସ୍ତରୀୟ ପୁରୁଷ ଓ ମହିଳା କ୍ରିକେଟ ପ୍ରତିଯୋଗିତା ।ନୂଆ ଓ ମାଧ୍ୟମରେ ଆୟୋଜିତ ଏହି ପ୍ରତିଯୋଗିତାକୁ ଜିଲ୍ଲାପାଳ ବିଜୟ କୁମାର ଦାଶ ଉଦଘାଟନ କରିବା ସହ କ୍ରୀଡା ଶୃଙ୍ଖଳା, ଭାଇଚାରା ଓ ଶାରୀରିକ ସୁସ୍ଥତା ରଖିବାରେ ସହାୟକ ହୋଇଥାଏ ବୋଲି କହିଥିଲେ । ସମସ୍ତ କ୍ଷେତ୍ରରେ ନିଜର ସର୍ବଶ୍ରେଷ୍ଠ ପ୍ରଦର୍ଶନ କରି ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ଶ୍ରୀ ଦାଶ ପରାମର୍ଶ ଦେବା ସହ ସଫଳତା ପାଇଁ କ୍ରୀଡାବିତଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ଙ୍କ ସଂଯୋଜନା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ରାଜ୍ୟ ହାଇପର ଫରମାନ୍ସ କ୍ରୀଡା କେନ୍ଦ୍ର ର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ବରିଷ୍ଠ ପରାମର୍ଶଦାତା ପ୍ରବୀର ମିଶ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲ୍ଲା କ୍ରୀଡା ସଂଘର ପୂର୍ବତନ ସମ୍ପାଦକ ରବି ଶଙ୍କର ପ୍ରତିହାରୀ ପ୍ରମୁଖ ଯୋଗ ଦେଇ କ୍ରୀଡାବିତ ଙ୍କୁ ଉତ୍ସାହିତ କରିଥିଲେ ।ପରେ ଜିଲ୍ଲାପାଳ ଓ ଅନ୍ୟାନ୍ୟ ଅତିଥି ମାନେ ପଡିଆ ମଧ୍ୟରେ କ୍ରୀଡାବିତ ଙ୍କ ସହ ପରିଚିତ ହୋଇ ଶୁଭେଚ୍ଛା ଜଣାଇଥିଲେ ।ଏହି ପ୍ରତିଯୋଗିତାରେ ରାଜ୍ୟର ୩୦ ଟି ଯାକ ଜିଲ୍ଲା ରୁ ୩୦ଟି ଲେଖାଏଁ ପୁରୁଷ ଓ ମହିଳା ଦଳ ଅଂଶଗ୍ରହଣ କରିଛନ୍ତି । ପୁରୁଷ ଦଳର କ୍ରିକେଟ ପ୍ରତିଯୋଗିତା ଜଗନ୍ନାଥ ଷ୍ଟାଡିୟମରେ ଓ ମହିଳା ଦଳର ପ୍ରତିଯୋଗିତା ଜିଲ୍ଲା ସ୍କୁଲ ପଡିଆ ଠାରେ ୧୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି କ୍ରୀଡା ଅଧିକାରୀ ଶ୍ରୀ ସାହୁ ସୂଚନା ଦେଇଛନ୍ତି ।





# ୧୯ ବର୍ଷରୁ କମ ବିଶ୍ୱକପ ଫାଇନାଲରେ ଭାରତ

**ବେନୋନି :** ଅଣ୍ଡର ୧୯ ବିଶ୍ୱକପ ଫାଇନାଲରେ ଭାରତ । ଆଜି ଦକ୍ଷିଣ ଆଫ୍ରିକାକୁ ତା'ରି ମାଟିରେ ମାତ ଦେଇ ଭାରତ ୯ମ ଥର ପାଇଁ ଅଣ୍ଡର ୧୯ ବିଶ୍ୱକପ ଫାଇନାଲରେ ପ୍ରବେଶ କରିଛି ।ସେମି ଫାଇନାଲରେ ଡିଫେଣ୍ଡିଂ ଚାମ୍ପିୟନ ଭାରତ ୨ ୱିକେଟରେ ଦକ୍ଷିଣ ଆଫ୍ରିକାକୁ ହରାଇଛି । ଦକ୍ଷିଣ ଆଫ୍ରିକା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୭ ୱିକେଟ ହରାଇ ୨୪୪ ରନ କରିଥିଲା । ୨୪୫ ରନର ଟାର୍ଗେଟ ପାଇଥିବା ଭାରତ ୭ ବଲ ପୂର୍ବରୁ ବିଜୟ ହାସଲ କରିଛି । ଦଳକୁ ୮ ବଲରେ ୧ ରନ ଦରକାର ଥିବା ବେଳେ ରାଜ ଲିମ୍ବାନୀ ଚୌକା ମାରି ଭାରତକୁ ବିଜୟ ଭେଟି ଦେଇଛନ୍ତି । ଅଧିନାୟକ ଉଦୟ ସାହାରନ ୮୧ ରନର ଇନିଂସ ଖେଳିଥିବା ବେଳେ ସଚିନ ଧାସ ୯୫ ବଲରେ ୯୬ ରନର ଇନିଂସ ଖେଳି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ଜବରଦସ୍ତ ଇନିଂସ ପାଇଁ ଉଦୟ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଛନ୍ତି ।ଦ୍ୱିତୀୟ ସେମି ଫାଇନାଲରେ ଅଷ୍ଟ୍ରେଲିଆର ମୁକାବିଲା ପାକିସ୍ତାନ ସହ ହେବ । ତେଣୁ ରବିବାର ଭାରତ ଓ ପାକିସ୍ତାନ ଫାଇନାଲ ମୁକାବିଲା ହେବାର ଯଥେଷ୍ଟ ସମ୍ଭାବନା ରହିଛି ।୨୦୨୨ ଅଣ୍ଡର ୧୯ ବିଶ୍ୱକପ ଫାଇନାଲରେ ଭାରତ ୪ ୱିକେଟରେ ଇଂଲଣ୍ଡକୁ ହରାଇ ଚାମ୍ପିୟନ ହୋଇଥିଲା । ଭାରତ ଏହାକୁ ମିଶାଇ ୯ମ ଥର ଫାଇନାଲରେ ପ୍ରବେଶ କରିଥିବା ବେଳେ ୫ଥର ଚାମ୍ପିୟନ ହୋଇଛି । ସେହିପରି ଦଳକୁ ୪ଥର ରନର୍ସ ଅପରେ ସନ୍ତୁଷ୍ଟ ହେବାକୁ ପଡ଼ିଛି । ଏଥର ଦଳ ୬ଷ୍ଠ ଥର ପାଇଁ ଚାମ୍ପିୟନ ହେବାକୁ ଲକ୍ଷ୍ୟ ରଖିଛି ।ଆଜିର ମ୍ୟାଚ୍‌କୁ ବିଚାରକୁ ନେଲ ଦକ୍ଷିଣ ଆଫ୍ରିକା ଲୁହାନ ଡ୍ରେ ପ୍ରିଟୋରିୟସଙ୍କ ୭୬, ରିଚାର୍ଡଙ୍କ ୬୪ ଓ ଅଧିନାୟକ ଜୁଆନ ଜେମ୍ସଙ୍କ ୨୪ ରନ ବଳରେ ୫୦ ଓଭରରେ ୭ ୱିକେଟ ହରାଇ ୨୪୪ ରନ କରିଥିଲା । ଭାରତ ପକ୍ଷରୁ ରାଜ ଲିମ୍ବାନୀ ସର୍ବାଧିକ ୩ଟି ୱିକେଟ ନେଇଥିବା ବେଳେ ମୁଶୀର ଖାନ ୨ଟି, ନମନ ତିୱାରୀ ଓ ସୌମ୍ୟ ପାଣ୍ଡ ଗୋଟିଏ ଲେଖାଏ ସଫଳତା ପାଇଥିଲେ । ୨୪୫ ରନର ଟାର୍ଗେଟ ପାଇଥିବା ଭାରତ ପ୍ରଥମ ବଲରେ ଆଦର୍ଶ ସିଂହଙ୍କୁ ହରାଇଥିଲା । ଅର୍ଶିନ କୁଲକର୍ଣ୍ଣୀ କେବଳ ୧୨ ରନ କରିବାକୁ ସକ୍ଷମ ହୋଇଥିଲେ । ଇନଫର୍ମ ମୁଶୀର ଖାନ ସେମି ଫାଇନାଲରେ ସମସ୍ତଙ୍କୁ ନିରାଶ କରି ୪ ରନରେ ପ୍ୟାଭିଲିୟନ ଫେରିଥିଲେ ।

# ୨୫ ବର୍ଷ ପୁରୁଣା ରେକର୍ଡ ଭାଙ୍ଗିଲେ ରାଚିନ ରବିନ୍ଦ୍ର



**ନୂଆଦିଲ୍ଲୀ :** ନିକଟରେ ନ୍ୟୁଜିଲାଣ୍ଡର ଅଲରାଉଣ୍ଡର ରାଚିନ ରବିନ୍ଦ୍ର ଦିନିକିଆ ବିଶ୍ୱକପ୍‌ରେ ଭଲ ଫର୍ମରେ ଥିଲେ । ବର୍ତ୍ତମାନ ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟରେ ଦ୍ୱିଶତକ ହାସଲ କରିଛନ୍ତି । ରାଚିନ ରବିନ୍ଦ୍ର ୩୬୬ ବଲରେ ୨୪୦ ରନ ସଂଗ୍ରହ କରିଥିଲେ । ସେ ତାଙ୍କ ଇନିଂସରେ ୨୬ ଚୌକା ଓ ୩ ଛକା ମାରିଥିଲେ । ଏହା ହେଉଛି ରାଚିନ ରବିନ୍ଦ୍ରଙ୍କ ପ୍ରଥମ ଟେଷ୍ଟ ଶତକ, କିନ୍ତୁ ଏହି ଯୁବ ବ୍ୟାଟ୍ସମ୍ୟାନ ତାଙ୍କର ପ୍ରଥମ ଟେଷ୍ଟ ଶତକରେ ସବୁଠୁ ବଡ ଇନିଂସ ଖେଳି ଥିବା କିୱି ବ୍ୟାଟ୍ସମ୍ୟାନ ହୋଇପାରିଛନ୍ତି । ଏହି ପ୍ରସଙ୍ଗରେ ରାଚିନ ରବିନ୍ଦ୍ର ମାଥ୍ୟୁ ସିଙ୍ଗକ୍ଲେୟାରଙ୍କୁ ପଛରେ ପକାଇଛନ୍ତି । ପୂର୍ବତନ କିୱି ଖେଳାଳି ମାଥ୍ୟୁ ୧୯୯୯ରେ ତାଙ୍କର ପ୍ରଥମ ଟେଷ୍ଟ ଶତକ ହାସଲ କରିଥିଲେ, ସେ ଏହି ଶତକୀୟ ଇନିଂସରେ ୨୧୪ ରନ ସ୍କୋର କରିଥିଲେ । ଏହା ବ୍ୟତୀତ ରାଚିନ ରବିନ୍ଦ୍ର ଏକ ସ୍ୱତନ୍ତ୍ର ତାଲିକାରେ ଯୋଗ ଦେଇଛନ୍ତି । ରାଚିନ ରବିନ୍ଦ୍ର ୨୪ ବର୍ଷ ୭୯ ଦିନ ବୟସରେ ଦ୍ୱିଶତକ ହାସଲ କରିଥିଲେ । ଏହିପରି ଭାବରେ ନ୍ୟୁଜିଲାଣ୍ଡ ପାଇଁ ଟେଷ୍ଟ ଦ୍ୱିଶତକ ହାସଲ କରିଥିବା ରବିନ୍ଦ୍ର ହେଉଛନ୍ତି ଦ୍ୱିତୀୟ କନିଷ୍ଠ ଖେଳାଳି । ମାଥ୍ୟୁ ୨୪ ବର୍ଷ ୪୭ ଦିନ ବୟସରେ ଏକ ଦ୍ୱିଶତକ ହାସଲ କରିଥିଲେ । ଏହି ତାଲିକାରେ ମାଥ୍ୟୁ ଶୀର୍ଷରେ ଅଛନ୍ତି । ନିକଟରେ ହୋଇଥିବା ଏକଦିବସୀୟ ବିଶ୍ୱକପ୍‌ରେ ରାଚିନ ରବିନ୍ଦ୍ରଙ୍କ ପ୍ରଦର୍ଶନ ଅତ୍ୟନ୍ତ ଭଲ ଥିଲା । ଏହି ଟୁର୍ନାମେଣ୍ଟର ୧୦ଟି ମ୍ୟାଚରେ ରାଚିନ ରବିନ୍ଦ୍ର ହାରାହାରି ୧୦୬.୪୪ ରେ ୫୭୮ ରନ ସଂଗ୍ରହ କରିଛନ୍ତି । ୩ ଶତକ ସ୍କୋର କରିବା ବ୍ୟତୀତ ରାଚିନ ରବିନ୍ଦ୍ର ବିଶ୍ୱକପରେ ଦୁଇଥର ଅର୍ଦ୍ଧଶତକ ହାସଲ କରିଥିଲେ । ଏଥି ସହିତ ରାଚିନ ରବିନ୍ଦ୍ର ଏହି ଟୁର୍ନାମେଣ୍ଟରେ ସର୍ବାଧିକ ରନ ସଂଗ୍ରହ କରିଥିବା ବ୍ୟାଟ୍ସମ୍ୟାନ ତାଲିକାରେ ଚତୁର୍ଥ ସ୍ଥାନରେ ରହିଛନ୍ତି । ଏଥିସହ ଗତ ବର୍ଷ ରାଚିନ ରବିନ୍ଦ୍ରଙ୍କୁ ଆଇସିସି ଏମର୍ଜିଂ କ୍ରିକେଟର ଅଫ ଦି ଇୟର ପୁରସ୍କାର ପ୍ରଦାନ କରାଯାଇଥିଲା ।

# ଅଷ୍ଟ୍ରେଲିଆର ଟି-୨୦ଦଳ : ଫେରିଲେ ଷ୍ଟାର୍କ, କମିନ୍ସ ଓ ହେଜେଲଉଡ



**ନୂଆଦିଲ୍ଲୀ :** ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଟି-୨୦ ସିରିଜ ପାଇଁ କ୍ରିକେଟ ଅଷ୍ଟ୍ରେଲିଆ ଶକ୍ତିଶାଳୀ ୧୫ ଜଣିଆ ସ୍କ୍ୱାଡ ଘୋଷଣା କରିଛି । ଦଳର ୩ ପ୍ରମୁଖ ଦ୍ରୁତ ବୋଲର ପ୍ୟାଟ କମିନ୍ସ, ମିଚେଲ ଷ୍ଟାର୍କ ଓ ଜୋଶ ହେଜେଲଉଡ ପ୍ରାୟ ଗୋଟିଏ ବର୍ଷର ବ୍ୟବଧାନ ପରେ ଦଳକୁ କମବ୍ୟାକ କରିଛନ୍ତି । ଆଗକୁ ଟି-୨୦ ବିଶ୍ୱକପ ଥିବାରୁ କ୍ରିକେଟ ଅଷ୍ଟ୍ରେଲିଆ ବରିଷ୍ଠ ଖେଳାଳିମାନଙ୍କୁ ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ସିରିଜରେ ସାମିଲ କରିଛି । ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଦିନିକିଆ ପରେ ହେଜେଲଉଡ କହିଥିଲେ ଯେ ଅଷ୍ଟ୍ରେଲିଆ ଟି-୨୦ ସିରିଜ ପାଇଁ ତା'ର ପ୍ରମୁଖ ଖେଳାଳିଙ୍କ ନାଁ ଘୋଷଣା କରିବ । ଏବେ ସତକୁ ସତ କ୍ରିକେଟ ଅଷ୍ଟ୍ରେଲିଆ ପୂରା ଶକ୍ତିଶାଳୀ ସ୍କ୍ୱାଡ ଘୋଷଣା କରିଛି । ୨୦୨୨ ଟି-୨୦ ବିଶ୍ୱକପ ପରଠାରୁ କମିନ୍ସ, ହେଜେଲଉଡ ଓ ଷ୍ଟାର୍କ ଆଉ ଏହି ଫର୍ମାଟରେ ନଜର ଆସି ନଥିଲେ । ବର୍ଷକରୁ ଅଧିକ ସମୟ ପରେ ଏହି ୩ ଦ୍ରୁତ ବୋଲର ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଟି-୨୦ରେ ନଜର ଆସିବେ । କମିନ୍ସ ସ୍କ୍ୱାଡରେ ଥିଲେ ମଧ୍ୟ ମିଚେଲ ମାର୍ଶ ଟି-୨୦ରେ ଅଷ୍ଟ୍ରେଲିଆ ଟିମର କମାଣ ସମ୍ଭାଳିବେ । ନିକଟରେ ଟେଷ୍ଟ ଓ ଦିନିକିଆରୁ ଅବସର ନେଇଥିବା ଡାଭିଡ ୱାର୍ଣ୍ଣର ମଧ୍ୟ ଟି-୨୦ ସ୍କ୍ୱାଡରେ ରହିଛନ୍ତି । ୱେଷ୍ଟଇଣ୍ଡିଜ ଓ ଆମେରିକାରେ ଅନୁଷ୍ଠିତ ହେବାକୁ ଥିବା ଟି-୨୦ ବିଶ୍ୱକପ ପୂର୍ବରୁ ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲ୍ୟାଣ୍ଡ ସମାନ ଫର୍ମାଟରେ ମୁହାଁମୁହିଁ ହେବାକୁ ଯାଉଛନ୍ତି । ଏହାକୁ ଦୃଷ୍ଟିରେ ରଖି ଚୟନ କମିଟି ଅଧ୍ୟକ୍ଷ ଜର୍ଜ ବେଲୀ ୧୫ ଜଣିଆ ସ୍କ୍ୱାଡ ଘୋଷଣା କରିଛନ୍ତି । ଦୁଇ ଦେଶ ମଧ୍ୟରେ ଫେବୃଆରୀ ୨୧ ରୁ ୨୫ ଯାଏ ଟି-୨୦ ସିରିଜ ଖେଳାଯିବ । ୱେଲିଙ୍ଗଟନ ଓ ଅକଲ୍ୟାଣ୍ଡରେ ମ୍ୟାଚ୍ ? ଗୁଡ଼ିକ ଅନୁଷ୍ଠିତ ହେବ । ଅଷ୍ଟ୍ରେଲିଆ ସ୍କ୍ୱାଡ : ମିଚେଲ ମାର୍ଶ (ଅଧିନାୟକ), ପ୍ୟାଟ କମିନ୍ସ, ଟିମ ଡାଭିଡ, ନାଥନ ଏଲିସ, ଜୋଶ ହେଜେଲଉଡ, ଟ୍ରାଭିସ ହେଡ, ଜୋଶ ଇଂଲିସ, ଗ୍ଲେନ ମ୍ୟାକ୍ସୱେଲ, ମ୍ୟାଟ ଶର୍ଟ, ଷ୍ଟିଭ ସ୍ମିଥ, ମିଚେଲ ଷ୍ଟାର୍କ, ମାର୍କସ ଷ୍ଟୋଇନିସ, ମାଥ୍ୟୁ ୱେଡ, ଡାଭିଡ ୱାର୍ଣ୍ଣର ଓ ଆଡାମ ଜାମ୍ପା ।

କାର୍ଯ୍ୟନିର୍ବାହୀ ସମ୍ପାଦକ : ପ୍ରଦ୍ୟୁମ୍ନ ମିଶ୍ର
Executive Editor : Pradyumna Mishra

Printed and Published by **Niranjan Patra** on behalf of Uchhab Multimedia and Entertainment Pvt. Ltd., Published at Balisahi, Po/Dist- Puri and Printed at Gayatri Industries, TS 3/193, Mancheswar Industrial Estate, Bhubaneswar-751010, E-mail: amrutadunia@gmail.com, amrutadunia@rediffmail.com. Mobile- 9040005085 (News).

ସମ୍ପାଦକ: ନିରଞ୍ଜନ ପାତ୍ର
Editor: Niranjan Patra

# ୧୮ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ତ୍ରୁଟିପୂର୍ଣ୍ଣ ସୂଚନାଫଳକ




**ବାରିପଦା (ଅମୃତ ମିଡିଆ) :** ବେତନଟୀ ଓ ବୈଶିଙ୍ଗା ଅଂଚଳର ୧୮ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଅନେକ ସ୍ଥାନରେ ଭୁଲ ସୂଚନା ଫଳକ ଲାଗିଥିବାର ଦେଖିବାକୁ ମିଳୁଛି । ହାତୀଝୁରୀ ଗ୍ରାମ ପାର୍ଶ୍ୱରେ ହାତୀଝୁରୀ ଗ୍ରାମକୁ ଦୂରତା ୧୪.୫ କିମି ଲେଖା ଯାଇଥିଲା । ଫଳରେ ଦୂରଦୂରାନ୍ତରୁ ଜରୁରୀ କାର୍ଯ୍ୟରେ ଏହି ଗ୍ରାମକୁ ଆସିଥିବା ଅଜଣା ଲୋକଙ୍କୁ ରାଜପଥ କର୍ତ୍ତୃପକ୍ଷଙ୍କ ଏଭଳି ଭ୍ରମାତ୍ମକ ତଥ୍ୟ ରାସ୍ତା ପାର୍ଶ୍ୱ ସୂଚନା ଫଳକରେ ଦିଆଯାଇଥିବା ଯୋଗୁଁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା । ଏହାକୁ ନେଇ ସ୍ଥାନୀୟ ଅଂଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଥିଲା । ଏ ସମ୍ପର୍କରେ ବିଭିନ୍ନ ଖବର କାଗଜ ରେ ଫଟୋ ସହିତ ସମ୍ବାଦ ପ୍ରକାଶ ପାଇବାପରେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଚେତା ପଶିଥିଲା ଏବଂ ଏହାର ଏକ ଟିମ ଆସି ଅଂଚଳବାସୀଙ୍କ ଅଭିଯୋଗ ଶୁଣି ଫେରି ଯାଇଥିଲେ । ତେବେ ଏହାର କିଛି ଦିନ ପରେ ପୁରୁଣା ଫଳକ ସ୍ଥାନରେ ନୂତନ ଫଳକ ଲଗାଯାଇଛି ଏବଂ ହାତୀଝୁରୀ ଶୂନ କିମି ଉଲ୍ଲେଖ କରାଯାଇଛି । ଠିକ୍ ଏହିଭଳି ଅନ୍ୟ ଏକ ଘଟଣା ୧୮ ନଂ ଜାତୀୟ ରାଜପଥର ବରଜପୁର ଗ୍ରାମ ନିକଟରେ ଦେଖିବାକୁ ମିଳୁଛି । ଏଠାରେ ସୂଚନା ଫଳକରେ ବରଜପୁର କୁ ୮ କିମି ଦୂରତା ଉଲ୍ଲେଖ କରାଯାଇଛି । ସ୍ଥାନୀୟ ଅଂଚଳବାସୀଙ୍କ ମତାମତ ନେବାରୁ ସେମାନେ ଏହାକୁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଚରମ ଦାୟିତ୍ୱହୀନତା ବୋଲି ପ୍ରକାଶ କରିଛନ୍ତି । କାହା ପରାମର୍ଶକ୍ରମେ ସୂଚନା ଫଳକରେ ଏଭଳି ଭ୍ରମାତ୍ମକ ତଥ୍ୟ ପ୍ରଦାନ କରାଯାଇଛି ସେ ସମ୍ପର୍କରେ ସନ୍ଦେହ ସୃଷ୍ଟି ହୋଇଛି । ଏ ବାବଦରେ ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକ ଜୟପ୍ରକାଶ ବର୍ମାଙ୍କୁ ପଚାରିବାରୁ ସେ ଏଭଳି ତୃଟି ବାବଦରେ ଅବଗତ ନଥିବା ବେଳେ ଏହା ସମ୍ପୃକ୍ତ ଠିକାଦାରଙ୍କ ତୃଟି ଏବଂ ଖୁବ ଶିଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି ।

# ଦର୍ଲିପଡ଼ା ପଞ୍ଚାୟତରେ ପିଡିଏସ ଚାଉଳ ହଡ଼ପ ଅଭିଯୋଗ
## ହିତାଧିକାରୀଙ୍କୁ ମିଳିନାହିଁ ୭ ମାସର ଚାଉଳ

**ନୂଆପଡ଼ା (ଅମୃତ ମିଡିଆ) :** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଦର୍ଲିପଡ଼ା ପଞ୍ଚାୟତରେ ପିଡିଏସ ଚାଉଳ ହଡ଼ପ ହୋଇଥିବା ଅଭିଯୋଗ ହୋଇଛି । ଦର୍ଲିପଡ଼ା ଗ୍ରାମର ୫୦ରୁ ଉର୍ଦ୍ଧ ହିତାଧିକାର ଆଜିପୁ ୭ ମାସ ହେବ ପିଡିଏସ ଚାଉଳ ପାଇନଥିବାରୁ ହିତାଧିକାରୀ ମାନେ ଜିଲ୍ଲାପାଳ ଙ୍କ ଅଭିଯୋଗ ଶୁଣାଣିରେ ଆଜି ପହଞ୍ଚି ଜିଲ୍ଲାପାଳ ଙ୍କୁ ଅଭିଯୋଗ କରିଛନ୍ତି । ମିଳିଥିବା ସୁଚନା ଅନୁଯାଇ ଦର୍ଲିପଡ଼ା ଗ୍ରାମର ଏସଏଚଜି ଗୃପ ଓ ସ୍ଥାନୀୟ ସରପଞ୍ଚ ଯୋଗାଣ ସହାୟକ ଗ୍ରାମର କେ?ଲାସ ମାଝୀକୁ ୮ ମାସର ଚାଉଳ ମିଳିନଥବବାରୁ ବେଳେ ଦେବାରାମ ବରିହା ୯ ମାସ, ପୁନିତରାମ ମାଝୀ, ୪ ମାସ, ଲକ୍ଷୀଧର ମାଝୀ ୪ ମାସ, ଅଜାମିଲା ମାଝୀ ୪ ମାସ, ଭାଗ୍ୟବତି ପ୍ରଧାନ ୪ ମାସ, ନିରିମା ପ୍ରଧାନ ୭ ମାସ, ସତରାମ ସାହୁ ୭ ମାସ ଏପରି ୫୦ରୁ ଉର୍ଦ୍ଧ ହିତାଧିକାରୀ ମାନେ ୭ରୁ୯ ମାସ ହେବ ଚାଉଳ ମିଳିନଥିବା ଅଭିଯୋଗ କରିଛନ୍ତି । ପଞ୍ଚାୟତ କର୍ମଚାରୀ ମାନେ ଚାଉଳକୁ ଗୋଦାମରେ ନରଖି ସରପଞ୍ଚ ଏକ ଆବସ ଘରେ ରଖି ଚଉଳକୁ ହଡ଼ପ କରିଥିବା ଅଭିଯୋଗ କରି ହିତାଧିକାରୀ ମାନେ ବାରମ୍ବାର ବିଡିଓ ଓ ଯୋଗାଣ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ଯାହାଫଳରେ ଆଜି ଗ୍ରାମର ବହୁ ହିତାଧିକାରୀ ନୂଆପଡ଼ା ପହଞ୍ଚି ଜିଲ୍ଲାପାଳ ଙ୍କୁ ଭେଟି ଏକ ଦାବିପତ୍ର ଦେଇଛନ୍ତି । ଚଉଳ ହଡ଼କ କରିଥିବା ବ୍ୟକ୍ତି ମାନଙ୍କ ଉପରେ ତୁରନ୍ତ କାର୍ଯ୍ୟନ୍ତ କରିବା ସହ ଚାଉଳ ପାଇନଥବବା ହିତାଧିକାରୀ ମାନଙ୍କୁ ତୁରନ୍ତ ଚାଉଳ ଦେବାକୁ ଜିଲ୍ଲାପାଳାଙ୍କୁ କହିଛନ୍ତି । ଏହା ଉପରେ ଜିଲ୍ଲାପାଳ ତଦନ୍ତ କରି ଦୋଷ ଦୋଷୀ ଉପରେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବାକୁ ହିତାଧିକାରୀ ମାନଙ୍କୁ ପ୍ରତିଶୃତି ଦେଇଛନ୍ତି ।

# ଜିଲ୍ଲା ଶ୍ରମିକ ମହାସଙ୍ଘ ସାମ୍ବାଦିକ ସମ୍ମିଳନୀ



**ନୂଆପଡ଼ା (ଅମୃତ ମିଡିଆ) :** ଜିଲ୍ଲା ଶ୍ରମିକ ମହାସଙ୍ଘର ଆବାହକ ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ସାମ୍ବାଦିକ ସମିଳନୀ ଅନୁଷ୍ଠିତ ହୋଇଥିଲା । ସାମ୍ବାଦିକ ସମିଳନୀରେ ଚଳିତ ମାସ ୧୨ତାରିଖ ଦିନ ସମ୍ପୂର୍ଣ୍ଣ ଜିଲ୍ଲାକୁ ଆଠଘଣ୍ଟା ଧରି ବନ୍ଦ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି, ଅଖଚକ ବ୍ୟବସାୟିକ ପ୍ରତିଷ୍ଠାନ ରାସ୍ତାଘାଟ ବ୍ୟାଙ୍କ ବିଦ୍ୟାଳୟ ସରକାରୀ କାର୍ଯାଳୟ ବନ୍ଦ କରିବା ସମିଳନୀରେ ସୂଚନା ଦେଇଛନ୍ତି । କାରଣ ଯେ ଜିଲାରେ ମରୁଡି ଦାଦନ ପ୍ରବଣ ନୂଆପଡା ଜିଲାରେ ଶ୍ରମିକ ବର୍ଗ ବିଶେଷ କରି ନିର୍ମାଣ ଶ୍ରମିକ ମନରେଗା ଶ୍ରମିକ ଦାଦନ ପ୍ରବାସୀ ଶ୍ରମିକ କେନ୍ଦୁପତ୍ର ତୋଳାଳୀ ଓ ସିଜିନାଲ ଷ୍ଟାଫ ଅଙ୍ଗନୱାଡି କର୍ମୀ ଧାନ ମଣ୍ଡିରେ କାର୍ଜରିତ ହେମାଲ ଓ ବେରୋଜଗାର ଜୁବକ ଯୁବତୀ ଦୁଃଖ ଦୁର୍ଦଶା ଯାତନା ଯନ୍ତ୍ରଣାର ସମସ୍ତ ଏଜେଣ୍ଡାକୁ ନେଇ ସମାଧାନ ପାଇଁ ୧୨ ତାରିଖ ଦିନ ସମ୍ପୂର୍ଣ୍ଣ ଜିଲ୍ଲା କୁ ବନ୍ଦ କରିବା ପାଇଁ ନିଷ୍ପତି ନିଆଯାଇଛି ସାମ୍ବାଦିକ ସମ୍ମିଳନୀରେ ଭକ୍ତବନ୍ଧୁ ଧରୁଆ ସମେତ ଅନ୍ୟମାନେ ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ଆଶିଷଙ୍କ ସଫଳତା



**ବାରିପଦା (ଅମୃତ ମିଡିଆ) :** ସ୍ଥାନୀୟ ମୁର୍ଗାବାଡି ସ୍ଥିତ ପ୍ରୟାସ ସମ୍ମିଳନୀ କକ୍ଷରେ ଆୟୋଜିତ ଜିଲ୍ଲା ସ୍ତରୀୟ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ -୨୦୨୪ରେ ଚିତ୍ରାଙ୍କନ ପ୍ରତିଯୋଗିତାରେ ଆଶିଷ ବିଶ୍ୱାଳ ପ୍ରଥମ ସ୍ଥାନ ଅଧିକାର କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି । ଆଶିଷ ବର୍ତମାନ ବାରିପଦାର ୧୫ ନଂ ୱାର୍ଡ ଅନ୍ତର୍ଗତ ପୂର୍ଣ୍ଣଚନ୍ଦ୍ର ପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୮ମ ଶ୍ରେଣୀର ଛାତ୍ର । ସେ ବ୍ଲକ ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ । ଉଦଳା ଅଂଚଳର କୁଣ୍ଡାବାଇ ନିକଟସ୍ଥ ବଳଭଦ୍ରପୁର ଗ୍ରାମର ଚନ୍ଦ୍ରମଣି ବିଶ୍ୱାଳ ଓ ମାଳତୀ ବିଶ୍ୱାଳଙ୍କ ପୁତ୍ର ଅଟନ୍ତି ଆଶିଷ । ଦ୍ୱିତୀୟ ଶ୍ରେଣୀରେ ପଢୁଥିବାବେଳେ ମା'ଙ୍କ ଦେହାନ୍ତ ପରେ ପାଠ ପଢ଼ା ଛାଡିଦେଇଥିଲେ ସେ । ଜୁଆଳିଆ ବିଦ୍ୟାଳୟର ଲିପି ଦିଦି ତାକୁ ଆଣି ନିଜ ବିଦ୍ୟାଳୟରେ ନାମ ଲେଖି ହଷ୍ଟେଲରେ ରଖିଦେଇଥିଲେ । ପରବର୍ତୀ ସମୟରେ ପୂର୍ଣ୍ଣଚନ୍ଦ୍ର ପୁର ବିଦ୍ୟାଳୟରେ ୬ଷ୍ଠ ଶ୍ରେଣୀରେ ନାମ ଲେଖାଇ ହଷ୍ଟେଲରେ ରହି ପାଠ ପଢିଆସୁଛନ୍ତି । ତାଙ୍କ ଭିତରେ ଥିବା ପ୍ରତିଭାକୁ ଲକ୍ଷ କରି ତାର ବିକାଶ ପାଇଁ ପ୍ରଧାନ ଶିକ୍ଷକ ସୋମନାଥ ସିଂହ ବିଦ୍ୟାଳୟର କଳା ଶିକ୍ଷକ ମହେଶ୍ୱର ମାରାଣ୍ଡିଙ୍କୁ ଦାୟିତ୍ୱ ଦେଇଥିଲେ । ତା ପରଠାରୁ ଆଶିଷ ଜିଲ୍ଲା, ରାଜ୍ୟ ତଥା ଜାତୀୟ ସ୍ତରରେ ବହୁବାର ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି । ତତସହିତ ତାଙ୍କ ନିର୍ମିତ ଗଣେଶ ଓ ସରସ୍ୱତୀ ମୂର୍ତି ବିଦ୍ୟାଳୟରେ ପ୍ରତିବର୍ଷ ପୂଜା ପାଆନ୍ତି । ତାଙ୍କର ଏହି ସଫଳତା ପାଇଁ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ , ଶିକ୍ଷୟିତ୍ରୀ, ସ୍ଥାନୀୟ ଜନସାଧାରଣ ସମେତ ବାରିପଦା ବ୍ଲକ ଶିକ୍ଷା ବିଭାଗ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ବୈଶିଙ୍ଗା ଡାକ୍ତରଖାନାରେ ଜନ ଆରୋଗ୍ୟ ସମିତି ବୈଠକ



**ବାରିପଦା (ଅମୃତ ମିଡିଆ) :** ବୈଶିଙ୍ଗା ଡାକ୍ତରଖାନା ପରିସରରେ ସୋମବାର ପୂର୍ବାହ୍ନ ସମୟରେ ଜନ ଆରୋଗ୍ୟ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଶିଙ୍ଗା ଡାକ୍ତରଖାନା ର ଭାରପ୍ରାପ୍ତ ଅଧିକାରୀ ଡଃ. ବିକାଶ ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ପରିଷଦ ସଦସ୍ୟା ସବିତା ଦାସ , ଡଃ. ପ୍ରଦୀପ କୁମାର କର ,ଡଃ. ପ୍ରଶନ୍ନ କୁମାର ପାତ୍ର , ପିଏଚ୍ଓ ମଞ୍ଜୁ ମାଡାମ ପ୍ରମୁଖ ମଂଚାସୀନ ଥିଲେ । ଏହି ବୈଠକରେ ମୁଖ୍ୟତଃ ବାର୍ଷିକ ହିସାବ , ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ର ଆଲୋଚନା , ବିଭିନ୍ନ ଗ୍ରାମ ପରିସରରେ ହେବାକୁ ଥିବା ସ୍ୱାସ୍ଥ୍ୟାବଲମ୍ବୀ ସଚେତନତା କାର୍ଯ୍ୟକ୍ରମ ଏବଂ ଅନ୍ୟାନ୍ୟ ବିଷୟରେ ଆଲୋଚନା କରାଯାଇଥିଲା । ଏହି ବୈଠକରେ ସ୍ୱାସ୍ଥ୍ୟ ବିଭାଗର ସମସ୍ତ କର୍ମଚାରୀ , କେନ୍ଦୁଆ ସରପଂଚ ମନମୋହନ ମାଝୀ , ରାଜେନ ଦାସ, ଉତ୍ସର୍ଗ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ବିପିଓ ସସ୍ମିତା ଦାଶ ଜନ ଆରୋଗ୍ୟ ସମିତି ର ବିଭିନ୍ନ ନିୟମାବଳୀ ଏବଂ ସ୍ୱାସ୍ଥ୍ୟ ସମ୍ପର୍କିତ ବିଭିନ୍ନ କାର୍ଯ୍ୟ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ । ଶେଷରେ ଡଃ ପ୍ରଦୀପ କର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ



**ବାଲିଗୁଡା (ଅମୃତ ମିଡିଆ) :** କନ୍ଧମାଳ ଜିଲ୍ଲା ବାଲିଗୁଡା ରେ ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଅଛି । କନ୍ଧମାଳ ସାଂସଦଙ୍କ ବାଲିଗୁଡା ପ୍ରତିନିଧି ଟୁନା ଦାସଙ୍କ ନେତୃତ୍ୱରେ ୧୨ ଓ ୧୩ ନମ୍ବର ୱାର୍ଡରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ସହ ପରିବାର ସମ୍ପର୍କ ଅଭିଯାନ ଆରମ୍ଭ କରିଛି ବିଜେଡି । ବିଜେଡିର ଏହି ପରିବାର ସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମରେ ବାଲିଗୁଡା ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷ୍ୟକ ଅଜୟ ମହାରଣା, ବାଲିଗୁଡା ଏନଏସି ଅଧକ୍ଷ୍ୟ ଗୋବିନ୍ଦ ପ୍ରଧାନ, ଉପାଧାଖ୍ୟା ଶାନ୍ତି ନାୟକ, ବାଲିଗୁଡା ବିଜେଡି ନଗର ସଭାପତି ଅବନୀକାନ୍ତ ନାୟକ ଓ କାଉନସିଲର ୧୨ ଓ ୧୩ ନମ୍ବର ୱାର୍ଡ ରେ ଘର ଘର ବୁଲି ଶଙ୍ଖ ଷ୍ଟିକର ଲଗେଇଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ, ଲୋକାଭିମୁଖୀ ଯୋଜନା ସମ୍ପର୍କରେ ତୃଣମୂଳସ୍ତରରେ ଘର କୁ ଘର ବୁଲି ଲୋକଙ୍କ ପାଖରେ ପହଂଚି ଅବଗତ କରିଛି ବିଜେଡି ।

# ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରୁ ଚୋରି ଉଦ୍ୟମ
## ନେଇଗଲେ ସିସିଟିଭି ହାର୍ଡ ଡିସ୍କ ଓ ସିକ୍ୟୁରିଟି ବନ୍ଧୁକ

**ବାରିପଦା (ଅମୃତ ମିଡିଆ) :** ମୟୂରଭଞ୍ଜ ଜିଲ୍ଲା, ଯଶୀପୁରରେ ଥିବା ଓଡିଶା ଗ୍ରାମ୍ୟ ବ୍ୟାଙ୍କରୁ ଚୋରି ଉଦ୍ୟମ, ଗ୍ୟାସ୍ କଟର୍ ସାହାଯ୍ୟରେ ଝରକା ଗ୍ରିଲ କାଟି ବ୍ୟାଙ୍କ୍ ଭିତରକୁ ପଶି ଲକର୍ କାଟିବା ପାଇଁ ଉଦ୍ୟମ କରି ବିଫଳ ହେବାରୁ ଚୋର ମାନେ ଭିତରେ ଥିବା ସିସିଟିଭି ହାର୍ଡ ଡିସ୍କ ଓ ସିକ୍ୟୁରିଟି ବନ୍ଧୁକ ନେଇଯାଇଥିବାର ଆଜି ବ୍ୟାଙ୍କ୍ ଖୋଲିବା ପରେ ଦେଖିବାକୁ ମିଳିଛି, ଗତକାଲି ବିଳମ୍ବିତ ରାତିରେ ଏହି ଚୋରି ଉଦ୍ୟମ ହୋଇଥିବା ସନ୍ଦେହ କରାଯାଉ ଥିବା ବେଳେ ଘଟଣା ସ୍ଥଳରେ ଯଶୀପୁର ପୋଲିସ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି ।

# 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା ଶିବିର



**ଚଣ୍ଡିଖୋଲ (ଅମୃତ ମିଡିଆ) :** ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରଣୟନ ଯୋଜନାକୁ ଲୋକଲୋଚନକୁ ଆଣି ସେମାନଙ୍କୁ ସଚେତନତା କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଯେଉଁ ନିର୍ଦ୍ଦେଶ ରହିଅଛି ସେଥିପାଇଁ ବଡ଼ଚଣା ବ୍ଲକ ଅନ୍ତର୍ଗତ ଧାନମଣ୍ଡଳ ଗ୍ରାମ ପଞ୍ଚାୟତରେ ସରପଞ୍ଚ ନବଦ୍ୱିପ ନାୟକଙ୍କ ସଭାପତିତ୍ୱରେ ଏକ ଶିବିର ଅନୁଷ୍ଠିତ ହୋଇଯାଇଅଛି । ଏହି ଶିବିରକୁ ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ ଆନୁଷ୍ଠାନିକ ଭାବେ ଉଦଘାଟନ କରି ରାଜ୍ୟରେ ନବୀନ ପଟ୍ଟନାୟକ ସରକାର ଗ୍ରାମାଞ୍ଚଳର ଲୋକମାନଙ୍କ ପାଇଁ ବହୁ ଯୋଜନାମାନ କରିବା ଯୋଗୁ ଗ୍ରାମାଞ୍ଚଳର ପୁରୁଷ ଓ ମହିଳାମାନେ ଆଜି ସ୍ୱଭାବଲମ୍ବୀ ହୋଇଛନ୍ତି ବୋଲି କହିଥିଲେ ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧକ୍ଷା ମିନତି ସେନାପତି, ଉପଦକ୍ଷ ବିଭାସ ଚନ୍ଦ୍ର ନନ୍ଦ, ଜିଲ୍ଲା ପରିଷଦ ସଭ୍ୟ ଯଚିନ୍ଦ୍ର ପ୍ରସାଦ ନାୟକ, ସମାଜସେବୀ ସଞ୍ଜୟ ସ୍ୱାଇଁ, ନିରଞ୍ଜନ ସେନାପତି, ପ୍ରକାଶ ପ୍ରଧାନ, ରଶ୍ମିରଞ୍ଜନ ଦାସ, ସିଦ୍ଧେଶ୍ୱର ଦାସ, ଗୋକୁଳି ପାଢ଼ୀ, ସୁରେଶ ନାୟକ, ଶରତ ନାୟକ ପ୍ରମୁଖ ଯୋଗ ଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଆଜି ଜନସାଧାରଣଙ୍କୁ ବହୁମାତ୍ରାରେ ଉପକୃତ କରିଛି ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମ କୁ ପଞ୍ଚାୟତ ନିର୍ବାହୀ ଅଧିକାରୀ କମୀନା ସଏ, ବିପିଏମ୍ ଲଗ୍ନଜିତ୍ ମାହାଲା ପ୍ରମୁଖ ପରିଚାଳନା କରିଥିଲେ । ଲୋକମାନଙ୍କୁ ସଚେତନତା କରିବା ପାଇଁ ପ୍ରଶାସନ ପକ୍ଷରୁ ପିଲାମାନଙ୍କୁ ଦ୍ୱାରା ନାଚ ଓ ଗୀତ ଓ ଆଦିବାସୀ ନୃତ୍ୟ ପରିବେଷଣ କରାଯାଇ ସଚେତନତା ବାର୍ତ୍ତା ଲୋକମାନଙ୍କୁ ଦିଆଯାଇଥିଲା । ପଞ୍ଚାୟତ ପକ୍ଷରୁ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟକ୍ରମର ଏକ ପତ୍ରିକା ଆମ ପଞ୍ଚାୟତର ବିକାଶ ଉନ୍ମୋଚନ କରାଯାଇ ଲୋକମାନଙ୍କୁ ବଣ୍ଟାଯାଇଥିଲା ଶେଷ ରେ ପୂର୍ବତନ ସମିତି ସଭ୍ୟ ଆନନ୍ଦ ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଧର୍ମଶାଳାରେ ବିଜେପିର ନେତୃତ୍ୱ ନେବ କିଏ ?
## ତିନିଜଣ ଟିକେଟ ଆଶାୟୀ, ଦ୍ୱନ୍ଦରେ କର୍ମୀ





ଧର୍ମଶାଳା (ଅମୃତ ମିଡିଆ) : ଯାଜପୁର ଜିଲ୍ଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀ ରାଜ୍ୟ ରାଜନୀତିରେ ବହୁ ଗୁରୁତ୍ୱ ବହନ କରେ । ଏହି ନିର୍ବାଚନ ମଣ୍ଡଳୀର ଶାସନ ଭାର ୨୮ବର୍ଷ ଧରି ସ୍ୱର୍ଗତ କଳ୍ପତରୁ ଦାସଙ୍କ ପରିବାର ହାତରେ ରହିଆସିଛି । ନିର୍ବାଚନ ଋତୁ ଆସିଲେ ଯେତେ ନୂଆ ପୁରୁଣା ନେତାମାନେ ଯେ କୌଣସି ଦଳରୁ ଛିଡ଼ା ହୁଅନ୍ତୁ ନା କାହିଁକି, ସେମାନଙ୍କୁ ସ୍ୱର୍ଗତ କଳ୍ପତରୁ ଦାସ ଏବଂ ତାଙ୍କର ପୁତ୍ର ପ୍ରଣବ ବଳବନ୍ତରାୟଙ୍କ ଚତୁର ଗୋଟି ଚାଳନାରେ ଧରାଶାୟୀ ହୋଇ ପଡନ୍ତି । ଏହି ନିର୍ବାଚନ ମଣ୍ଡଳୀର ଦୁଇ ପ୍ରମୁଖ ଦଳ ବିଜେପି ଏବଂ କଂଗ୍ରେସର ଗୋଷ୍ଠୀ କନ୍ଦଳ ଓ ଭୁଲ ଗୋଟି ଚାଳନା ହେତୁ ଲଗାତାର ବିଜଦ ବିଜୟର ଶିରି ମଣ୍ଡନ କରି ଆସିଛି । ନିର୍ବାଚନ ସମୟ ଆସିଲେ ମାଳ ମାଳ ନେତାଙ୍କୁ ବିଧାୟକ ପ୍ରାର୍ଥୀ ଆଶାୟୀ ଭାବେ ଦେଖିବାକୁ ମିଳେ ଓ ନିର୍ବାଚନ ସରିଲେ ଥରୁ ଟିଏବି ତାଙ୍କୁ ଦେଖିବାକୁ ପାଆନ୍ତି ନାହିଁ ଭୋଟର । ୨୦୦୯ ମସିହା ଠାରୁ ୨୦୧୯ ମସିହା ମଧ୍ୟରେ ବିଜେପି ଦଳରୁ ତିନି ତିନି ଥର ବିଧାୟକ ପ୍ରାର୍ଥୀ ହୋଇଥିବା ରମେଶ ଚନ୍ଦ୍ର ପରିଡ଼ା ଲଗାତାର ପରାଜୟ ସ୍ୱାଦ ଚାଖିବା ପରେ ୨୦୨୨ରେ ଦଳ ଛାଡି ବିଜଦ ରେ ସାମିଲ ହୋଇଥିଲେ । ୨୦୧୮ ମସିହାରେ କଂଗ୍ରେସ ରେ ଯୋଗ ଦେଇଥିବା ସ୍ମୃତିରେଖା ପହି ୨୦୧୯ ରେ ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ରୁ ଟିକେଟ ପାଇ ନିର୍ବାଚନ ଲଢ଼ିଥିଲେ ।ନିର୍ବାଚନ ରେ ପରାଜିତ ହେବା ପରେ ୨୦୨୧ ମସିହା ଏପ୍ରିଲ ମାସ ୧୪ତାରିଖ ରେ କଂଗ୍ରେସ ଦଳ ଛାଡି ବିଜେପି ଦଳରେ ସାମିଲ ହୋଇଥିଲେ । ଶ୍ରୀ ପରିଡ଼ା ବିଜେପି ଦଳ ତ୍ୟାଗ ପୂର୍ବରୁ ତାଙ୍କ ସମ୍ପର୍କୀୟ ଝିଆରୀ ସ୍ମୃତିରେଖାଙ୍କୁ ବିଜେପିର କମାଣ ଟେକି ଦେଇଥିବା କୁହାଯାଉଛି । ସେହିଦିନ ଠାରୁ ସ୍ମୃତିରେଖା ଧର୍ମଶାଳାର ନେତୃତ୍ୱ ସାଜିଥିବା ବେଳେ ପୁରୁଣା କର୍ମୀଙ୍କୁ ଅଣଦେଖା କାରଣରୁ ତାଙ୍କ ପ୍ରତି ଦଳୀୟ କର୍ମୀଙ୍କ ସମର୍ଥନ କମୁଥିବା ଦେଖିବାକୁ ମିଳୁଛି । ସେହିପରି ସମାଜସେବାରୁ ରାଜନୀତିରେ ପାଦ ଥାପିଥିବା ଅଂଶୁମାନ ମେମୋରିଆଲ ଟ୍ରଷ୍ଟର ସମ୍ପାଦକ ତଥା ଯୁବନେତା ହିମାଂଶୁ ଶେଖର ସାହୁ ୨୦୨୩ ଡିସେମ୍ବର ୧୪ରେ ବିଜଦ ଦଳ ତ୍ୟାଗକରି ଭାଜପରେ ଯୋଗ ଦେଇଥିଲେ । ଏକ ବିଶାଳ ମଟର ସାଇକେଲ ଶୋଭାଯାତ୍ରା କରିବା ସହ ଧର୍ମଶାଳାରେ ବିଜେପି ଟିକେଟ ଆଶାରେ ଦୈନିକ ମିଶ୍ରଣ ପର୍ବ ଠାରୁ ଆରମ୍ଭ କରି ଗାଁ ଗାଁ ରେ ମଧ୍ୟ ବଡ ବଡ ସଭା ର ଆୟୋଜନ କରୁଥିବା ଦେଖିବାକୁ ମିଳୁଛି । ହିମାଂଶୁଙ୍କ ଭାଜପାରେ ଯୋଗ ଦେବା ପରଠାରୁ ଧର୍ମଶାଳା ଭାଜପା ଚଳଚଞ୍ଚଳ ହୋଇ ପଡ଼ିଛି । ଧର୍ମଶାଳାର ଅନ୍ୟ ଜଣେ ଟାଣୁଆ ଏବଂ ଦକ୍ଷ ନେତା ଭାବେ ରାଜ୍ୟ ରାଜନୀତିରେ ପରିଚୟ ସୃଷ୍ଟି କରିଥିବା ସର୍ବେଶ୍ୱର ବେହୁରା ୧୯୯୪ ମସିହାରୁ ଅଦ୍ୟାବଧି ଦଳରେ ବହୁ ଗୁରୁ ଦାଇତ୍ୱ ସୁଚାରୁ ରୂପେ ତୁଲାଇ ଆସିଥିବା ବେଳେ ଏପର୍ଯ୍ୟନ୍ତ ଭାଜପା ଦଳରେ କାର୍ଯ୍ୟ କରୁଛନ୍ତି । ଦଳକୁ ଆଗେଇ ନେବାକୁ ସେ ଅନେକ ସଂଘର୍ଷ କରିଛନ୍ତି । ଧର୍ମଶାଳାରେ ଦୁର୍ନୀତି ଏବଂ ଭ୍ରଷ୍ଟାଚାର ବିରୁଦ୍ଧରେ ସର୍ବେଶ୍ୱର ଲଗାତାର ଲଢେଇ କରି ମାଫିଆ, ପୋଲିସ, ଶାସକ ଦଳର ନେତା ଏବଂ ଜିଲ୍ଲା ପ୍ରଶାସନର ଲଗାତାର ଆକ୍ରୋଶର ଶିକାର ହୋଇଛନ୍ତି । ଯାହାଫଳରେ ତାଙ୍କୁ ବୋମା ମାଡ଼ କରି ଜୀବନରୁ ମାରିଦେବାକୁ ଉଦ୍ୟମ କରାଯିବା ସହିତ ଭୋଗିବାକୁ ପଡ଼ିଛି କାରାଦଣ୍ଡ । ଏହା ପରେ ବି ସେ ଭାଙ୍ଗି ଯାଇନାହାଁନ୍ତି । ହେଲେ ତାଙ୍କ ପ୍ରତିଭା ନେତୃବୃନ୍ଦଙ୍କ ଦୃଷ୍ଟି ଆଢୁଆଳରେ ରହିଯାଉଥିଲେ ମଧ୍ୟ କେବେ ହେଲେ ଦଳ ଛାଡି ନାହାଁନ୍ତି । କି ଅନ୍ୟ କୌଣସି ଦଳକୁ ପରିବର୍ତ୍ତନ କରି ନାହାଁନ୍ତି କିମ୍ବା କୌଣସି ଦଳ ସହ ସାଲିସ୍ କରି ନଥିବା ବେଳେ ବିଜେପି ଦଳ କିନ୍ତୁ ଆମଦାନୀ ନେତା ବା ଦଳ ଡିଆଁଙ୍କୁ ଭରସା କରିଥିବାରୁ ସାଧାରଣ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ଥିବା ବେଳେ ଏବେ କିନ୍ତୁ ଧର୍ମଶାଳାରେ ଦେଖିବାକୁ ମିଳିଛି ରୋଚକ ସ୍ଥିତି । ଗୋଟିଏ ପଟେ ସର୍ବେଶ୍ୱର ପ୍ରତ୍ୟକ ଜୋନରେ ଦଳୀୟ କାର୍ଯ୍ୟକ୍ରମ କରୁଥିବା ବେଳେ ସର୍ବେଶ୍ୱରଙ୍କ ପ୍ରତି ଲୋକଙ୍କ ଭଲ ପାଇବା ଏବଂ ବିଶ୍ୱାସ ରହିଛି । ପୁନଃ ସ୍ମୃତିରେଖା ମଧ୍ୟ ଦଳର ସମସ୍ତ କାର୍ଯ୍ୟକ୍ରମକୁ କରୁଛନ୍ତି । ହେଲେ ସ୍ମୃତିରେଖାଙ୍କ ଉପରେ ଭରସା କରିପାରୁ ନାହାନ୍ତି ପୁରୁଣା କର୍ମୀ ଓ ନେତା । ୨୦୨୪ ନିର୍ବାଚନ ରେ ବିଜେପି ଟିକେଟ ଆଶାରେ ଧର୍ମଶାଳା ରୁ ସର୍ବେଶ୍ୱର ବେହୁରା, ସ୍ମୃତିରେଖା ପହି ଏବଂ ହିମାଂଶୁ ଶେଖର ସାହୁ ଥିବା ବେଳେ କାର୍ଯ୍ୟକର୍ତା ମାନେ ଏ ତିନି ଜଣଙ୍କ ମଧ୍ୟରୁ କାହାକୁ ଗ୍ରହଣ କରିବେ ଏନେଇ ସେମାନେ ଦ୍ୱନ୍ଦରେ । କାରଣ ଏ ତିନି ଜଣ ଦୈନିକ ଭିନ୍ନ ଭିନ୍ନ ଭାବରେ ବିଜେପିର କାର୍ଯ୍ୟକ୍ରମ କରୁଥିବା ବେଳେ ରାଜ୍ୟ ବିଜେପିବି ଚୁପ୍ ହୋଇ ବସିଛନ୍ତି । ମୁଣ୍ଡ ଉପରେ ନିର୍ବାଚନ ଥିଲେ ମଧ୍ୟ ବିଜେପି ରାଜ୍ୟ ନେତାଙ୍କ କିନ୍ତୁ ଚିନ୍ତା ନାହିଁ । ଅଦ୍ୟାବଧି ଏ ତିନି ଜଣଙ୍କ ମଧ୍ୟରୁ ଠିକ ସେ କାହାକୁ ନିର୍ବାଚନ ଦାୟିତ୍ୱରେ ନିୟୋଜିତ କରିବା ଏବଂ କାହାକୁ ଧର୍ମଶାଳାରେ ଗୁରୁ ଦାୟିତ୍ୱ ଦେବା ତାହା ଦଳ ଠିକ କରିପାରୁନି । ଯାହାଫଳରେ ସାଧାରଣ ଲୋକେ ବିଜେପି ଦଳକୁ ଏବେ ସନ୍ଦେହ ଚକ୍ଷୁରେ ଦେଖିବାକୁ ଆରମ୍ଭ କଲେଣି । ତେବେ ଧର୍ମଶାଳାରେ ବିଜେପି ର ଏପରି ଗୋଠ ଖଣ୍ଡିଆ ସ୍ଥିତିକୁ ଦେଖି ଅନ୍ୟ ଦଳର ନେତାମାନେ ନାକରେ କାଠି ପୁରାଇ ଛିଙ୍କୁଛନ୍ତି ।

# ନକଲି କପଡା ବ୍ରାଣ୍ଡ ହବ୍ ପାଲଟିଛି




**କଳାହାଣ୍ଡି (ଅମୃତ ମିଡ଼ିଆ) :** ରାଜ୍ୟର ଅନେକ ସହର ରେ ଅସାଧୁ ବ୍ୟବସାୟୀ ନକଲି କପଡ଼ାରେ ବିଭିନ୍ନ କମ୍ପାନୀର ବ୍ରାଣ୍ଡ ଲୋଗୋ ଲଗେଇ କଳା ବ୍ୟବସାୟ କରି ମାଲାମାଲ ହେଉଥିବା ବେଳେ କଳାହାଣ୍ଡି ଜିଲ୍ଲା ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ । ଜିଲ୍ଲାର ବିଭିନ୍ନ ସହର ଓ ବସ୍ତିରେ ମଧ୍ୟ ଏଭଳି ଚାଲିଥିବା ଅଭିଯୋଗ ହୋଇଛି । ନକଲି ପ୍ୟାଣ୍ଟ ଓ ସାର୍ଟରେ ଅସଲି ବ୍ରାଣ୍ଡର ଲୋଗୋ ଲଗାଇ ବ୍ୟବସାୟୀମାନେ ଚଢ଼ା ଦରରେ ବିକ୍ରି କରୁଛନ୍ତି । ଏବେ ବିବାହ ଓ ବିଭିନ୍ନ ପାର୍ବଣ ଋତୁ ହୋଇଥିବା ରୁ ଲୋକେ ପରିବାରବର୍ଗଙ୍କ ପାଇଁ ନୂଆ ଲୁଗାପଟା କିଣୁଛନ୍ତି । ଏଥିପାଇଁ କିଛି କପଡ଼ା ବ୍ୟବସାୟୀ ଅଧିକ ଲାଭଖୋର ମନୋବୃତ୍ତି ନେଇ ଶସ୍ତା କପଡ଼ା ଉପରେ ଅସଲି ନାମୀଦାମି ବ୍ରାଣ୍ଡର ଷ୍ଟିକର ଓ ଲୋଗୋ ଲଗାଇ ଗ୍ରାହକଙ୍କୁ ବିକ୍ରି କରି ଠକୁଥିବା ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନର ଚିତ୍ର ସାମ୍ନାକୁ ଆସିଛି । ଜିଲ୍ଲାରେ ଥିବା ବିଭିନ୍ନ ସହର ର ପୁରୁଣା ବ୍ୟବସାୟୀ ଅଧିକ ଟଙ୍କା ପାଇବା ଆଶାରେ ଗ୍ରାହକଙ୍କୁ ଏପରି ଢଙ୍ଗରେ ଠକି ଚାଲିଥିବା ସନ୍ଦେହ କରାଯାଉଛି ।ଏପରିକି ଜିଲ୍ଲା ର ରୁପ୍ରାରୋଡ ର ନିର୍ଦ୍ଦିଷ୍ଟ କପଡ଼ା ବ୍ୟବସାୟୀ ନିଜ ଗୋଦାମରେ ଶସ୍ତା କପଡ଼ା ଉପରେ ଅସଲି ନାମୀ ଦାମୀ ବ୍ରାଣ୍ଡର ଷ୍ଟିକର ଓ ଲୋଗୋ ଲଗାଇ ଦେକାନ ରେ ଗ୍ରାହକଙ୍କୁ ବିକ୍ରି କରୁଛନ୍ତି । ଏହିସବୁ କପଡ଼ା ମଧ୍ୟରୁ ଅଧିକାଂଶ ପ୍ୟାଣ୍ଟ, ସାର୍ଟ ରୁପ୍ରାରୋଡ ରେ ହିଁ ନିଜସ୍ୱ ଟେଲର ମସିନରେ ସିଲାଇ କରାଯାଇ ନାମି ବ୍ରାଣ୍ଡ ଭାବେ ଗ୍ରାହକଙ୍କୁ ଭକୁଆ ବନାଉଥିବା ଆଲୋଚନା ହେଉଛି । ଏହି କପଡ଼ାକୁ କିଣି ବ୍ୟବହାର କଲେ ଅଳ୍ପ ଦିନ ଭିତରେ ରଙ୍ଗ ଛାଡି ଯାଉଥିବା ବେଳେ ନକଲି ପୋଷାକରେ ଅସଲି ଲୋଗୋ କପଡ଼ା ମଧ୍ୟ ଫାଟି ଯାଉଛି । ରୁପ୍ରାରୋଡ ର ନିର୍ଦ୍ଦିଷ୍ଟ କପଡ଼ା ବ୍ୟବସାୟୀ ଏହି କାରବାର ଚଳାଇଥିବା ବେଳେ ଖାସ୍ କରି ଜିନ୍ସ ପ୍ୟାଣ୍ଟ ଓ ସାର୍ଟ ଉପରେ ଲୋକେ ଅଧିକ ପରିମାଣରେ ଠକାମୀର ଶିକାର ହେଉଛନ୍ତି । ଅସଲୀ ବ୍ରାଣ୍ଡ ଭାବି ଲୋକେ କିଣାକିଣି କରୁଥିବା ବେଳେ ସେହି କପଡ଼ା ଅସଲୀ କି ନକଲି ବୋଲି ଚିହ୍ନିବା ମଧ୍ୟ ଏତେ ସହଜ ନୁହେଁ । ଅସଲୀ ନାମିଦାମୀ ନାମୀ ବ୍ରାଣ୍ଡର ଷ୍ଟିକର ଓ ଲୋଗୋ ଲଗାଇ ଗ୍ରାହକଙ୍କୁ ଠକୁଥିବା ବେଳେ ଏହି ବ୍ୟବସାୟୀଙ୍କ ଯୋଗୁଁ ସରକାରଙ୍କ ଲକ୍ଷାଧିକ ରାଜସ୍ୱ ହାନୀ ମଧ୍ୟ ହୋଉଛି ଏହି ଅସାଧୁ ବ୍ୟବସାୟୀ ଜଣକ ପାଇଁ ରୁପ୍ରାରୋଡ଼ ସହ ଜିଲ୍ଲା ରେ ଥିବା ନାମୀ ଦାମୀ ଦୋକାନୀ ମଧ୍ୟ ବଦନାମ ହେଉଛି ଓ ଏହି ବ୍ୟବସାୟୀଙ୍କ ଲମ୍ୱା ହାତ ଥିବାରୁ କୌଣସି ଆଖି ଦୃଶିଆ ଚଢ଼ାଉ ହୋଇ ପାରିନାହିଁ । ଯାହାଫଳରେ ଦୀର୍ଘ ବର୍ଷରୁ ବେଫିକର ଭାବେ ସେ ଏହି କାରବାର ଚଳାଇ ଆସୁଛି । ଏପରି ବ୍ୟବସାୟୀଙ୍କ ପାଇଁ ରୁପ୍ରାରୋଡ ବଦନାମ ହେବାସହ ଗତ ନୂଆଁଖାଇ ରେ ଏହି ବସ୍ତିରେ ବେପାର ମାନ୍ଦା ରହିଥିବା ଜଣାପଡିଛି । ଯେଉଁମାନେ ଏହି ସ୍ଥାନର କପଡ଼ା ବ୍ୟବହାର କରି ଠକେଇର ଶିକାର ହୋଇଛନ୍ତି ସେମାନେ ଆଉ ଏଠାକୁ ନଆସି ଭବାନୀପାଟଣା, ଜୁନାଗଡ଼, ଧର୍ମଗଡ,ନର୍ଲା, କେସିଙ୍ଗା ଆଦି ସହରକୁ ଯାଇ କିଣାକିଣି କରିଥିବା ଦେଖାଯାଉଛି । ତେଣୁ ଏ ଦିଗରେ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେଇ ବ୍ୟବସାୟୀଙ୍କ ଦେକାନ, ପ୍ରତିଷ୍ଠାନ ଓ ଗୋଦାମ ଉପରେ ଚଢ଼ାଉ କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି ।

## ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ରାସ୍ତା ନିମ୍ନମାନର

# ପିଚୁ ଛାଡିଯିବା ସହ କଂକ୍ରିଟ ଫାଟି ଦୁଇଫାଳ

**ରାଜନଗର (ଅମୃତ ମିଡିଆ) :** ରାଜନଗର ବ୍ଲକରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ସବଡିଭିଜନ ଦୁର୍ନିତୀର ଗନ୍ତାଘର ପାଲଟିଛି । ଏହି ବିଭାଗ ଅଧିନରେ ରାସ୍ତା ନିର୍ମାଣ, ରାସ୍ତା ମରାମତି ଓ ଘର ନିର୍ମାଣ ପ୍ରଭୃତି କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି । ଖାଲି ସେତିକି ନୁହେଁ, କାର୍ଯ୍ୟାଳୟ ମରାମତି ନାଁରେ ଲକ୍ଷାଧିକ ଟଙ୍କାର ଜାଲ ବିଲ ଉଠାଯାଇଥିବା ଅଭିଯୋଗ ହୋଇଛି । ଗୋପାଳପୁର-କେରଡାଗଡ ପୂର୍ତ୍ତ ବିଭାଗ ରାସ୍ତାରୁ ଭାଟପଡା ଛକଠାରୁ ଟଙ୍ଗଣତୈଳା ଯାଏଁ ଯାଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ଅବଧି ପୂରିବାର ପ୍ରାୟ ୧୦ମାସ ପରେ ନିର୍ମାଣ ସରିଛି । ଦୀର୍ଘବର୍ଷର ବ୍ୟବଧାନ ପରେ ଭାଟପଡା ଛକରୁ ଭାଟପଡା, ଖଣ୍ଡେଇପଡା, ମଧ୍ୟପଡା, ଗୋବିନ୍ଦପୁର, ସନ୍ଥପଡା ଦେଇ ଟାଙ୍ଗଣତୈଳା ପର୍ଯ୍ୟନ୍ତ ଯାଇଥିବା ୬କିଲୋମିଟର ୬୪୦ ମିଟର ରାସ୍ତା ଏବେ ପୁନଃନିର୍ମାଣ ସରିବାର ମାସ କେତେଟା ପରେ କଂକ୍ରିଟ ରାସ୍ତା ଖଣ୍ଡେଇପଡା ଗାଁ ନିକଟରେ ଫାଟି ଦୁଇଫାଳ



ହୋଇଯାଇଛି । ରାସ୍ତା କଡରେ ମାଟି ପଡିନି । ଏହି ରାସ୍ତାରେ ହୋଇଥିବା ପିଚୁ ବିଭିନ୍ନ ସ୍ଥାନରେ ଉଠିଯାଇ ଖଣ୍ଡିଆ ଖାବରା ହୋଇଯାଇଛି । ଏହି ରାସ୍ତା କାମ ସମୟରେ ବିଭାଗୀୟ ଯନ୍ତ୍ରୀ ତଦାରଖ କରିଥିଲେ ଠିକାସଂସ୍ଥା ଏପରି ନିମ୍ନମାନର କାମ କରିପାରିନଥାନ୍ତା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଖଣ୍ଡେଇପଡା ଗାଁ ନିକଟ କଂକ୍ରିଟ ରାସ୍ତାର କଡରେ ମାଟି ନଥିବାରୁ ମଝିରେ ହୋଇଥିବା ଫାଟ କ୍ରମଶଃ ବଢିବାରେ ଲାଗିଛି । ଆଗକୁ ମରଣଯନ୍ତା ପାଲଟିବାର ସମ୍ଭାବନା ସୃଷ୍ଟି ହୋଇଛି । କୋଟି କୋଟି ଟଙ୍କା ବ୍ୟୟ ଅଟକଳରେ କରାଯାଇଥିବା ରାସ୍ତା ମାସ କେତେଟା ମଧ୍ୟରେ କଂକ୍ରିଟ ଫାଟିଗଲା କାହିଁକି ? ପିଚୁ ଉଠିଯିବାର କାରଣ କଣ ? ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ଏହି ରାସ୍ତା କାମରେ ହୋଇଥିବା ଦୁର୍ନିତୀ ପଦାକୁ ଆସିବ ବୋଲି ସ୍ଥାନୀୟ ଲୋକେ ଦାବୀ କରିଛନ୍ତି । ସୂଚନା ଥାଉକି, ୨୦୧୧ ମସିହାରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ପୂର୍ବରୁ ନିର୍ମାଣ ହୋଇଥିବା ଏହି ରାସ୍ତା ଫାଟିଯାଇ କଂକ୍ରିଟ ଓ ପିଚୁ ହୋଇଥିବା ସ୍ଥାନମାନଙ୍କରେ ଘାସ ଉଠିଥିଲା । ଏବେ ୩କୋଟି୩୧ଲକ୍ଷ ୨୮ହଜାର ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେଉଥିବା ଏହି ରାସ୍ତା କାମ ଚାଲିଥିବା ସମୟରେ ବିଭାଗୀୟ ଯନ୍ତ୍ରୀ କିମ୍ବା କର୍ମଚାରୀଙ୍କୁ ଦେଖିବାକୁ ମିଳୁନଥିଲା । ଏହା ୨୦୨୨ ଅପ୍ରେଲ ୭ରୁ ଆରମ୍ଭ ହୋଇ ୨୦୨୩ ମାର୍ଚ୍ଚ ୬ ତାରିଖ ସୁଦ୍ଧା ସଂପୂର୍ଣ୍ଣ ହେବ ବୋଲି ସୂଚନା ଫଳକ ଲାଗିଛି ।

# କାର୍ ଧକ୍କାରେ ଯୁବକ ମୃତ

**କଳାହାଣ୍ଡି (ଅମୃତ ମିଡ଼ିଆ) :** କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ ଦୁଲକିବନ୍ଧ ମୁଖ୍ୟ ରାସ୍ତାର ବଡକୁଟ୍ରୁ ହୋମିଓପାଥି ଚିକିତ୍ସାଳୟ ସମ୍ମୁଖରେ କାର ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ସୂଚନା ଅନୁସାରେ ସାନକୁଟ୍ରୁ ଗ୍ରାମର ବଳିଷ୍ଠ କୁମାର ନାମକ ଜନୈକ ଯୁବକ ରାସ୍ତାରେ ଚାଲି ଚାଲି ଯାଉଥିବା ବେଳେ ଓଡି,୦୮,୫୮୯୮ ନମ୍ବର ବିଶିଷ୍ଟ ଏକ କାର ବଳିଷ୍ଠଙ୍କୁ ଧକ୍କା ଦେଇଥିଲା । ଯାହା ଫଳରେ ବଳିଷ୍ଠ ଗୁରୁତର ଅବସ୍ଥାରେ ପଡି ରହିଥିବା ବେଳେ ସ୍ଥାନୀୟ ଲୋକଙ୍କର ଠାରୁ ସୂଚନା ପାଇ ବଡକୁଟ୍ରୁ ପୁଲିସ ଫାଣ୍ଡି ଅଧିକାରୀ ଶିବ ଶଙ୍କର ମହାନ୍ତି ଘଟଣା ସ୍ଥଳରେ ପହଞ୍ଚିଥିଲେ । ଗୁରୁତର ବଳିଷ୍ଠଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । କିନ୍ତୁ ଡାକ୍ତର ବଳିଷ୍ଠଙ୍କୁ ମୃତ ଘୋଷଣା କରିଛନ୍ତି । ଦୁର୍ଘଟଣା ପରେ କାର ଡ୍ରାଇଭର ଫେରାର ରହିଥିବା ଜଣାପଡିଛି । ପୋଲିସ ଘଟଣା ର ତଦନ୍ତ ଜାରି ରଖୁଛନ୍ତି ।

# ଏନ୍‌ଏସି ପକ୍ଷରୁ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ



**ଖଣ୍ଡପଡା (ଅମୃତ ମିଡ଼ିଆ) :** ଖଣ୍ଡପଡ଼ା ବିଜ୍ଞାପିତ ଅଂଚଳ ପରିଷଦ କାର୍ଯ୍ୟାଳୟ ପକ୍ଷରୁ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ୨୦୨୪ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ସହରାଂଚଳରେ ୩ ତାରିଖ ଠାରୁ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ କାର୍ଯ୍ୟାଳୟ ପକ୍ଷରୁ ଅସ୍ମିତା ରଥ ସମସ୍ତ ୧୩ ଗୋଟି ୱାର୍ଡ଼ ପରିକ୍ରମା କରି ପ୍ରଥମ ବିଶ୍ୱ ଓଡ଼ିଆଭାଷା ସମ୍ମିଳନୀର ପ୍ରଚାର କରିଥିବା ଦେଖାଯାଇଥିଲା । ସ୍ଥାନୀୟ ପଠାଣିସାମନ୍ତ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏନ୍‌ଏସି ନିର୍ବାହୀ ଅଧିକାରୀ ନିରଂଜନ କୁମାର ଧଳ ପୌରହିତ୍ୟ କରିଥିବା ସମୟରେ ଏନ୍‌ଏସି ଅଧକ୍ଷା ଆରତୀ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳର ବରିଷ୍ଠ ଆଇନ୍‌ଜୀବି ତଥା ସୁସାହିତ୍ୟିକ ମାଧବ ପ୍ରସାଦ ମିଶ୍ର, ଅବସରପ୍ରାପ୍ତ ନାବାର୍ଡ଼ ଅଧିକାରୀ ତାଥା ସୁନାମଧନ୍ୟ ଲେଖକ କୁଳମଣି ଷଡଙ୍ଗି, ଅବସରପ୍ରାପ୍ତ ପୋଷ୍ଟମାଷ୍ଟର ତଥା ଶିଶୁକବି କାଶିନାଥ ଦାସ ଓ ଆଶୁ କବି ଲୋକନାଥ ମହାରଣାଙ୍କୁ ଅତିଥିମାନଙ୍କ ଦ୍ୱାରା ଉପଢୌକନ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ କାର୍ଯ୍ୟାଳୟ ପକ୍ଷରୁ ଅନୁଷ୍ଠିତ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାରେ ଭାଗ ନେଇଥିବା ସ୍ଥାନୀୟ ବିଦ୍ୟାଳୟ ଓ ମହାବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀମାନଙ୍କ ସହ ଓଡ଼ିଶୀ ନୃତ୍ୟଶିଳ୍ପୀ ରତିକ୍ ଦାଶଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥଲା । ଏହି କାର୍ଯ୍ୟକ୍ରମରେ କାର୍ଯ୍ୟାଳୟର ମିଶନଶକ୍ତି ପରିଚାଳକ ରଘୁନାଥ ସେଠୀଙ୍କ ସହିତ ସମସ୍ତ କର୍ମଚାରୀ ସହଯୋଗ କରିଥିବା ଜଣାଯାଇଛି ।

# ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁକ୍ତଦୁଇ ଛାତ୍ରୀଙ୍କୁ ଆତ୍ମସୁରକ୍ଷା ତାଲିମ ଶିବିର



**ନୂଆପଡ଼ା (ଅମୃତ ମିଡିଆ) :** ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ରେ ଯୁକ୍ତ ଦୁଇ ସମସ୍ତ ଛାତ୍ରୀଙ୍କୁ ଆତ୍ମ ସୁରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଅଛି । ୦୫.୦୨.୨୪ ରିଖ ଦୀର୍ଘ ୧୧ ଦିନ ପର୍ଯ୍ୟନ୍ତ ଆତ୍ମ ସୁରକ୍ଷା ଶିବିର କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହ ପାଳିତ ହୋଇଯାଇଛି । ଅଧକ୍ଷ ଡ଼ ତରୁଣ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଯୁକ୍ତ ଦୁଇ ଅଧକ୍ଷ ପ୍ରଶାନ୍ତ କୁମାର ପଣ୍ଡା, ଅଧାପିକା ଡ଼ ଗୀତାଶ୍ରୀ ପ୍ରିୟମ୍ବଦା, ଅଧାପିକା ପ୍ରଣତୀ ପଣ୍ଡା ପ୍ରମୁଖ ଆତ୍ମ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ । ଶିବିର ର ଉଦ୍ଦେଶ୍ୟ ତାଲିମ ଶିବିର କାର୍ଯ୍ୟକ୍ରମ ଅଧିକାରୀ ଅଧାପିକା ନିବେଦିତା ଆଚାରି ଉପସ୍ଥାପିତ କରିଥିଲେ । ଶିବିର ର ମାଷ୍ଟର ଟ୍ରେନର ଦ୍ୱୟ ସୁଶ୍ରୀ ଲିପାକ୍ଷୀ ରଯେ ଏବଂ ସୁଶ୍ରୀ ସରିତା ସତନାମୀ ତାଲିମ ଜନିତ କୌଶଳ ପ୍ରଦର୍ଶିତ କରିଥିଲେ ତଥା ଗୁରୁତ୍ୱ ବିଷୟରେ ସଚେତନତା ମୂଳକ ତଥ୍ୟ ପ୍ରଦାନ କରିଥିଲେ । ସମସ୍ତ ତାଲିମ ପ୍ରାପ୍ତ ଛାତ୍ରୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଅଧାପକ ସୁନୀଲ କୁମାର ପାଢୀ, ଅଧାପକ ସୂର୍ଯ୍ୟକାନ୍ତ ଠାକୁର, ଅଧାପକ ଡ଼ ରଣବୀର ସିଂ, ଅଧାପିକା ମିନା ଗୁଜୁରାତି ପ୍ରମୁଖ ମହାବିଦ୍ୟାଳୟର ସମସ୍ତ ଅଧାପକ/ଅଧାପିକା ଯୋଗ ଦେଇଥିଲେ ।

# ସମ୍ମାନିତ ହେଲେ ପାଇପ୍ ବେଣ୍ଡ୍ ଛାତ୍ରୀଦଳ



ବାରିପଦା (ଅମୃତ ମିଡିଆ) : ନୂଆ ଦିଲ୍ଲୀ ଠାରେ ଅନୁଷ୍ଠିତ ହୋଇଥିବା ଗତ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅଧିନସ୍ଥ ନିଶାପୋଷି ଗ୍ରାମ ସ୍ଥିତ ଦ୍ରୌପଦୀ ବାଳିକା ଉଚ୍ଚ ବିଦ୍ୟାଳୟ ର ୨୫ ଜଣ ଛାତ୍ରୀ ପାଇପ୍ ବେଣ୍ଡରେ ଅଂଶଗ୍ରହଣ କରି ସର୍ବ ଭାରତୀୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ଦେଶରେ ନାଁ ରଖିବା ସହ ଆମ ଓଡ଼ିଶା ରାଜ୍ୟ ର ମାନବୃଦ୍ଧି କରିଥିଲେ । ହେଲେ ରାଜ୍ୟ ସରକାର ସେ ଛାତ୍ରୀ ମାନଙ୍କୁ କୌଣସି ପ୍ରୋତ୍ସାହନ ଦେଇ ନାହାଁନ୍ତି କି ସେ ସ୍କୁଲ ର ବିକାଶ ପାଇଁ କୌଣସି ଆର୍ଥିକ ସହାୟତା ଦେଇପାରି ନାହାଁନ୍ତି । ପାଇପ୍ ବେଣ୍ଡ୍ ସେନା ବାହିନୀ ରେ ବ୍ୟବହାର କରାଯାଇଥାଏ । ଆଉ ଏପରି କଷ୍ଟକର ବାଦ୍ୟଯନ୍ତ୍ରର ତାଲିମ୍ ନେଇ ଛାତ୍ରୀ ମାନେ ଆଜି ସଫଳ ହୋଇ ପାରିଛନ୍ତି । ପିଲା ମାନଙ୍କ ର ଏପରି କାର୍ଯ୍ୟ କୁ ଦେଖି ଯଶିପୁର ର ଅବସରପ୍ରାପ୍ତ ମେଜର ଦେବେନ୍ଦ୍ରନାଥ ଦାସ ସେ ବିଦ୍ୟାଳୟ କୁ ଯାଇ ପାଇପ୍ ବେଣ୍ଡ୍ ଛାତ୍ରୀ ଦଳଙ୍କୁ ପ୍ରଶଂସା କରିବା ସହ ସ୍ୱାନ୍ତନା ମୂଳକ ପୁରସ୍କାର ଦେଇ ପିଲା ମାନଙ୍କୁ ସମ୍ମାନୀତ କରିଥିଲେ । ମେଜର ଦାସ୍ ଭାରତୀୟ ସେନା ବାହିନୀ ରେ ଥିବା ବେଳେ ବାଙ୍ଗଲାଦେଶ୍ ସ୍ୱାଧିନ ହେଲେ ୧୯୭୧ ରେ ଓ ୧୯୯୯ କାରଗିଲ୍ ଯୁଦ୍ଧରେ ପାକିସ୍ତାନ ସହ ଲଢି ଭାରତର ବିଜୟ ଧାରା ରେ ଜଡିତ ଥିଲେ । ମେଜର ଦାସ୍ ବିଦ୍ୟାଳୟ ରେ ପହଞ୍ଚିବା କ୍ଷଣି ଛାତ୍ରୀମାନେ ତାଙ୍କୁ ସ୍ୱାଗତ ଜଣାଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନରଞ୍ଜନ ମହାନ୍ତ, ସହକାରୀ ଶିକ୍ଷକ ସତ୍ୟ ରଞ୍ଜନ ମହାକୁଡ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହରେକୃଷ୍ଣ ମହାନ୍ତ, ସାମ୍ବାଦିକ ଦିଲୀପ କୁମାର ସାହୁ , ଲଲାଟେନ୍ଦୁ ପାତ୍ର ଏବଂ ସମାଜସେବୀ ସହନ୍ ରାମ୍ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଦୁର୍ବୃତ୍ତଙ୍କ ଆକ୍ରମଣରେ ଜଣେ ମୃତ

**ଜୟପୁର (ଅମୃତ ମିଡିଆ) :** ଦୁର୍ବୃତ୍ତଙ୍କ ଆକ୍ରମଣରେ ଜଣଙ୍କ ମୃତ୍ୟୁ ଦୁଇଜଣ ଗୁରୁତର । ବୈପାରୀଗୁଡା ବ୍ଲକ ଦୋରାଗୁଡା ଗ୍ରାମର ତିନିଜଣ ବ୍ୟକ୍ତି ବୁଲେଟ ଲମତାପୁଟରୁ ଘରକୁ ଫେରୁଥିଲେ କ୍ଷଲମତାପୁଟରୁ ପ୍ରାୟ ୪କିଲୋମିଟର ଦୂର କାଡ଼ାମଛକର ମୁଖ୍ୟ ରାସ୍ତରେ ଦୁର୍ବୃତ୍ତମାନେ ଲୁହା ଛଡ଼ ଏବଂ ଠେଙ୍ଗାରେ ଆକ୍ରମଣ କରିଥିଲେ ଘଟଣାସ୍ଥଳରେ ଗୁରୁ ଶୁକ୍ରୀଙ୍କ ମୃତ୍ୟୁ ହୋଇଥିବା ବେଳେ ସନିଆ ହନ୍ତାଳ ଏବଂ ସନିଆ ଖରା ଗୁରୁତର ଅବସ୍ଥାରେ ଲମତାପୁଟ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ରେ ଭର୍ତ୍ତି କରିଛନ୍ତି । ରାତିରେ ଲମତାପୁଟ ପୋଲିସ ପେଟ୍ରୋଲିଙ୍ଗ କରିବା ବେଳେ ଘଟଣାସ୍ଥଳରେ ପୋଲିସ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିବା ସହ ତଦନ୍ତ ଆରମ୍ଭ କରିଛି । ରାତିରେ ତିନିଜଣ ଲମତାପୁଟ ଉଡ଼ାନ ବାରରେ ମଦ୍ୟ ପାନ କରିବା ସମୟରେ କିଛି ବ୍ୟକ୍ତିଙ୍କ ସହ ପାଟିତୁଣ୍ଡ ହୋଇଥିଲା ।ହୁଏତ ସେମାନେ ଆକ୍ରମଣ କରିଥିବା ସନ୍ଦେହ କରୁଛି ପୋଲିସ ।

# ଦୈନିକ ବଜାରରେ ଜବରଦଖଲ ଉଚ୍ଛେଦ

**ଜୟପୁର (ଅମୃତ ମିଡିଆ) :** ଜୟପୁର ପୌରପାଳିକା ପକ୍ଷରୁ ଆଜି ଦୈନିକ ବଜାରରେ ଜବରଦଖଲ ଉଚ୍ଛେଦ କରାଯାଇଛି । ଦୀର୍ଘ ଦିନ ଧରି ଜୟପୁର ମୁଖ୍ୟ ବଜାର ରେ ବେଆଇନ ଭାବେ ଜାଗା କବ୍ଜା କରି ଛନ୍ତି ଅନେକ ଦୋକାନୀ । ଫଳରେ



ବଜାର କୁ ଭିତରକୁ ପଶିବା ଓ ବାହାରକୁ ବାହାରିବା ପାଇଁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏପରି ସ୍ଥିତିରେ ଦୈନିକ ବଜାରର ଦୋକାନୀ ମାନେ ରାସ୍ତା ଅବରୋଧ କରି ସାମଗ୍ରୀ ରଖି ବ୍ୟବସାୟ କରୁଛନ୍ତି । ଫଳରେ ରାସ୍ତାର ଉଭୟ ପାର୍ଶ୍ୱ ସଙ୍କୁଚିତ ହେଉଛି । ଏହାକୁ ନେଇ ଜୟପୁର ପୌର ପ୍ରଶାସନ ପକ୍ଷରୁ ବହୁବାର ସୂଚନା ଜାରି କରିବା ସତ୍ୱେ ଦୋକାନୀ ମାନେ ବେଆଇନ ଦଖଲରୁ ହଟି ନାହାନ୍ତି । ଆଜି ପୌର ପ୍ରଶାସନର କାର୍ଯ୍ୟ ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ଏବଂ ପୋଲିସ ମିଳିତ ଭାବେ ଜବରଦଖଲ ଉଚ୍ଛେଦ ଆରମ୍ଭ କରିଛନ୍ତି । ଏହି ଉଚ୍ଛେଦ ବେଳେ ଛୋଟ ଛୋଟ ବେପାରୀମାନେ ପୌର ପ୍ରଶାସନକୁ ବିରୋଧ କରିଥିଲେ । କିନ୍ତୁ ଜଣେ ଦକ୍ଷ ପୌର ପ୍ରଶାସନିକ ଅଧିକାରୀଙ୍କ ଏପରି କାର୍ଯ୍ୟକଳାପକୁ ସ୍ଥାନୀୟ ଅଞ୍ଚଳର ସାଧାରଣଲୋକେ ପ୍ରଶଂସା କରିଛନ୍ତି । ଏହି ଜବରଦଖଲ ଉଚ୍ଛେଦ ବେଳେ ଅନେକ ବ୍ୟବସାୟ ନିୟମ ଖିଲାପ କାରଣ ରୁ ଆଠ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ବେଳେ ଆଗକୁ ମଧ ଦୈନିକ ବଜାର ରେ ସଫେଇ ଉପରେ ଗୁରୁତ୍ୱ ଦିଆଯିବ ବୋଲି ପୌର ଅଧିକାରୀ ସିଦ୍ଧାର୍ଥ ପଟନାୟକ ସୂଚନା ଦେଇଛନ୍ତି ।

# ଆମ ଓଡ଼ିଶା, ସଚେତନତା କାର୍ଯ୍ୟକ୍ରମ



**ଖଣ୍ଡପଡା (ଅମୃତ ମିଡ଼ିଆ) :** ଖଣ୍ଡପଡ଼ା ବ୍ଲକ୍ ଅଧିନ ବାଣପୁର ଗ୍ରାମପଂଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶିଖରପୁରର ପୂର୍ବତନ ସରପଂଚ ବିଜୟ କୁମାର ତ୍ରିପାଠୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ୍ ଉପାଧକ୍ଷ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଖଣ୍ଡପଡ଼ା ବ୍ଲକ୍ ମହିଳା ବିଜେଡ଼ି ସଭାନେତ୍ରୀ ମିନତୀ ସାହୁ, ଯୁବ ବିଜେଡ଼ି ସଭାପତି ମନୋରଂଜନ ବେହେରା, ନୟାଗଡ଼ ସମବାୟ ସମିତି ବ୍ୟାଙ୍କର ନିର୍ଦ୍ଦେଶକ ମାଧବ ଚନ୍ଦ୍ର ସାହୁ, ସ୍ଥାନୀୟ ସରପଂଚ ପ୍ରତିମା ପ୍ରଧାନ, ସମିତିସଭ୍ୟା ସ୍ମିତାରାଣୀ ରାଉତ, ସିଧାମୂଳା ସରପଂଚ ଗୀତାଞ୍ଜଳୀ ଜେନା, ବାଣପୁର ବିଜେଡ଼ି ସଭାପତି ନବକିଶୋର ପ୍ରଧାନ, ଘଣାଶାଳିଆ ବିଜେଡ଼ି ସଭାପତି ଯୁଗଳ କିଶୋର ପ୍ରଧାନ, ବାଣପୁର ବସନ୍ତ କୁମାର ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ସନାତନ ମହାନ୍ତି, ଯୁଜିଏମ୍‌ଇର ପ୍ରଧାନ ଶିକ୍ଷୟତ୍ରୀ ସୁରମା ମହାରଣା ଅତିଥି ଭାବେ ଯୋଗଦେଇ ସରକାରଙ୍କ ଜନହିତକର ଯୋଜନା ଗୁଡ଼ିକ ସମ୍ପର୍କରେ ଲୋକଙ୍କର ଧ୍ୟାନ ଆକର୍ଷଣ କରିଥିଲେ । ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ, ଧାର୍ମିକ ସ୍ଥଳୀଗୁଡ଼ିକର ରୁପାନ୍ତରୀକରଣ, ମହିଳା ସଶକ୍ତିକରଣ ଓ ଭିତିଭୂମିର ବିକାଶ, ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକର ରୁପାନ୍ତରୀକରଣ, କ୍ରୀଡ଼ା ଭିତିଭୂମିର ବିକାଶ, ଐତିହ୍ୟର ସୁରକ୍ଷା ସହିତ ରାଜ୍ୟ ସରକାରଙ୍କ ପଂଚାୟତ ସ୍ତରୀୟ ଅନୁଦାନ ଓ ବିନିଯୋଗକୁ ନେଇ ପ୍ରତ୍ୟେକଟି ଉନ୍ନୟନ କାର୍ଯ୍ୟଉପରେ ପର୍ଯ୍ୟବେଶିତ ଏବଂ ଆଧାରକୁ ଭିତିକରି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ଜଣାପଡ଼ିଛି । ବିଶେଷ କରି ସରକାରୀ ଅନୁଦାନ ସହ ସମ୍ପୃକ୍ତ ଗ୍ରାମପଂଚାୟତରେ, ବ୍ଲକ୍ ସ୍ତରରେ ଓ ଜିଲ୍ଲାରେ ପ୍ରତ୍ୟେକ ଉନ୍ନୟନ କାର୍ଯ୍ୟ ଉପରେ ଜନସାଧାରଣଙ୍କୁ ସଚେତନ କରାଇବା ଅନୁଷ୍ଠିତ କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିବା ଲକ୍ଷ୍ୟ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଅଂଚଳର ୱାର୍ଡ଼ ସଭ୍ୟ, ଜନସେବୀ ଓ ଉପସ୍ଥିତ ସମ୍ବାଦିକମାନଙ୍କ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ଉଦ୍ୟାନ ଓ କୃଷି ବିଭାଗ ପକ୍ଷରୁ ଷ୍ଟଲ୍ କରାଯାଇ ସ୍ୱୟଂ ଉତ୍ପାଦିତ ଦ୍ରବ୍ୟଗୁଡ଼ିକୁ ପ୍ରଦର୍ଶିତ କରାଯାଇଥିଲା ଓ ବିଭିନ୍ନ ଧରଣର ମନୋରଂଜନ କାର୍ଯ୍ୟକ୍ରମ ମାଧ୍ୟମରେ ଉପସ୍ଥିତ ଜନସାଧାରଣଙ୍କୁ ଉତ୍ସାହିତ କରାଯାଇଥିଲା । ସମ୍ପୃକ୍ତ ପଂଚାୟତର ନିର୍ବାହୀ ଅଧିକାରୀ ଜୟକୃଷ୍ଣ ସେଠୀ ଓ ଜିଆରଏସ୍‌ଙ୍କ ସହ ସରପଂଚ ପ୍ରତିନିଧି ମିଥୁନ୍ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ଜଣାଯାଇଛି ।

# କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିଶୃଙ୍ଖଳା ଚରମ ସୀମାରେ

କେନ୍ଦ୍ରାପଡ଼ା (ଅମୃତ ମିଡିଆ) : କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଗୋଟିଏ ପରେ ଗୋଟିଏ ଛାତ୍ର ବିଶୃଙ୍ଖଳା ଘଟଣା କଲେଜକୁ କଳଙ୍କିତ କରିବାରେ ଲାଗିଛି । କିନ୍ତୁ ଏଦିଗରେ କଲେଜ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ଓ ଚୁପ ହୋଇ ବସିଯିବା ବିଶୃଙ୍ଖଳାକାରୀଙ୍କୁ ଉତ୍ସାହିତ କରୁଛି । ଏହା ମଧ୍ୟରେ କଲେଜ ପରିସରରେ ୪ଟି ଏଭଳି ଘଟଣା ଘଟି ଯାଇଥିବା ଦେଖାଯାଇଛି । ସେଥିମଧ୍ୟରୁ କଲେଜ କର୍ମଚାରୀଙ୍କୁ ଆକ୍ରମଣ ଘଟଣା ସହ ୪ଟି ଘଟଣା କଲେଜ ପରିସରରେ ଘଟିଯାଇଥିବା ବେଳେ କଲେଜ କର୍ତ୍ତୃପକ୍ଷ କୌଣସି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିନଥିବା ସାଧାରଣରେ ସନ୍ଦେହ ସୃଷ୍ଟି କରିଥିବା ବେଳେ କର୍ମଚାରୀ ଓ ଅଧାପକ/ଅଧାପିକାମାନଙ୍କ ମନବଳକୁ ହ୍ରାସ କରିଥିବା ଦେଖାଯାଇଛି । ପ୍ରାୟ ବର୍ଷକ ତଳେ କଲେଜର ଜଣେ କର୍ମଚାରୀ ରମେଶ ଦାସଙ୍କୁ କଲେଜ ପରିସରରେ ଅଣଛାତ୍ରଙ୍କ ମରଣାନ୍ତଙ୍କ ଆକ୍ରମଣ ଘଟଣା ପରେ ଗଣିତ ବିଭାଗର ମୁଖ୍ୟ ପ୍ରଫେସର ଅଶୋକ ମିଶ୍ରଙ୍କୁ ତାଙ୍କ ବିଭାଗୀୟ କାର୍ଯ୍ୟାଳୟରେ ଅଣଚାତ୍ରଙ୍କ ଦ୍ୱାରା ଅଶ୍ଳୀଳ ଭାଷାରେ ଗାଳିଗୁଳଜ କରିବା, ଅଶ୍ଳୀଳତା ପ୍ରଦର୍ଶନକୁ ସୁଯୋଗ ନଦେବାରୁ କଲେଜର ୨ଜଣ ଅଧାପିକାଙ୍କୁ ଜନୈକ ଛାତ୍ରୀ ଗାଳିଗୁଲଜ କରିବା ସହ ଅଙ୍ଗୁଳି ଦେଖାଇ ଆପତ୍ତି ଜନକ ଆଖେପ କରିବା ଘଟଣା ମନରୁ ଲିଭି ନଥିବା ବେଳେ ଏବେ ୨ଦିନ ତଳେ ପରୀକ୍ଷା ହଲରେ ଜନୈକ ପିଜି ଛାତ୍ରର ବେଆଇନ କାର୍ଯ୍ୟକୁ ବିରୋଧ କରିବାରୁ କଲେଜର ରସାୟନ ବିଜ୍ଞାନ ବିଭାଗ ଅଧାପିକାଙ୍କୁ ସଂପୃକ୍ତ ଛାତ୍ରର ଅଶାଳୀନ ବ୍ୟବହାର ଘଟଣା ସାଧାରଣରେ କଲେଜର ସମ୍ମାନକୁ ଭୁଲୁଣ୍ଠିତ କରାଯାଉଥିବା ଅଭିଯୋଗ ହୋଇଛି । କେଉଁ କାରଣ ପାଇଁ କଲେଜ କର୍ତ୍ତୃପକ୍ଷ ଏସମସ୍ତ ଘଟଣାକୁ ଆଖିବୁଜି ଦେଉଛନ୍ତି ତାହା ବୁଝାପଡୁନାହିଁ । କଲେଜ କର୍ତ୍ତୃପକ୍ଷଙ୍କ ଏଭଳି ନିରବତାକୁ ନେଇ ସାଧାରଣରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କେତେକ ବିଶୃଙ୍ଖଳିତ ଛାତ୍ରଛାତ୍ରୀଙ୍କ ଅସଦ ଆଚରଣ ଯୋଗୁଁ ସାରା ମହାବିଦ୍ୟାଳୟ ଏବେ ବିଶୃଙ୍ଖଳିତ ହୋଇପଡିଛି । ଏହି ଘଟଣା କଲେଜ କର୍ତ୍ତୃପକ୍ଷଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଥିଲେ ବି କେଉଁ ଅଜଣା ଭୟରେ କଲେଜ କର୍ତ୍ତୃପକ୍ଷ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି ତାହା ସନ୍ଦେହ ସୃଷ୍ଟି କରିଛି । ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ସମର୍ଥନରେ ଜନୈକ ଛାତ୍ରନେତାଙ୍କ ପ୍ରରୋଚନାରେ କେତେକ ଅଣଛାତ୍ର କଲେଜରେ ଏଭଳି ଘଟଣା ଘଟାଇ ଚାଲିଥିବା ଅଭିଯୋଗ ହେଉଛି । ଅଧାପିକା ଦ୍ୱୟଙ୍କୁ ଜନୈକ ଛାତ୍ରୀଙ୍କ ଅସୌଜନ୍ୟ ଓ ବିଶୃଙ୍ଖଳିତ ଆଚରଣ ଘଟଣାରେ ଖବର ପାଇ ଟାଉନ ଥାନା ପୋଲିସ କଲେଜରେ ପହଞ୍ଚିବାରୁ ଶାନ୍ତିଭଙ୍ଗ ଘଟଣାକୁ ଏଡାଇ ଦିଆଯାଇଥିଲା । କିନ୍ତୁ ସେହି ଘଟଣାକୁ ପ୍ରାୟ ଏକମାସ ପୂରଣ ହୋଇଥିଲେବି କଲେଜ କର୍ତ୍ତୃପକ୍ଷ ସେହି ଦୁଇ ଅଧାପିକାଙ୍କୁ ଏପର୍ଯ୍ୟନ୍ତ ନ୍ୟାୟ ଦେଇପାରିନାହାନ୍ତି । ଗଣିତ ବିଭାଗ ମୁଖ୍ୟ ପ୍ରଫେସର ମିଶ୍ରଙ୍କୁ ଅଶ୍ଳିଳ ଭାଷାରେ ଗାଳିଗୁଳଜ କରିଥିବା ଅଣଛାତ୍ରଙ୍କ ବିରୋଧରେ କଲେଜ ପକ୍ଷରୁ ଥାନାରେ ଅଭିଯୋଗ କରିବାକୁ ବି କଲେଜ କର୍ତ୍ତୃପକ୍ଷ ଉଚିତ ମନେ କରିନାହାନ୍ତି । ଏହା ପରେ ଏବେ ରସାୟନ ବିଭାଗର ଅଧାପିକାଙ୍କୁ ପରୀକ୍ଷା ହଲରେ ପିଜି ଛାତ୍ରଙ୍କ ଆଶାଳୀନ ବ୍ୟବହାର ଘଟଣାକୁ କଲେଜ କର୍ତ୍ତୃପକ୍ଷ ଚାପିଦେବାକୁ ଉଦ୍ୟମ କରୁଥିବା ଅଭିଯୋଗ ଅଭିଯୋଗ ହୋଇଛି । ଏସବୁ ଘଟଣାରେ କଲେଜ ପକ୍ଷରୁ ତୁରନ୍ତ ପଦକ୍ଷେପ ଗ୍ରହଣ କରାନଗଲେ ଆଗାମୀ ଦିନରେ କଲେଜର ହୃତଗୌରବ ରକ୍ଷା ନିମନ୍ତେ ପୁରାତନ ଛାତ୍ରମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ ହେବେ ବୋଲି ପୁରାତନ ଛାତ୍ର ପରମାନନ୍ଦ ମହାରଣା, ଦୈତାରୀ ସେଠୀ, ପ୍ରତାପ ମହାନ୍ତି, ବିଶ୍ୱଜିତ ଦାସ, ପ୍ରଦୀପ ସାହୁ ପ୍ରମୁଖ ବହୁ ପୁରାତନ ଛାତ୍ର ଦାବି କରିଛନ୍ତି ।

# ବିଶ୍ୱ ଓଡିଆ ଭାଷା ସମ୍ମିଳନୀ କାହାପାଇଁ ?

**କୁଜଙ୍ଗ (ଅମୃତ ମିଡିଆ) :** ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଡଃ ହରିହର କାନୁନଗୋ ଙ୍କୁ ଭୁଲିଗଲା। ସରକାର ଓଡ଼ିଶାରେ ଭଲ କାମ କରୁଛନ୍ତି କିନ୍ତୁ ଗୋଟିଏ ଓଡ଼ିଆର ସ୍ୱାଭିମାନ କୋଟିଏ ଓଡ଼ିଆର 'ମାନ'। ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଲା ଏଥିପାଇଁ ପ୍ରଥମ ଅବଦାନ ଥିଲା ଡଃ ହରିହର କାନୁନଗୋଙ୍କର। ସେ ଓଡିଆ ଭାଷା ପ୍ରତିଷ୍ଠାନର ନିର୍ଦ୍ଦେଶକ ଥିଲେ ୦୩.୦୮.୨୦୧୧ ରୁ ୨୨.୦୧.୨୦୧୩ ପର୍ଯ୍ୟନ୍ତ। ଡ଼ କାନୁନଗୋ ଏକ ୧୬ ଜଣିଆ କମିଟି ଗଠନ କରିଥିଲେ ବିଶିଷ୍ଟ ଭାଷାବିତ୍, ଶିକ୍ଷାବିତ୍ , ଲିପି ତତ୍ତ୍ୱ ବିତ୍ ଏବଂ ଐତିହାସିକ ,ସାହିତ୍ୟିକ ଓ ଗବେଷକ ମାନଙ୍କୁ ନେଇ ଯେହେତୁ ଶ୍ରୀଜଗନ୍ନାଥଙ୍କ ନନ୍ଦୀ ଘୋଷ ରଥର ଚକ ସଂଖ୍ୟା ୧୬ ଏବଂ ଶ୍ରୀ ଜଗନ୍ନାଥ ସଂସ୍କୃତିରେ ୧୬ ଗୋଟିଏ ପରିପୂର୍ଣ୍ଣ ସଂଖ୍ୟା ସେଇ ପବିତ୍ର ଭାବର ମହାନ ପରମ୍ପରା ଅନୁଯାୟୀ ସେ କାମ ଆରମ୍ଭ କରିଥିଲେ ଏବଂ ଏହି ମହନୀୟ ପ୍ରକଳ୍ପ କାର୍ଯ୍ୟକର୍ମର ପ୍ରତ୍ୟକ୍ଷ ମୁକ ସାକ୍ଷୀ ହଉ ଛନ୍ତି ଡଃ ଧୃତି ଧର ଦାସ। ସେ ମୋର ଜଣେ ଭଲ ବନ୍ଧୁଥିବାରୁ ତାଙ୍କର କାର୍ଯ୍ୟଳୟ କୁ ଅନେକ ସମୟରେ ମୁଁ ଯାଏ ବୋଲି କାଇଛନ୍ତି ଡଃ ଦାସ। ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ପାଇଁ ତାଙ୍କର ଅନବରତ ଚେଷ୍ଟା ନିଶ୍ଚିତ ଭାବରେ ଏକ ପ୍ରଶଂସନୀୟ କାର୍ଯ୍ୟ କାର୍ଯ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ ଓ କିନ୍ତୁ ଆଶ୍ଚର୍ଯ୍ୟ ଲାଗେ କିଭଳି ଆମର ଓଡ଼ିଶା ସରକାର ତାଙ୍କୁ ଭୁଲିଗଲେ। ବାରସହ ବଢେଇ ପାଇଁ କୋଣାର୍କ ମନ୍ଦିରର ମୁଣ୍ଡି ମାରିଥିବା ଧର୍ମପଦ ଆ।ଜି କିଭଳି ଅଲୋଡା ଓ ଅଣଦେଖା ହୋଇଗଲା ବେଲି ପ୍ରଶ୍ନ କରି ଛନ୍ତି ବିଶିଷ୍ଟ ସମାଜସେବୀ ଓ ଶ୍ରୀ ଜଗନ୍ନାଥ ସଂସ୍କୃତି ଗବେଷକ ଡଃ ଧୃତିଧର ଦାସ। ଡଃ ଦାସ ପୁଣି କହିଛନ୍ତି ପୁଅ ବିବାହରେ ଭୋଜି ଖାଇବାକୁ ଆସିଥିବା ଅତିଥିମାନେ ଆନନ୍ଦରେ ଖାଇ ଘରକୁ ଫେରିଲେ ସତ କିନ୍ତୁ ପୁଅର ବାପ ଉପାସରେ ଆଜି ଦାଣ୍ଡରେ ବସିଛି। ଗଛ ଲଗାଇଲା କିଏ ? ଫଳ ଖାଇଲା। କିଏ ? ଓ କାନୁନଗୋଙ୍କ କାର୍ଯ୍ୟ ସଂପର୍କରେ ଅବଗତ ହେବା ଦରକାର ଥିଲା। ତାଙ୍କୁ ନିମନ୍ତ୍ରଣ ପତ୍ରଟିଏ ଦେଲେନି କି ପଚାରିଲେ ଲି ମଧ ଏଇ କଣ ମୋ ସରକାରଙ୍କର ପ୍ରକୃତ ଓଡିଆ ଭାଷା ସାହିତ୍ୟ, ସଂସ୍କୃତି ପାଇଁ କାମ କରିଥିବା ଲୋକଟିଏ ପାଇଁ ପୁରସ୍କାର। ଓଡ଼ିଶାର ଜନସାଧାରଣ ଓ ଗଣମାଧ୍ୟମ ଧ୍ୟାନ ଦିଅନ୍ତୁ ଓ ଏବେ ୩ ତାରିଖ ରୁ ୫ ତାରିଖ ଯେଉଁ ପ୍ରଥମ ବିଶ୍ୱ ଓଡ଼ିଆ ସମ୍ମିଳନୀ ପାଳନ କରାଯାଉଛି ଏହା ନୁହେଁ ଓ ୧୯୯୨ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ କାର୍ଯ୍ୟକାଳ ସମୟରେ ପ୍ରଥମ ବିଶ୍ୱ ଓଡ଼ିଆ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହା ହେଉଛି ସ୍ମାରକୀ ଗ୍ରନ୍ଥର ପ୍ରଥମ ଫର୍ଦ ଓ ଏହିଭଳି ଭାବରେ ରାଜ୍ୟ ସରକାର ସାଢେ ଚାରି କୋଟି ଓଡିଶା ବାସୀଙ୍କୁ ଭୁଆଁ ବୁଲାଇବାରେ ଲାଗିଛନ୍ତି।

# ଚେକ୍ ବାଉନସ୍ ମାମଲାରେ ଯୁବକଙ୍କୁ ଏକବର୍ଷ ଜେଲଦଣ୍ଡ ସହ ଦୁଇଲକ୍ଷ ଟଙ୍କା କ୍ଷତିପୂରଣ

**ନୀଳଗିରି (ଅମୃତ ମିଡିଆ) :** ଏକ ଚେକ୍ ବାଉନ୍ସ ମାମଲାର ବିଚାର କରି ମାନ୍ୟବର ଅଦାଲତ ମୁଦାଲା କୁ ଏକ ବର୍ଷ ଜେଲଦଣ୍ଡ ସହ ୨ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ରାୟ ଶୁଣାଇଛନ୍ତି।



କ୍ଷତିପୂରଣ ଅନାଦେୟ ଅଧିକ ତିନିମାସ ଜେଲଦଣ୍ଡ ଶୁଣାଇଛନ୍ତି ନୀଳଗିରିର ମାନ୍ୟବର ଏସଡିଜେଏମ ଇପ୍ସୀ ମହାନ୍ତି। ସୂଚନା ଅନୁଯାୟୀ ନୀଳଗିରି ଥାନା ଅନ୍ତର୍ଗତ ବେଗୁନିଆ ଗ୍ରାମର ଗୋବିନ୍ଦ ଚନ୍ଦ୍ର କରଣଙ୍କ ପୁଅ ଭାସ୍କର ଚନ୍ଦ୍ର କରଣ ଙ୍କ ପାଖରୁ ବାଲେଶ୍ୱର ଟାଉନ ଥାନା ଅଧୀନସ୍ଥ ନୂଆପୁର ଗ୍ରାମର ରମାକାନ୍ତ ମହାନ୍ତିଙ୍କ ପୁଅ ସୁବ୍ରତ ମହାନ୍ତି ନିଜର ବ୍ୟବସାୟ ବୃଦ୍ଧି ପାଇଁ ୧ଲକ୍ଷ ୬୦ହଜାର ଟଙ୍କା ନେଇ ଏବାବଦକୁ ୨୮/୨/୨୩ରିଖରେ ନିଧିପଣ୍ଡା ଛକ ଫେଡ୍ରାଲ ବ୍ୟାଙ୍କ ଶାଖାର ଏକ ଚେକ୍ ମଧ ଦେଇଥିଲେ। କିନ୍ତୁ ନିର୍ଦ୍ଧିଷ୍ଟ ସମୟରେ ମୁଦାଲା ଉକ୍ତ ଟଙ୍କା ନଶୁଝିବାରୁ ମୁଦେଇ ଭାସ୍କର କରଣ ନୀଳଗିରି ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଅଦାଲତରେ ଆଶ୍ରୟ ନେଇଥିଲେ। ଏନେଇ ୩୨/୨୦୨୩ରେ ଏକ ମାମଲା ରୁଜୁ ହୋଇ ବିଚରାଧୀନ ଥିବା ବେଳେ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଆଜି ମାନ୍ୟବର ଏସଡିଜେଏମ ଇପ୍ସି ମହାନ୍ତି ଉପରୋକ୍ତ ରାୟ ଶୁଣାଇଛନ୍ତି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଦିଗମ୍ବର ସ ମକଦ୍ଦମା ପରିଚାଳନା କରିଥିଲେ।

# ମତ୍ସ୍ୟଜୀବୀ ସମ୍ମିଳନୀ ଓ ସମ୍ବର୍ଦ୍ଧନା ସଭା



**ରାଜନଗର (ଅମୃତ ମିଡିଆ) :** ରାଜନଗର ବ୍ଲକ ହଂସୁଆସେତୁ ନିକଟ ଡିଆପାରୀ ଗ୍ରାମରେ ମତ୍ସ୍ୟଜିବୀ ସମ୍ମିଳନୀ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀ ସଙ୍ଗଠନ ଓପାକ ଓ ସିନ୍ଧୁକା ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ରଶ୍ମିରଂଜନ ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓପାକର ପ୍ରତିଷ୍ଠାତା ସଭାପତି ଶୁଭଙ୍କର ନାୟକ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିବା ସହ କେନ୍ଦ୍ରାପଡା ଭଳି ଉପକୂଳ ଜିଲ୍ଲାରେ ମତ୍ସ୍ୟଜିବୀମାନଙ୍କର ବିକାଶ ଦିଗରେ ଯଥେଷ୍ଟ ଧ୍ୟାନ ଦିଆଯିବାର ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନୀୟ ଅତିଥି ଭାବେ ଉତ୍କଳ କେଶରୀ ସାମୁଦ୍ରିକ ମତ୍ସ୍ୟଜିବୀ ସଂଘର ସଭାପତି ସନାତନ ସେଠୀ, ପ୍ରାକ୍ତନ ସଭାପତି ତ୍ରିଲୋଚନ ଦାସ ଯୋଗଦେଇଥିଲେ। ସଂପାଦକ କାହ୍ନୁଚରଣ ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉପସ୍ଥିତ ଥିବା ପ୍ରଶିକ୍ଷକ ସୌମ୍ୟରଂଜନ ପାତ୍ର ମତ୍ସ୍ୟଜିବୀମାନଙ୍କ ନିମନ୍ତେ ମିଳୁଥିବା ବିଭିନ୍ନ ସରକାରୀ ସହାୟତା ସଂପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଆଗଧାଡିର ୨୦ଜଣ ମତ୍ସ୍ୟଜିବୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିକ୍ରମ କେଶରୀ ବିଶ୍ୱାଳ, ଦେବୀପ୍ରସାଦ ପାତ୍ର, ମାନିନୀ ସେଠୀ, ଅର୍ଚ୍ଚନା ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଯୁବକ ନିଖୋଜ

## ପାହାଡ଼ରେ ପଡିଛି ରକ୍ତଛିଟା, ପାଖରେ ରହିଛି ମୋଟରସାଇକେଲ



**ନୀଳଗିରି (ଅମୃତ ମିଡିଆ) :** ଗତକାଲିଠାରୁ ନୀଳଗିରି ଥାନା ଅନ୍ତର୍ଗତ କାଂଶ ଗ୍ରାମର ବିଭୂତି ରାଉତ ନିଖୋଜ ଥିବା କହୁଥିବା ବେଳେ ଆଜି ସକାଳେ ମିତ୍ରପୁର ଅଞ୍ଚଳରେ ଥିବା ବ୍ଲୁଲେଗ ପାହାଡ଼ ପଦ ଦେଶରେ ତାଙ୍କର ମଟର ସାଇକେଲ ଛିଡା ହୋଇଥିବା ଦେଖି ସ୍ଥାନୀୟ ଲୋକେ ପରିବାର ଲୋକଙ୍କୁ ଖବର ଦେବା ପରେ ଘଟଣାସ୍ଥଳରେ ପହଞ୍ଚି ମଟର ସାଇକେଲକୁ ଚିହ୍ନଟ କରି ଥିଲେ। ମଟର ସାଇକେଲ ନିକଟରେ ରକ୍ତ ଛିଟା ପଡିଥିବାର ଦେଖି ଭାଇ ଭାଉଜଙ୍କ ହୋସ ଉଡ଼ିଯାଇଥିଲା। ଭାଇ ଭାଉଜ ଏବଂ ସ୍ଥାନୀୟ ଲୋକେ ଜଙ୍ଗଲ ଭିତରେ ଯୁବକଙ୍କୁ ଖୋଜାଖୋଜି କରି ନିରାଶ ହେବାରୁ ନୀଳଗିରି ଥାନାକୁ ଖବର ଦେଇଥିଲେ। ଥାନା ପକ୍ଷରୁ ଘଟଣାସ୍ଥଳରେ ପହଞ୍ଚି ତନାଘାନା କରାଯାଇଥିଲେ ହେଁ ନିଖୋଜ ବ୍ୟକ୍ତିର କୌଣସି ପତ୍ତା ମିଳି ନଥିଲା। ତେବେ ନିଖୋଜ ବ୍ୟକ୍ତି ଜଣଙ୍କ କେଉଁ ଆଡେ ଗଲେ ନା ତାଙ୍କୁ ଅପହରଣ କରିଛି ନା ତାଙ୍କୁ ମାରି ବ୍ଲୁଲେଗର ଅଥଳ ପାଣିକୁ ଫିଙ୍ଗି ଦିଆଯାଇଛି ତାହା ଏବେ ସନ୍ଦେହ ଘେରରେ। ନିଖୋଜ ଯୁବକ ଜଣଙ୍କ ଅବିବାହିତ ଥିବାରୁ ତାଙ୍କୁ କେହି ଅପହରଣ କରି ନେଇଥିବାର ଅନୁମାନ କରାଯାଉଛି। ନିଖୋଜ ବ୍ୟକ୍ତିର ସନ୍ଧାନ ପାଇବା ପାଇଁ ଅଗ୍ନିଶମ ବିଭାଗ ବ୍ଲୁଲେଗ ଜଳ ଭିତରେ ଖୋଜି ଚାଲିଛନ୍ତି। ଏଯାବଦ ନିଖୋଜ ବ୍ୟକ୍ତିର ସନ୍ଧାନ ମିଳିପାରି ନାହିଁ।

# ରଣାଙ୍ଗନକୁ ଓହ୍ଲାଇବା ପାଇଁ ପ୍ରସ୍ତୁତ ହେଉଛନ୍ତି 'କାଳିଚରଣ'

**ବାରିପଦା /ଉଦଳା (ଅମୃତ ମିଡିଆ) :** ନିର୍ବାଚନ ପାଖେଇ ଆସୁଥିବା ବେଳେ ବିଭିନ୍ନ ରାଜନୈତିକ ଦଳ ତରଫରୁ ଟିକଟ ଆଶାୟିଙ୍କ ସଂଖ୍ୟା ହୁ ହୁ ହୋଇ ବଢ଼ିବାରେ ଲାଗିଛି। ତେବେ ଏଥର ଉଦଳା ବିଧାନସଭା ନିର୍ବାଚନ ମଣ୍ଡଳିରେ ପ୍ରାର୍ଥି କେଉଁ ଦଳର ତାହା ଭୋଟର ମାନେ ଜାଣିବାପାଇଁ ଯେତିକି ଆଗ୍ରହ ପ୍ରକାଶ କରୁ ନାହାଁନ୍ତି, ପ୍ରାର୍ଥି ଜଣକ କେତେ ପାଠ ପଢ଼ିଛନ୍ତି ତାହା ଜାଣିବା ପାଇଁ ଅଧିକ ଆଗ୍ରହ ପ୍ରକାଶ କରୁଛନ୍ତି। ଅର୍ଥାତ ଜଣେ ଉଚ୍ଚ ଶିକ୍ଷିତ ବ୍ୟକ୍ତି ଏଥର ଉଦଳା ବିଧାନସଭା ମଣ୍ଡଳିରୁ ଜିତନ୍ତୁ ବୋଲି ଲୋକେ ଚାହୁଁଛନ୍ତି। ତେବେ ଉଚ୍ଚ ଶିକ୍ଷିତ ବ୍ୟକ୍ତିଙ୍କ ତାଲିକାରେ ମାତ୍ର ହାତଗଣତି ଅଳ୍ପ କେତେଜଣଙ୍କ ନାମ ଚର୍ଚ୍ଚାର ପରିସରକୁ ଆସୁଛି। ସେଥିମଧ୍ୟରୁ କାଳିଚରଣ ପାତ୍ର



## ଉଦଳା ରାଜନୀତି ପାଣିପାଗ

ଅନ୍ୟତମ ବ୍ୟକ୍ତି ବୋଲି ଚର୍ଚ୍ଚା ହେଉଛି। ଅତିତରେ କାଳିଚରଣ ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟରେ ଡ଼େପୁଟି ସେକ୍ରେଟେରି ଭାବରେ କାର୍ଯ୍ୟ କରୁଥିଲେ। ଜଣେ ଉଚ୍ଚ ଶିକ୍ଷିତ ବ୍ୟକ୍ତି ଓ ନମ୍ରତା ଗୁଣ ପାଇଁ ଜ୍ଞାନି ଗୁଣି ଲୋକଙ୍କର ସେ ପସନ୍ଦ ଯୋଗ୍ୟ ପ୍ରାର୍ଥି ବୋଲି ଶୁଣିବାକୁ ମିଳୁଛି। ତାହାଛଡ଼ା କାଳିଚରଣ ନିଜେ ବାଥୁଡ଼ି ଜନଜାତିର ହୋଇଥିବାରୁ ତାଙ୍କୁ ନିର୍ବାଚନରେ ଜିତିବା ସହଜ ହେବ ବୋଲି ଅନେକ ମତ ଦେଉଛନ୍ତି। କାରଣ ଉଦଳା ନିର୍ବାଚନ ମଣ୍ଡଳିରେ ବାଥୁଡ଼ି ଜନଜାତିର ଭୋଟରଙ୍କ ସଂଖ୍ୟା ସବୁଠାରୁ ଅଧିକ। କାଳିଚରଣ ଭାରତୀୟ ଜନତା ପାର୍ଟିରୁ ଟିକଟ ଆଶାୟି ଅଛନ୍ତି। ଏହିଭଳି ଜଣେ ଯୋଗ୍ୟ ପ୍ରାର୍ଥିଙ୍କୁ ଭାଜପା ଦଳ ତରଫରୁ ଟିକଟ ମିଳିବ ବୋଲି ବହୁ ଜ୍ଞାନି ଗୁଣି ଲୋକେ ଆଶା ବାନ୍ଧିଛନ୍ତି। ତେବେ ଖୁବ ନିକଟରେ କାଳିଚରଣ ଉଦଳା ଠାରେ ଏକ ପ୍ରେସ ମିଟ ଡ଼ାକିବା ପାଇଁ ପ୍ରସ୍ତୁତ ହେଉଛନ୍ତି। ଏହି ପ୍ରେସ ମିଟରେ ସେ ଉଦଳା ନିର୍ବାଚନ ମଣ୍ଡଳି ପାଇଁ ଦେଖିଥିବା ସ୍ୱପ୍ନ ସମସ୍ତଙ୍କୁ ଜଣାଇବେ ବୋଲି କହିଛନ୍ତି।

# ଟାଟା ପାୱାର ବିରୋଧରେ କଂଗ୍ରେସର ହାଲାବୋଲା



**ଜୟପୁର (ଅମୃତ ମିଡିଆ) :** ଜୟପୁରରେ ଟାଟା ପାୱାରର ମାନମୁଖୀ ବ୍ୟବସ୍ଥା କୁ ନଗର କଂଗ୍ରେସର ବିରୋଧ।ଟାଟା ପାୱାର ବର୍ତମାନ ପ୍ରତି ଘରେ ବିଦ୍ୟୁତ ଉପଭକ୍ତା ଙ୍କୁ ସ୍ମାର୍ଟ ମିଟର ଲଗାଇବା କୁ ବାଧ କରୁଛି। କୋଉଠି ଜୋର ଜବରଦସ୍ତି ବିଜୁଳି ବିଲ ଆଦାୟ କରିବା କୁ ନେଇ ତ ଆଉ କୋଉଠି ଭିଜିଲାନ୍ସ ବିଭାଗ ର ଜୋର ଜାର ମୁଲକ ଦେଖାଇ ଉପଭକ୍ତା ଙ୍କୁ ପ୍ରଭାଭିତ କରୁଛି।ଟାଟା ପାୱାର ଏହି ମନମୁଖୀ ବ୍ୟବସ୍ଥା କୁ ବିରୋଧକରି ଆଜି ଜୟପୁର ଟାଉନ କଂଗ୍ରେସ ତରଫରୁ ଟାଟା ପାୱାର କାର୍ଯ୍ୟଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ନଗର କଂଗ୍ରେସ ସଭାପତି ନରେନ୍ଦ୍ର ମହାନ୍ତି ଙ୍କ ନେତୃତ୍ୱ ରେ ଅନେକ କଂଗ୍ରେସ କର୍ମୀ ଟାଟା ପାୱାର କାର୍ଯ୍ୟାଳୟ ଘେରାଓ କରି ଏହିବ୍ୟବସ୍ଥା ତୁରନ୍ତ ବନ୍ଦ କରିବା ନେଇ ଦାବି କରିଥିଲେ। ଧାରଣା ବିକ୍ଷୋଭ କରିବା ସହ ଧାରଣା ବିକ୍ଷୋଭ ପ୍ରଦର୍ଶନ କରି ଟାଟା ପାୱାର କାର୍ଯ୍ୟଳୟ ର ଅଧିକ୍ଷଣ ଯନ୍ତ୍ରୀ ମନ୍ମଥ ନାଥ ମିଶ୍ର ଙ୍କୁ ଦାବୀ ପତ୍ର ପ୍ରଦାନ କରାଯାଇଛି ସେପଟେ କଂଗ୍ରେସ ର ଅଭିନଯୋଗ ଅଧିକ୍ଷଣ ଯନ୍ତ୍ରୀ ମିଶ୍ର ଖଣ୍ଡନ କରି କୌଣସି ଉପଭକ୍ତା ଙ୍କୁ ସ୍ମାର୍ଟ ମିଟର ଲଗେଇବା ପାଇଁ ବାଧ୍ୟତା କରାଯାଉନି।ବରଂ ଯେଉଁ ଉପଭକ୍ତା ମାନେ ମାସ ମାସ ଧରି ବିଦ୍ୟୁତ ସ୍ୱଳ୍ପ ବକେୟା ରଖୁଛନ୍ତି ସେମାନଙ୍କ ପାଇଁ ଏହି ସ୍ମାର୍ଟ ମିଟର ବ୍ୟବସ୍ଥା କରାଯାଉଛି ବୋଲି ପ୍ରତିକ୍ରିୟା ଦେଇଛନ୍ତି, ଏହି ଘେରାଉ ବିକ୍ଷୋଭ ରେ ନିହାର ବିଶୋଇ, ଦେବେନ୍ଦ୍ର ବାହିନୀପତି, ଗଙ୍ଗା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଆଇନ ସେବା ସମିତି ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**କୋକସରା (ଅମୃତ ମିଡ଼ିଆ) :** କୋକସରା ତାଲୁକ ଆଇନ ସେବା ସମିତି ପକ୍ଷରୁ ମଙ୍ଗଳବାର ସଡକ ସୁରକ୍ଷା ଓ ଟ୍ରାଫିକ ନିୟମ ପାଳନ ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ତାଲୁକ ଆଇନ ସେବା ସମିତିର ଅଧକ୍ଷା ରିତିକା ଜେନାଙ୍କ ଅଧକ୍ଷତାରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଇନଜୀବୀ, ପୋଲିସ କର୍ମଚାରୀ, ସ୍ଥାନୀୟ ଜବାହର ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ସାମିଲ ହୋଇଥିଲେ। କୋର୍ଟ ପରିସରୁ ଏକ ଶୋଭା ଯାତ୍ରାରେ ବାହାରି ସଡ଼କ ସୁରକ୍ଷା ଓ ଟ୍ରାଫିକ ନିୟମ ପାଳନ କରି ଗାଡି ମୋଟର ଚଳାଇବା ପାଇଁ ସଚେତନ ସୃଷ୍ଟି କରିଥିଲେ। କୋକସରା ବାର ଆସୋସିଏସନ୍ ଆଇନଜୀବୀ, ପଞ୍ଚାନନ ବେଶ୍ରା, ମନୋଜ କୁମାର ନାଏକ, ସରକାରୀ ଆଇନଜୀବୀ ଅଜିତ କୁମାର ପଟ୍ଟନାୟକ, ଆଇନଜୀବୀ ଲକ୍ଷ୍ମୀକାନ୍ତ ଖମାରୀ, ଜଗା ପଟ୍ଟନାୟକ ସମେତ ଖେଳ ଶିକ୍ଷକ ଅମିତ କୁମାର ମହାନ୍ତି, ଥାନା କର୍ମଚାରୀ ଓ କୋର୍ଟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# 'ଆମ ଓଡିଶା ନବୀନ ଓଡିଶା' କାର୍ଯ୍ୟକ୍ରମ

## ବିଧାୟକଙ୍କ ନୃତ୍ୟରେ ଆମ ଓଡିଶା ନବୀନ ଓଡିଶା ମଞ୍ଚ ଦୁଲୁକି ଉଠିଥିଲା



**କଳାହାଣ୍ଡି (ଅମୃତ ମିଡ଼ିଆ) :** ଓଡିଶା ସରକାରଙ୍କ ଦ୍ୱାରା ରାଜ୍ୟର ସମସ୍ତ ଗ୍ରାମ ପଞ୍ଚାୟତ ସ୍ତରରେ ଗ୍ରାମାଞ୍ଚଳର ଭିତ୍ତିଭୂମିର ବିକାଶ ରାଜ୍ୟ ସରକାରଙ୍କ ପ୍ରୟାସ ମାଧ୍ୟମରେ ପଞ୍ଚାୟତ ସ୍ତରୀୟ ସଚେତନତା ଶିବିର 'ଆମ ଓଡିଶା ନବୀନ ଓଡିଶା 'କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି ପରିପେକ୍ଷିରେ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ୍ ଅନ୍ତର୍ଗତ ଫୁଣା ଗ୍ରାମ ପଞ୍ଚାୟତ ସ୍ଥିତ ଧାନ ମଣ୍ଡି ପ୍ରାଙ୍ଗଣରେ ତା ୦୬/୦୨/୨୦୨୪ରିଖ ମଙ୍ଗଳବାର ଦିନ 'ଆମ ଓଡ଼ିଶା ନବୀନ ଓଡିଶା 'କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜୁନାଗଡ ନିର୍ବାଚନ ମଣ୍ଡଳୀର ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ଯୋଗଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିବାବେଳେ ଅନ୍ୟ ମାନଙ୍କ ମଧ୍ୟରେ ସରକାରୀ ଯନ୍ତ୍ରୀ ଚିତ୍ତ ରଞ୍ଜନ ଜେନା, ଫୁଣା ସରପଞ୍ଚ ଧନଞ୍ଜୟ ସାହୁ, ଫୁଣା ପଂଚାୟତ ର ପିଇଓ ପ୍ରଶାନ୍ତ ନାଏକ,ଜିଆର ଶ୍ରୀମତୀ ପ୍ରମୁଖ ସମ୍ମାନୀତ ଅତିଥି ଭାବରେ ଯୋଗଦେଇଥିଲେ।କାର୍ଯ୍ୟକ୍ରମରେ ପ୍ରଥମେ ଅତିଥି ସ୍ୱାଗତ, ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ, ଅତିଥି ବକ୍ତବ୍ୟ ପ୍ରଦାନ, କିଛି ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପର୍ଯ୍ୟାୟ କ୍ରମେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲା ରେ କଳାରେ ନାମ ଅର୍ଜନ କରିଥିବା କଳାହାଣ୍ଡି କଟପା ର ଗ୍ରୁପ ମୋ ଓଡିଶା ନବୀନ ଓଡିଶା ମଞ୍ଚରେ ତାଙ୍କ କଳା ଦେଖାଇ ଦେଖଣା ହାରିଙ୍କ ମନ ମୋହି ମଞ୍ଚକୁ ଦୁଲୁକାଇ ଦେଇଥିଲେ। ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ଆଜିର ମଞ୍ଚରେ ତାଙ୍କ ଅଭିଭାଷଣରେ ରାଜ୍ୟ ସରକାରଙ୍କ ଜନହିତକର ବାର୍ତ୍ତା ପ୍ରକାଶ କରିଥିଲେ। ଏହା ସହ ଧାର୍ମିକ ସ୍ଥଳ ଗୁଡିକର ରୁପାନ୍ତରୀକରଣ, ମହିଳା ସଶକ୍ତିକରଣ ଓ ଭିତ୍ତିଭୂମିର ବିକାଶ, ବ୍ୟାଙ୍କିଙ୍ଗ୍ ଭିତ୍ତିଭୂମିର ବିକାଶ, ପ୍ରାଥମିକ ବିଦ୍ୟାଳୟର ରୁପାନ୍ତରୀକରଣ, କ୍ରିଡା ଭିତ୍ତିଭୂମିର ବିକାଶ, ଐତିହ୍ୟ ଭିତ୍ତିଭୂମିର ବିକାଶ, ସୁଗମ ପରିବହନ ବ୍ୟବସ୍ଥା ତଥା ରାଜ୍ୟ ସରକାରଙ୍କ ଜନହିତକର ତଥା ଉନ୍ନୟନ ମୂଳକ କାର୍ଯ୍ୟ ବିଷୟରେ ଅତିଥି ମାନେ ପୁଙ୍ଖାନୁପୁଙ୍ଖ ଭାବରେ ଉପସ୍ଥିତ ଛାତ୍ରଛାତ୍ରୀ ତଥା ଜନସାଧାରଣଙ୍କୁ ବକ୍ତବ୍ୟ ମାଧ୍ୟମରେ ଅବଗତ କରାଇଥିଲେ। ପରେ ଅତିଥି ମାନଙ୍କ କରକମଳରେ ଛାତ୍ରଛାତ୍ରୀଙ୍କୁ ନେଇ ପୁଷ୍ପଗୁଚ୍ଛ, ପୁଷ୍ପମାଲ୍ୟ, ଉପଢ଼ୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ପରେ ସ୍କୁଲର ଛାତ୍ରଛାତ୍ରୀ ମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପୁରସ୍କାର ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଗୋଲାମୁଣ୍ଡା ବ୍ଲକ ଖମାର ହଳଦୀ ଗ୍ରାମ ପଂଚାୟତ ର ପିଇଓ ଶ୍ରୀ ବିଶ୍ୱ ରଞ୍ଜନ ପଣ୍ଡା ସହ ସହ ପାଠି ବିଶ୍ୱ ରଞ୍ଜନ ମୁଣ୍ଡ ସାଂସ୍କୃତିକ କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସରକାରୀ ସ୍ତରର ସମସ୍ତ ବିଭାଗର ଷ୍ଟଲ୍ ଲଗାଯାଇ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଫୁଣା ଗ୍ରାମର ଟେଣ୍ଟ ହାଉସ୍ ମଞ୍ଚର ସାଜସଜ୍ଜା କରିଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତ ଶତାଧିକ ଜନସାଧାରଣଙ୍କ ସହ ସମସ୍ତ ସ୍କୁଲର ଛାତ୍ରଛାତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।

# ବରିଷ୍ଠ ସମାଜସେବୀ ଓ ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକରେ ଶୋକ

**ଯାଜପୁର (ଅମୃତ ମିଡିଆ) :** ଯାଜପୁର ଜିଲାର ପ୍ରତିଷ୍ଠିତ ସାମ୍ବାଦିକ ଆନନ୍ଦ ଚନ୍ଦ୍ର ସାହୁଙ୍କ ବଡ ଭାଇ ତଥା ବରିଷ୍ଠ ସମାଜସେବୀ ଓ ଧର୍ମପରାୟଣ ବ୍ୟକ୍ତି ବିନୋଦ ବିହାରୀ ସାହୁ(୯୦)ଙ୍କର ତାରାମଦନ ସ୍ଥିତ ବାସଭବନରେ ପରଲୋକ ଘଟିଛି। ସେ ଗତ କିଛି ଦିନ ଧରି ବାର୍ଦ୍ଧକ୍ୟ ରୋଗରେ ପିଡିତ ଥିଲେ। ସ୍ୱର୍ଗତ ବିନୋଦଙ୍କ ବିୟୋଗରେ ଯାଜପୁର ସହରରେ ଶୋକର ଛାୟା ଖେଳିଯାଇଛି। ସେ ଦୀର୍ଘଦିନ ଧରି ଟ୍ରେଜେରି ଅଫିସରେ କାର୍ଯ୍ୟକରିଥିଲେ। ଏଥିସହିତ



ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା ବିରଜା ମନ୍ଦୀର ଟ୍ରଷ୍ଟର ଦୁଇ ଦୁଇ ଥର ସଦସ୍ୟ ଥିଲେ। ଏଥିସହିତ ତାରାମଦନ ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ,ବିରଜା ସଂସ୍କୃତ ଟୋଲର ପରିଚାଳନା ସଦସ୍ୟ ଭଳି ଅନେକ ସଂଗଠନ ଓ ସାମାଜିକ ଅନୁଷ୍ଠାନ ସହିତ ଜଡିତ ଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ସାନ ଭାଇ, ଭାଇ ବୋହୁ, ପୁଅ, ବୋହୁ, ନାତି ନାତୁଣୀ ମାନେ ଉପସ୍ଥିତ ଥିଲେ। ମୃତ୍ୟୁ ଖବର ପାଇ ଯାଜପୁର ପୌରପାଳିକାର ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ଯାଜପୁର ବିଧାୟକଙ୍କ ପ୍ରତିନିଧି ସତ୍ୟ ପ୍ରକାଶ ଦାସ ପ୍ରମୁଖ ପହଂଚି ଶୋକ ସନ୍ତପ୍ତ ପରିବାରକୁ ଶାନ୍ତ୍ୱନା ଦେବା ସହିତ ଅମର ଆତ୍ମାର ସଦଗତି କାମନା କରିଛନ୍ତି। ବିଳମ୍ବିତ ରାତ୍ରୀ ରେ ବାରୁଣୀ ମହାଶ୍ମଶାନରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଛି।

# ସଙ୍କଟରେ ଖଣ୍ଡପଡ଼ା ବିଜେଡି

## ଦଳର କିଛି ନେତା ସାଜିଛନ୍ତି ଖଣି ମାଫିଆ !



**ଖଣ୍ଡପଡା (ଅମୃତ ମିଡ଼ିଆ) :** ଖଣ୍ଡପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୨ ଗୋଟି ବ୍ଲକ୍ ଅଂଚଳ ଖଣ୍ଡପଡ଼ା ଓ ଭାପୁରରେ ଖଣି ମାଫିଆ ମାନଙ୍କ ହାତରେ ବିଜୁ ଜନତା ଦଳର ସଂଗଠନ ଦାୟିତ୍ୱ ଦିଆଯାଇଥିବା ଯୋଗୁଁ ପ୍ରବଳ ଜନ ଅସନ୍ତୋଷ ସୃଷ୍ଟି ହୋଇଥିବା ଦେଖାଯାଇଛି। ସମ୍ପୃକ୍ତ ଦଳ ମଧ୍ୟରେ ପୂର୍ବତନ ନେତୃବୃନ୍ଦଙ୍କ ସହିତ ସାଧାରଣ ଭୋଟରମାନଙ୍କ ପର୍ଯ୍ୟନ୍ତ ଏହାକୁ ନାପସନ୍ଦ କରିବା ସହିତ ସମ୍ପୃକ୍ତ ଦଳ ତାର ନୈତିକତା ହରାଇଥିବା ନେଇ ଖୋଲାଖୋଲି ମତବ୍ୟକ୍ତ କରୁଥିବା ଦେଖାଯାଇଛି। ଚର୍ତୁପାର୍ଶ୍ୱ ପାହାଡ଼ ପର୍ବତ ସୁନ୍ଦର ବନାନୀ ପରିବେଷ୍ଟିତ ଗଡ଼ଜାତ ଅଂଚଳ ଖଣ୍ଡପଡ଼ାର କେତେକ ଶାଖା ଓ ଉପନଦୀ ସମୀଶ୍ରିତ ଚିରସ୍ରୋତା ମହାନଦୀ ଏହାର ସୌନ୍ଦର୍ଯ୍ୟକୁ ସର୍ବଦା ଶତଗୁଣରେ ବୃଦ୍ଧି କରିଆସିଛି। ମାତ୍ର ଏହାକୁ ଏବେ ଦିନରାତି ଲୁଣ୍ଠନ କରି ଚୋରା ଚାଲାଣରେ ବ୍ୟସ୍ତଥିବା ବ୍ୟକ୍ତିମାନେହିଁ ନେତା ସାଜିଥିବା ବେଳେ ସେହି ମାନଙ୍କ ହାତରେ ବିଜେଡ଼ି ଦଳର ସଂଗଠନ ଦାୟିତ୍ୱ ଦିଆଯାଇଥିବାରୁ ସାଧାରଣ ଭୋଟରମାନଙ୍କ ସମର୍ଥନକୁ ନେଇ ଆଶା ଓ ଆଶଙ୍କା ସୃଷ୍ଟି ହୋଇଛି। ଥରେ ଭିଜିଲାନ୍ସ ଜାଲରେ ଛନ୍ଦିହୋଇ ଜେଲ୍ ଯିବାର ସ୍ୱାଦ ଚାଖିଥିବା ବ୍ୟକ୍ତି ନିର୍ବାଚନ ଅଧିକାରୀଙ୍କୁ ଫାଙ୍କି ଜାଲ୍ କାଗଜପତ୍ର ବଳରେ ଏବେସିନା ନେତା ହୋଇଯାଇଛନ୍ତି କିନ୍ତୁ ଚିରହରିତ ଖଣ୍ଡପଡ଼ାର ପାହାଡ଼ ପର୍ବତକୁ ବିନା କାଗଜପତ୍ରରେ ଦିବାରାତ୍ର ଲୁଣ୍ଠନ କରୁଥିବାର ସାଧାରଣ ଜନତାଙ୍କ ନିକଟରେ ଅଛପା ହୋଇ ରହିନାହିଁ। ସେହିଭଳି ବ୍ୟକ୍ତି ରାଜ୍ୟ ବିଜେଡ଼ିର ଅତି ବିଶ୍ୱାସର ପାତ୍ର ହେବା ସ୍ୱରୁପ ଦଳର ସଂଗଠକ ସାଜି ଭବିଷ୍ୟତରେ ବିଧାୟକ ହେବାର ସ୍ୱପ୍ନ ଦେଖୁଛନ୍ତି। ସେହିଭଳି ଅନ୍ୟ ଜଣେ ସମ୍ପୃକ୍ତ ଦଳର ନେତା ସାଜିଥିବା ବ୍ୟକ୍ତି ଖଣ୍ଡପଡ଼ାର ଭାଗ୍ୟ ଡ଼ୋରି ହାତକୁ ନେବା ପାଇଁ ଦିବାରାତ୍ର ବିଧାୟକ ହେବାର ସ୍ୱପ୍ନ ଦେଖୁଛନ୍ତି। ଏହି ବ୍ୟକ୍ତିଙ୍କର ବହୁ ଆଇନ ବର୍ହିଭୁତ କାର୍ଯ୍ୟ ର ତାଲିକା ପ୍ରଶାସନ ପାଖରେ ଗଛିତ ହୋଇ ରହିଛି। କେତେବେଳେ କ୍ରୀଡ଼ା ଓ କେତେବେଳେ ମନ୍ଦିର ତଥା ଉତ୍ସବର ଚକ୍‌ମା ଦେଖାଇ ସାଧାରଣ ଲୋକଙ୍କ ଆଖିରେ ମାୟା ଜାଲ ବୁଣି ମହାତ୍ମା ବନିବାର ପ୍ରଚେଷ୍ଟାରେ ଅଛନ୍ତି। ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ ମଧ୍ୟସ୍ଥ ରିଜର୍ଭ ଜଙ୍ଗଲ ଅଧ୍ୟୁଷିତ ଏକ ବିରାଟକାୟ ପର୍ବତକୁ ଦିନରାତି ଫୁଟାଇ ସମ୍ପୃକ୍ତ ବ୍ୟକ୍ତି ଜଣକ ନିଜର ଚୋରା କ୍ରସର ଚଳାଇ ଆସିଛନ୍ତି। ଜଙ୍ଗଲ, ଖଣି ଓ ପରିବେଶ ଆଇନ୍‌କୁ ଫୁଙ୍କରି ବିନା କାଗଜପତ୍ରରେ ଖଣି ଚଳାଇଥିବା ବ୍ୟକ୍ତି ନୟାଗଡ଼ ବନଖଣ୍ଡ ଅଧିକାରୀଙ୍କ ଦ୍ୱାରା ଥରେ ଦଣ୍ଡିତ ହେବାର ପ୍ରମାଣ ଥିବା ବେଳେ ଏବେ ମଧ୍ୟ ପୂର୍ବବତ ଧରାଧରି କରି ଚୋରା ଚାଲାଣରେ ଲିପ୍ତ ଥିବା ଶୁଣାଯାଉଛି। ଏଥି ସହିତ ମହାନଦୀର ବିସ୍ତିର୍ଣ୍ଣ ବାଲୁକା ଶଯ୍ୟାକୁ ଭୁଲୁଣ୍ଠିତ କରିବା ସ୍ୱରୁପ ଚୋରା ବାଲି ଚାଲାଣ କ୍ଷେତ୍ରରେ ସମଗ୍ର ନୟାଗଡ଼ ଜିଲ୍ଲାରେ ଅଧିପତି ସାଜିଥିବା କୁହାଯାଉଛି। ମାଦକ ଦ୍ରବ୍ୟର ଚୋରା ଚାଲାଣ ଓ କାରବାର ଯୋଗୁଁ ବୃହତ ଟଙ୍କାର ପାହାଡ଼ରେ ବସିଥିବା ସମ୍ପୃକ୍ତ ବ୍ୟକ୍ତି ଅର୍ଥାତ୍ ଛାମୁଆ ନେତା ଜଣକ ସ୍ୱୟଂ ଦଳର ମୁଖିଆ ଓ ତାଙ୍କର ଗୁମାସ୍ତାଙ୍କୁ ନିଜର କରିପାରି ଗୁମାସ୍ତା ସାଜିଥିବା ପ୍ରଚାର କରୁଥିବା ଦେଖାଯାଇଛି। ସକାଳର ସୁଲୁସୁଲିଆ ପ୍ରଶଂସାରେ ନିଜର କାୟା ବିସ୍ତାର କରିଥିବା ସମ୍ପୃକ୍ତ ନେତା ଗୁଡ଼ିଏ ତୋଷାମୋଦିଆ ସୃଷ୍ଟିକରି ଦଳର ବୃହତ ପ୍ରଭାବ ପକାଇଥିବା କଥା କୁହାଯାଉଛି। ଯେକି ଜନ ସେବାର ପ୍ରହେଳିକା ସୃଷ୍ଟିକରି ଅନ୍ୟକୁ ଦୁର୍ନୀତିଗ୍ରସ୍ତ କହି ସାଧାରଣ ଜନତାଙ୍କୁ ଭଣ୍ଡାଇବାର ପନ୍ଥା ବାଛିଥିବା ବେଳେ ଏବେ ଇଡ଼ି ଓ ଭିଜିଲାନ୍ସ ବିଭାଗ ଏମାନଙ୍କର ଭାଗ୍ୟ ନିର୍ଦ୍ଧାରଣ କରିବା ନେଇ ଚାହିଁ ବସିଥିବା ପ୍ରଶାସନିକ ସୂତ୍ରରୁ ପ୍ରକାଶ। ଦିନେଯେ ଏମାନଙ୍କର ବିଶାଳ ଦୁର୍ନୀତିର ସାମ୍ରାଜ୍ୟ ପତନ ହେବା ସହ ପ୍ରକୃତ ମୁଖା ସମାଜ ଆଗରେ ନିଶ୍ଚୟ ଖୋଲିବ ସେଦିନ ଆଉ ବେଶି ଦୂର ହୋଇ ରହିନାହିଁ ବୋଲି ବୁଦ୍ଧିଜୀବିମାନେ ମତବ୍ୟକ୍ତ କରିଛନ୍ତି। ଏବେଠୁ ବିଜେଡ଼ି ଦଳ ଯଦି ସତର୍କ ନ ହୁଅନ୍ତି ତେବେ ଆଗାମୀ ବିଧାନସଭା ନିର୍ବାଚନରେ ଦଳର ପରାଜୟକୁ ନେଇ ଶଙ୍କା ପ୍ରକଟ ହେଉଥିବା ସାଧାରଣରେ ଚର୍ଚ୍ଚା ଜୋର ଧରିଛି।



₹5/-
Saffron Blended
MEENAJEE®
MAWA
₹5 ରେ
ପ୍ରିମିୟମ୍ କ୍ୱାଲିଟି
Call Toll Free: 1800 123 6292
Warning: Chewing of supari is injurious to health. Not for minors.